# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୧/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, June 1/2023 | Page 16 ₹ 7.00 | DHENKANAL

୪୯ଶ ଭାଗ ୧୮୬ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 49 ISSUE 186 ମୂଲ୍ୟ ₹୭/-




**ପୂର୍ବତନ ଚାମ୍ପିୟନ୍‌ଙ୍କୁ ହରାଇଲେ ଷ୍ଟିଅର୍ନସ**

ଫ୍ରେଞ୍ଚ ଓପନ ଟେନିସ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ପୂର୍ବତନ ଚାମ୍ପିୟନ ଜେଲେନା ଓଷ୍ଟାପେଙ୍କୋଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ପେଟନ୍ ଷ୍ଟିଅର୍ନସ। ୧୬

୧୫ **ରହସ୍ୟ ଖୋଲିଲେ ଶ୍ରଦ୍ଧା**

ଫିଲ୍ମ 'ଆଉରଙ୍ଗଜେବ୍' ଅଫରକୁ ହାତଛଡ଼ା କରିବାର ରହସ୍ୟ ସମ୍ପର୍କରେ କହିଛନ୍ତି ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର।





ବୁଧବାର ସିଏଚ୍ଏସ୍‌ଇ ଯୁକ୍ତ୨ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଭୁବନେଶ୍ୱର ରୟାଲ କଲେଜ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜିର ଛାତ୍ରୀମାନେ ଖୁସି ମନାଉଛନ୍ତି। **(ଫଟୋ-ବିକାଶ)**

# ଦିଲ୍ଲୀ ପୋଲିସର ବର୍ବରତାକୁ ବିଶ୍ୱ କୁସ୍ତିଯୋଦ୍ଧା ସଂଘର ନିନ୍ଦା

**ନୂଆଦିଲ୍ଲୀ,୩୧।୫**

- **୪୫ ଦିନରେ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ କର**
- **ତଦନ୍ତରେ ମନ୍ଥରତାକୁ ନେଇ ଅସନ୍ତୋଷ ବ୍ୟକ୍ତକଲା ଅନ୍ତର୍ଜାତୀୟ ସଙ୍ଗଠନ**
- **ବ୍ରିଜ୍‌ଭୂଷଣଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନାହିଁ: ପୋଲିସ**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ମୁଖ୍ୟ ବ୍ରିଜ୍ ଭୂଷଣ ଶରଣ ସିଂଙ୍କ ବିରୋଧରେ ମହିଳା କୁସ୍ତିଯୋଦ୍ଧାମାନେ ଆଣିଥିବା ଯୌନ ନିର୍ଯାତନା ଅଭିଯୋଗ ପ୍ରସଙ୍ଗରେ ଏବେ ବିଶ୍ୱ କୁସ୍ତିଯୋଦ୍ଧା ସଂଘ ବା ୟୁନାଇଟେଡ୍ ୱାର୍ଲ୍ଡ ରେସଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ହସ୍ତକ୍ଷେପ କରିଛି। ଡବ୍ଲ୍ୟୁଏଫ୍‌ଆଇର ନିର୍ବାଚନ ୪୫ ଦିନ ମଧ୍ୟରେ କରାଇବାକୁ ଏହି ଅନ୍ତର୍ଜାତୀୟ ସଙ୍ଗଠନ ପରାମର୍ଶ ଦେଇଛି। ଏଥିସହ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଆଗତ ଅଭିଯୋଗଗୁଡ଼ିକର ମନ୍ଥର ତଦନ୍ତ ନେଇ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛି।

ୟୁଡବ୍ଲ୍ୟୁଡବ୍ଲ୍ୟୁ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ନ୍ୟାୟ ପାଇଁ ଧାରଣାରତ କୁସ୍ତିଯୋଦ୍ଧାମାନଙ୍କ ପ୍ରତି ଦେଖାଯାଇଥିବା ବ୍ୟବହାର ଓ ସେମାନଙ୍କୁ ଅଟକ ରଖାଯିବା ଅତ୍ୟନ୍ତ ନିନ୍ଦନୀୟ। ସମ୍ପୃକ୍ତ କର୍ତ୍ତୃପକ୍ଷ ଅଭିଯୋଗଗୁଡ଼ିକର ପୁଙ୍ଖାନୁପୁଙ୍ଖ ନିରପେକ୍ଷ ତଦନ୍ତ କରାନ୍ତୁ। ଡବ୍ଲ୍ୟୁଏଫ୍‌ଆଇର ୧୦ଏ ଏବଂ ଆଡ୍‌ହକ୍ କମିଟିଠାରୁ ପରବର୍ତ୍ତୀ ଜେନେରାଲ ଆସେମ୍ବ୍ଲି ନିର୍ବାଚନ ସମ୍ପର୍କରେ ତଥ୍ୟ ମଗାଯାଇଛି। ୪୫ ଦିନ ମଧ୍ୟରେ ନିର୍ବାଚନ କରା ନ ଗଲେ ୟୁଡବ୍ଲ୍ୟୁଡବ୍ଲ୍ୟୁ ଡବ୍ଲ୍ୟୁଏଫ୍‌ଆଇକୁ ନିଲମ୍ବନ କରିପାରେ। ବ୍ରିଜ୍‌ଭୂଷଣ ଭାରତୀୟ କୁସ୍ତିଯୋଦ୍ଧାଙ୍କ ପ୍ରତି କରିଥିବା ଦୁର୍ବ୍ୟବହାର ଓ ଉତ୍ପୀଡ଼ନ ଅଭିଯୋଗ ଉପରେ ଅନେକ ମାସ ଧରି ୟୁଡବ୍ଲ୍ୟୁଡବ୍ଲ୍ୟୁର ନଜର ରହିଛି। ସେମାନଙ୍କ ସହ ଏକ ବୈଠକ କରାଯିବ। କୁସ୍ତିଯୋଦ୍ଧାଙ୍କ ଅବସ୍ଥା ଓ ସୁରକ୍ଷା ଯାଞ୍ଚ କରାଯିବ। ଇତିମଧ୍ୟରେ ଇଣ୍ଟରନ୍ୟାଶନାଲ ଅଲିମ୍ପିକ୍ କମିଟି (ଆଇଓସି) ମଧ୍ୟ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଉପଯୁକ୍ତ ଆପରାଧିକ ତଦନ୍ତ କରି ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ପରାମର୍ଶ ଦେଇଛି। ସେପଟେ ଦିଲ୍ଲୀ ପୋଲିସ କହିଛି, ବ୍ରିଜ୍‌ଭୂଷଣଙ୍କ ବିରୋଧରେ ☞ପୃଷ୍ଠା-୪

# କମିଲା ଯୁକ୍ତ୨ ପାସ୍ ହାର

## ବିଜ୍ଞାନରେ ୮୪.୯୩%, ବାଣିଜ୍ୟରେ ୮୧.୧୨% ପାସ୍

**ଭୁବନେଶ୍ୱର,୩୧।୫(ବ୍ୟୁରୋ)**

- **ନୟାଗଡ଼ ଜିଲାରେ ଉଭୟ ପାସ୍ ହାର ସର୍ବାଧିକ**
- **ଗଜପତିରେ ବିଜ୍ଞାନ, ବୌଦ୍ଧରେ ବାଣିଜ୍ୟ ପାସ୍ ହାର ସର୍ବନିମ୍ନ**
- **ଛାତ୍ରଙ୍କଠାରୁ ଛାତ୍ରୀ ଆଗରେ**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍‌ଇ) ପକ୍ଷରୁ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ପ୍ରକାଶ ପାଇଛି। ବୁଧବାର ପୂର୍ବାହ୍ନ ୧୦ଟା ୩୦ରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ପରିଷଦର ମୁଖ୍ୟ କାର୍ଯ୍ୟାଳୟଠାରେ ଫଳାଫଳ ଘୋଷଣା କରିଛନ୍ତି। ବିଜ୍ଞାନରେ ୮୪.୯୩% ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ବାଣିଜ୍ୟରେ ପାସ୍ ହାର ୮୧.୧୨% ରହିଛି। ବାଣିଜ୍ୟରେ ୧୦୨ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ ଉଭୟ ପାସ୍ ହାର ଯଥେଷ୍ଟ କମ୍ ରହିଛି। ଗତବର୍ଷ ବିଜ୍ଞାନରେ ୯୪.୧୨ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ବାଣିଜ୍ୟରେ ପାସ୍ ହାର ଥିଲା ୮୯.୨୦ ପ୍ରତିଶତ। ତେବେ ଚଳିତବର୍ଷ ରାଜ୍ୟରେ ନୟାଗଡ଼ ଜିଲାରେ ଉଭୟ ବିଜ୍ଞାନ ଓ ବାଣିଜ୍ୟରେ ପାସ୍ ହାର ସର୍ବାଧିକ ରହିଛି। ବିଜ୍ଞାନରେ ୯୬.୪୧ ପ୍ରତିଶତ ଓ ବାଣିଜ୍ୟରେ ୯୩.୯ ପ୍ରତିଶତ ପିଲା ପାସ୍ କରି ଜିଲା ପାଇଁ ଗୌରବ ବଢ଼ାଇଛନ୍ତି। ଅନ୍ୟପକ୍ଷରେ ବିଜ୍ଞାନରେ ଗଜପତି ଜିଲାରେ ସର୍ବନିମ୍ନ ୬୧.୪୫ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ ବାଣିଜ୍ୟରେ ବୌଦ୍ଧ ଜିଲାରେ ସର୍ବନିମ୍ନ ପାସ୍ ହାର ୫୫.୫୫ ପ୍ରତିଶତ ରହିଛି। ସେହିଭଳି ବାଣିଜ୍ୟରେ ୯୪ଟି ବିଦ୍ୟାଳୟ ଓ ବିଜ୍ଞାନରେ ୨୯୧ ବିଦ୍ୟାଳୟର ଶତପ୍ରତିଶତ ରେଜଲ୍ଟ ହୋଇଥିବାବେଳେ ବିଜ୍ଞାନରେ ୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଫଳାଫଳ ଶୂନ ରହିଛି।

ସୂଚନାଥାଉକି, ଚଳିତବର୍ଷ ବିଜ୍ଞାନରେ ୯୨ ହଜାର ୯୫୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୭୮ ହଜାର ୯୩୮ଜଣ କୃତକାର୍ଯ୍ୟ ହୋଇଛନ୍ତି। ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ୩୯ ହଜାର ୫୭୩ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୪ ହଜାର ୨୫୭ ଜଣ ଓ ତୃତୀୟ ଶ୍ରେଣୀରେ ୧୪ ହଜାର ୮୫୨ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ରଖି ୩୫୮ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ମୋଟ ୪୯,୯୭୫ଜଣ ଛାତ୍ର ପରୀକ୍ଷା ଦେଇଥିବାବେଳେ ☞ପୃଷ୍ଠା-୪

### ୮ ସୁଦ୍ଧା ଯୁକ୍ତ୨ କଳା, ଧନ୍ଦାମୂଳକ ପରୀକ୍ଷାଫଳ

**ଭୁବନେଶ୍ୱର,୩୧।୫(ବ୍ୟୁରୋ):** ବୁଧବାର ଯୁକ୍ତ୨ ବାଣିଜ୍ୟ ଓ ବିଜ୍ଞାନ ଫଳ ପ୍ରକାଶ ପାଇଥିବାବେଳେ ଜୁନ୍ ୮ ସୁଦ୍ଧା କଳା ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇବ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍‌ଇ) ଅଧ୍ୟକ୍ଷ ଅଶ୍ୱିନୀ ମିଶ୍ର ସୂଚନା ଦେଇଛନ୍ତି। ଚଳିତବର୍ଷ କଳା ବିଭାଗରେ ସର୍ବାଧିକ ୨ ଲକ୍ଷ ୩୩ ହଜାର ୮୫୫ଜଣ ଓ ଧନ୍ଦାମୂଳକ ଶିକ୍ଷାରେ ୫,୮୬୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ତେବେ ବୁଧବାର ପ୍ରକାଶ ପାଇଥିବା ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳକୁ ନେଇ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ର କଳା ଓ ଧନ୍ଦାମୂଳକ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ରିଆଡିଶନ୍ ଅଫ୍ ମାର୍କ ପାଇଁ ଆବେଦନ କରିପାରିବେ। କଳା ଓ ଧନ୍ଦାମୂଳକ ପାଠ୍ୟକ୍ରମର ଫଳ ବାହାରିବା ପରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

# ସିଏମ୍‌ସି ମେୟର, କମିଶନରଙ୍କୁ ଘେରାଉ

### ପାଇପ୍ ଲାଇନ୍ ତଳେ ଚାପି ହୋଇ ଛାତ୍ରୀ ମୃତ୍ୟୁ ଘଟଣା

**କଟକ ଅଫିସ,୩୧।୫**

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ଗମାଣ୍ଡିଆ ଅଞ୍ଚଳରେ ହ୍ୟୁମ୍ ପାଇପ୍ ତଳେ ଚାପି ହୋଇ ଛାତ୍ରୀ ଏନ୍. ମୋହିନିଙ୍କ ମୃତ୍ୟୁକୁ ନେଇ ବୁଧବାର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତା ଛାତ୍ରୀଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ପାଇଁ ସିଏମ୍‌ସି ମେୟର ସୁବାସ ସିଂ ଏବଂ କମିଶନର ନିଖିଲ ପଓ୍ୱନ କଲ୍ୟାଣ ଭେଟିବାକୁ ଯାଇଥିବାବେଳେ ସ୍ଥାନୀୟ ଲୋକେ ଓ କଗ୍ରେସ କର୍ମୀ ସେମାନଙ୍କୁ ଘେରାଉ କରିଥିଲେ। ପୂର୍ବତନ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଓ କର୍ପୋରେଟର ଜେ. କାମେଶ୍ୱର ରାଓ ଉପସ୍ଥିତ ରହି ଉକ୍ତ ଘଟଣାନେଇ ମେୟର ଓ କମିଶନରଙ୍କୁ କୈଫିୟତ ମାଗିଥିଲେ। ☞ପୃଷ୍ଠା-୪

### ମୋହିନିଙ୍କ ପରିବାରକୁ ୧୦ ଲକ୍ଷର ସହାୟତା ରାଶି ମିଳିଲା

**କଟକ ଅଫିସ,୩୧।୫**

ମୃତା ଛାତ୍ରୀ ମୋହିନିଙ୍କ ପରିବାର ସଦସ୍ୟଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଅପରପକ୍ଷରେ ଉକ୍ତ ଘଟଣାର ତଦନ୍ତ କରାଯିବ ବୋଲି କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଏହି ଘଟଣାକୁ ନେଇ ବୁଧବାର ସିଏମ୍‌ସି ବିଜୁଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ଜାଇକା, ୱାଟ୍‌କୋ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏ ନେଇ ମେୟର ☞ପୃଷ୍ଠା-୪

# କର୍ତ୍ତବ୍ୟବେଳେ ସରକାରୀ କର୍ମଚାରୀଙ୍କ ମୃତ୍ୟୁ ହେଲେ ମିଳିବ ୧୦ ଲକ୍ଷ

**ଭୁବନେଶ୍ୱର, ୩୧।୫(ବ୍ୟୁରୋ)**

ରାଜ୍ୟର ସରକାରୀ କର୍ମଚାରୀମାନଙ୍କ ପାଇଁ ଅନୁକମ୍ପାମୂଳକ ସହାୟତା ରାଶି ପରିମାଣରେ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କିତ ପ୍ରସ୍ତାବକୁ ବୁଧବାର ଅନୁମୋଦନ ଦେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ଦାୟିତ୍ୱ ପାଳନ ସମୟରେ କର୍ମଚାରୀଙ୍କର ମୃତ୍ୟୁ ଘଟିଲେ ସେ କ୍ଷେତ୍ରରେ ସହାୟତା ରାଶିର ପରିମାଣକୁ ବର୍ତ୍ତମାନର ୪ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଆଘାତ ଯୋଗୁ ସ୍ଥାୟୀ ଅକ୍ଷମତା କ୍ଷେତ୍ରରେ ସହାୟତା ରାଶିର ପରିମାଣ ୨ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ଏବଂ ଆଂଶିକ ଅକ୍ଷମତା କ୍ଷେତ୍ରରେ ସହାୟତା ରାଶିର ପରିମାଣ ୧ ଲକ୍ଷ ଟଙ୍କାରୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

# କବିତା ଲେଖୁଛି ରୋବୋ

**ଆମେକା ରୋବୋ ଫରାସୀ ଓ ଚାଇନିଜ୍ ସମେତ ଅନ୍ୟ ଅନେକ ଭାଷା କହିପାରେ, ନିର୍ଦ୍ୱନ୍ଦ୍ୱରେ କବିତା ଲେଖିପାରେ। ଏପରି କି ତାକୁ ଅନୁରୋଧ କଲେ ବିରାଡ଼ିର ଚିତ୍ର ମଧ୍ୟ ଆଙ୍କିପାରେ। ତାକୁ ହସିବାକୁ କହିଲେ ତା' ରବର ନିର୍ମିତ ନୀଳ ମୁହଁରେ ହସଫୁଟିଥିବା ଦେଖିବାକୁ ମିଳେ। ଏହା ହେଉଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର କରାମତି।**



**ଲଣ୍ଡନ୍,୩୧।୫**

ଆମେକା ହେଉଛି ଜେନେରେଟିଭ୍ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦ୍ୱାରା ପରିଚାଳିତ ଏକ ହ୍ୟୁମାନଏଡ୍ ରୋବୋ। ଏଆଇ ଏହି ରୋବୋକୁ ପ୍ରଶ୍ନର ଉତ୍ତର ଦେବାକୁ ସାମର୍ଥ୍ୟ ପ୍ରଦାନ କରିଥାଏ। ଏପରି କି ରୋବୋ ମଣିଷଙ୍କ ସହ କଥା ହୁଏ ଏବଂ କିଛି ନିର୍ଦ୍ଦେଶ ଦେଲେ ସଙ୍ଗେ ସଙ୍ଗେ ତାକୁ ପାଳନ କରିଥାଏ। ସବୁଠୁ ଆଶ୍ଚର୍ଯ୍ୟ କଥା ହେଲା ଏହି ରୋବୋ କବିତା ମଧ୍ୟ ଲେଖିପାରେ। ଆମେକା ଭଳି ଶତାଧିକ ରୋବୋକୁ ଚଳିତ ସପ୍ତାହରେ ଲଣ୍ଡନର ଇଣ୍ଟରନ୍ୟାଶନାଲ କନ୍‌ଫରେନ୍ସ ଅନ୍ ରୋବୋଟିକ୍ସ ଆଣ୍ଡ୍ ଅଟୋମେଶନ୍ (ଆଇସିଆର୍‌ଏ) ପ୍ରଦର୍ଶନୀରେ ରଖାଯାଇଛି। ଏହି ରୋବୋଗୁଡ଼ିକୁ ଦେଖି ଦର୍ଶକମାନେ ଭବିଷ୍ୟତରେ ବିଜ୍ଞାନର ଅଗ୍ରଗତି ସମ୍ପର୍କରେ ସମ୍ୟକ ଜ୍ଞାନ ଆହରଣ କରିପାରିବେ। ଆଇସିଆର୍‌ଏ ରୋବୋ ୱାର୍ଲ୍ଡ ପାଇଁ ଏକପ୍ରକାର ଅଲିମ୍ପିକ୍ସ, ଯେଉଁଠି ଛାତ୍ରୀଛାତ୍ରଙ୍କ ଟିମ୍ ରୋବୋଟ୍ କୁକିଂ ଓ ଅଟୋନୋମସ୍ ଡ୍ରାଇଭିଂ ଇଣ୍ଟ୍ରେଷ୍ଟ ଭଳି ଏକାଧିକ ଚ୍ୟାଲେଞ୍ଜକୁ ନେଇ ପ୍ରତିଦ୍ୱନ୍ଦ୍ୱିତା କରିଥାଆନ୍ତି। ଶିକ୍ଷାବିତ୍‌ମାନେ ସେଠାରେ ନିଜ ଗବେଷଣାକୁ ଉପସ୍ଥାପନ କରୁଥିବାବେଳେ ଷ୍ଟାର୍ଟଅପ୍‌ମାନେ ସଦ୍ୟତମ କାରିଗରିର ପ୍ରଦର୍ଶନ ସୁଯୋଗ ପାଇଥାଆନ୍ତି। ମାଇକ୍ରୋସଫ୍ଟ ଓ ଗୁଗଲ ଭଳି ପ୍ରଯୁକ୍ତି ଶିଳ୍ପର ଉଦ୍ୟୋକ୍ତା ଏବଂ ବୈଜ୍ଞାନିକମାନେ ମଙ୍ଗଳବାର ମାନବ ଜାତି ପ୍ରତି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କେତେ ବିପଦ ହୋଇପାରେ ସେନେଇ ସତର୍କ କରାଇଛନ୍ତି। ଏଆଇ ଯୋଗୁ ମଣିଷ ଅସ୍ତିତ୍ୱ ହରାଇବା ଭଳି ବିପଦ ଆଶଙ୍କା ଥିବାରୁ ଏହାର ମୁକାବିଲା କରିବା ବର୍ତ୍ତମାନ ଏକ ବୈଶ୍ୱିକ ପ୍ରାଥମିକତା ହେବା ଉଚିତ ବୋଲି ସେମାନେ କହିଛନ୍ତି। ପ୍ରଦର୍ଶନୀ ହଲ୍ ଚଟାଣରେ ରୋବୋଟିକ୍ କୁକୁରଙ୍କ ଆବିର୍ଭାବ ଦର୍ଶକମାନଙ୍କୁ ବିସ୍ମିତ କରିଥିଲା। ବୋନ୍ ୟୁନିଭର୍ସିଟି ଛାତ୍ରୀଛାତ୍ର ସେମାନଙ୍କ ପ୍ରଶଂସନୀୟ କାର୍ଯ୍ୟକୁ ଦେଖାଇଥିଲେ। ଆମେକାର ନିର୍ମାତା ବ୍ରିଟିଶ୍ କମ୍ପାନୀ ଇଞ୍ଜିନିୟର୍ଡ ଆର୍ଟ୍ସର ନିର୍ଦ୍ଦେଶକ ୱିଲ୍ ଜ୍ୟାକ୍‌ସନ କହିଛନ୍ତି, ମଣିଷଙ୍କ ସହ ଭାବର ଆଦାନପ୍ରଦାନ କରିପାରିବା ଭଳି ରୋବୋ ତିଆରି କରିଛୁ। ସେଗୁଡ଼ିକ ଆମ୍ୟୁଜ୍‌ମେଣ୍ଟ ପାର୍କରେ ଭିଜିଟର୍ସଙ୍କୁ ସାହାଯ୍ୟ କରିପାରିବେ। ଫଲ୍‌ମାଉଥରେ ଥିବା କମ୍ପାନୀ ମୁଖ୍ୟାଳୟରେ ୨୦୨୧ ଫେବୃୟାରୀରେ ଏହାର ଫାଷ୍ଟଜେନେରେଶନ୍ ବିକଶିତ କରାଯାଇଥିଲା।

# ଭାରତର ଜିଡିପି ଅଭିବୃଦ୍ଧି ୭.୨କୁ ହ୍ରାସ

**୨୦୨୨-୨୩**

**ନୂଆଦିଲ୍ଲୀ,୩୧।୫**

ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୨୦୨୨-୨୩ ବର୍ଷରେ ୭.୨%କୁ ହ୍ରାସ ପାଇଛି। ପୂର୍ବବର୍ଷ ଅର୍ଥାତ୍ ୨୦୨୧-୨୨ରେ ଜିଡିପି ଅଭିବୃଦ୍ଧି ୯.୧% ଥିଲା। ୨୦୨୨-୨୩ର ଶେଷ ତ୍ରୈମାସିକ ଅର୍ଥାତ୍ ଜାନୁୟାରୀ-ମାର୍ଚ୍ଚରେ ଦେଶର ଅର୍ଥନୀତି ୬.୧% ହାରରେ ବୃଦ୍ଧି ପାଇଛି। ଏହା ତୃତୀୟ ତ୍ରୈମାସିକ (ଅକ୍ଟୋବରରୁ ଡିସେମ୍ବର)ରେ ୪.୫% ଏବଂ ଦ୍ୱିତୀୟ ତ୍ରୈମାସିକ (ଜୁଲାଇରୁ ସେପ୍ଟେମ୍ବର)ରେ ୬.୨% ଥିଲା। ତେବେ ୨୦୨୩ ପ୍ରଥମ ୩ ମାସରେ ଚାଇନାର ଜିଡିପି ଅଭିବୃଦ୍ଧି ହାର ୪.୫% ରହିଛି। କୃଷି, ଉତ୍ପାଦନ, ଖଣି ଏବଂ ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଯୋଗୁ ୨୦୨୨-୨୩ରେ ଭାରତର ଅର୍ଥନୀତି ୭.୨% ହାରରେ ବୃଦ୍ଧି ପାଇଛି। ଏହା ପୂର୍ବବର୍ଷ ତୁଳନାରେ ହ୍ରାସ ପାଇଥିଲେ ମଧ୍ୟ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ଆକଳନଠାରୁ ଅଧିକ ବୋଲି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍‌ଓ) ପକ୍ଷରୁ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ଜଳବାୟୁ ପଦକ୍ଷେପରେ ବାଧା**




## ସଂକ୍ଷେପରେ

### ୪ ଦିନିଆ ଭାରତ ଗସ୍ତରେ ନେପାଳ ପ୍ରଧାନମନ୍ତ୍ରୀ



ପୁଷ୍ପକମଳ ଦହଲ 'ପ୍ରଚଣ୍ଡ'

**ନୂଆଦିଲ୍ଲୀ,୩୧।୫:** ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପକମଳ ଦହଲ 'ପ୍ରଚଣ୍ଡ' ବୁଧବାର ୪ ଦିନିଆ ଭାରତ ଗସ୍ତରେ ଆସିଛନ୍ତି। ୨୦୨୨ ଡିସେମ୍ବରରେ କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ-ମାଓଇଷ୍ଟ (ସିପିଏନ୍-ମାଓଇଷ୍ଟ)ର ୬୮ ବର୍ଷୀୟ ନେତା ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ହେଉଛି ତାଙ୍କର ପ୍ରଥମ ବିଦେଶ ଗସ୍ତ। ଏହି ଗସ୍ତ ଦୁଇ ପଡ଼ୋଶୀ ରାଷ୍ଟ୍ରର ସମ୍ପର୍କକୁ ସଫଳତାର ନୂଆ ସ୍ତରକୁ ଉନ୍ନୀତ କରାଇବ ବୋଲି ଆଶା କରାଯାଉଛି। ପ୍ରଚଣ୍ଡ ଓ ତାଙ୍କ ସହ ଆସିଥିବା ଉଚ୍ଚସ୍ତରୀୟ ପ୍ରତିନିଧି ଦଳକୁ ଦିଲ୍ଲୀ ବିମାନବନ୍ଦରରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମୀନାକ୍ଷୀ ଲେଖି ସ୍ୱାଗତ କରିଥିଲେ। ପ୍ରଚଣ୍ଡ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ।

### ଗଛକୁ ଧକ୍କାଦେଇ କାର୍ ଜଳିଗଲା: ନବ ଦମ୍ପତିଙ୍କ ସମେତ ପରିବାରର ୪ଦଗ୍ଧ



**ଭୋପାଳ,୩୧।୫:** ମଧ୍ୟପ୍ରଦେଶର ହରଦାରେ ବୁଧବାର ସକାଳେ ଏକ ସଡ଼କ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ଦ୍ରୁତଗତିରେ ଯାଉଥିବା ଏକ କାର୍ ଏକ ଗଛକୁ ଧକ୍କା ଦେଇ ଜଳିଯାଇଛି। ସେଥିରେ ଥିବା ଗୋଟିଏ ପରିବାରର ୪ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଏକ ନବ ଦମ୍ପତି ରହିଛନ୍ତି। ସେମାନେ ୬ ମାସ ତଳେ ବିବାହ କରିଥିଲେ। ଏକ ବାହାଘରୁ ଫେରିବାବେଳେ ଏହି ଦୁର୍ଘଟଣା ଘଟିଛି।

## ଆମେରିକାରେ ରାହୁଲ

# ବିରୋଧୀ ଏକଜୁଟ ହେଲେ ଭାଜପା ହାରିବ

**ସାଣ୍ଟା କ୍ଲାରା,୩୧।୫**

ବିରୋଧୀ ଦଳଗୁଡ଼ିକ ଉପଯୁକ୍ତ ଭାବେ ଏକଜୁଟ ହେଲେ ଭାଜପାକୁ ହରାଇବା ସମ୍ଭବ। କଂଗ୍ରେସ ଏହି ଦିଗରେ କାର୍ଯ୍ୟ କରୁଛି। ଏହା ଭଲ ଭାବେ ଚାଲିଛି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆମେରିକାର ସାଣ୍ଟାକ୍ରୁଜ୍‌ରେ କହିଛନ୍ତି।

କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ଦଳର ଆଶାତୀତ ସଫଳତାକୁ ନେଇ ଉତ୍ସାହିତ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆମେରିକାସ୍ଥିତ କାଲିଫର୍ନିଆ ୟୁନିଭର୍ସିଟିର ସିଲିକନ୍ ଭ୍ୟାଲି କ୍ୟାମ୍ପସ୍‌ରେ ମଙ୍ଗଳବାର ଭାରତୀୟ ବଂଶୋଦ୍ଭବମାନଙ୍କ ସହ ଭାବ ବିନିମୟ ସହିତ ସମ୍ବୋଧିତ କରି କହିଛନ୍ତି, ଭାଜପାରେ ଉଠାପକା ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଛି। ଜଣେ ରାଜନୈତିକ ଉଦ୍ୟୋକ୍ତା ଭାବେ ସେ ଏହାକୁ ଦେଖିପାରୁଛନ୍ତି। ବିରୋଧୀ ଦଳଗୁଡ଼ିକ ଭଲ ଭାବେ ଏକଜୁଟ ହେଲେ ଭାଜପାକୁ ହରାଯାଇପାରିବ। କର୍ଣ୍ଣାଟକ ନିର୍ବାଚନରେ କଂଗ୍ରେସ ଦଳ ଭାଜପାକୁ ପରାସ୍ତ କରିଛି। କିନ୍ତୁ ସେଥିରେ ପ୍ରୟୋଗ କରାଯାଇଥିବା ଗଣିତକୁ ଅନେକେ ଭଲ ଭାବେ ବୁଝିପାରିନାହାନ୍ତି। କଂଗ୍ରେସ ସମ୍ପୂର୍ଣ୍ଣ ରୂପେ ଏକ ଭିନ୍ନ କୌଶଳ ଆପଣାଇ ନିର୍ବାଚନ ଲଢ଼ିଥିଲା। 'ଭାରତ ଯୋଡ଼ୋ ଯାତ୍ରା'ର ପ୍ରଭାବ ମଧ୍ୟ ଏହା ଉପରେ ପଡ଼ିଥିଲା।



ସାନ୍‌ଫ୍ରାନ୍‌ସିସ୍କୋରେ ଭାରତୀୟ ବଂଶୋଦ୍ଭବଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାବବିନିମୟ କରୁଛନ୍ତି। ନିକଟରେ ଉପସ୍ଥିତ ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ ମୁଖ୍ୟ ସାମ୍ ପିତ୍ରୋଡ଼ା।

> ଭାଜପା ଲୋକଙ୍କୁ ଧମକ ଦେଉଛି ଏବଂ ସରକାରୀ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଛି। ଭାରତ ତାହା ନୁହେଁ, ଯାହା ମିଡିଆ ଏକ ପଲିଟିକାଲ ନେରେଟିଭ୍‌କୁ ପ୍ରୋତ୍ସାହନ ଦେବା ପାଇଁ ଦେଖାଉଛି। ଦେଶରେ ଗରିବ ଓ ସଂଖ୍ୟାଲଘୁମାନେ ଆଜି ଅସହାୟ ହୋଇଯାଇଛନ୍ତି। ପରସ୍ପରକୁ ଘୃଣା କରିବାରେ ଭାରତ ବିଶ୍ୱାସ କରେନାହିଁ। ଏକ ଛୋଟ ଗୋଷ୍ଠୀର ଲୋକେ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଛନ୍ତି। ଗଣମାଧ୍ୟମ ଘୃଣାର ନିଆଁରେ ଘିଅ ଢାଳୁଛି।
> **–ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

ଏହି ନିର୍ବାଚନରେ ଭାଜପା କଂଗ୍ରେସ ତୁଳନାରେ ୧୦ ଗୁଣା ଅଧିକ ଟଙ୍କା ଖର୍ଚ୍ଚ କରିଥିଲା ବୋଲି ରାହୁଲ କହିଛନ୍ତି।

କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଆହୁରି କହିଛନ୍ତି, ଭାରତରେ ଭାଜପାକୁ ହରାଇବା ପାଇଁ ଏକ ବିକଳ୍ପ ଦୂରଦୃଷ୍ଟି ଆବଶ୍ୟକ। ବିଶେଷକରି ୨୦୨୪ ସାଧାରଣ ନିର୍ବାଚନରେ ବିରୋଧୀ ଏକତା ଏଥିରେ ସହାୟକ ହେବ। ବିରୋଧୀ ଦଳଗୁଡ଼ିକ କେବଳ ଏକାଠି ହେବା ପର୍ଯ୍ୟାପ୍ତ ନୁହେଁ। ଭାଜପାର ଏକ ବିକଳ୍ପ ହେବା ପାଇଁ ଉପଯୁକ୍ତ ରଣନୀତି ଆବଶ୍ୟକ। 'ଭାରତ ଯୋଡ଼ୋ ଯାତ୍ରା' ଏଦିଗରେ ପ୍ରଥମ ପଦକ୍ଷେପ ଥିଲା,

ରାହୁଲ ଗାନ୍ଧୀ ସାଣ୍ଟା କ୍ଲାରାରେ ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ ପକ୍ଷରୁ ଆୟୋଜିତ 'ମହବ୍ବତ କୀ ଦୁକାନ' ଶୀର୍ଷକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରୁଥିବାବେଳେ ଦର୍ଶକଙ୍କ ମଧ୍ୟରୁ କେତେଜଣ ୧୯୮୪ ଶିଖ୍ ବିରୋଧୀ ଦଙ୍ଗାକୁ ନେଇ ତାଙ୍କ ସମେତ ଗାନ୍ଧୀ ପରିବାର ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହାକୁ ନେଇ ୫୨ ବର୍ଷୀୟ ରାହୁଲ କହିଥିଲେ, ସ୍ୱଗତଂ ସ୍ୱାଗତଂ। ଘୃଣାର ବଜାରରେ ପ୍ରେମର ଦୋକାନ।

ଯାହାକୁ ନେଇ କୌଣସି ବିରୋଧୀ ଦଳ ଅସହମତି ପ୍ରକାଶ କରିବେ ନାହିଁ। ଭାରତରେ ସମସ୍ତଙ୍କ ସ୍ୱତନ୍ତ୍ର ସ୍ୱର ରହିବା ଉଚିତ। ସେହି ସ୍ୱରକୁ ସମ୍ମାନ ଦିଆଯିବା ଆବଶ୍ୟକ। ଭାରତୀୟଙ୍କ ସ୍ୱର ଏକ ସମ୍ପତ୍ତି ବୋଲି ରାହୁଲ କହିଛନ୍ତି।

ଅନ୍ୟପକ୍ଷେ ଭାଜପା ଏହାକୁ ନେଇ ରାହୁଲଙ୍କୁ ଟାର୍ଗେଟ କରିଛି। ରାହୁଲ ଜଣେ 'ନକଲି ଗାନ୍ଧୀ'। ତାଙ୍କୁ କିଛି ଜଣା ନ ଥିବା ସତ୍ତ୍ୱେ ସେ ସବୁକଥାରେ ବିଶେଷଜ୍ଞ ପାଲଟିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ କହିଛନ୍ତି, ରାହୁଲଙ୍କ ତାଙ୍କ ପରିବାର ବ୍ୟତୀତ ଇତିହାସ ସମ୍ପର୍କରେ କିଛି ଜାଣନ୍ତି ନାହିଁ।

## ଡେନ୍‌ମାର୍କ ପ୍ରଧାନମନ୍ତ୍ରୀଙ୍କ ସ୍ପିଚ୍ ରାଇଟର ପାଲଟିଲା ଚାଟ୍‌ଜିପିଟି

**କୋପେନ୍‌ହାଗେନ,୩୧।୫**



ମେଟ୍ଟେ ଫ୍ରେଡେରିକ୍‌ସେନ୍

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଟୁଲ୍ ଚାଟ୍‌ଜିପିଟି ଏବେ ଡେନ୍‌ମାର୍କ ପ୍ରଧାନମନ୍ତ୍ରୀ ମେଟ୍ଟେ ଫ୍ରେଡେରିକ୍‌ସେନ୍‌ଙ୍କ ସ୍ପିଚ୍ ରାଇଟର ପାଲଟିଛି। ମେଟ୍ଟେ ବୁଧବାର ପାର୍ଲାମେଣ୍ଟରେ ଭାଷଣ ଦେବାବେଳେ ଚାଟ୍‌ଜିପିଟି ଦ୍ୱାରା ଲିଖିତ ଭାଷଣର ଅଂଶକୁ ପଢ଼ି ଶୁଣାଇଛନ୍ତି। ସେ କହିଛନ୍ତି, ଗତ ସଂସଦୀୟ ବର୍ଷରେ ବିସ୍ତୃତ ସରକାରର ନେତୃତ୍ୱ ନେବା ଏକ ସମ୍ମାନର ବିଷୟ ହୋଇଥିବାବେଳେ ଏହା ଏକ ଚ୍ୟାଲେଞ୍ଜ ଭାବେ ମଧ୍ୟ ଉଭା ହୋଇଥିଲା। ଏଆଇର ଦିଗ ଓ ବିପଦକୁ ସୂଚାଇବା ପାଇଁ ସେ ଏପରି କରିଛନ୍ତି। ବର୍ତ୍ତମାନ ମୁଁ ଯାହା ପଢ଼ିଲି ତାହା ମୋ ମନରୁ କହିନାହିଁ। ଏହା କୌଣସି ବ୍ୟକ୍ତିଙ୍କ ଦ୍ୱାରା ଲିଖିତ ଭାଷଣ ମଧ୍ୟ ନୁହେଁ। ଏହା ହେଉଛି ଚାଟ୍‌ଜିପିଟିର ଲେଖା ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଗତବର୍ଷ ଚାଟ୍‌ଜିପିଟିର କରାମତି ସାମ୍ନାକୁ ଆସିଥିଲା। ଏହା ପ୍ରବନ୍ଧ, କବିତା ଓ କଥୋପକଥନ ପାଇଁ ମଧ୍ୟ ଲେଖିପାରେ।

## ସ୍ୱୀକୃତି ହରାଇପାରନ୍ତି ୧୫୦ ମେଡିକାଲ କଲେଜ

**ନୂଆଦିଲ୍ଲୀ, ୩୧।୫**

ପର୍ଯ୍ୟାପ୍ତ ଶିକ୍ଷକ ରଖି ନ ଥିବା ଏବଂ ନିୟମର ଅନୁପାଳନ କରୁ ନ ଥିବା ଦେଶର ପ୍ରାୟ ୧୫୦ ମେଡିକାଲ କଲେଜ ଜାତୀୟ ମେଡିକାଲ କମିଶନ (ଏନ୍‌ଏମ୍‌ସି) ସ୍ୱୀକୃତି ହରାଇପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ୪୦ ମେଡିକାଲ କଲେଜ ସ୍ୱୀକୃତି ହରାଇସାରିଲେଣି। ସେମାନେ ଷ୍ଟାଣ୍ଡାର୍ଡର ଅନୁସରଣ କରୁଥିବା ନେଇ ଏନ୍‌ଏମ୍‌ସିକୁ ଦେଖାଇବାକୁ ପଡ଼ିବ। ସ୍ୱୀକୃତି ହରାଇବା ସମ୍ଭାବନା ନେଇ ଏନ୍‌ଏମ୍‌ସି ନଜରରେ ଗୁଜରାଟ, ଆସାମ, ପଣ୍ଡିଚେରୀ, ତାମିଲନାଡୁ, ପଞ୍ଜାବ, ଆନ୍ଧ୍ରପ୍ରଦେଶ, ତ୍ରିପୁରା ଓ ପଶ୍ଚିମବଙ୍ଗର ମେଡିକାଲ କଲେଜ ରହିଛନ୍ତି।

## ୟୁକ୍ରେନ୍‌ର ଶେଷ ଯୁଦ୍ଧଜାହାଜ ଧ୍ୱସ୍ତ: ରୁଷିଆ

**ମସ୍କୋ,୩୧।୫**

ୟୁକ୍ରେନ୍ ନୌସେନାର ଶେଷ ଯୁଦ୍ଧଜାହାଜ ୟୁରି ଓଲେଫାୟାରେଙ୍କୋକୁ ରୁଷିଆ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବୁଧବାର ଦାବି କରିଛି। ଗତ ୨୯ରେ ଓଡେସାର ଦକ୍ଷିଣ ଭାଗରେ ଏହି ଯୁଦ୍ଧଜାହାଜ ଥିବାବେଳେ ରୁଷୀୟ ବାୟୁସେନା ଏହାକୁ ଟାର୍ଗେଟ କରି କ୍ଷେପଣାସ୍ତ୍ର ମାଡ଼ କରିଥିଲା ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖପାତ୍ର ଆଇଗୋର କୋନାଶେଙ୍କୋଭ୍ ସୂଚନା ଦେଇଛନ୍ତି। ତେବେ ୟୁକ୍ରେନୀୟ ନୌସେନା ମୁଖପାତ୍ର ଓଲେହ ଚାଲିକ୍ ଏହା ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି। ଇତିମଧ୍ୟରେ ରୁଷିଆରେ ଥିବା ଜର୍ମାନୀର ୫ କନ୍‌ସୁଲେଟ୍‌ମଧ୍ୟରୁ ୪ଟିକୁ ବନ୍ଦ କରିବା ପାଇଁ ବର୍ଲିନ୍ ନିର୍ଦ୍ଦେଶ ଦେଇଛି। ଦୁଇଦେଶ ମଧ୍ୟରେ କର୍ମଚାରୀ ଓ ଡାଞ୍ଚାରେ ସମାନତା ଆଣିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ଜର୍ମାନୀ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର କ୍ରିଷ୍ଟୋଫର ବର୍ଗର ବର୍ଲିନରେ ଖବରଦାତାମାନଙ୍କୁ କହିଛନ୍ତି।



## ଜ୍ଞାନବାପି ମାମଲା: ମସ୍‌ଜିଦ କମିଟିର ଚ୍ୟାଲେଞ୍ଜ ଖାରଜ

**ବାରାଣସୀ,୩୧।୫**

ଉତ୍ତରପ୍ରଦେଶସ୍ଥିତ ବାରାଣସୀର ଜ୍ଞାନବାପି ମସ୍‌ଜିଦ୍ ମାମଲାରେ ଅଞ୍ଜୁମନ୍ ଇନ୍ତେଜାମିଆ ମସ୍‌ଜିଦ କମିଟିକୁ ଝଟ୍‌କା ଲାଗିଛି। ଆଲ୍ଲାହାବାଦ ହାଇକୋର୍ଟ ବୁଧବାର ଏହି କମିଟିର ଆବେଦନକୁ ଖାରଜ କରିଦେଇଛନ୍ତି। ଏକ ସ୍ଥାନୀୟ କୋର୍ଟରେ ବିଚାରାଧୀନ ଥିବା ସିଭିଲ ସୁଟ୍‌କୁ ରଦ୍ଦ କରିବାକୁ ମସ୍‌ଜିଦ କମିଟି ଏହି ଆବେଦନରେ ଉଲ୍ଲେଖ କରିଥିଲା। ହିନ୍ଦୁ ମହିଳା ଗୋଷ୍ଠୀର ଲକ୍ଷ୍ମୀ ଦେବୀ, ରେଖା ପାଠକ, ସୀତା ସାହୁ ଓ ମଞ୍ଜୁ ବ୍ୟାସ୍ ୨୦୨ ଅଗଷ୍ଟରେ ଦାଖଲ କରିଥିବା ଆବେଦନରେ ଜ୍ଞାନବାପି ମସ୍‌ଜିଦ ପରିସରରେ ଶୃଙ୍ଗାର ଗୌରୀଙ୍କ ପୂଜାର୍ଚ୍ଚନାକୁ ବୈଧ ଘୋଷଣା ପାଇଁ ଅନୁରୋଧ କରିଥିଲେ। ବାରାଣସୀ ଜିଲା କୋର୍ଟରେ ଏହାର ଶୁଣାଣି ଜାରି ରହିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଫୁର୍‌ସତ୍

# ମଧ୍ୟ ଆମେରିକାର କ୍ରୂର ଜେଲ

**ୱାଶିଂଟନ୍**



ଶୁଣାଯାଏ, କଏଦୀଙ୍କୁ ଜେଲରେ ଭଲ ଖାଇବା ଦିଆଯିବା ସହ ସେମାନେ କିପରି ଭଲ ମଣିଷ ହୋଇ ଜେଲରୁ ବାହାରିବେ ସେଥିପ୍ରତି ଧ୍ୟାନ ଦିଆଯାଇଥାଏ। ଅନେକ ସମୟରେ ଜେଲ ଭିତରେ କଏଦୀ–କଏଦୀଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଯାଏ। ଫଳରେ ସେମାନଙ୍କୁ ଦଣ୍ଡ ଦିଆଯାଏ। ହେଲେ ମଧ୍ୟ ଆମେରିକାର ନିକାରାଗୁଆର ପାଣ୍ଡିଲାସରେ ଏକ ଜେଲ ରହିଛି, ଯେଉଁଠାରେ କଏଦୀଙ୍କୁ କ୍ରୂର ବ୍ୟବହାର ପ୍ରଦର୍ଶନ କରାଯାଇଥାଏ। ନିକଟରେ ସେହି ଜେଲକୁ ୬୭ ହଜାର କଏଦୀଙ୍କୁ ପଠାଯାଇଥିଲା। ହେଲେ ଏବେ ରିପୋର୍ଟ ଆସିଛି କି, ସେଠାରୁ କଏଦୀଙ୍କ ମୃତଦେହ ମିଳୁଛି। ମଧ୍ୟ ଆମେରିକାର ଇଆଇ ସଲ୍‌ଭାଡରର ରାଷ୍ଟ୍ରପତି ଲାଇବ ବୁକେଲେ ଗ୍ୟାଙ୍ଗଷ୍ଟରଙ୍କ ମଧ୍ୟରେ ଯୁଦ୍ଧ ଲଗାଇ ଦେଇଛନ୍ତି। ଏହି ଯୁଦ୍ଧ ମଧ୍ୟରେ ୬୭ ହଜାର ଲୋକଙ୍କୁ ଗିରଫ କରାଯାଇ ଜେଲରେ ଭର୍ତ୍ତି କରାଯାଇଥିଲା। ଲୋକସଂଖ୍ୟା ଅନୁସାରେ ଜେଲସଂଖ୍ୟା କମ୍ ପଡିଲା। ସେଥିପାଇଁ ଏକ ବିଶେଷ ପ୍ରକାରର ଜେଲ କରାଗଲା। ସେହି ଜେଲକୁ କ୍ରୂର ଜେଲ ବୋଲି କୁହାଗଲା। ସେଠାରେ କଏଦୀଙ୍କୁ ଭଲ ଖାଇବା ଦିଆଯାଇ ନ ଥାଏ। ଅସୁସ୍ଥ କଏଦୀଙ୍କ ଚିକିତ୍ସା କରାଯାଏନି। ସେମାନଙ୍କୁ ଅତି କଦର୍ଯ୍ୟ ଭାବେ ରଖାଯାଉଥିବାବେଳେ ଶରୀରରେ ଏକ ଖାସ୍ ପ୍ରକାରର ଟାଟୁ କରାଯାଇଛି। ବର୍ତ୍ତମାନ ରିପୋର୍ଟ ମିଳିଛି କି, ସେହି କଏଦୀଙ୍କ ମଧ୍ୟରୁ ୧୫୩ କଏଦୀଙ୍କ ମୃତ୍ୟୁ ହୋଇଯାଇଛି। ମୃତ କଏଦୀଙ୍କ ମଧ୍ୟରୁ ଅନେକଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ନ ଥିଲା। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା ଥିବାବେଳେ ଅନ୍ୟ ସମସ୍ତେ ପୁରୁଷ। ମୃତ କଏଦୀଙ୍କ ଶରୀରରେ ଅନେକ ଆଘାତର ଚିହ୍ନ ଲାଗିଥିଲା। କଏଦୀଙ୍କୁ ବିଜୁଳି ଆଘାତ ଦିଆଯିବାରୁ ତାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି।

# ବାବା ମହାକାଳ ମନ୍ଦିରରେ ସାରା




**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସାରା ଅଲି ଖାନ୍ ବର୍ତ୍ତମାନ ତାଙ୍କ ଆଗାମୀ ଫିଲ୍ମ 'ଜରା ହଟ୍‌କେ ଜରା ବଚ୍‌କେ' ପାଇଁ ଚର୍ଚ୍ଚାରେ ଅଛନ୍ତି। ଏହି ଚଳଚ୍ଚିତ୍ର ଆସନ୍ତା ୨ ତାରିଖରେ ରିଲିଜ୍ ହେବାକୁ ଯାଉଛି। ଏହା ପୂର୍ବରୁ ସେ ବୁଧବାର ସକାଳେ ମଧ୍ୟପ୍ରଦେଶର ବାବା ମହାକାଳଙ୍କ ଦର୍ଶନ କରିବାକୁ ସେଠାରେ ପହଞ୍ଚିଛନ୍ତି। ମହାକାଳ ମନ୍ଦିରର ପୂଜକ ସଞ୍ଜୟ ଗୁରୁ କହିଛନ୍ତି, ସାରା ବାବା ମହାକାଳଙ୍କ ବଡ଼ ଭକ୍ତ। ସେ ସମୟ ପାଇଲେ ମହାକାଳଙ୍କ ଦର୍ଶନ କରିବାକୁ ଆସିଥାନ୍ତି। ସକାଳେ ସେ ବାବାଙ୍କ ଭସ୍ମ ଆଳତିରେ ସାମିଲ ହୋଇଥିଲେ। ଯେଉଁଠାରେ ସେ ମହାକାଳଙ୍କ ଗର୍ଭଗୃହରେ ପହଞ୍ଚି ବାବାଙ୍କ ପୂଜାର୍ଚ୍ଚନା କରିଥିଲେ। ଭସ୍ମ ଆଳତି ପରେ ସେ କୋଟିତୀର୍ଥ କୁଣ୍ଡ ପାଖରେ ପହଞ୍ଚିଥିଲେ। ସେଠାରେ ସେ ୧ ଘଣ୍ଟା ଓଁ ନମଃ ଶିବାୟ ଜପ କରୁଥିବା ଦେଖିବାକୁ ମିଳିଛି। ପରେ ସେ ସକାଳ ୭ଟା ସମୟ ଆଳତିରେ ମଧ୍ୟ ସାମିଲ ହୋଇଥିଲେ। ୧୧ଟା ୩୦ ସମୟରେ ହେବାକୁ ଥିବା ବାବାଙ୍କ ଆଳତି ଦେଖିବାକୁ ଇଚ୍ଛା କରୁଥିଲେ ମଧ୍ୟ ସାରା ଇନ୍ଦୋର ପଳାଇଯାଇଥିଲେ। ତେବେ ସାରା ତାଙ୍କ ବଲିଉଡ୍ କ୍ୟାରିୟର ଫିଲ୍ମ କେଦାରନାଥ ଜରିଆରେ ୨୦୧୮ରେ ଆରମ୍ଭ କରିଥିଲେ। ଏହା ମଧ୍ୟରେ ସେ ତାଙ୍କ ଅଭିନୟ ଜରିଆରେ ପ୍ରଶଂସକଙ୍କ ହୃଦୟ ଜିତି ପାରିଛନ୍ତି। ଚଳଚ୍ଚିତ୍ର 'ଜରା ହଟ୍‌କେ ଜରା ବଚ୍‌କେ' ପରେ ତାଙ୍କ ହାତରେ ଆଉ ୩ଟି ଫିଲ୍ମ ରହିଛି।

## 'ଅଡି ଚା'ବାଲା'ଙ୍କ 'ଅନ୍ ଡ୍ରାଇଭ୍ ଟି'





**ମୁମ୍ବାଇ:** ଭାରତୀୟ ଲୋକେ ସାଧାରଣତଃ ଚା'କୁ ଅଧିକ ମାତ୍ରାରେ ସେବନ କରିଥାନ୍ତି। ସେଥିପାଇଁ ଦେଶର ସମସ୍ତ ଗଳିକନ୍ଦିରେ ମଧ୍ୟ ଗୋଟେ ଦୁଇଟି ଚା' ଦୋକାନ ଦେଖିବାକୁ ମିଳିଥାଏ। ବର୍ତ୍ତମାନ ସମୟରେ କିଛି ଛାତ୍ରୀଛାତ୍ର ମଧ୍ୟ ପାଠ ପଢି ଚା' ବିକୁଥିବା ଦେଖିବାକୁ ମିଳୁଛି। ନିକଟରେ ଜଣେ ଏମ୍‌ବିଏ ଛାତ୍ର ଚା' ବିକିବା ପରେ ଜଣେ ଗ୍ରାଜୁଏଟ୍ ଛାତ୍ରୀ ଚା' ବିକିବା ଭଳି ଖବର ବେଶ୍ ଚର୍ଚ୍ଚାରେ ଥିଲା। ହେଲେ ଏବେ ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ କି ଜଣେ ଯୁବକ ଅଡି କାର୍‌ରେ ଚା' ଦୋକାନ ଖୋଲିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ତାଙ୍କୁ 'ଅଡି ଚା'ବାଲା' ନାଁ ଦେଇଛନ୍ତି। ଭିଡିଓ ମୁତାବକ, ଅଡିରେ ଚା' ବିକ୍ରି କରିବା ଉପାୟ ମୁମ୍ବାଇର ଦୁଇ ଯୁବକ ଅମିତ୍ କଶ୍ୟପ ଏବଂ ମନୁ ଶର୍ମାଙ୍କ ଥିଲା। ଉକ୍ତ ଯୁବକ ଲୋଖଣ୍ଡୱାଲା ଅଞ୍ଚଳରେ ଚା'ଷ୍ଟଲ୍ ଖୋଲିଛନ୍ତି। ସେ ତାଙ୍କର ଏହି ବିଜ୍‌ନେସ୍‌ର ନାମ 'ଅନ୍ ଡ୍ରାଇଭ୍ ଟି' ରଖିଛନ୍ତି। ଏହି ଭିଡିଓ ଏବେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଭିଡିଓରେ ଦେଖିବାକୁ ମିଳିଛି, ଜଣେ ଯୁବକ ଅଡି କାର୍‌ରୁ ଓହ୍ଲାଇଲେ। ସେଠାରେ ଚା' ଷ୍ଟଲ୍ ଖୋଲି ଚା' ବିକ୍ରି କଲେ। ତାଙ୍କ ଷ୍ଟଲ୍‌ରେ ଅନେକ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କାର୍ ମାଲିକଙ୍କ କହିବା ଅନୁସାରେ, ସେ ତାଙ୍କ ଅଡି କାର୍‌କୁ ମାର୍କେଟିଂ ଷ୍ଟ୍ରାଟେଜି ପାଇଁ କିଣିଛନ୍ତି। କାର୍‌ରେ ଚା' ବିକିବା ଏକ ନୂଆ ମାର୍କେଟିଂ ଉପାୟ। ତାଙ୍କର ଏହି ଅଡି କାର୍‌ର ମୂଲ୍ୟ ୫୦–୬୦ ଲକ୍ଷ ହେବ ବୋଲି କୁହାଯାଉଛି। ତେବେ ଅଡି ଚା'ବାଲା ତାଙ୍କ 'ଅନ୍ ଡ୍ରାଇଭ୍ ଟି'ର ଅନେକ ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ଛାଡ଼ିଛନ୍ତି। ସେଥିରେ ତାଙ୍କ ଚା' ଷ୍ଟଲ୍‌କୁ ଅନେକ ସେଲିବ୍ରିଟି ଚା' ପିଇବାକୁ ଆସୁଥିବା ଦେଖିବାକୁ ମିଳିଛି।

## ସ୍କୁଲ ଯିବାକୁ ବସ୍, ବୋଟ୍, ଟ୍ରେନ୍ ଯାତ୍ରା



**ଏଡିନ୍‌ବର୍ଗ:** ବର୍ତ୍ତମାନ ସମୟରେ ପିଲାମାନେ ସାଧାରଣତଃ ବସ୍‌ରେ ସ୍କୁଲ ଯାଉଛନ୍ତି। କିଛି ମା'ବାପା ତାଙ୍କ ପିଲାଙ୍କୁ ନିଜେ ଛାଡ଼ିବାକୁ ଯାଉଛନ୍ତି। ହେଲେ ଜଣେ ୧୭ ବର୍ଷୀୟା ଯୁବତୀଙ୍କୁ ସ୍କୁଲ ଯିବାକୁ ୩ ଯାନବାହନର ବ୍ୟବହାର କରିବାକୁ ପଡୁଥିବା ସେ ଏକ ଭିଡିଓ ମାଧ୍ୟମରେ ଜଣାଇଛନ୍ତି। ଭିଡିଓରେ ଦେଖାଇଛନ୍ତି, ସ୍କୁଲ ଯିବା ପାଇଁ ସେ ବସ୍, ଟ୍ରେନ, ବୋଟ୍‌ର ସହାୟତା ନିଅନ୍ତି। ଆଉ କିଛି ବାଟ ଚାଲିବା ପରେ ସେ ସ୍କୁଲରେ ପହଞ୍ଚନ୍ତି। ହେଲେ ଆଶ୍ଚର୍ଯ୍ୟର କଥା ହେଉଛି, ଯୁବତୀ ଲରେନ କୌଣସି ଦୂର ପାହାଡ଼ ଅଞ୍ଚଳରେ ନୁହେଁ ସହରରେ ହିଁ ରହୁଛନ୍ତି। ସେ ତାଙ୍କର ଏହି ୨ ଘଣ୍ଟା ଯାତ୍ରାର ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଲରେନ ସପ୍ତାହକୁ ମାତ୍ର ୩ ଦିନ ହିଁ ସ୍କୁଲ ଯାଇଥାନ୍ତି। ସ୍କଟଲାଣ୍ଡର ମିଲପୋର୍ଟରୁ ଗ୍ଲାସ୍‌ଗୋ ପର୍ଯ୍ୟନ୍ତ ରାସ୍ତାର ଭିଡିଓ ଶେୟାର କରିଛନ୍ତି। ଲରେନ ଘରୁ ସକାଳୁ ବାହାରି ବସ୍‌ରେ ୧୫ ମିନିଟ୍ ଯାତ୍ରା କରିବା ପରେ ୭ଟାରେ ନଦୀ କୂଳରେ ପହଞ୍ଚନ୍ତି। ବୋଟ୍‌ରେ ବସି ନଦୀ ପାର୍ ହୋଇ ସେ ଟ୍ରେନ୍‌ରେ ଚଢନ୍ତି। ପରେ ସେ ଟ୍ରେନ୍‌ରେ ୪୫ ମିନିଟ୍ ଯାତ୍ରା ପରେ ଓହ୍ଲାନ୍ତି। ପୁଣି କିଛି ବାଟ ଚାଲି ୮ଟା ୪୫ରେ ସ୍କୁଲରେ ପହଞ୍ଚନ୍ତି। ସ୍କୁଲରୁ ଫେରିବା ସମୟରେ ମଧ୍ୟ ତାଙ୍କର ଏହି ଯାତ୍ରା ଲାଗି ରହିଥାଏ। ଫଳରେ ସେ ଅପରାହ୍ନ ୩ଟାରେ ଘରେ ପହଞ୍ଚନ୍ତି। ସୋସିଆଲ ସାଇନ୍ସର ଛାତ୍ରୀ ଲରେନ କହିଛନ୍ତି, ତାଙ୍କର ଏହି ଯାତ୍ରାରେ ପାଖାପାଖି ୧୯ ଡଲାର ଅର୍ଥାତ୍ ୧୫୭୧ ଟଙ୍କା ଖର୍ଚ୍ଚ ହୋଇଯାଏ। ଏହି ଭିଡିଓକୁ ବହୁ ଲୋକ ଦେଖିଥିବାବେଳେ ଅନେକ ଏଥିରେ ଭିନ୍ନ ଭିନ୍ନ କମେଣ୍ଟ କରିଛନ୍ତି।




# ସିଏମ୍‌ସିର ୨ ଯନ୍ତ୍ରୀ ନିଲମ୍ବିତ

**କଟକ ଅଫିସ,୩୧।୫:** କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ଗମାଣ୍ଡିଆ ଅଞ୍ଚଳରେ ହ୍ୟୁମ୍ ପାଇପ୍ ତଳେ ଚାପି ହୋଇ ଛାତ୍ରୀ ଏନ୍. ମୋହିନିଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି ହୋଇଛି। ଇତିମଧ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ତରବରିଆ ଭାବେ ସିଏମ୍‌ସିର ଦୁଇ ସହକାରୀ ଯନ୍ତ୍ରୀ ସଞ୍ଜିବ କୁମାର ପ୍ରଧାନ ଓ ଦିଲ୍ଲୀପ କୁମାର ସାହୁଙ୍କୁ ବୁଧବାର ନିଲମ୍ବନ କରିଛି। ହେଲେ ପ୍ରକୃତରେ ଯନ୍ତ୍ରୀଙ୍କୁ କେଉଁ ଘଟଣା ପାଇଁ ନିଲମ୍ବିତ କରାଯାଇଛି ସେ ସଂକ୍ରାନ୍ତରେ ସୂଚନା ଦିଆଯାଇନାହିଁ। ସରକାରୀ କାର୍ଯ୍ୟରେ ଅବହେଳା କରିଥିବାରୁ ସେମାନଙ୍କୁ ନିଲମ୍ବିତ କରାଯାଇଥିବା ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।




# ଶେରଗଡ଼ରୁ ପୁରୀକୁ ଗଡ଼ିଲା ପ୍ରଥମ ଏସି ବସ୍ 'ଜଗନ୍ନାଥ ଏକ୍ସପ୍ରେସ୍'






**ଭୁବନେଶ୍ୱର(ବ୍ୟୁରୋ)/ ଶେରଗଡ଼(ଡି.ଏନ୍.ଏ.), ୩୧।୫**

ଗଞ୍ଜାମର ଶେରଗଡ଼ଠାରୁ ପୁରୀକୁ ବୁଧବାର ପ୍ରଥମ ଏସି ବସ୍ ଜଗନ୍ନାଥ ଏକ୍ସପ୍ରେସ୍ ଗଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଶେରଗଡ଼-ପୁରୀ ମଧ୍ୟରେ ଜଗନ୍ନାଥ ଏକ୍ସପ୍ରେସ୍ ଏସି ବସ୍ ସେବା ଚଳାଚଳକୁ ପତାକା ହଲାଇ ଶୁଭାରମ୍ଭ କରିଛନ୍ତି। ଓଏସ୍‌ଆର୍‌ଟିସି ପକ୍ଷରୁ ଏହି ବସ୍ ସେବା ଆରମ୍ଭ କରାଯାଇଛି। ଏହି ଅବସରରେ ସମବେତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶେରଗଡ଼-ପୁରୀ ମଧ୍ୟରେ ଏହି ନୂଆ ବସ୍ ସେବା ଦ୍ୱାରା ଶେରଗଡ଼ ଜନସାଧାରଣ ସୁବିଧାରେ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଲାଭ କରିପାରିବେ। ବିଶେଷକରି କାର୍ତ୍ତିକ ମାସରେ ଗଞ୍ଜାମର ବହୁ ଲୋକ ହବିଷ ପାଇଁ ପୁରୀ ଯାଉଥିବାରୁ ଏହି ବସ୍ ସେବା ପାଇଁ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୫-ଟି ସ୍କୁଲ ହେଉ ବା ମନ୍ଦିର ରୂପାନ୍ତର, ଗଞ୍ଜାମ ସବୁବେଳେ ଆଗରେ ରହିଛି।

### ସବୁଥିରେ ଗଞ୍ଜାମ ସବୁବେଳେ ଆଗରେ: ମୁଖ୍ୟମନ୍ତ୍ରୀ

ମା' ତାରାତାରିଣୀଙ୍କ ମନ୍ଦିର ରୂପାନ୍ତର କାମ ଜିଲାବାସୀଙ୍କ ପାଇଁ ଆନନ୍ଦ ଆଣି ଦେଇଛି। ସେହିପରି ୫-ଟି ସ୍କୁଲ ରୂପାନ୍ତର ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ପଞ୍ଚାୟତିରାଜ କ୍ଷେତ୍ରରେ ଗଞ୍ଜାମ ଜିଲା ପରିଷଦ ଜାତୀୟ ସ୍ତରରେ ଶ୍ରେଷ୍ଠ ଜିଲା ପରିଷଦ ପୁରସ୍କାର ଲାଭ କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜନସାଧାରଣଙ୍କ ଆଶୀର୍ବାଦ ଓ ସହଯୋଗ ଜାରି ରହିଲେ ଆଗାମୀ ଦିନରେ ଗଞ୍ଜାମ ଜିଲା ଆହୁରି ଅନେକ ସଫଳତା ଲାଭ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ଗଞ୍ଜାମ ଜିଲାପାଳ, ଓଏସ୍‌ଆର୍‌ଟିସି ଅଧିକାରୀ ଏବଂ ଶେରଗଡ଼ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।




# ଅଭୟକାନ୍ତ ପାଠକଙ୍କ ୬୬ ଲକ୍ଷର ସମ୍ପତ୍ତି ଆଟାଚ୍

## ବେଆଇନ ଅର୍ଥ କାରବାର ମାମଲା

- ଗତବର୍ଷ ଏପ୍ରିଲରେ ୨୯.୮୩ ଲକ୍ଷ ଆଟାଚ୍ କରିଥିଲା ଇଡି
- ଜାନୁୟାରୀରେ ପୁଅ ଆକାଶଙ୍କ ବିଏମ୍‌ଡବ୍ଲ୍ୟୁ କାର୍ ଜବତ ହୋଇଥିଲା

**ଭୁବନେଶ୍ୱର,୩୧।୫(ବ୍ୟୁରୋ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଏବଂ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ଛନ୍ଦି ହୋଇଥିବା ପୂର୍ବତନ ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ୬୬ ଲକ୍ଷ ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆଟାଚ୍ କରିଛି। ପ୍ରିଭେନ୍‌ଶନ ଅଫ୍ ମନି ଲଣ୍ଡ୍ରିଂ ଆକ୍ଟ ୨୦୦୨ (ପିଏମ୍‌ଏଲ୍‌ଏ) ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଇଡି ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ପୂର୍ବରୁ ଅର୍ଥାତ୍ ୨୦୨୨ ଏପ୍ରିଲରେ ଅଭୟକାନ୍ତଙ୍କ ୨୯ଲକ୍ଷ ୮୩ହଜାର ଟଙ୍କାର ସମ୍ପତ୍ତି ଓ ଚଳିତବର୍ଷ ଜାନୁୟାରୀରେ ତାଙ୍କ ପୁଅ ଆକାଶଙ୍କ ଏକ ଦାମୀ ବିଏମ୍‌ଡବ୍ଲ୍ୟୁ କାର୍ (ଓଡି୦୭ଏଜି୭୨୭୨)କୁ ଇଡି ଜବତ କରିଥିଲା। ଉକ୍ତ ଦୁଇ ଠକେଇ ଘଟଣାରେ ହୋଇଥିବା କୋଟି କୋଟି ଟଙ୍କା ବେଆଇନ ଅର୍ଥ କାରବାର ସମ୍ବନ୍ଧରେ ଇଡି ତଦନ୍ତ କରୁଛି। ବେଆଇନ ଅର୍ଥ କାରବାର ମାମଲାରେ ଇଡି ଅଭୟକାନ୍ତ, ଆକାଶ, ଭାବି ଶ୍ୱଶୁର ତଥା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ପ୍ରଦୀପଙ୍କ ଝିଅ ଶ୍ରୁତି, ସ୍ତ୍ରୀ ସୁଜାତାଙ୍କୁ ଜେରା କରି ବହୁ ତଥ୍ୟ ହାସଲ କରିଛି। ଓଡ଼ିଶା ପୋଲିସ ଦ୍ୱାରା ଅଭୟ ଓ ପୁଅ ଆକାଶଙ୍କ ବିରୋଧରେ ରୁଜୁ ଏଫ୍‌ଆଇଆର୍ ଓ ଦାଖଲ ହୋଇଥିବା ଚାର୍ଜଶିଟ୍‌କୁ ଇଡି ଯାଞ୍ଚ କରିଥିଲା। ତଦନ୍ତବେଳେ ଅଭିଯୁକ୍ତମାନେ ଟାଟା ମୋଟର୍ସରେ ଚାକିରି ଦେବା ଆଳରେ ବହୁ ଠକେଇ କରିଥିବା ପ୍ରମାଣ ମିଳିଥିଲା। ତେବେ ଏହି ମାମଲାରେ ଇଡି ପକ୍ଷରୁ ଅଧିକ ତଦନ୍ତ କରାଯାଉଥିବା ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଅଭୟକାନ୍ତଙ୍କୁ ୨୦୨୦ ନଭେମ୍ବର ୨୭ରେ ଭିଜିଲାନ୍ସ ଗିରଫ କରିଥିଲା। ଅଭୟକାନ୍ତ ଓ ତାଙ୍କ ପରିବାର ସଦସ୍ୟମାନେ ୯.୩୫ କୋଟିର ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ଏଫ୍‌ଆଇଆର୍‌ରେ ଦର୍ଶାଇଥିଲା। ଏହି ଏଫ୍‌ଆଇଆର୍‌କୁ ଆଧାର କରି ବେଆଇନ ଅର୍ଥ କାରବାରର ଖିଅ ଖୋଜିବାକୁ ଇଡି ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିପରି ଅଭୟକାନ୍ତଙ୍କ ପୁଅ ଆକାଶ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ କରିବା ମାମଲାରେ କ୍ରାଇମବ୍ରାଞ୍ଚ ଦ୍ୱାରା ଗିରଫ ହୋଇଥିଲେ। ଏହି ମାମଲାରେ ବିଧାୟକ ପ୍ରଦୀପ ପ୍ରାଣିଗ୍ରାହୀଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତମାନେ ଜାମିନରେ ଆସି ଇଡି ଜେରାର ସମ୍ମୁଖୀନ ହୋଇଥିଲେ। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ସୁପାରିସ ଆଧାରରେ କେନ୍ଦ୍ର ସରକାର ୨୦୨୧ ମେ'ରେ ଅଭୟକାନ୍ତଙ୍କୁ ବାଧ୍ୟତାମୂଳକ ଅବସର ଦେଇଥିଲେ।




# ଦୁର୍ଘଟଣାରେ ପ୍ରେମିକଙ୍କ ମୃତ୍ୟୁ, ପ୍ରେମିକାଙ୍କ ଆତ୍ମହତ୍ୟା

**ସମ୍ବଲପୁର,୩୧।୫(ବ୍ୟୁରୋ)**

ଯଦି ବଞ୍ଚିବା ଏକା ସାଥିରେ, ମରିବା ମଧ୍ୟ ଏକାଠି। ସମ୍ବଲପୁର ଜିଲାରେ ଏକ ପ୍ରେମୀଯୁଗଳଙ୍କ କ୍ଷେତ୍ରରେ ଘଟିଥିବା ଘଟଣା ଏହି କଥାକୁ ପ୍ରମାଣିତ କରିଛି। ପଡ଼ିଆବାହାଲ ସାପ୍ତାହିକ ବଜାରରେ ମଙ୍ଗଳବାର କିଛି ମୁହୂର୍ତ୍ତ ପାଇଁ ଭେଟ ହୋଇଥିଲେ ପ୍ରେମିକ ଜମନକିରା ଥାନା ଚିନିମହୁଲ ଗ୍ରାମର ବିପ୍ର କିଷାନ ଓ ଯୁଯୁମୁରା ଥାନା ସଦାପାଲି ଗ୍ରାମର ପ୍ରେମିକା ସୁନିତା ମିର୍ଦ୍ଧା। ବେଶ୍ ଆନନ୍ଦରେ କିଛିସମୟ ବିତାଇ ପ୍ରେମିକ ବିପ୍ର ବାଇକ୍‌ରେ ଘରକୁ ଫେରୁଥିଲେ। ହେଲେ ଏକ ଟ୍ରକ୍ ଧକ୍କାରେ ସେ ସବୁଦିନ ପାଇଁ ଅଫେରା ରାଇଜକୁ ଚାଲିଯାଇଥିଲେ। ଏହି ଖବର ପାଇ ସୁନିତା ଘରକୁ ଫେରି ବାରିପଟେ ଏକ ଗଛରେ ବେକରେ ଶାଢ଼ି ବାନ୍ଧି ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଗଛରୁ ଖସାଇ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ମା'ବାପା ଛେଉଣ୍ଡ ହେବା ପରେ ଲାଳନପାଳନ କରିଥିବା ବଡ଼ଭାଇ ଓ ପୂରା ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି। ଏକ ସ୍ୱାଭାବିକ ମୃତ୍ୟୁ ଭାବେ ମଙ୍ଗଳବାର ରାତିରେ ମୃତଦେହ ସତ୍କାର କରିବାକୁ ଯୋଜନା କରିଥିଲେ। ହେଲେ ଖବର ପାଇ ଯୁଯୁମୁରା ପୋଲିସ ପହଞ୍ଚି ସୁନିତାଙ୍କ ମୃତଦେହ ଜବତ କରିଥିଲା। ବୁଧବାର ଘଟଣା ପଦାକୁ ଆସିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ସତ୍କାର ସମୟରେ ମୃତଦେହ ଜବତକଲା ପୋଲିସ

ମିଳିଥିବା ସୂଚନା ଅନୁସାରେ ସୁନିତା ଓ ବିପ୍ରଙ୍କ ମଧ୍ୟରେ କିଛିବର୍ଷ ହେବ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟ ମଙ୍ଗଳବାର ପଡିଆବାହାଲ ବଜାରରେ ଭେଟ ହୋଇ କିଛି ସମୟ ବିତାଇଥିଲେ। ପରେ ବିପ୍ର ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ୫୩ନଂ. ଜାତୀୟ ରାଜପଥର ଗୌଡପାଲି ଫାଣ୍ଡି ଅନତି ଦୂରରେ ଏକ ଟ୍ରକ୍ ସାମ୍ନା ପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଜପଥ ନିର୍ମାଣକାରୀ ସଂସ୍ଥାକୁ ଦାୟୀକରି ଲୋକମାନେ ଅସନ୍ତୋଷ ବ୍ୟକ୍ତକରି ରାସ୍ତା ଅବରୋଧ କରିବାକୁ ଯୋଜନା କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରି ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିଲା। ଏ ସମ୍ପର୍କରେ ଯୁଯୁମୁରା ଥାନା ଅଧିକାରୀ ରାଜ କୁମାର ବିଶ୍ୱାଳ କହିଛନ୍ତି, ଆତ୍ମହତ୍ୟା ନେଇ ଏକ ଅପମୃତ୍ୟୁ ମାମଲା (ନଂ.୯/୨୩) ରୁଜୁ କରାଯାଇଛି। ମୃତଦେହ ସତ୍କାର ଖବର ଶୁଣି ପୋଲିସ ପହଞ୍ଚି ବ୍ୟବଚ୍ଛେଦ କରିବା ଆଇନ ରହିଥିବା କହି ଜବତ କରିଥିଲା। ପ୍ରେମିକଙ୍କ ଦୁର୍ଘଟଣାରେ ମୃତ୍ୟୁ ଖବର ଶୁଣିବା ପରେ ସୁନିତା ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ସେ କହିଥିଲେ।

**ଆଜିର ମନ୍ତବ୍ୟ**

"୩ ଦିନ ତଳେ ଭାରତକୁ ଏକ ନୂଆ ସଂସଦ ଭବନ ମିଳିଛି। ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ବିରୋଧୀ ବର୍ଜନ କରି ଦେଶର ଭାବାବେଗ ଓ ୬୦,୦୦୦ ଶ୍ରମିକଙ୍କ କଠିନ ପରିଶ୍ରମକୁ ଅପମାନିତ କରିଛନ୍ତି।-**ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**"

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କାଉ ଖାଏ ପଣସ,
ବଗ ମୁଣ୍ଡରେ ଅଠା।

ଧୂର୍ତ୍ତ ବ୍ୟକ୍ତିଙ୍କ କାର୍ଯ୍ୟକଳାପକୁ କେହି ସହଜରେ ଜାଣିପାରି ନଥାନ୍ତି। ଲୁଟି ମାରି ଖାଇ ସବୁ ଦୋଷ ନିରୀହ ବ୍ୟକ୍ତି ମୁଣ୍ଡରେ ଲଦି ଦେଇଥାନ୍ତି। ଫଳସ୍ୱରୂପ କିଛି ନ କରି ମଧ ସରଳ ନିଷ୍ପାପ ବ୍ୟକ୍ତି ଅଯଥାରେ ଦଣ୍ଡିତ ହୋଇଥାନ୍ତି । ନେବା ଲୋକର ପତ୍ତା ନ ଥିବା ସ୍ଥଳେ ନିରୀହ ଲୋକକୁ ଦଣ୍ଡ ଦିଆଯିବା ଅମାନବିକତାର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାହା ମନ କାହାକୁ ଜଣା**
**ମିଛେ ବୋଲୁଥାନ୍ତି ତୁ ମୋର କିଣା।**

ମନ କଥା କିଏ କାହାର ଜାଣିବା କଷ୍ଟକର। କାହା ମନରେ କ'ଣ ଅଛି ସେ କଥା ଜାଣିହୋଇ ନ ଥାଏ। କିଛି ବ୍ୟକ୍ତି ଅନ୍ତରରେ କିଛି ଥାଉ କି ନ ଥାଉ ପଛେ ମୁହଁ ଉପରେ ଆପଣାର ଭାବ ଦେଖେଇହେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବେଆଇନ ପଥର ଖାଦାନରେ ଅତଡ଼ା ଖସି ଶିଶୁ ଶ୍ରମିକ ସମେତ ୨ ମୃତ

- **ମରଣଯନ୍ତା ପାଲଟଛି ବେଆଇନ କଳାପଥର ଖାଦାନ**
- **ପୋଲିସ ଓ ରାଜସ୍ୱ ବିଭାଗ ଚୁପ୍**

**ଯାଜପୁର ଅଫିସ,୩୧।୫**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ବେଆଇନ କଳାପଥର ଖାଦାନ ମରଣଯନ୍ତା ପାଲଟିଛି। ରାଜସ୍ୱ ବିଭାଗ, କେତେଜଣ ପୋଲିସ ଅଧିକାରୀ ବେଆଇନ ଖାଦାନ ମାଲିକଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଓଲଟା ସହଯୋଗ କରୁଥିବାରୁ ନୀରିହ ଶ୍ରମିକମାନଙ୍କ ଜୀବନ ଯାଉଛି। ଏହି କ୍ରମରେ ମଙ୍ଗଳବାର ବିଳମ୍ବିତ ରାତିରେ ଜେନାପୁର ଥାନା ଅଧୀନ ଚଢ଼େଇଧରା ନିକଟରେ ଥିବା ଲୁଣିବର ମୌଜା ପଥର ଖାଦାନରେ ଅତଡା ଖସି ଜଣେ ଶିଶୁ ଶ୍ରମିକଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଛି।


କଳାପଥର ଖାଦାନ

ସୂଚନା ଅନୁଯାୟୀ,ଲୁଣିବର ମୌଜାର ଏକ କଳାପଥର ଖାଦାନରେ ବିଳମ୍ବିତ ରାତିରେ ମେଶିନ ଲଗାଇ କଳାପଥର ଲୁଟ୍ ହେଉଥିଲା। ସେଠାରୁ ବିପୁଳ ପରିମାଣର କଳାପଥର ଚୋରାଚାଲାଣ ହୋଇସାରିଥିଲା। ସରକାରଙ୍କ ଏହି ମୂଲ୍ୟବାନ ସମ୍ପଦର ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଓ ତହସିଲ ପ୍ରଶାସନ ଜାଣିଶୁଣି ଆଖି ବୁଜି ଦେଇଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଉକ୍ତ ବେଆଇନ ଖାଦାନରେ ପଥର ବ୍ୟବସାୟୀ ମେଶିନ ଅପରେଟର କେନ୍ଦୁଝର ଜିଲା ତେଲକୋଇ ଗ୍ରାମର ଶାନ୍ତନୁ ଖିଲାରଙ୍କ ସହ ଜଣେ ଶିଶୁ ଶ୍ରମିକ ଓ ଅନ୍ୟମାନଙ୍କୁ କାମରେ ନିୟୋଜିତ କରିଥିଲେ। ବ୍ଲାଷ୍ଟିଂ କରି ସାରିବା ପରେ ମେଶିନରେ ପଥର ଉତ୍ତୋଳନ କରି ଗାଡ଼ିରେ ଅପ୍‌ଲୋଡିଂ ଚାଲିଥିଲା। ଏହି ସମୟରେ ଉପରୁ ହଠାତ୍ ପଥର ଅତଡା ଖସି ମେଶିନ ଅପରେଟର ଖିଲାର ଏବଂ ଶିଶୁ ଶ୍ରମିକଙ୍କ ଉପରେ ପଡିଥିଲା। ଫଳରେ ମେଶିନ ଅପରେଟର ଖିଲାରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଶିଶୁ ଶ୍ରମିକଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। କିଛି ସମୟ ପରେ ସେହି ଶିଶୁ ଶ୍ରମିକଙ୍କ ମଧ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

ଖବର ପାଇ ଜେନାପୁର ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଗତ ପ୍ରାୟ ୭ରୁ ୮ ବର୍ଷ ମଧ୍ୟରେ ଏପରି ବେଆଇନ କଳାପଥର ଖାଦାନରେ ୨୫ରୁ ଊର୍ଦ୍ଧ୍ୱ ଶ୍ରମିକ ଓ ଅପରେଟରଙ୍କ ଜୀବନ ଯାଇଛି। ଅଧିକାଂଶ ଦୁର୍ଘଟଣା ପରେ ମୃତକଙ୍କ ପରିବାରବର୍ଗଙ୍କୁ କିଛି ପ୍ରଲୋଭନ ଦେଖାଇ ମାମଲାଗୁଡ଼ିକୁ ଚାପି ଦିଆଯାଇଛି। କେତେକାଂଶରେ ପଥର ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିଲେ ହେଁ ବେଆଇନ ଖାଦାନଗୁଡ଼ିକୁ ବନ୍ଦ କରିବାକୁ ସେତେଟା ଉଦ୍ୟମ କରାଯାଇନାହିଁ। ଫଳରେ ମୃତକଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବା ମତପ୍ରକାଶ ପାଇଛି।

# କର୍ମାଙ୍କୁ ମିଳିଲା ସରକାରୀ ସହାୟତା

**ବଣ୍ଡା ଛାତ୍ରୀ ମଜୁରି ଖଟିବା ଘଟଣା**

**ମାଲକାନଗିରି,୩୧।୫(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଘାଟିର ମେଧାବୀ ଛାତ୍ରୀ କର୍ମା ମୁଦୁଲି ଗତ ବର୍ଷ ଯୁକ୍ତ ୨ ବାଣିଜ୍ୟରେ ଜିଲା ଟପ୍ପର ହୋଇଥିଲେ। ଅର୍ଥାଭାବରୁ ସେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ବୁଧବାର ପ୍ରକାଶ ପାଇବା ପରେ କର୍ମାଙ୍କୁ ସରକାରୀ ସହାୟତା ମିଳିଛି । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କାର ଏକ ଚେକ୍ ମାଲକାନଗିରି ଜିଲାପାଳ ବିଶାଳ ସିଂ ବୁଧବାର ପ୍ରଦାନ କରିଥିଲେ। ଏଥିସହ ତାଙ୍କ ପିତାମାତାଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପ୍ରଶାସନ ତରଫରୁ ପ୍ରତିଶ୍ରୁତି ଦିଆଯାଇଛି । କର୍ମା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପାଠପଢା ଲାଗି ମାସକୁ ୩ ହଜାର ଟଙ୍କା ହିସାବରେ ୩୦ ହଜାର ଟଙ୍କା ଦିଆଯାଇଥିବା ଜଣାପଡିଛି । ପ୍ରକାଶ ଯେ, ବଣ୍ଡାଘାଟି ପଡ଼େଇଗୁଡା ଗ୍ରାମର କର୍ମା ଗତବର୍ଷ ଯୁକ୍ତ ୨ ବାଣିଜ୍ୟରେ ପ୍ରାୟ ୮୦ ପ୍ରତିଶତ ନମ୍ବର ରଖି ଜିଲା ଟପ୍ପର ହୋଇଥିଲେ। ଜଣେ ବଣ୍ଡା ଝିଅ ଜିଲାରେ ଟପ୍ପର ହୋଇଥିବା ବେଳେ ଜିଲା ପ୍ରଶାସନ, ରାଜ୍ୟ ସରକାରଙ୍କ ତରଫରୁ ତାଙ୍କୁ ଅଧିକ ପାଠ ପଢିବା ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ଏହା ପ୍ରତିଶ୍ରୁତିରେ ରହିଯାଇଥିଲା। କର୍ମାଙ୍କୁ ପ୍ରଶାସନ ତରଫରୁ ରମାଦେବୀ ବିଶ୍ୱବିଦ୍ୟାଳୟରେ ନାମ ଲେଖାଯାଇଥିଲା। କିନ୍ତୁ ତାଙ୍କ ଖର୍ଚ୍ଚ ଯେପରିକି ପାଠ୍ୟ ଉପକରଣ କିଣିବା କିମ୍ବା ସାଧାରଣ ସାମଗ୍ରୀ କିଣିବା ପାଇଁ ଅର୍ଥ ବାଧକ ସାଜିଥିଲା।


ମାଲକାନଗିରି ଜିଲାପାଳ ବିଶାଳ ସିଂ କର୍ମା ମୁଦୁଲିଙ୍କୁ ଚେକ୍ ପ୍ରଦାନ କରୁଛନ୍ତି ।

## +୨ ଜିଲା ପାସ୍ ହାର

| ବିଜ୍ଞାନ | ବାଣିଜ୍ୟ |
|---|---|
| ନୟାଗଡ଼-୯୬.୪୧% | ନୟାଗଡ଼-୯୩.୯୦% |
| ବାଲେଶ୍ୱର -୯୫.୫୯% | ନୂଆପଡ଼ା-୯୨.୫୬% |
| ଢେଙ୍କାନାଳ-୯୪.୧୭% | କଟକ-୮୯.୬୦% |
| ଭଦ୍ରକ -୯୨.୯୮% | ପୁରୀ-୮୯.୨୦% |
| ଖୋର୍ଦ୍ଧା-୯୦.୯୬% | ଜଗତ୍‌ସିଂହପୁର- ୮୯.୧୮% |
| ପୁରୀ-୮୯.୮୬% | ଯାଜପୁର-୮୮.୮୯% |
| କଟକ-୮୯.୪୧% | ଖୋର୍ଦ୍ଧା-୮୮.୪୬% |
| ଯାଜପୁର-୮୯.୨୮% | ବାଲେଶ୍ୱର -୮୮.୪୨% |
| ଜଗତ୍‌ସିଂହପୁର-୮୯.୧୩% | କଳାହାଣ୍ଡି-୮୮.୪୨% |
| କଳାହାଣ୍ଡି- ୮୮.୯୨% | ଭଦ୍ରକ-୮୭.୫୦% |
| କେନ୍ଦ୍ରପଡ଼ା-୮୮.୫୨% | କେନ୍ଦ୍ରାପଡ଼ା-୮୪.୭୮% |
| ସମ୍ବଲପୁର-୮୭.୯୦% | ଢେଙ୍କାନାଳ-୮୪.୨୨% |
| ଅନୁଗୋଳ-୮୬.୩୩% | ମୟୂରଭଞ୍ଜ-୮୧.୯୪% |
| ନୂଆପଡ଼ା-୮୫.୦୭% | ଗଞ୍ଜାମ-୮୧.୭୧% |
| ମୟୂରଭଞ୍ଜ-୮୨.୭୫% | ସୁନ୍ଦରଗଡ଼-୭୭.୮୭% |
| ଗଞ୍ଜାମ-୮୨.୦୮% | ଫୁଲବାଣୀ-୭୬.୮୪% |
| ସୁବର୍ଣ୍ଣ ପୁର- ୮୧.୪୬% | ସମ୍ବଲପୁର-୭୫.୫୦% |
| ବରଗଡ଼-୭୯.୨୧% | ଗଜପତି-୭୫.୨୪% |
| ବଲାଙ୍ଗୀର - ୭୫.୯୬% | ବରଗଡ଼-୭୫.୨୦% |
| ଦେବଗଡ଼-୭୫.୭୫% | ଅନୁଗୋଳ- ୭୩.୯୧% |
| ନବରଙ୍ଗପୁର-୭୫.୪୯% | ନବରଙ୍ଗପୁର-୭୨.୩୮% |
| ମାଲକାନଗିରି- ୭୪.୫୧% | ଝାରସୁଗୁଡ଼ା-୭୨.୩୧% |
| କେନ୍ଦୁଝର- ୭୩.୦୯% | କୋରାପୁଟ-୭୦.୫୨% |
| ରାୟଗଡ଼ା -୭୨.୩୭% | କେନ୍ଦୁଝର-୬୯.୬୩% |
| କୋରାପୁଟ-୭୦.୦୮% | ସୁବର୍ଣ୍ଣପୁର-୬୮.୭୫% |
| ସୁନ୍ଦରଗଡ଼-୬୮.୫୮% | ରାୟଗଡ଼ା-୬୭.୭୦% |
| ଝାରସୁଗୁଡ଼ା-୬୮.୨୭% | ମାଲକାନଗିରି-୬୭.୦୫% |
| ବୌଦ୍ଧ-୬୭.୮୭% | ବଲାଙ୍ଗୀର- ୬୫.୩୫% |
| ଫୁଲବାଣୀ-୬୩.୬୯% | ଦେବଗଡ଼-୫୯.୫୭% |
| ଗଜପତି-୬୧.୫୫% | ବୌଦ୍ଧ-୫୫.୫୫% |

## ପ୍ରଥମ ପୃଷ୍ଠାରୁ...

### କମିଲା ଯୁକ୍ତ୨ ...

୪୨,୧୨୧ଜଣ ପାସ୍ କରିଛନ୍ତି। ଫଳରେ ଛାତ୍ରଙ୍କ ପାସ୍‌ହାର ୮୪.୨୮ ପ୍ରତିଶତ ରହିଛି। ୪୨,୯୭୫ ଜଣ ଛାତ୍ରୀ ବିଜ୍ଞାନ ପରୀକ୍ଷା ଦେଇଥିବାବେଳେ ୩୬,୮୧୭ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ୍‌ହାର ରହିଛି ୮୫.୬୭ ପ୍ରତିଶତ।

ସେହିପରି ବାଣିଜ୍ୟରେ ୨୪ ହଜାର ୮୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୯ ହଜାର ୫୩୬ଜଣ କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୭ ହଜାର ୪୧୦ଜଣ, ଦ୍ୱିତୀୟ ଶ୍ରେଣୀରେ ୪ ହଜାର ୫୪୩ଜଣ ଏବଂ ତୃତୀୟ ଶ୍ରେଣୀରେ ୭ ହଜାର ୪୯୨ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ୧୫,୨୪୧ ପୁଅ ପରୀକ୍ଷା ଦେଇଥିବାବେଳେ ୧୨,୧୨୧ଜଣ ପାସ୍ କରିଛନ୍ତି। ପାସ୍ ହାର ୭୯.୫୨ ପ୍ରତିଶତ ରହିଛି। ଅନ୍ୟପଟେ ୮୮୪୧ ଛାତ୍ରୀ ବାଣିଜ୍ୟରେ ପରୀକ୍ଷା ଦେଇଥିବାବେଳେ ୭୪୧୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀଙ୍କ ପାସ୍ ହାର ୮୩.୮୭ ପ୍ରତିଶତ ରହିଛି। ଉଭୟରେ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସହାର ଅଧିକ ରହିଛି।

ଫଳାଫଳ ଘୋଷଣା ଅବସରରେ ମନ୍ତ୍ରୀଙ୍କ ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର, ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

**ଇ-ସ୍ପେସ୍‌ରେ ଫଳ ଦେଖିବାରେ ବିଳମ୍ବ**

ଗତ କିଛିଦିନ ଧରି ଯୁକ୍ତ ୨ ପରୀକ୍ଷାଫଳ ଘୋଷଣା ତାରିଖ ନେଇ କଳ୍ପନାଜଳ୍ପନା ଲାଗି ରହିଥିଲା। ତାରିଖ ଘୋଷଣାରେ ବିଳମ୍ବ କାରଣରୁ ଛାତ୍ରୀଛାତ୍ର ତଥା ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମାତ୍ର ବୁଧବାର ଫଳ ପ୍ରକାଶ ନେଇ ମଙ୍ଗଳବାର ରାତିରେ ସୂଚନା ପାଇବା ପରେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଉତ୍କଣ୍ଠା ଦ୍ୱିଗୁଣିତ ହୋଇଯାଇଥିଲା। ଦିନ ୧୧ଟା ପରଠାରୁ ପରିଷଦ ପକ୍ଷରୁ ଦିଆଯାଇଥିବା ଲିଙ୍କ୍‌ରେ ଲଗଇନ୍ କରି ପିଲାମାନେ ଫଳାଫଳ ଦେଖିପାରିବେ ବୋଲି ସୂଚନା ଦିଆଯାଇଥିଲା। ମାତ୍ର ନିର୍ଦ୍ଧାରିତ ସମୟର ଦୁଇଘଣ୍ଟା ପରେ ଫଳାଫଳ ୱେବ୍‌ସାଇଟରେ ଉପଲବ୍ଧ ହୋଇଥିଲା। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିରକ୍ତିଭାବ ପ୍ରକାଶ କରିଥିଲେ। ସେହିପରି ବିଭିନ୍ନ କଲେଜ କର୍ତ୍ତୃପକ୍ଷ ନିଜ କଲେଜର ଫଳାଫଳ ଜାଣିବା ପାଇଁ ବ୍ୟଗ୍ର ହୋଇପଡ଼ିଥିବାବେଳେ ଇ-ସ୍ପେସ୍ ସ୍ଲୋ ହେବା କାରଣରୁ ସନ୍ଧ୍ୟା ସୁଦ୍ଧା ଅନେକ କଲେଜ ବିସ୍ତୃତ ଫଳାଫଳ ଜାଣିପାରି ନ ଥିଲେ। ସିବିଏସ୍‌ଇ ଓ ଆଇସିଏସ୍‌ଇ ପରିଚାଳିତ ଦଶମ ଏବଂ ଦ୍ୱାଦଶ ପରୀକ୍ଷାଫଳ ଯଥେଷ୍ଟ ଆଗୁଆ ପ୍ରକାଶ ପାଇଥିବାବେଳେ ରାଜ୍ୟ ଉଚ୍ଚ ମାଧ୍ୟମିକ ପରିଷଦ ପରୀକ୍ଷା ଫଳ ପ୍ରକାଶରେ କାହିଁକି ବିଳମ୍ବ ହେଉଛି ବୋଲି ଅନେକ ପ୍ରଶ୍ନ କରିଛନ୍ତି। ଏଥିସହ ଜୁନ୍ ୮ ସୁଦ୍ଧା ଯୁକ୍ତ୨ କଳା ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ନେଇ କୁହାଯାଉଥିଲେ ମଧ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବାରୁ ଏହାକୁ ନେଇ ମଧ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

**ବାଣିଜ୍ୟରେ ଶତପ୍ରତିଶତ ପାସ୍ ହାର ଥିବା ଜିଲା ଏଥର ସର୍ବନିମ୍ନ**

ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ପ୍ରକାଶ ପାଇଛି। ବାଣିଜ୍ୟରେ ଗତବର୍ଷ ସର୍ବାଧିକ ଅର୍ଥାତ୍ ଶତପ୍ରତିଶତ ପାସ୍ ହାର ଥିବା ଜିଲା ଏଥର ସର୍ବନିମ୍ନ ରେଜଲ୍ଟ କରିଛି। ଫଳାଫଳ ଅନୁସାରେ, ଚଳିତବର୍ଷ ବୌଦ୍ଧ ଜିଲାରେ ସର୍ବନିମ୍ନ ୫୫.୫୫ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇପାରିଛନ୍ତି। ଗତବର୍ଷ ବାଣିଜ୍ୟରେ ଏହି ଜିଲାର ଛାତ୍ରୀଛାତ୍ର ଶତପ୍ରତିଶତ ପାସ୍ କରି ରେକର୍ଡ କରିଥିଲେ। ଏପରି ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ଶିକ୍ଷାବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ଅନ୍ୟପଟେ ଚଳିତବର୍ଷ ବିଜ୍ଞାନରେ ଗଜପତି ଜିଲାରେ ପାସ୍ ହାର ସର୍ବନିମ୍ନ ୬୧.୫୫ ପ୍ରତିଶତ ରହିଛି।

**ଦୁଇଟି ପଦ୍ଧତିରେ ହୋଇଥିଲା ମୂଲ୍ୟାୟନ**

ଚଳିତବର୍ଷ ଦୁଇଟି ପଦ୍ଧତିରେ ଯୁକ୍ତ୨ ମୂଲ୍ୟାୟନ କରାଯାଇଛି। ପ୍ରଥମ ପଦ୍ଧତି ଅନୁଯାୟୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ହୋଇଥିବା ଇଣ୍ଟରନାଲ ପରୀକ୍ଷାରେ ଛାତ୍ରୀଛାତ୍ର ପାଇଥିବା ମାର୍କରୁ ୨୦ ପ୍ରତିଶତ ୱେଟେଜ୍(ହାରାହାରି ମାର୍କ) ଓ ବୋର୍ଡ ପରୀକ୍ଷାର ୮୦ ପ୍ରତିଶତ ୱେଟେଜ୍‌କୁ ନିଆଯାଇ ପିଲାଙ୍କ ପ୍ରତ୍ୟେକ ବିଷୟର ମାର୍କ ନିର୍ଦ୍ଧାରଣ କରାଯାଇଛି। ଏଥିପାଇଁ ପରୀକ୍ଷାର୍ଥୀଙ୍କ ତିନୋଟି ଇଣ୍ଟରନାଲ ପରୀକ୍ଷା ମଧ୍ୟରୁ ସର୍ବାଧିକ ମାର୍କ ପାଇଥିବା ଦୁଇଟି ପରୀକ୍ଷାକୁ ବିଚାରକୁ ନିଆଯାଇଛି। ଏହି ପଦ୍ଧତିରେ ଉଭୟ ଇଣ୍ଟରନାଲ ଓ ବୋର୍ଡ ପରୀକ୍ଷାର ୱେଟେଜ୍ ଭିତ୍ତିରେ ପରୀକ୍ଷାର୍ଥୀଙ୍କ ଫଳ ଚୂଡ଼ାନ୍ତ କରାଯାଇଛି। ଦ୍ୱିତୀୟ ପଦ୍ଧତି ଅନୁଯାୟୀ, କେବଳ ଯୁକ୍ତ୨ ମୁଖ୍ୟ ପରୀକ୍ଷାରେ ପରୀକ୍ଷାର୍ଥୀ ରଖିଥିବା ନମ୍ବରକୁ ୧୦୦ପ୍ରତିଶତ ୱେଟେଜ ଭାବେ ଗ୍ରହଣ କରାଯାଇଛି। ଉପରୋକ୍ତ ଦୁଇଟି ପଦ୍ଧତି ମଧ୍ୟରୁ ଯେଉଁଥିରେ ପରୀକ୍ଷାର୍ଥୀ ଅଧିକ ମାର୍କ ରଖିଛନ୍ତି ତାହାକୁ ସଂପୃକ୍ତ ବିଷୟର ମାର୍କ ଭାବେ ବିଚାରକୁ ନିଆଯାଇଛି। ଇଣ୍ଟରନାଲ ପରୀକ୍ଷା ଦେଇପାରି ନ ଥିବା ପିଲାଙ୍କ କ୍ଷେତ୍ରରେ ସେମାନଙ୍କ ମୁଖ୍ୟ ପରୀକ୍ଷାର ମାର୍କକୁ ଚୂଡ଼ାନ୍ତ ଭାବେ ଗ୍ରହଣ କରାଯାଇଛି।

### ଭାରତର ଜିଡିପି ...

ବୁଧବାର ଜାରି ହୋଇଥିବା ତଥ୍ୟରୁ ଜଣାପଡ଼ିଛି। ଆର୍‌ବିଆଇ ଏବଂ ଏନ୍‌ଏସ୍‌ଓ ପକ୍ଷରୁ ୨୦୨୨-୨୩ରେ ଦେଶର ଜିଡିପି ଅଭିବୃଦ୍ଧି ୭% ରହିବ ବୋଲି ପୂର୍ବାନୁମାନ କରାଯାଇଥିଲା। ଏନ୍‌ଏସ୍‌ଓ ତଥ୍ୟ ଅନୁଯାୟୀ, ବାସ୍ତବ ଜିଡିପି ମୂଲ୍ୟ ୨୦୨୨-୨୩ରେ ୧୬୦.୦୬ ଲକ୍ଷ କୋଟି ଟଙ୍କା ଛୁଇଁବା ନେଇ ଅନୁମାନ କରାଯାଇଛି। ୨୦୨୧-୨୨ରେ ଏହା ୧୪୯.୨୬ ଲକ୍ଷ କୋଟି ଟଙ୍କା ରହିବା ଆକଳନ କରାଯାଇଥିଲା।

### ସିଏମ୍‌ସି ମେୟର, ...

ଏପରି ପରିସ୍ଥିତି ହୋଇଥିଲା ଯେ, ଗିରିବାଳା, ମେୟର, କମିଶନର ଓ କର୍ପୋରେଟରଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଗମାଣ୍ଡିଆ ଅଞ୍ଚଳରେ ଦୀର୍ଘଦିନ ହେବ ବକ୍ସଡ୍ରେନ୍ କାର୍ଯ୍ୟ ଜାରି ରହିଛି। ସ୍ଥାନୀୟ ଲୋକେ ସାଧାରଣ ଭାବେ ସେଠାରେ ଥିବା ଲୁହା ପୋଲ ଦେଇ ଯାତାୟାତ କରିଥାନ୍ତି। ପୋଲ ଉପରେ ୨ଟି ବଡ ହ୍ୟୁମ୍ ପାଇପ ଯାଇଛି। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଗମାଣ୍ଡିଆ ଅଞ୍ଚଳର ଏନ୍. ମୋହିନି ବକ୍ସଡ୍ରେନ୍ ପାର୍ଶ୍ୱରେ ଥିବା ପାଇପ୍ ତଳେ ଗଳି ଲୁହା ପୋଲକୁ ବାହାରିବା ସମୟରେ ପାଇପ୍ ଲାଇନ୍ ତାଙ୍କ ଉପରେ ପଡିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲ ପରେ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଜାଇକା କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏଭଳି ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତୁରନ୍ତ ମୃତ ନାବାଳିକାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ କଂଗ୍ରେସ କର୍ମୀମାନେ ଦାବି କରିଥିଲେ। କିଛି ସମୟ ପରେ ମେୟର ଓ କମିଶନର ମୃତା ନାବାଳିକାଙ୍କ ଘରେ ପହଞ୍ଚି ତାଙ୍କ ମାଆ ହେମା ଦାସଙ୍କ ସମେତ ଅନ୍ୟ ସଦସ୍ୟଙ୍କୁ ଆଶ୍ୱାସନା ଦେଇଥିଲେ। ଖୁବ୍‌ଶୀଘ୍ର କ୍ଷତିପୂରଣ ଦିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ସେଠାରୁ ଫେରିବା ପରେ କଂଗ୍ରେସ କର୍ମୀମାନେ ସେମାନଙ୍କୁ ଘେରିଥିଲେ। ଏଭଳି ଘଟଣା ବାରମ୍ବାର ଘଟୁଛି, ଏଥିପାଇଁ ଦାୟୀ କିଏ ବୋଲି ପଚାରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ କଥା କଟାକଟି ହୋଇଥିଲା। ଉତ୍ତର ନ ଦେବା ପର୍ଯ୍ୟନ୍ତ ମେୟର ଓ କମିଶନରଙ୍କୁ ଛଡାଯିବନି ବୋଲି କଂଗ୍ରେସ କର୍ମୀ ଜିଦ୍‌ରେ ଅଡି ବସିଥିଲେ। ଏହାପରେ ଉତ୍ତେଜନା ବଢିବା ସହ ଧସ୍ତାଧସ୍ତି ହୋଇଥିଲା। ତେବେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଏଥିରେ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଏ ନେଇ ଗିରିବାଳା କହିଛନ୍ତି, ଏଭଳି ଘଟଣା ବାରମ୍ବାର ଘଟୁଛି। ସୋମବାର ତାଳଦଣ୍ଡା କେନାଲରେ ଏକ କାର ବୁଡିଯିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ସେହିପରି ମଙ୍ଗଳବାର ବକ୍ସଡ୍ରେନ୍ ଓ ହ୍ୟୁମ୍ ପାଇପ୍ ମଝିରେ ଚାପି ହୋଇ ମୋହିନିଙ୍କ ମୃତ୍ୟୁ ଘଟିଥିଲା। ମେୟର, କମିଶନର ଓ ଜିଲା ପ୍ରଶାସନ ଅଧିକାରୀ କେହି ଉକ୍ତ ଘଟଣାକୁ ଗୁରୁତର ସହ ନେଉ ନାହାନ୍ତି। କେହି କାର୍ଯ୍ୟକୁ ସଠିକ୍ ଭାବରେ ତଦାରଖ କରୁନାହାନ୍ତି । ଯାଇକା ଉପରେ ଦୃଢ କାର୍ଯ୍ୟନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଥିଲେ । ମୃତା ଛାତ୍ରୀଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ନ ମିଳିବା ପର୍ଯ୍ୟନ୍ତ ଧାରଣାରେ ବସି ରହିବୁ ବୋଲି ସେ କହିଥିଲେ।

### ମୋହିନିଙ୍କ ପରିବାରକୁ ...

କହିଛନ୍ତି, ଘଟଣାର ତଦନ୍ତ କରାଯାଇ ତ୍ରୁଟିବିଚ୍ୟୁତି ଖୋଜାଯିବ। ଏଥିପାଇଁ ଯିଏ ଦାୟୀ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଠକରେ ଆଲୋଚନା କରାଯାଇ ମୋହିନିଙ୍କ ପରିବାର ଲୋକଙ୍କୁ ୧୦ ଲକ୍ଷ ଟଙ୍କା ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ପରେ ମେୟର ମେଡିକାଲ ଯାଇ ତାଙ୍କ ବାପା କ୍ରିଷ୍ଣା ଦାସଙ୍କୁ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

### ଦିଲ୍ଲୀ ପୋଲିସର ବର୍ବରତାକୁ ...

ଆସିଥିବା ଅଭିଯୋଗକୁ ନେଇ ବିଚାର ଚାଲିଛି। ତାଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ମିଳିନାହିଁ। ୧୫ ଦିନ ଭିତରେ କୋର୍ଟରେ ତଦନ୍ତ ରିପୋର୍ଟ ଦାଖଲ କରାଯିବ। ଏହି ଖବର ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଦିଲ୍ଲୀ ପୋଲିସ ଟୁଇଟ୍ କରିଥିଲା, ଏହା ଏକ ଭୁଲ୍ ଖବର ଏବଂ ଏହି ସମ୍ବେଦନଶୀଳ ମାମଲାରେ ତଦନ୍ତ ଚାଲିଛି। ତେବେ ଏହାର ଘଣ୍ଟାଏପରେ ଦିଲ୍ଲୀ ପୋଲିସ ଉକ୍ତ ଟୁଇଟ୍‌କୁ ଡିଲିଟ୍ କରିଦେଇଛି। ଦିଲ୍ଲୀ ପୋଲିସର ଲୋକ ସମ୍ପର୍କ ଅଧିକାରୀ (ପିଆର୍‌ଓ) ମଧ ଖବରଦାତାମାନଙ୍କ ସହ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଶେୟାର କରିଥିବା ମେସେଜ୍‌କୁ ଡିଲିଟ୍ କରିଦେଇଛନ୍ତି। ଏହାର କିଛି ସମୟ ପରେ ଦିଲ୍ଲୀ ପୋଲିସ ମୁଖପାତ୍ର ଆଉ ଏକ ମେସେଜ୍ ଶେୟାର କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି, ମହିଳା କୁସ୍ତିଯୋଦ୍ଧାଙ୍କ ଦ୍ୱାରା କରାଯାଇଥିବା ଏହି ମାମଲା ଏବେ ମଧ ବିଚାରାଧୀନ ରହିଛି। କୋର୍ଟରେ ତଦନ୍ତ ସମ୍ପର୍କିତ ଷ୍ଟାଟସ୍ ରିପୋର୍ଟ ଦାଖଲ କରାଯାଉଛି। ଅନ୍ୟପକ୍ଷେ ମଙ୍ଗଳବାର କୁସ୍ତିଯୋଦ୍ଧାମାନେ ହରିଦ୍ୱାର ଯାଇ ଗଙ୍ଗାନଦୀରେ ନିଜ ନିଜ ପଦକ ବିସର୍ଜନ ଉଦ୍ୟମ କରିଥିଲେ। ଭାରତୀୟ କିଷାନ୍ ୟୁନିୟନ୍ (ବିକେୟୁ) ମୁଖ୍ୟ ନରେଶ ଟିକାଏତ୍ ସେମାନଙ୍କୁ ଅଟକାଇବା ସହ ୫ ଦିନ ସମୟ ମାଗିଥିଲେ। ୫ ଦିନ ମଧ୍ୟରେ ବ୍ରିଜ୍‌ଭୂଷଣଙ୍କୁ ଗିରଫ କରିବା ପାଇଁ ମହଲତ ଦିଆଯାଇଛି। ଏନେଇ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, କୁସ୍ତିଯୋଦ୍ଧାମାନେ ଏପରି କୌଣସି ପଦକ୍ଷେପ ନିଅନ୍ତୁ ନାହିଁ, ଯାହକି କ୍ରୀଡ଼ାକୁ ନ୍ୟୂନ କରିଦେବ। ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ଉପରେ ଭରସା କରି ଫଳାଫଳକୁ ଧୈର୍ଯ୍ୟର ସହ ଅପେକ୍ଷା କରନ୍ତୁ। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଆସୁଥିବା ବିରୋଧୀ କଂଗ୍ରେସ କହିଛି, ଭାଜପାର 'ବେଟି ବଚାଓ ବେଟି ପଢ଼ାଓ' ସ୍ଲୋଗାନ ଏବେ 'ଝିଅଙ୍କୁ ଭାଜପା ନେତାଙ୍କଠାରୁ ବଞ୍ଚାଅ'ରେ ପରିଣତ ହୋଇଯାଇଛି। କୁସ୍ତିଯୋଦ୍ଧାମାନଙ୍କୁ ପଦକ ବିସର୍ଜନ ନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁରୋଧ ନ କରିବା ଦୁର୍ଭାଗ୍ୟଜନକ ବୋଲି ଏଆଇସିସି ମୁଖ୍ୟାଳୟରେ ଦଳୀୟ ଏମ୍‌ପି ଦୀପେନ୍ଦ୍ର ହୁଡ଼ା ସମାଲୋଚନା କରିଛନ୍ତି। ରାଜ୍ୟ ସଭା ସଦସ୍ୟ କପିଲ ସିବଲଙ୍କ ମତରେ କୁସ୍ତିଯୋଦ୍ଧାଙ୍କ ମଧ୍ୟରେ ଜଣେ ନାବାଳିକା ଥିବାରୁ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ବଳରେ ମାମଲା ରୁଜୁ ହୋଇଛି। କିନ୍ତୁ ସେ ଭାଜପା ଏମ୍‌ପି ହୋଇଥିବାରୁ ତାଙ୍କୁ ତତ୍କାଳ ଗିରଫ କରାଯାଉ ନାହିଁ କି ବୋଲି ଅଭିଯୋଗକାରୀଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ସିବଲ ପ୍ରଶ୍ନ କରିଛନ୍ତି। ଏସବୁ ମଧ୍ୟରେ ଉତ୍ତରପ୍ରଦେଶର ବାରାବାଙ୍କିସ୍ଥିତ ମହାଦେବ ଅଡିଟୋରିୟମ୍‌ରେ ବ୍ରିଜ୍‌ଭୂଷଣ କହିଛନ୍ତି, ୪ ମାସ ହେଲାଣି ରେସଲରମାନେ ତାଙ୍କୁ ଝୁଲାଇଦେବାକୁ ଦାବି କରୁଛନ୍ତି। କିନ୍ତୁ ସରକାର ତାଙ୍କୁ ଝୁଲାଉନାହାନ୍ତି। ଗଙ୍ଗାରେ ପଦକ ବିସର୍ଜନ କଲେ ଫାଶୀ ମିଳିବ ନାହିଁ। ତାଙ୍କ ବିରୋଧରେ ଅଭିଯୋଗର ଗୋଟିଏ ବି ପ୍ରମାଣ ମିଳିଲେ ସେ ନିଜ ବେକରେ ଦଉଡ଼ି ଲଗାଇ ଝୁଲିପଡ଼ିବେ। ଖେଳାଳିମାନେ ତାଙ୍କ ଝିଅ ଭଳି ହୋଇଥିବାରୁ ସେ ସେମାନଙ୍କୁ ଦୋଷାରୋପ କରିବାକୁ ଚାହୁଁ ନାହାନ୍ତି ବୋଲି କୈସେରଗଞ୍ଜ ଏମ୍‌ପି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ବୃହସ୍ପତି ଗଜକେଶରୀ ଯୋଗ ସୃଷ୍ଟି କରୁଥିବାରୁ ପ୍ରତ୍ୟେକ କାର୍ଯ୍ୟ ନିର୍ବିଘ୍ନରେ ସମ୍ପନ୍ନ ହେବ। ପାରିପାର୍ଶ୍ୱିକ ପରିସ୍ଥିତି ଓ ପରିବେଶ ଆପଣଙ୍କ ପାଇଁ ସୁଖଦ ଅନୁଭୂତି ଆଣିଦେବ। ଜନ ସମାଜରେ ଆଦୃତି ଲାଭ ସାଙ୍ଗକୁ ଯାନବାହନ, ପ୍ରଶାସନ, ଜ୍ଞାନାର୍ଜନ ସକାଶେ ଅନୁକୂଳତା ଅନୁଭବ କରିବେ।

**ବୃଷ**
ଆଜି ରାଶ୍ୟାଧିପତିଙ୍କ ଉପଚୟ ସ୍ଥାନାବସ୍ଥାନ ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ପ୍ରଭାବ ସୃଷ୍ଟି କରିପାରେ। ଫଳତଃ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ଶୁକ୍ର କ୍ଷେତ୍ରସ୍ଥ ରବିଙ୍କ ଯୋଗୁ ପାରିବାରିକ କ୍ଷେତ୍ରରେ ସହମତି ଭିତ୍ତିରେ କାମ କରିବା ଭଲ। ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି କାମ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିପାରନ୍ତି।

**ମିଥୁନ**
ଏକାଦଶସ୍ଥ ବୁଧାଦିତ୍ୟ ଯୋଗ କାରଣରୁ ଆଜିର ଦିନ ଆପଣଙ୍କ ସକାଶେ ଅନୁକୂଳ ରହିବ। ଆଜି ପ୍ରଶଂସା ଓ ସମ୍ମାନ ଉଣା ହେବନାହିଁ। ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁମାନଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ପାପ ଗ୍ରହଯୁକ୍ତ ଚନ୍ଦ୍ର ହେତୁ ଅନ୍ୟମନସ୍କ ଜନିତ କୌଣସି ଭୁଲ୍ କାମକରି ଅନୁତପ୍ତ ହେବାକୁ ପଡ଼ିପାରେ।

**କର୍କଟ**
ଶୁକ୍ର ଓ ଚନ୍ଦ୍ରଙ୍କ କ୍ଷେତ୍ର ବିନିମୟ ହେତୁ ବୈଷୟିକ ସୁଖ, ସମୃଦ୍ଧି, ସୃଜନୀଶକ୍ତିର ଅଭିବୃଦ୍ଧି କର୍ମକ୍ଷେତ୍ରକୁ ସରସ ସୁନ୍ଦର କରିବ। ଫଳତଃ ଉଚ୍ଚ ସମ୍ମାନ, ପଦପଦବୀ ଲାଭ ସାଙ୍ଗକୁ ଲକ୍ଷ୍ୟ ହାସଲ ଦିଗରେ ଅନୁଧାବିତ ହେବେ। ସାହିତ୍ୟ ଚର୍ଚ୍ଚା, ଉତ୍ସବାନୁଷ୍ଠାନ, ମନୋରଞ୍ଜନ, ପ୍ରଶାସନ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**ସିଂହ**
ଆଜି କର୍ମଭାବସ୍ଥ ରାଶ୍ୟାଧିପତି ହେତୁ ଭେଦଭାବ ଭୁଲି ଅନ୍ୟମାନଙ୍କୁ ଆପଣେଇନେବେ। କଥା ଓ କାମରେ ଫରକ ରହିଲେ ମଧ ମୁହଁ ସାମ୍ନାରେ କିଏ କହିପାରିବେ ନାହିଁ। ସାଧାରଣ ସମସ୍ୟାକୁ ବାଦ୍ ଦେଲେ ଦିନଟି ଭଲରେ କଟିବ। ନୂତନ ଯାନବାହନ, ଜମିଜମା, ବନ୍ଧୁ ମିଳନ, ନୂତନ ବନ୍ଧୁ ସମ୍ପର୍କ କ୍ଷେତ୍ରରେ ଆଗ୍ରହ ପ୍ରକାଶ କରିପାରନ୍ତି।

**କନ୍ୟା**
ଏକାଧିକ ଗ୍ରହଦୃଷ୍ଟ ମୁଖଭାବ ଯୋଗୁ କଥା କହିବାର କଳା ସାଙ୍ଗକୁ କୌଶଳ ପ୍ରୟୋଗ ଦ୍ୱାରା ଏମିତି କୌଣସି କାମ ନାହିଁ, ଯାହା ଆପଣ କରିପାରିବେ ନାହିଁ। ଯେଉଁ କାମ କରିବେ କୃତକାର୍ଯ୍ୟ ହେବେ। ସାହିତ୍ୟ, ଗବେଷଣା, ଏଜେନ୍ସିପ୍ରରୁ ଖୁସି ରହିବେ। ଶିଳ୍ପ, ବାଣିଜ୍ୟ, ସାଂଗଠନିକ କାର୍ଯ୍ୟ, ରାଜନୀତି କ୍ଷେତ୍ରରେ ପ୍ରତିରୋଧର ସମ୍ମୁଖୀନ ହେବେ।

**ତୁଳା**
ଆଜି ଚନ୍ଦ୍ର ନିଜ ରାଶିରେ ରହି ଏକାଧିକ କାର୍ଯ୍ୟ ସକାଶେ ପ୍ରେରଣା ପ୍ରଦାନ କରିବେ। ଧନ ସ୍ଥାନରେ କେତୁଯୁକ୍ତ ହେତୁ ଋଣଗ୍ରସ୍ତ ହେବାର ସମ୍ଭାବନା ରହିଛି। ଭୁଲ୍ ବୁଝାମଣାଜନିତ ମତାନ୍ତର ପାରିବାରିକ ପରିବେଶକୁ ଗମ୍ଭୀର କରିଦେବ। ପ୍ରକାଶନ, ପରିବହନ, ନିର୍ମାଣ, ମାଲିମକଦ୍ଦମା ସମ୍ପର୍କିତ ଫଳ ମଧ୍ୟମ ପ୍ରକାରର ଅନୁଭୂତ ହେବ।

**ବିଛା**
ଭାଗ୍ୟ ସ୍ଥାନରେ କଣାକୁଜା ଯୋଗ ହେତୁ ଉଚ୍ଚଶିକ୍ଷା, ସନ୍ତାନ, ଆଲୋଚନା, ସିଦ୍ଧାନ୍ତ ନେବା କ୍ଷେତ୍ରରେ ସଫଳତା ହାସଲ କରିବେ। ସାମାଜିକ ପ୍ରତିଷ୍ଠା ଲାଭ ସାଙ୍ଗକୁ ଅର୍ଥନୈତିକ,ବ୍ୟବସାୟିକ, ସାଂଗଠନିକ ତଥା ଆନୁଷ୍ଠାନିକ କ୍ଷେତ୍ର ପାଇଁ ଦିନଟି ମନ୍ଦ ନୁହେଁ। ହିତୈଷୀଙ୍କ ବଦାନ୍ୟତାରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ଧନୁ**
ରାଶ୍ୟାଧିପ ଶନି ଓ ରାହୁକେତୁଙ୍କ ଦ୍ୱାରା ପୀଡ଼ିତ ହେତୁ ମାନସିକ ଅନ୍ତର୍ଦ୍ୱନ୍ଦ୍ୱ ଓ ପ୍ରାପ୍ୟଧନରେ ପ୍ରତିବନ୍ଧକ ସୃଷ୍ଟି କରିବ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, କିନ୍ତୁ ତାହା ହିଁ ଆଗାମୀ ସମୟ ପାଇଁ ଅହିତକର ହୋଇପାରେ। ମନର କୋହକୁ ଚାପିରଖି ଯନ୍ତ୍ରବତ୍ କାମ କରିବେ।

**ମକର**
ବଳବାନ୍ ଶନି ପ୍ରଭାବରୁ ଶାରୀରିକ ସୁସ୍ଥତା ଓ ସମ୍ପର୍କୀୟଙ୍କ ସାହାଯ୍ୟ, ସହାନୁଭୂତି ଲାଭ କରିବେ। ଦୋଷଯୁକ୍ତ ଚନ୍ଦ୍ର ହେତୁ ଅସାବଧାନତାବଶତଃ ଧନହାନି, ଦ୍ରବ୍ୟ ନଷ୍ଟହେବାର ଆଶଙ୍କା ରହିଛି। ପରୋକ୍ଷ ଶତ୍ରୁତା କାରଣରୁ ଭଲ କାମକରି ମଧ ନିନ୍ଦା ଶୁଣିବେ। ଋଣ ପରିଶୋଧ, କଚେରି ମାମଲା ମଧ ଚିନ୍ତାଜନକ ରହିବ।

**କୁମ୍ଭ**
ଷଷ୍ଠାଧିପ ଭାଗ୍ୟସ୍ଥାନସ୍ଥ ଯୋଗୁ ଆଜିର କାମଗୁଡ଼ିକ ସମ୍ପାଦିତ ହେଲେ ମଧ କିଛିନା କିଛି ସମସ୍ୟା ସାମୟିକ ଅସ୍ଥିରତା ସୃଷ୍ଟି କରିବ। ପାପଯୁକ୍ତ ଗୁରୁ ଜନିତ ଆର୍ଥିକ କ୍ଷେତ୍ରରେ ଚୋରି, ଭିଜିଲାନ୍ସଜନିତ ଧନହାନିର ସୂଚନା ରହିଛି। ପରିବାରରେ ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବାରୁ ସାମୟିକ ଖୁସି ରହିପାରନ୍ତି।

**ମୀନ**
ଆଜି ଶୁକ୍ର ଓ ଚନ୍ଦ୍ରଙ୍କ କ୍ଷେତ୍ର ବିନିମୟଜନିତ ସୁପ୍ରଭାବରୁ ଉନ୍ନତ ଚିନ୍ତାଧାରା କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ସନ୍ତାନଙ୍କ କୃତିତ୍ୱଜନିତ ଗୌରବରେ ନିଜେ ଗୌରବାନ୍ୱିତ ହୋଇପାରନ୍ତି। କିନ୍ତୁ ଚନ୍ଦ୍ରକେତୁ ସଂଯୋଗ ଆପଣଙ୍କୁ ଅପରିଣାମଦର୍ଶୀ କରାଇ ଅଶାନ୍ତି ସୃଷ୍ଟି କରିପାରେ। ସାମାଜିକ ସ୍ତରରେ ଆଦରଣୀୟା ହେବାର ଗୌରବ ଅର୍ଜନ କରିବେ।

ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷର ଚମ୍ପକ ଦ୍ୱାଦଶୀ ଗୁରୁବାର, ଗୁଆଲିନୀତି, ଜୁନ୍ ୧ ତାରିଖ, ବିଶ୍ୱ ମାତାପିତା ଦିବସ, ଅନ୍ତର୍ଜାତୀୟ ଦୁଗ୍ଧ ଦିବସ, ରାଶି ନକ୍ଷତ୍ର -ସ୍ୱାତୀ/ତୁଳା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହ ପ୍ରବେଶ ଓ ପ୍ରତିଷ୍ଠା ପାଇଁ ଶୁଭଦିନ, ସକାଳ ଘ.୦୫।୧୦ମି. ଗତେ ଘ.୦୬।୦୩ମି. ମଧ୍ୟେ, ଘ.୦୯।୩୩ମି. ଗତେ ଘ.୧୧।୧୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୨୨ମି. ଗତେ ଘ.୦୩।୦୧ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଅନ୍ୱେଷାଙ୍କୁ କନିଷ୍ଠ ବିଭାଗ କେନ୍ଦ୍ର ମେଧାବୃତ୍ତି



ବଇଣ୍ଡା,୩୧।୫(ଡି.ଏନ.ଏ.)- ଅନୁଗୋଳ କ୍ରିତିକା ଗ୍ୟାଲେରି ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଛାତ୍ରୀ ଅନ୍ୱେଷା ପ୍ରସାଦ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ନୂଆଦିଲ୍ଲୀର ସିସିଆରଟି ପକ୍ଷରୁ ୨୦୨୨-୨୩ ବର୍ଷ ପାଇଁ (କନିଷ୍ଠ ବିଭାଗ) ସ୍କଲାରସିପ୍ ପାଇଥିବାରୁ ତାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୱେଷା ଗୁରୁ ସୁରେଶ କୁମାର ଖୁଣ୍ଟିଆଙ୍କ ଶିକ୍ଷାଦାନରେ କ୍ରିତିକା ଡ୍ୟାନ୍ସ ଗ୍ୟାଲେରିରେ ନୃତ୍ୟ ଶିକ୍ଷା କରୁଥିଲେ। ପିତା ଅଜୟ କୁମାର ପ୍ରସାଦ ଏବଂ ମାତା ଶ୍ୱେତପଦ୍ମା ପ୍ରସାଦଙ୍କ କନ୍ୟା ଅନ୍ୱେଷା ଡିପିଏସର ନବମ ଶ୍ରେଣୀ ଛାତ୍ରୀ ଏବଂ ଜଣେ ଦକ୍ଷ ଓଡ଼ିଶୀ ନୃତ୍ୟାଙ୍ଗନା ହୋଇ ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଜନସାଧାରଣଙ୍କ ତରଫରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି।

# ପ୍ରତ୍ୟେକସ୍ତରରେ ପହଞ୍ଚୁ ସଚେତନତା ବାର୍ତ୍ତା

### ଡାହାଣୀ ଆଖ୍ୟାକୁ ନା' ସମ୍ପର୍କିତ କର୍ମଶାଳା

ଅନୁଗୋଳ ଅଫିସ, ୩୧।୫



କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ସମାଜ ମଙ୍ଗଳ ବିଭାଗ ଓ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ତଦନ୍ତ ଶାଖା ଆନୁକୂଲ୍ୟରେ ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡାହାଣୀ ଶବ୍ଦକୁ ନେଇ ସମାଜରେ ରହିଥିବା କୁସଂସ୍କାର ବିରୋଧରେ ଜନ ସଚେନତା ଆଣିବା ପାଇଁ ସରକାର ନେଇଥିବା ପଦକ୍ଷେପ ଓ ସଚେତନତା ବାର୍ତ୍ତା ସମାଜର ପ୍ରତ୍ୟେକ ସ୍ତରରେ ପହଞ୍ଚିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

ଏହି କର୍ମଶାଳାରେ ୟୁନିସେଫର କନସଲଟାଣ୍ଟ ଅନୁପମା ସାହୁ ଡାହାଣୀ ଆଖ୍ୟା, ଡାହାଣୀ ଶିକାର, ବାଲ୍ୟ ବିବାହ ଭଳି ସାମାଜିକ ସମସ୍ୟାଗୁଡ଼ିକର ନିରାକରଣ ପାଇଁ ଜିଲାର ସମସ୍ତ ବିଭାଗର ମୁଖ୍ୟମାନଙ୍କ ସହିତ ଆଲୋଚନା ଏବଂ ସହଯୋଗରେ ଜନସାଧାରଣଙ୍କ ମଧ୍ୟରେ ବ୍ୟବହାରଗତ ଅଭ୍ୟାସର ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରିଥିଲେ। ଆକ୍ସନ ଏଡ୍ ଭୁବନେଶ୍ୱରର ପ୍ରୋଗ୍ରାମ ମ୍ୟାନେଜର ଘାଷିରାମ ପଣ୍ଡା ଲୋକଙ୍କ ମଧ୍ୟରେ ଥିବା ଅନ୍ଧବିଶ୍ୱାସ କିପରି ଲୋକମାନଙ୍କୁ ପ୍ରଭାବିତ କରେ ତାହା ଉପରେ ଆଲୋଚନା କରିଥିଲେ। ସମାଜରୁ ଏହି କୁସଂସ୍କାରର ମୁଳୋତ୍ପାଟନ ନିମନ୍ତେ ୨୦୧୪ରେ ରାଜ୍ୟ ସରକାର ଆଇନ ଆଇନ ଆଣିଥିବା ବେଳେ ସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏ ନେଇ ସଚେତନତା ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ଏହି ପ୍ରଥା ଶିଶୁମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଉଛି ବୋଲି କହିଥିଲେ। ମହିଳା ସୁରକ୍ଷା ଅଧିକାରୀ ପୌର୍ଣ୍ଣମାସୀ ରଥ ମହିଳାମାନେ ଏଥିରେ କିପରି ସବୁଠାରୁ ଅଧିକ ପ୍ରଭାବିତ ହୋଇ ବିଭିନ୍ନ ହିଂସାର ଶିକାର ହେଉଛନ୍ତି ସେ ବିଷୟରେ ବିଭିନ୍ନ ଘଟଣାବଳୀ ଉପସ୍ଥାପନ କରିଥିଲେ। ଏହି କର୍ମଶାଳାରେ ଜିଲା ଶିଶୁ ସୁରୀକ୍ଷା ବିଭାଗ, ଆରକ୍ଷୀ ବିଭାଗ, ଶିଶୁ ଓ ମହିଳା ସେବା ଅନୁଷ୍ଠାନ, ସମସ୍ତ ସିଡିପିଓ, ମିଶନ ଶକ୍ତି, ଜିଲା ମଙ୍ଗଳ ଅଧିକାରୀ, ଚାଇଲ୍ଡ ଲାଇନ, ୱାନଷ୍ଟପ ସେଣ୍ଟରର କର୍ମକର୍ତ୍ତା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ କର୍ଣ୍ଣ ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆକ୍ସନ ଏଡ୍‌ର ଅନୁଗୋଳ ଜିଲା ସଂଯୋଜକ ସନ୍ତୋଷ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୋଜନାର ଲାଭ ନେବାକୁ ପରାମର୍ଶ

ଆଠମଲ୍ଲିକ, ୩୧।୫ (ଡି.ଏନ.ଏ.)

ଆଠମଲ୍ଲିକ କଲେଜ ରୋଡ୍ ପାର୍ଶ୍ୱ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ପରିସରରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ବ୍ଲକସ୍ତରୀୟ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ରଞ୍ଜନ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତୀ, ଅନ୍ୟତମ ଅତିଥି ଭାବେ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଅନୁଗୋଳ ମନୋରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ କୃଷକଙ୍କୁ ରିହାତି ଦରରେ ଯୋଗାଇ ଦିଆଯାଉଥିବା କୃଷି ଉପକରଣ ସମ୍ପର୍କରେ ବୁଝାଇଥିଲେ। ବିଶେଷକରି ଛତୁଚାଷ, ଫୁଲଚାଷ, ଫଳଚାଷ, ଫଳଚାରା ଯୋଗାଣ, ଏକ ଚକିଆ ଫଳଚାଷ ନିମନ୍ତେ ଆର୍ଥିକ ସହାୟତା, ଆଳୁ ଓ ପିଆଜ ଚାଷ ପାଇଁ ପ୍ରୋତ୍ସାହନ, ଉଦ୍ୟାନ କୃଷି ଯନ୍ତ୍ରପାତି କ୍ରୟ ଉପରେ ଅନୁଦାନ ଉପରେ ଆଲୋକପାତ କରି ଏହାର ଫାଇଦା ନେବାକୁ ଉପସ୍ଥିତ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। କୃଷି ବିଶେଷଜ୍ଞ ତୁଷାର ମହନ୍ତ, କାର୍ଯ୍ୟକ୍ରମ ପ୍ରବନ୍ଧକ ସୋନାଲି ନାଏକ, ବିଶ୍ୱଜିତ ପାଣି, ଡିଇଓ ସୁବ୍ରତ ମିଶ୍ର, ଏଚ୍‌ଇଡବ୍ଲ୍ୟୁ ଦେବହରି ବାହୁକ ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୪ଟି ପଞ୍ଚାୟତର ୪ ଜଣ ଲେଖାଏ ଅଗ୍ରଣୀ ଚାଷୀ ଓ ଏସ୍‌ଏଚଜି ମହିଳା ଗ୍ରୁପ୍ ସାମିଲ ହୋଇଥିଲେ।



ବ୍ଲକସ୍ତରୀୟ କୃଷି କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

# ନୂତନ କର୍ମକର୍ତ୍ତା ଚୟନ

ତାଳଚେର, ୩୧।୫ (ନି.ପ୍ର.)

ତାଳଚେର ୱାର୍କିଂ ଜର୍ନାଲିଷ୍ଟ ଆସୋସିଏଶନର ନୂତନ କର୍ମକର୍ତ୍ତା ଚୟନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ତାଳଚେର ଆର୍ଯ୍ୟବିହାରସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଆୟୋଜିତ ଏକ ବୈଠକରେ ୱାର୍କିଂ ଜର୍ନାଲିଷ୍ଟ ଆସୋସିଏଶନର ସଭ୍ୟ ଏବଂ କର୍ମକର୍ତ୍ତାମାନେ ଉପସ୍ଥିତ ରହି ନୂତନ କର୍ମକର୍ତ୍ତା ଚୟନ କରିଥିଲେ। ସର୍ବସମ୍ମତି କ୍ରମେ ସୟଦ ଜୁଲଫିକର ହୁସେନଙ୍କୁ ସଭାପତି ରୂପେ ଚୟନ କରାଯାଇଥିବା ବେଳେ ମଦନ ମୋହନ ସାହୁଙ୍କୁ ଉପସଭାପତି, ସୌଭାଗ୍ୟ ଚନ୍ଦ୍ର ନାୟକଙ୍କୁ ସାଧାରଣ ସମ୍ପାଦକ, ମଣ୍ଟୁ ମହାନ୍ତିଙ୍କୁ ସହ ସମ୍ପାଦକ, ବିକାଶ ଚନ୍ଦ୍ର ସାହୁଙ୍କୁ କାର୍ଯ୍ୟକାରୀ ସଭାପତି, ବାପୁଜୀ ସାମଲଙ୍କୁ କୋଷାଧ୍ୟକ୍ଷ ଓ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ରବୀନ୍ଦ୍ର କୁମାର ମହାରଣା, ସୌମିତ୍ର ସେନାପତି, ଶିଶିର କୁମାର ସାମଲ, ମନିଲ କୁମାର ମହାରଣାଙ୍କୁ ଚୟନ କରାଯାଇଛି। ସେହିପରି ଉପଦେଷ୍ଟା ଭାବେ ଧୀର ମୋହନ ରାୟ ଏବଂ ସଞ୍ଜୟ କୁମାର ଦଳେଇଙ୍କୁ ଅଡିଟର ଭାବେ ମନୋନୀତ କରାଯାଇଛି। ଆଇନ ପରାମର୍ଶଦାତା ଭାବରେ ବରିଷ୍ଠ ଆଇନଜୀବୀ ରାମକୃଷ୍ଣ ନନ୍ଦଙ୍କୁ ମନୋନୀତ କରାଯାଇଛି। ଆଗାମୀ ୧୫ ଦିନ ମଧ୍ୟରେ ପୂର୍ବତନ ସାଧାରଣ ସମ୍ପାଦକ ଦେବରଞ୍ଜନ ସାମଲ ସଂଘର ସମସ୍ତ ନଥିପତ୍ର ନବନିର୍ବାଚିତ ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ନାୟକଙ୍କୁ ହସ୍ତାନ୍ତର କରିବା ନେଇ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘ ସଦସ୍ୟ ଦୁର୍ଗା ପ୍ରସାଦ ସ୍ୱାଇଁ, ଅଜୟ କୁମାର ନାୟକ, ଅରୁଣ ପ୍ରଧାନ, ରୁଦ୍ର ଗଡ଼ନାୟକ ଏବଂ ରାଉତରାୟ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ନବ ନିର୍ବାଚିତ କର୍ମକର୍ତ୍ତାମାନେ।

# ବ୍ୟାଟେରି ଚାଳିତ ରିକ୍ସା ଉଦ୍‌ଘାଟିତ

ଅନୁଗୋଳ ଅଫିସ, ୩୧।୫

ଅନୁଗୋଳ ପୌରାଞ୍ଚଳବାସୀ ତଥା ବିଭିନ୍ନ କାର୍ଯ୍ୟରେ ଅନୁଗୋଳ ଆସୁଥିବା ଲୋକଙ୍କ ଯାତାୟାତ ସୁବିଧା ନିମନ୍ତେ ଅନୁଗୋଳ ପୌରପାଳିକା ପକ୍ଷରୁ ବୁଧବାର ୪ ଗୋଟି ବ୍ୟାଟେରି ଚାଳିତ ରିକ୍ସା ବ୍ୟବସ୍ଥା କରାଯାଇଛି। ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ୪ ଗୋଟି ଇ-ରିକ୍ସା ମିଶନ ଶକ୍ତି ଦ୍ୱାରା ପରିଚାଳିତ ହେବ। ଏଥିସହିତ ୧ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ ବସ୍‌ଷ୍ଟାଣ୍ଡର ପ୍ରବେଶ ରାସ୍ତା ଅର୍ଥାତ୍ ଏଡିଟିଓଏ ଠାରୁ ତାମ୍ରିତ କଲୋନୀ ପର୍ଯ୍ୟନ୍ତ ରାସ୍ତା ହେବାକୁ ଥିବା ପିଚୁ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଉଭୟ କାର୍ଯ୍ୟକ୍ରମରେ ବିଧାୟକ ସିଂହ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ନଗରପାଳ ଅକ୍ଷୟ ସାମନ୍ତ, ଉପନଗରପାଳ, କାଉନସିଲର ବୃନ୍ଦ, ଯୁବ ବିଜେଡି ନେତା ଅରୁଣାଭ ସିଂହ, ସୁଜିତ ଦ୍ୱିବେଦୀ, ବୃନ୍ଦାବନ ସ୍ୱାଇଁ, ଅଜିତ ଦ୍ୱିବେଦୀ, ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ, ବସ୍ ଆସୋସିଏଶନ କର୍ମକର୍ତ୍ତା ଓ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ପରେ ଉପବାଚସ୍ପତି, ଏମ୍‌ପି ଓ ସମସ୍ତ ଅତିଥି ବୃନ୍ଦ ଅନୁଗୋଳ ପୌରପାଳିକାର ନୂତନ ସ୍ମାର୍ଟ ପାର୍କ କାର୍ଯ୍ୟର ଅଗ୍ରଗତି ବୁଲି ତଦାରଖ କରିଥିଲେ।



ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃବୃନ୍ଦ।

# କିଶୋରନଗରରେ କାଳବୈଶାଖୀର ତାଣ୍ଡବ

ବଇଣ୍ଡା,୩୧।୫(ଡି.ଏନ.ଏ.)

କିଶୋରନଗର ବ୍ଲକ ଅଞ୍ଚଳରେ ବୁଧବାର କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ବିଶେଷ କରି ଜଏରାଟ ପଞ୍ଚାୟତ, ଦେବାଦୀପଡା, ଚଟିଆମାଳ, ତାଳପଦର, ବାଦୀବାହାଲ ଆଦି ଗ୍ରାମ ଗୁଡିକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ଗ୍ରାମର ସୂର୍ଯ୍ୟମଣି ସାହୁ, ସୁଶାନ୍ତ ପ୍ରଧାନ, ଅରୁଣ ପ୍ରଧାନ, ଗୋବର୍ଦ୍ଧନ ମହାନନ୍ଦିଆ, ଦିବାକର ପ୍ରଧାନଙ୍କ ଆଜବେଷ୍ଟସ୍ ଘର ନଷ୍ଟ ହୋଇଛି। ଏଥିସହ ୧୦୦ରୁ ଊର୍ଦ୍ଧ୍ୱ ଚାଳ ଘର ଛପର ଉଡିଯାଇଛି। ହଠାତ୍ ପ୍ରବଳ ବେଗରେ ପବନ ବହିବା ସହ ବର୍ଷା ହୋଇଥିଲା। ଫଳରେ ଅନେକ ଗଛ ଉପୁଡ଼ି ପଡ଼ି ରାସ୍ତା ଅବରୋଧ ହେବାସହ ବିଦ୍ୟୁତ୍ ତାର ଛିଣ୍ଡି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ବର୍ଷା ପବନ ପରେ ପ୍ରଶାସନ ପକ୍ଷରୁ ରାସ୍ତାରେ ପଡିଥିବା ଗଛ ଗୁଡିକ ହଟାଇ ଦିଆଯାଇଛି। ତୁରନ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ଚିହ୍ନଟ କରି କ୍ଷତିପୂରଣ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।



# ନିଆଗଲା ଖର୍ଚ୍ଚ ଆକଳନ ପ୍ରସ୍ତାବ

ଅନୁଗୋଳ ଅଫିସ, ୩୧।୫

ଅନୁଗୋଳ ବ୍ଲକ ଜଗନ୍ନାଥପୁରରେ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ତରଫରୁ ଜନ ଆରୋଗ୍ୟ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ୧ନଂ. ଜୋନ ଜିଲା ପରିଷଦ ସଦସ୍ୟା କାଜଲ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଓ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଘନଶ୍ୟାମ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ୨୦୨୨–୨୩ ମସିହାର ବ୍ୟୟ ଅଟକଳ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ୨୦୨୩–୨୪ ମସିହା ପାଇଁ ଖର୍ଚ୍ଚ ଆକଳନ ପ୍ରସ୍ତାବ ସହ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଭିତ୍ତିଭୂମି ନିର୍ମାଣ, ବର୍ଜ୍ୟବସ୍ତୁ ପରିଚାଳନା, ପରିମଳ, ଚଳିତବର୍ଷ କାୟାକଳ୍ପ ପାଇଁ ମିଳିଥିବା ପୁରସ୍କାର ରାଶିର ଠିକ ବିନିଯୋଗ ପାଇଁ ସଭ୍ୟାସଭ୍ୟଙ୍କ ଠାରୁ ପ୍ରସ୍ତାବ ନିଆଯାଇଥିଲା। ଏହାସହ ସରକାରଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପରିସୀମା ବାହାରେ ଚଳିତବର୍ଷ ପାଇଁ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଡା. ବିଜୟ କୁମାର ପ୍ରଧାନ ସୂଚନା ଦେଇଥିଲେ। ଏହି ବୈଠକରେ ସ୍ୱାସ୍ଥ୍ୟ ମିଶନର ଯନ୍ତ୍ରୀ, ଉଭୟ ବଲଙ୍ଗ ଓ ଜଗନ୍ନାଥପୁର ପଞ୍ଚାୟତର ସରପଞ୍ଚଙ୍କ ସମେତ ଡା. ଜୟନ୍ତ ବେହେରା, ଡା. ପ୍ରତୀକ୍ଷା ଦେହୁରୀ, ଫାର୍ମାସିଷ୍ଟ ଅଜିତ କୁମାର ସାହୁ, ବିତ୍ତ ପରିଚାଳକ ଦେବାଶିଷ ମିଶ୍ର, ସିଦ୍ଧାନ୍ତ ପ୍ରଧାନ, ରଶ୍ମିତା ନାୟକ, ଅନୁପା ତୁଙ୍ଗତୁଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀଙ୍କ ସହ ଅନ୍ୟମାନେ।

# ୪୧ କର୍ମଚାରୀଙ୍କୁ ଅବସର ସମ୍ବର୍ଦ୍ଧନା

ବଣ୍ଡାଁରପାଳ,୩୧।୫ (ଡି.ଏନ.ଏ.)

ନାଲ୍‌କୋ ଟ୍ରେନିଂ ସେଣ୍ଟରଠାରେ ବୁଧବାର ୪୧ ଜଣ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅତିଥି ଭାବେ ନାଲ୍‌କୋ ଇଡି ଭୀମସେନ ପ୍ରଧାନ, ସ୍ମେଲଟର ମହାପ୍ରବନ୍ଧକ କେ.ବି. ସ୍ୱାଇଁ, ସିପିପି ମହାପ୍ରବନ୍ଧକ ସୁଧୀର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ନାଲ୍‌କୋ ମାନବସମ୍ବଳ ମହାପ୍ରବନ୍ଧକ ମଣିପ୍ରସାଦ ସାମଲଙ୍କୁ ମଧ୍ୟ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ବିଭବ ଜେନା, ନିର୍ମଳ ସାମଲ, ବିନୋଦ ସାମଲ, ମୁନା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମଚାରୀମାନେ।

# ତମାଖୁ ଶାନ୍ତି, ଖୁସି ନଷ୍ଟକରେ

ଢେଙ୍କାନାଳ ଅଫିସ,୩୧।୫

ଢେଙ୍କାନାଳ ସଦର ବ୍ଲକ କଳାକୃତି ଗ୍ରାମ ସଦେଇବେରେଣୀ ସଭାଗୃହରେ ବୁଧବାର ଜିଲାସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏହି ଦିବସ ଉପଲକ୍ଷେ ଚଳିତ ବର୍ଷର ବାର୍ତ୍ତା ତମାଖୁ ନୁହେଁ, ଖାଦ୍ୟ ଚାହୁଁ ରହିଥିଲା। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଢେଙ୍କାନାଳ ଶାଖା, ଜିଲା ସ୍ୱାସ୍ଥ୍ୟ ବିଭାଗ, ସ୍ୱେଚ୍ଛାସେବୀ ସଂସ୍ଥା ଐରା ଓ ଚେତନା ସଂସ୍ଥାର ମିଳିତ ଆନୁକୂଲ୍ୟରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଶଚନ୍ଦ୍ର ମହାପାତ୍ର, ତମାଖୁର ଅପକାରିତା ଓ ତମାଖୁର ଫୁସ୍‌ଫୁସ, ମୁଖଗହ୍ୱର, ମଧୁମେହ ଓ ଶରୀରର ଅନ୍ୟାନ୍ୟ ଅଙ୍ଗରେ ନକରାତ୍ମକ ପ୍ରଭାବ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ବ୍ରହ୍ମାକୁମାରୀ ସଂସ୍ଥାର ମୁଖ୍ୟ ସଂଚାଳିକା ବିକେ ଉଷା, ତମାଖୁ ସେବନ କରିବା ଦ୍ୱାରା ଜୀବନରେ ଶାନ୍ତି ଓ ଖୁସି ନଷ୍ଟହୁଏ ବୋଲି କହିଥିଲେ। ଦୃଢ ପ୍ରତିଜ୍ଞା, ରାଜଯୋଗ ଓ ସକରାତ୍ମକ ଚିନ୍ତା ଦ୍ୱାରା ତମାଖୁରୁ ରକ୍ଷାପାଇ ସମାଜରେ ଶାନ୍ତି ଆସିପାରିବ ବୋଲି ସେ କହିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର କହିଲେ, ନାରୀମାନେ ଗ୍ରାମାଞ୍ଚଳରେ ନିଜନିଜ ଗ୍ରାମକୁ ନିଶାମୁକ୍ତ କରିବାର ସମୟ ଆସିଛି। ସରକାର ମିଶନ ଶକ୍ତି ମାଧ୍ୟମରେ ନାରୀମାନଙ୍କ ସାମାଜିକ, ଆର୍ଥିକ ଓ ରାଜନୈତିକ କ୍ଷେତ୍ରରେ ଦକ୍ଷତା ବୃଦ୍ଧି କରିଛନ୍ତି। ନିଶା ସେବନ ଯୋଗୁ ଗ୍ରାମୀଣ ଜୀବନ କ୍ଷତିଗ୍ରସ୍ତ ହେଉଛି। ନାରୀମାନେ ନିଶାମୁକ୍ତି ପାଇଁ ନେତୃତ୍ୱ ନେଲେ ଗାନ୍ଧୀଜୀଙ୍କ ସ୍ୱପ୍ନ, ସାକାର ସହ ଭାରତ ନିଶାମୁକ୍ତ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ ଖୁଣ୍ଟିଆ, ଐରାର ସାମାଜିକ କର୍ମୀ ଦେବେନ୍ଦ୍ର ପଣ୍ଡା ଓ ସପ୍ତଶର୍ଯ୍ୟା ସରପଞ୍ଚ ଅଭିମନ୍ୟୁ ବେହେରା ଉପସ୍ଥିତ ଥିଲେ। ବ୍ରହ୍ମାକୁମାରୀ ଝରଣା ସ୍ୱାଗତ ଭାଷଣ ଦେଇଥିଲେ।



ବିଶ୍ୱ ତମାଖୁ ବର୍ଜନ ଦିବସକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ସୁରକ୍ଷା ପାଇଁ ସାମର୍ଥ୍ୟ ହାସଲ କର

### ଗ୍ରୀଷ୍ମକାଳୀନ ନିଃଶୁଳ୍କ ଶିବିର ଉଦ୍‌ଯାପିତ

ଢେଙ୍କାନାଳ ଅଫିସ,୩୧।୫

ଢେଙ୍କାନାଳର ସମରକଳା ଅନୁଷ୍ଠାନ ଆମେଚର ଟାଏକୋଣ୍ଡୋ ଆସୋସିଏଶନ ଓ ଗୁରୁଦେବଜୀ ଫାଉଣ୍ଡେଶନ୍ ସହଯୋଗରେ ଚାଲିଥିବା ୯ ଦିନିଆ ନିଃଶୁଳ୍କ ଗ୍ରୀଷ୍ମକାଳୀନ ଶିବିର ଓ ମହିଳା ଆତ୍ମରକ୍ଷା କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁଦେବଜୀ ଗୁରୁକୁଳ ପକ୍ଷରୁ ମହାବୀର ବଜାରସ୍ଥିତ ମମତା ମଣ୍ଡପ ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିସରସ୍ଥିତ ପ୍ରଶିକ୍ଷଣ କେନ୍ଦ୍ର ଠାରେ ଏହା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସହକାରୀ ଜିଲାପାଳ ସୌମ୍ୟା ସତଭିଷା ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହ ନିଜ ସୁରକ୍ଷା ନିଜେ କରିବା ପାଇଁ ସାମର୍ଥ୍ୟ ହାସଲ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ରର ଡେପୁଟି ଡାଇରେକ୍ଟର ଅଶୋକ କୁମାର ଦାଶ ଓ ସାମାଜିକ କର୍ମୀ ଅରୁଣ କୁମାର ସାହୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀ ଓ ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର, ପୁରସ୍କାର ପ୍ରଦାନ କରିଥିଲେ। ଏଥିସହିତ କୋଚ୍ ଓ ପ୍ରଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ପ୍ରଶିକ୍ଷକ ମାଷ୍ଟର ସୌମ୍ୟବ୍ରତ ସାହୁ ଶିବିରର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ଆତ୍ମରକ୍ଷା କୌଶଳ, ଶାରୀରିକ ବାୟାମ, ଯୋଗ, ଟାଏକୋଣ୍ଡୋ, ସ୍କେଟିଂ, ଚିତ୍ରାଙ୍କନ, ରଙ୍ଗୋଲି, ବକ୍ତୃତା, ଅଭିନୟ, ନୃତ୍ୟ, ସଙ୍ଗୀତ, ଦକ୍ଷତା ବିକାଶ ଆଦି ଉପରେ ବିଭିନ୍ନ ପ୍ରଶିକ୍ଷକଙ୍କ ଦ୍ୱାରା ଶିକ୍ଷା ପ୍ରଦାନ କରାଯାଇଥିଲା। ଶିବିରରେ ୭୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଡାର୍ଲିନ୍ ଡାଲ୍‌ଟନ୍, ଇନ୍ଦ୍ରଜିତ ସାହୁ, ପ୍ରତାପ ନାଏକ, ଶ୍ରେୟାସ୍ ଶକ୍ତିସ୍ମିଥ୍, ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସମେତ ସହ ପ୍ରଶିକ୍ଷକ, ଅଭିଭାବକ ଓ ସଦସ୍ୟମାନେ ସହଯୋଗ କରିଥିଲେ।



ଉଦ୍‌ଯାପନୀ ଦିବସରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି। -ଶ୍ରୀଅରବିନ୍ଦ

# ଜଳବାୟୁ ପଦକ୍ଷେପରେ ବାଧା




ଅଲି ରସିଦ୍ ଅଲ୍ ନୁଆଇମି

ଜଳବାୟୁ ପରିବର୍ତ୍ତନ ଏକ ଜଟିଳ ସମସ୍ୟା ଏବଂ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଦେଶଗୁଡ଼ିକ ପାଇଁ ଏହାର ପରିଣାମ ବ୍ୟାପକ ବୋଲି ଜାଣିରଖିବା ଉଚିତ। ୨୦୩୦ ସୁଦ୍ଧା ଅଧିକାଂଶ ବିକାଶଶୀଳ ଦ୍ୱୀପ ଦେଶ (ଏସ୍ଆଇଡିଏସ୍) ଜଳବାୟୁଜନିତ ବିପର୍ଯ୍ୟୟ ଯୋଗୁ ସେମାନଙ୍କ ମୋଟ ଘରୋଇ ଉତ୍ପାଦର ୧୦୦% ଯାଏ ହରାଇବେ। ସେହିଭଳି ପୃଥିବୀର ବର୍ଦ୍ଧିତ ତାପମାତ୍ରା ଯୋଗୁ ଆଫ୍ରିକାର ୫୪ଟି ଦେଶ ସବୁଠୁ ଖରାପ ପରିଣାମ ଭୋଗିବେ। କିନ୍ତୁ ମନେ ରଖିବାକୁ ହେବ ଯେ, ଏହି ସବୁ ଦେଶ ଜଳବାୟୁ ସଙ୍କଟ ପାଇଁ ସବୁଠୁ କମ୍ ଉତ୍ତରଦାୟୀ। ବିଶ୍ୱରେ ନିର୍ଗମନ ହେଉଥିବା ମୋଟ ସବୁଜ ଗୃହ ବାଷ୍ପ (ଜିଏଚ୍ଜି)ର ୪%ରୁ କମ୍ ନିର୍ଗମନ ହେଉଛି ଏହିସବୁ ଦେଶରେ। ସମାନ ପ୍ରକାରେ ଆରବ ଦେଶଗୁଡ଼ିକରେ ତାପମାତ୍ରା ବୃଦ୍ଧି ଜୀବନ ଉପରେ ବିପଦ ସୃଷ୍ଟି କରୁଛି। ଏହି କାରଣରୁ ଜୋର୍ଡାନରେ ଜଳ ସଙ୍କଟ ସହ ପ୍ରାଚ୍ୟ ଦେଶଗୁଡ଼ିକରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଦେଖାଯାଇଛି। ଆଞ୍ଚଳିକ ଏବଂ ବିଶ୍ୱ ସ୍ତରରେ ଏକ ବଡ଼ ଧରଣର ପରିବର୍ତ୍ତନ ଆବଶ୍ୟକତାକୁ ଲକ୍ଷ୍ୟ କରି ଗତ ବର୍ଷ ଇଜିପ୍ଟ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ(କପ୍୨୭)ଆୟୋଜନ କରିଥିଲା ଏବଂ ଚଳିତ ବର୍ଷ ସଂଯୁକ୍ତ ଆରବ ସଂଘ(ୟୁଏଇ) କପ୨୮ ଆୟୋଜନ କରିବ। ନଭେମ୍ବର ଓ ଡିସେମ୍ବରରେ ଆୟୋଜିତ ହେବାକୁ ଥିବା କପ୍୨୮ ପାଇଁ ପ୍ରସ୍ତୁତିରେ ପ୍ରତ୍ୟେକଙ୍କ ସହ ମୁକ୍ତ ଓ ନିଷ୍ପକ୍ଷ ଆଲୋଚନାରେ ଜଡ଼ିତ ହେବାକୁ ୟୁଏଇ ପ୍ରତିବଦ୍ଧତା ପ୍ରକାଶ କରିଛି। ସମ୍ମିଳନୀର ସଫଳତାକୁ ନିଶ୍ଚିତ କରିବା ଲାଗି ଏହା କରିଛି।

ଅକ୍ଷୟଶକ୍ତି କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଓ ତାହାର ସଂରକ୍ଷଣ, ଜଳବାୟୁ ପ୍ରଯୁକ୍ତିରେ ନିବେଶ ପାଇଁ ରଣନୀତିକ ନିଷ୍ପତ୍ତି ନେଇ ୟୁଏଇ ସୁଲତାନ ଅଲ ଜାବେରଙ୍କୁ କପ୍୨୮ର ଅଧ୍ୟକ୍ଷ ଭାବେ ବାଛିଛି। ଏହି ଚୟନ ଅତ୍ୟଧିକ ଦୃଷ୍ଟି ଆକର୍ଷଣ କରିଛି। ଏହା ସହ ବିଶ୍ୱର ସର୍ବପ୍ରଥମ କାର୍ବନ ନ୍ୟୁଟ୍ରାଲ ସହର ଭାବେ ମାସ୍ଦାରର ଚେୟାରମ୍ୟାନ ରହିଛନ୍ତି ଅଲ ଜାବେର। ସେ ମଧ୍ୟ ଶିଳ୍ପ ଓ ଆଧୁନିକ ପ୍ରଯୁକ୍ତି ମନ୍ତ୍ରୀ ଏବଂ ଆବୁଧାବି ନ୍ୟାଶନାଲ ଅଏଲ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ। ଜଳବାୟୁ ସମ୍ପର୍କିତ ପଦକ୍ଷେପକୁ ଗତିଶୀଳ କରିବା, ଜୀବାଶ୍ମ ଶକ୍ତିରୁ ପାରମ୍ପରିକ ଶକ୍ତିଆଡ଼କୁ ଯିବା ପଥରେ ସମ୍ମୁଖୀନ ହେଉଥିବା ଆହ୍ୱାନ ସମ୍ମିଳିତ ଭାବେ ସମାଧାନ ହେବା ଉଚିତ। ଏହି ବାସ୍ତବତାକୁ ଉପଲବ୍ଧି କରି ଆଲୋଚନାକୁ ସମୀକ୍ଷା କରିବା ଲାଗି ୟୁଏଇ ଅକ୍ଷୟ ଶକ୍ତି ପ୍ରୋଜେକ୍ଟଗୁଡ଼ିକରେ ଅତ୍ୟଧିକ ଅଭିଜ୍ଞତା ଥିବା ଜଣେ ବ୍ୟକ୍ତିଙ୍କୁ ଚୟନ କରିଛି।

ବିଶ୍ୱତାପନ ଏକ ଜଟିଳ ସମସ୍ୟା। ଏହାକୁ ସମାଧାନ କରିବାକୁ ହେଲେ ବିଭିନ୍ନ କ୍ଷେତ୍ରରେ ଥିବା ବିଶେଷଜ୍ଞଙ୍କ ଜ୍ଞାନ ଦରକାର। କିନ୍ତୁ ଆମେରିକା ଓ ୟୁରୋପରେ ଏକ ଛୋଟ ଅଥଚ ପ୍ରଭାବଶାଳୀ ଗୋଷ୍ଠୀର ରାଜନୀତିଜ୍ଞମାନେ କେତେଜଣ ଆକ୍ଟିଭିଷ୍ଟଙ୍କ ସହିତ କପ୍୨୮ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହାର ନେତୃତ୍ୱ କାହିଁକି ଜଣେ 'ଅଏଲ ଏକ୍ଜିକ୍ୟୁଟିଭ' ନେଉଛନ୍ତି ବୋଲି କହିଛନ୍ତି। ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ କରିବା ଲାଗି ବାସ୍ତବବାଦୀ ପଦକ୍ଷେପ ଲାଗୁ କରିବାରେ ଥିବା ଆହ୍ୱାନରୁ ଲୋକମାନଙ୍କ ଧ୍ୟାନ ହଟାଇ ତା'ବଦଳରେ ଅଲ୍ ଜାବେରଙ୍କ ନିଯୁକ୍ତି ଉପରେ ସେମାନେ ଗୁରୁତ୍ୱ ଦେଇଛନ୍ତି। ବିଶ୍ୱତାପନ ହ୍ରାସ କରିବା ବିଶ୍ୱ ପାଇଁ ଅନିବାର୍ଯ୍ୟ ଓ ଏଥିପାଇଁ ଦୃଢ଼ ସହଯୋଗ ଦରକାର ବୋଲି ସେମାନେ ଭାବୁନାହାନ୍ତି।




ଗତ ସପ୍ତାହରେ ଆମେରିକା କଂଗ୍ରେସ ଓ ୟୁରୋପିଆନ ପାର୍ଲାମେଣ୍ଟର ସଦସ୍ୟମାନେ ଅଲ୍ ଜାବେରଙ୍କୁ କପ୍୨୮ ଅଧ୍ୟକ୍ଷ ପଦରୁ ହଟାଇବା ଲାଗି ଯୁକ୍ତ ବାଢ଼ି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, ୟୁରୋପିଆନ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ଡେର ଲିୟେନ ଏବଂ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସଙ୍କ ନିକଟକୁ ଚିଠି ପଠାଇଛନ୍ତି। କୌଣସି ଖରାପ କାର୍ଯ୍ୟକୁ ଆଧାର କରି କିମ୍ବା ଦାୟିତ୍ୱ ପ୍ରତି ପ୍ରତିବଦ୍ଧତାର ଅଭାବକୁ ନେଇ ସେମାନଙ୍କ ଦାବି ନ ଥିଲା। ବରଂ ଜଳବାୟୁ ପରିବର୍ତ୍ତନକୁ ଆୟତ୍ତ କରିବା ପାଇଁ ଏକ ମିଳିତ ବୈଶ୍ୱିକ ପ୍ରୟାସ ବିନିମୟରେ ରାଜନୈତିକ ଫାଇଦା ପାଇବା ଏବଂ ଆର୍ଥିକ ଅଭିବୃଦ୍ଧି ଜାରି ରଖିବାର ଏହା ଏକ ମାଧ୍ୟମ ବୋଲି ସେମାନେ ଦାବି କରିଥିଲେ। ଏହି ନିର୍ବାଚିତ ପ୍ରତିନିଧିମାନେ ସେମାନଙ୍କ ନିର୍ବାଚନ କ୍ଷେତ୍ର ଏବଂ ପିଲାମାନଙ୍କ ପାଇଁ ସବୁଠୁ ଭଲ ସମ୍ଭାବ୍ୟ ପରିଣାମ ନିଶ୍ଚିତ କରିବା ଉଚିତ। ସବୁଠୁ ଖରାପ ହେଉଛି, ଆମେରିକା ଓ ୟୁରୋପିଆନ ନୀତିନିର୍ଦ୍ଧାରକମାନେ ଏକ ସାର୍ବଭୌମ ନିଷ୍ପତ୍ତିରେ ଅନ୍ତର୍ଜାତୀୟ ବାଧା ଉପୁଜାଉଛନ୍ତି। ଏବେ ପାଶ୍ଚାତ୍ୟ ରାଜନୈତିକ ଲାଭ ପାଇଁ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଦେଶଗୁଡ଼ିକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛି। ବହୁ ସମୟରେ ଜଳବାୟୁ ପରିବର୍ତ୍ତନରେ ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଥିବା ଏବଂ ଅନ୍ୟାୟ ପରେ ଅନ୍ୟାୟକୁ ସହ୍ୟ କରିଥିବା ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଦେଶଗୁଡ଼ିକୁ ଏମାନେ ନୀତିଗତ ସମାଧାନର ପରାମର୍ଶ ଦେବା ଦେଖାଯାଏ। ଏହା ବାସ୍ତବରେ ବିଶ୍ୱତାପନ ହ୍ରାସ କରିବା ଲାଗି ନିଆଯାଉଥିବା ପଦକ୍ଷେପରେ ପ୍ରଭେଦ ବଢ଼ାଇଦେଉଛି। ସେ ଦୃଷ୍ଟିରୁ ଚାଇନା ଓ ଭାରତ ଭଳି ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ବହୁ କୋଟି ଲୋକଙ୍କୁ ଆର୍ଥିକ ସୁଯୋଗ ଯୋଗାଇଦେବା ପାଇଁ ଜଳବାୟୁ ପଦକ୍ଷେପଗୁଡ଼ିକରେ ସମନ୍ୱୟ ରକ୍ଷା କରିବା ଉଚିତ।

ଚାଇନା ଓ ଭାରତ ଜଳବାୟୁ ପରିବର୍ତ୍ତନ ପ୍ରଭାବ ହ୍ରାସ କରିବାରେ ଅତ୍ୟଧିକ ନିବେଶ କରିଛନ୍ତି। ଅକ୍ଷୟ ଶକ୍ତି ଉତ୍ପାଦନ କରିବା ଏବଂ ତାହାକୁ ବିନିଯୋଗ କରିବାରେ ଚାଇନାର ବିଶ୍ୱରେ ସବୁଠୁ ଅଧିକ କ୍ଷମତା ରହିଛି। ଏହି ଦୁଇ ଦେଶ ବିଶ୍ୱସ୍ତରରେ ସୌର ଏବଂ ପବନ ଶକ୍ତି ଉତ୍ପାଦନ କ୍ଷମତାରେ ଆଗରେ ରହିଛନ୍ତି ଏବଂ ୨୦୧୭ରୁ ପ୍ରତିବର୍ଷ ବିଶ୍ୱର ନୂତନ ସୌର ଓ ପବନ ଶକ୍ତି ଉତ୍ପାଦନର ୪୦%ରୁ ଅଧିକ ବ୍ୟବହାର କରୁଛନ୍ତି। ଭାରତ ଓ ଚାଇନା ସହିତ ସାରା ବିଶ୍ୱରେ ଜୀବାଶ୍ମ ଇନ୍ଧନ ବ୍ୟବହାର ଲାଗି ରହିଛି। କିନ୍ତୁ ଏହି ଦୁଇ ଦେଶରେ ଜୀବାଶ୍ମ ଶକ୍ତି ବ୍ୟବହାର ୯୬%ରୁ ୮୩%କୁ କମାଯାଇପାରିଛି। ପାଖାପାଖି ୩୦୦କୋଟି ଲୋକ ରହୁଥିବା ଚାଇନା ଓ ଭାରତ ବିଶ୍ୱର ସର୍ବବୃହତ୍ ତଥା ଦ୍ରୁତ ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକ ମଧ୍ୟରେ ଅନ୍ୟତମ। ଏଣୁ ସେମାନଙ୍କ ଆବଶ୍ୟକତାକୁ ଅଣଦେଖା କରାଯାଇପାରିବ ନାହିଁ।

ଆମେରିକା ଓ ୟୁରୋପର ନିର୍ବାଚିତ ଆଇନ ନିର୍ମାତାମାନେ ଜଳବାୟୁ ନୀତି କିଭଳି ସଞ୍ଚାଳିତ ହେବ ସେ ସମ୍ପର୍କରେ ସାର୍ବଭୌମ ଦେଶଗୁଡ଼ିକୁ କହୁଛନ୍ତି। ହେଲେ ସେମାନେ ଭୁଲିଯାଉଛନ୍ତି ଯେ, ଆମେରିକା ଓ ୟୁରୋପ ସବୁଠୁ ଅଧିକ ସବୁଜ ଗୃହ ବାଷ୍ପ ନିର୍ଗମନ କରୁଛନ୍ତି। ଜଳବାୟୁ ପରିବର୍ତ୍ତନ ପ୍ରଭାବ ହ୍ରାସ କରିବା ଲାଗି ପ୍ରତିବଦ୍ଧ ଦେଶଗୁଡ଼ିକର ନୀତି ନିର୍ଦ୍ଧାରଣରେ ସେମାନେ ବାଧା ସୃଷ୍ଟି ନ କରି ଜଳବାୟୁ ପ୍ରତିବଦ୍ଧତା ଜାରି ରଖିବା ପାଇଁ ସେମାନଙ୍କ ସରକାର ଉପରେ ଚାପ ପକାଇବା ଆବଶ୍ୟକ। କିନ୍ତୁ ଏବେ ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକ ସେମାନଙ୍କର ଜିବାଶ୍ମ ଇନ୍ଧନ ଭିତ୍ତିଭୂମି ବଢ଼ାଉଛନ୍ତି । ଜଳବାୟୁ ପରିବର୍ତ୍ତନ ପ୍ରଭାବ କମାଇବା ଲାଗି ଅନ୍ତର୍ଜାତୀୟ ସ୍ତରରେ ଚୁକ୍ତି ଅନୁଯାୟୀ ପାଣ୍ଠି ଯୋଗାଣରେ ସେମାନେ ବିଫଳ ହୋଇଛନ୍ତି। ବ୍ରିଟେନ ୩୦ ବର୍ଷ ମଧ୍ୟରେ ଏହା ପ୍ରଥମ କୋଇଲା ଖଣି ସମ୍ପର୍କରେ ଘୋଷଣା କରିଥିବାବେଳେ ଜର୍ମାନୀ ଅତିକମ୍‌ରେ ୨୦ଟି ତାପଜ ବିଦ୍ୟୁତ୍ ପ୍ଲାଣ୍ଟକୁ ପୁନର୍ଜୀବିତ କରିଛି।

ଜୀବାଶ୍ମ ଇନ୍ଧନ ଶକ୍ତିରୁ ପାରମ୍ପରିକ ଶକ୍ତି କ୍ଷେତ୍ରକୁ ପରିବର୍ତ୍ତନ ଲାଗି କୌଣସି ଆଲୋଚନା ପାଇଁ ଦୃଢ଼ ମନୋଭାବ ଓ ମିଳିତ ପଦକ୍ଷେପର ପ୍ରତିବଦ୍ଧତା ଦରକାର । କିନ୍ତୁ କେତେଜଣ ନିର୍ଦ୍ଦିଷ୍ଟ ରାଜନେତା ମନ୍ତବ୍ୟ ଦେଇ ନାଁ କରିବା ଉପରେ ପ୍ରତିବଦ୍ଧ ଥିବାରୁ ଏହା ଅସମ୍ଭବ ମନେହେଉଛି। ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ ଉପରେ ବିଶ୍ୱ ଏବେ ଅଧିକ ଏକମତ ହୋଇଛି। ଆମେ ଅଳ୍ପ କେତେଜଣ ଲୋକଙ୍କୁ ପ୍ରକ୍ରିୟାରେ ପରିବର୍ତ୍ତନ ପାଇଁ ଅନୁମତି ଦେଇପାରିବା ନାହିଁ। ଜଳବାୟୁ ସଙ୍କଟ ହେଉଛି ବାସ୍ତବ। ବିଳମ୍ବ ହେବା ପୂର୍ବରୁ ବିଶ୍ୱତାପନର ସମାଧାନ କରିବାକୁ ଯଦି ଆମେ ଚାହୁଁଛେ ତେବେ ଏଥିରେ ନାରାଜ ନ ହୋଇ ରାଜନୈତିକ ବିଭାଜନ ଯନ୍ତାଠାରୁ ଦୂରେଇ ରହିବା ଉଚିତ।

**ୟୁଏଇ ଫେଡେରାଲ ନ୍ୟାଶ୍‌ନାଲ କାଉନ୍‌ସିଲ ସଦସ୍ୟ**

# ଔଷଧ ନା ନିଶା



ଡା. ସମ୍ରାଟ କର

ଦୁଇବର୍ଷ ତଳେ ଜାତିସଂଘର ୬୩ତମ ଅନ୍ତର୍ଜାତୀୟ ନାର୍କୋଟିକ୍ ଡ୍ରଗ୍ସ କମିସନର ବୈଠକରେ ଗଞ୍ଜେଇ ଓ ଚରସକୁ ଜାତିସଂଘର ସବୁଠାରୁ ବିପଦପୂର୍ଣ୍ଣ ଡ୍ରଗ୍ସ ତାଲିକାରୁ ହଟାଇବା ପାଇଁ ୫୩ଟି ସଦସ୍ୟ ଦେଶଠାରୁ ଭୋଟ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ଭାରତ, ଆମେରିକା ଓ ଅଧିକାଂଶ ୟୁରୋପୀୟ ଦେଶ ସମେତ ୨୭ଟି ଦେଶ ଏହାକୁ ସମର୍ଥନ କରିଥିବାବେଳେ ଚାଇନା, ପାକିସ୍ତାନ ଓ ରୁଷିଆ ସମେତ ଏହା ବିରୁଦ୍ଧରେ ଭୋଟ ଦେଇଥିଲେ। କହିବା ବାହୁଲ୍ୟ ଏହା ସହିତ ଗଞ୍ଜେଇକୁ ଏକ ଔଷଧୀୟ ସାମଗ୍ରୀ ରୂପେ ବ୍ୟବହାର କରିବା ପାଇଁ ଦ୍ୱାର ଖୋଲିଯାଇଛି। ଗଲା ୫୯ ବର୍ଷ ଧରି ଗଞ୍ଜେଇ ସିଏନ୍‌ଡିର ସିଡ୍ୟୁଲ-୪ ଅନ୍ତର୍ଗତ ସର୍ବାଧିକ ମାରାତ୍ମକ ତଥା ଅତ୍ୟନ୍ତ ନିଶାଯୁକ୍ତ ଦ୍ରବ୍ୟ ତାଲିକାରେ ରହି ଆସିଥିଲା ; ଯେଉଁ କାରଣରୁ ଏହାର ବିକ୍ରି ଓ ସେବନ ଉପରେ କଡ଼ା କଟକଣା ରହିଆସିଛି। ହଜାର ହଜାର ବର୍ଷ ହେଲା ସେହିପରି ଅନ୍ୟଏକ ମାଦକ ଦ୍ରବ୍ୟ ଭାଙ୍ଗର ବ୍ୟବହାର ହେଉଛି। ଏହାକୁ ଧାର୍ମିକ କର୍ମକାଣ୍ଡରେ ମଧ୍ୟ ବ୍ୟବହାର କରାଯାଇଥାଏ। ତେବେ ଭାଙ୍ଗ ଓ ଗଞ୍ଜେଇକୁ ମାନ୍ୟତା ପରେ ଏହି ଔଷଧର ଚାହିଦା ବଢ଼ୁଥିବା ରାଷ୍ଟ୍ରଗୁଡ଼ିକ ଅଧିକ ଉପକୃତ ହେବେ, ଏହା ସହିତ ଭାଙ୍ଗକୁ ଔଷଧ ଭାବେ ବ୍ୟବହାର କରିବାକୁ ଗବେଷଣା ମଧ୍ୟ ବୃଦ୍ଧି ପାଇବ। ଖ୍ରୀଷ୍ଟପୂର୍ବ ୧୫୦୦ ଶତାବ୍ଦୀରେ ଚାଇନା ଓ ଇଜିପ୍ଟରେ ତଥା ପ୍ରାଚୀନ ୟୁନାନ୍‌ରେ ଭାଙ୍ଗକୁ ଔଷଧ ଭାବେ ଗ୍ରହଣ କରାଯାଉଥିଲା। ଜାନୁୟାରୀରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସିଏନ୍‌ଡିର ସିଡ୍ୟୁଲ-୪କୁ ଗଞ୍ଜେଇକୁ ବାଦ ଦେବା ନିମନ୍ତେ ଜାତିସଂଘକୁ ଛଅଟି ପ୍ରସ୍ତାବ ଦେଇଥିଲା। ତେବେ ଗଞ୍ଜେଇ ଜାତିସଂଘର ସିଡ୍ୟୁଲ-୪ ତାଲିକାରୁ ବାହାରି ଅପେକ୍ଷାକୃତ କମ୍ ମାରାତ୍ମକ ତଥା ଔଷଧୀୟ ଗୁଣସମ୍ପନ୍ନ ଦ୍ରବ୍ୟ ତାଲିକାରେ ସ୍ଥାନ ପାଇଛି। ଜାତିସଂଘର ଏହି ନିଷ୍ପତ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ହେଁ ତତ୍କ୍ଷଣାତ୍ ଏହାର କୌଣସି ପ୍ରଭାବ ପଡ଼ି ନ ପାରେ। ତେବେ ଗଞ୍ଜେଇ ନେଇ ରହିଥିବା ଆଇନ ସଂଶୋଧନ ବା ପ୍ରଣୟନ ବେଳେ ଜାତିସଂଘର ଏହି ନିଷ୍ପତ୍ତି ପ୍ରଭାବ ପକାଇବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ଅନୁଯାୟୀ ବିଶ୍ୱରେ ସର୍ବାଧିକ ଚାଷ, ଚାଲାଣ ଓ ବେଆଇନ ବ୍ୟବହାର ହେଉଛି ଗଞ୍ଜେଇ। ଭାରତରେ ଏହା ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରୋପିକ୍ ସବ୍‌ଷ୍ଟାନ୍‌ସେସ୍ ଆକ୍ଟ ୧୯୮୫ ଅନୁଯାୟୀ ବେଆଇନ ଦ୍ରବ୍ୟ ଅନ୍ତର୍ଭୁକ୍ତ ହୋଇ ରହିଛି। ଉଲ୍ଲେଖଯୋଗ୍ୟ ଚାରି ହଜାର ବର୍ଷ ପୂର୍ବରୁ ଭାରତରେ ଗଞ୍ଜେଇକୁ ବ୍ୟବହାର କରାଯାଇ ଆସୁଥିଲା। ୧୯୬୧ରେ ଆମେରିକା ଚାପରେ ଆସି ଭାରତରେ ଏହାକୁ ବେଆଇନ କରିଦିଆଗଲା। ୧୯୮୫ରେ ଏନ୍‌ଡିପିଏସ୍ ଆକ୍ଟ ବଳରେ ଏହାକୁ କଡ଼ାକଡ଼ି କରାଯାଇଥିଲା। କାନାଡ଼ା ଓ ଆମେରିକାର ୧୫ଟି ରାଜ୍ୟ ସମେତ ୫୦ରୁ ଅଧିକ ଦେଶରେ ଗଞ୍ଜେଇର ଔଷଧୀୟ ବ୍ୟବହାର ପାଇଁ ମଞ୍ଜୁରୀ ମିଳିସାରିଛି। ଭାରତ ଏହି କାରବାରରେ ଖୁବ୍ ପଛରେ ପଡ଼ିଛି। ଆଶା, ଏବେ ଗଞ୍ଜେଇ ଔଷଧୀୟ ବ୍ୟବହାର ଲାଗି ଅନୁମତି ପାଇଁ ଦେଶ ଲାଗି ବୈଦେଶିକ ମୁଦ୍ରା ଅର୍ଜନରେ ସହାୟକ ହୋଇପାରେ।

କେବଳ ଓଡ଼ିଆ ଆଧ୍ୟାତ୍ମିକ ଭାବନା ନୁହେଁ ସର୍ବଭାରତୀୟ ସ୍ତରରେ ଶୈବପୀଠରେ ଗଞ୍ଜେଇର ବ୍ୟବହାର ରହିଛି। ଆଖଣ୍ଡଳମଣିଙ୍କ ପୀଠ ହେଉ ବା କପିଳାସ ଶିବଲିଙ୍ଗରେ ଗଞ୍ଜେଇ ଘର୍ଷଣ ହୋଇଥାଏ। ବିଶ୍ୱବ୍ୟାପୀ ଗଞ୍ଜେଇର ସକାରାତ୍ମକ ଦିଗକୁ ବୈଜ୍ଞାନିକମାନେ ଗବେଷଣା କରି ଏହାକୁ ଏକ ପ୍ରକାର ଚିକିତ୍ସା ନିଦାନ ବ୍ୟବସ୍ଥା ଭିତରେ ଅନ୍ତର୍ଭୁକ୍ତ କଲେଣି। ଡ୍ରଗ୍ସ, ପାଉଡର, ନିଶା ଇଞ୍ଜେକ୍ସନ, ନିଶା ବଟିକା ଓ ମଦଠାରୁ ଗଞ୍ଜେଇ ବା ଭାଙ୍ଗ ଏକ ପ୍ରକାର ସୁରକ୍ଷିତ। ପ୍ରକୃତି ପ୍ରଦତ୍ତ ଗଞ୍ଜେଇ ହିମାଳୟର ବିଭିନ୍ନ ଚେରମୂଳି ଭିତରୁ ଆୟୁର୍ବେଦ ଶାସ୍ତ୍ରକୁ ପ୍ରବେଶ ହୋଇଥିଲା। ଗଞ୍ଜେଇ ଉପରେ ରୋକ ଲଗାଇବା ପୂର୍ବରୁ ସରକାରୀ ବ୍ୟବସ୍ଥାରେ ଉପରୋକ୍ତ ଭୟାନକ ନିଶା ଉପରେ ସରକାର ପ୍ରଥମେ କଟକଣା ଜାରି କରନ୍ତୁ। ଅନ୍ୟ ନିଶାଦ୍ରବ୍ୟ ପରି ଗଞ୍ଜେଇ ବା ଭାଙ୍ଗର ପାର୍ଶ୍ୱପ୍ରତିକ୍ରିୟା ବହୁତ କମ୍। ଗଞ୍ଜେଇ ବା ଭାଙ୍ଗ ଏକ ଯୌନ ଉଦ୍ଦୀପକ ଆୟୁର୍ବେଦୀୟ ଔଷଧ ଭାବରେ କେହି କେହି ବ୍ୟବହାର କରନ୍ତି। ଆମେ ଏହି ଲେଖା ମାଧ୍ୟମରେ ଭାଙ୍ଗ ବା ଗଞ୍ଜେଇର ପ୍ରଚାର କରୁନାହୁଁ। କିନ୍ତୁ ଏହି ଭାବପ୍ରବଣତା ନିଷ୍ପତ୍ତି କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିପାରେ। ଏକ ଜନମଙ୍ଗଳ ରାଷ୍ଟ୍ରରେ ଲୋକମାନଙ୍କୁ ସ୍ୱାସ୍ଥ୍ୟଭିତ୍ତିକ ସବୁ ପ୍ରକାର ସାମର୍ଥ୍ୟ ଯୋଗାଇବା ସରକାରଙ୍କ କର୍ତ୍ତବ୍ୟ। ଭାଙ୍ଗ ଓ ଗଞ୍ଜେଇ ଏକ ପ୍ରାଚୀନତମ ନିଶା ସାମଗ୍ରୀ। ଏଲୋପାଥିକ କୁହନ୍ତୁ ବା ଆୟୁର୍ବେଦିକ ସବୁ ମହଲରେ ଏହା ଏକ ନିଶା ସାମଗ୍ରୀ ଭାବେ ଜଣା।

**ମାନସିକ ରୋଗ ବିଶେଷଜ୍ଞ,**
**ଦି' ବ୍ରେନ୍, ପୁରୀଘାଟ ରୋଡ୍, କଟକ,**
**ମୋ:୯୧୩୨୪୩୩୩୩୩**

## ଏଇ ଭାରତରେ

ଏମିତି ଘର, ଯେଉଁଠି ମଣିଷ ଓ ପକ୍ଷୀ ଉଭୟ ରହୁଛନ୍ତି। ଏମିତିକା ଘରଟିଏ ଦେଖିବାକୁ ମିଳେ ନୋଏଡାରେ। ଉକ୍ତ ଘର ଏକ ଅଶ୍ୱତ୍ଥ ଗଛ ନିକଟରେ ନିର୍ମାଣ କରାଯାଇଛି। ୭୦୦୦ ବର୍ଗଫୁଟର ଏହି ଘରର ନାଁ ବି ରଖାଯାଇଛି ଅଶ୍ୱତ୍ଥ। ଦିଲ୍ଲୀର ଆର୍କିଟେକ୍ କମ୍ପାନୀ ଆର୍କିଓପେଟ୍ରିକ୍ସ ଏହାକୁ ନିର୍ମାଣ କରିଛି। ଉକ୍ତ ପରିବେଶ ଉପଯୋଗୀ ଘରେ ପକ୍ଷୀମାନେ ବିନା ବାଧାରେ ଆତଯାତ ହୁଅନ୍ତି। ଏଠାକୁ ଦିନରାତି ଅନେକ ହଜାର ପକ୍ଷୀ ଆସନ୍ତି। ସେଥିପାଇଁ ସେମାନଙ୍କ ଲାଗି ଘର ଛାତ ଉପରେ ବସିବା ଲାଗି ଜାଗା, ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରାଯାଇଛି। 'ଅଶ୍ୱତ୍ଥ' ପାରମ୍ପରିକ ଟେକ୍‌ନିକରେ ନିର୍ମାଣ କରାଯାଇଛି। ଏହି ଘରେ ବର୍ଷାପାଣି ସଂଗ୍ରହ କରାଯାଇ ଗଚ୍ଛିତ ରଖାଯାଉଛି ଓ ତାହା ବିଭିନ୍ନ କାର୍ଯ୍ୟରେ ବ୍ୟବହାର ହେଉଛି। ଏହାକୁ ନିର୍ମାଣ କରାଯିବାରେ କଂକ୍ରିଟ ଷ୍ଟିଲ୍ ବଦଳରେ ପଥର ଓ ମାଟି ବ୍ୟବହାର କରାଯାଇଛି। ଏଣୁ ଏଠାରେ ସବୁ ଋତୁରେ ତାପମାତ୍ରା ସନ୍ତୁଳିତ ରହୁଛି। ଘର ବାଲ୍‌କୋନିକୁ ରିସାଇକେଲ ପ୍ଲାଷ୍ଟିକ ଓ କାଠରେ ନିର୍ମାଣ କରାଯାଇଛି। ଘର ଭିତରକୁ ସୂର୍ଯ୍ୟାଲୋକ ପ୍ରବେଶ ଓ ଉଦ୍ୟାନରେ ଜଳସେଚନ ସିଞ୍ଚନ ବ୍ୟବସ୍ଥା ରହିଛି। ଏହିସବୁ ବ୍ୟବସ୍ଥା ପାଇଁ ପକ୍ଷୀମାନେ ଏହି ଘରେ ରହିବାକୁ ପସନ୍ଦ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧ ଜୁନ୍ ୧୯୯୮

- ଶ୍ରୀଲଙ୍କାର ଉତ୍ତର ଭାନ୍ନୀ ଅଞ୍ଚଳର ଏକ ଛୋଟ ସହରକୁ ପୁନର୍ବାର ନିଜ ଅକ୍ତିଆରକୁ ଆଣିବା ଉଦ୍ଦେଶ୍ୟରେ ବିଦ୍ରୋହୀ ଏଲ୍‌ଟିଟିଇ ଗେରିଲା ସହ ସେନାର ସଂଘର୍ଷ ଘଟି ୫୦ ସୈନ୍ୟ ଓ ୯ ଗେରିଲା ମୃତ।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଐତିହାସିକ ତଥା ଓଡ଼ିଶାର ପୂର୍ବତନ ରାଜ୍ୟପାଳ ବିଶ୍ୱମ୍ଭର ନାଥ ପାଣ୍ଡେଙ୍କ ୯୧ ବର୍ଷ ବୟସରେ ପରଲୋକ।

# ଆସ୍ଥା ଓ ବିଶ୍ୱାସ ତୁଟିଯାଉଛି



ଡ. ସନ୍ତୋଷ କୁମାର ମହାପାତ୍ର

ମେ ୧୯ରେ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ୨ ହଜାର ଟଙ୍କିଆ ନୋଟ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି। ଏ ପଦକ୍ଷେପ କାହିଁକି ନିଆଗଲା ବୋଲି ଲୋକମାନେ ହଠାତ୍ ବୁଝିପାରିଲେ ନାହିଁ। ଗଣମାଧ୍ୟମରେ ଦ୍ୱନ୍ଦ୍ୱ ଦେଖାଦେଲା। କିଛି ଖବରକାଗଜରେ ପ୍ରକାଶ ପାଇଲା ଯେ ୨୦୦୦ ଟଙ୍କିଆ ନୋଟ ଅଚଳ କରାଗଲା ଏବଂ ଲୋକମାନେ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୨ ହଜାର ଟଙ୍କିଆ ନୋଟ ବ୍ୟାଙ୍କରେ ଜମା କରିପାରିବେ କିମ୍ବା ବଦଳାଇପାରିବେ। କିନ୍ତୁ ଆଉ କିଛି ଖବରକାଗଜରେ ପ୍ରକାଶ ପାଇଲା ଯେ ୨ ହଜାର ଟଙ୍କିଆ ବ୍ୟାନ୍ ବା ଅଚଳ ହୋଇନାହିଁ। ଏହାର ଲିଗାଲ ଟେଣ୍ଡର ବା ବୈଧତା ଏବେ ବି ଅଛି ଏବଂ ସେପ୍ଟେମ୍ବର ୩୦ ପରେ ମଧ୍ୟ ରହିବ। କିନ୍ତୁ ଏହା ଲୋକମାନଙ୍କୁ ବେଶି ଭ୍ରମରେ ପକାଇଲା।

ସେହି ସମୟରେ ରିଜର୍ଭ ବ୍ୟାଙ୍କ ମଧ୍ୟ ଠିକ୍ ତଥ୍ୟ ଦେଲାନି କି ସରକାର ଦେଲେନାହିଁ। କିନ୍ତୁ ବର୍ତ୍ତମାନ ରିଜର୍ଭ ବ୍ୟାଙ୍କ ତଥା ସରକାରଙ୍କ ତରଫରୁ କୁହାଯାଇଛି ଯେ ୨୦୦୦ ଟଙ୍କିଆ ନୋଟ ଅଚଳ ହୋଇନି ଏବଂ ୩୦ ସେପ୍ଟେମ୍ବର ୨୦୨୩ ପରେ ମଧ୍ୟ ଏହାର ଲିଗାଲ ଟେଣ୍ଡର ରହିବ। ୨୦୦୦ ଟଙ୍କିଆ ନୋଟ୍‌ର ଲିଗାଲ ଟେଣ୍ଡର ଅର୍ଥ ଏହାର ପୂର୍ବ ପରି ବିନିମୟ ମୂଲ୍ୟ ରହିବ। ଲିଗାଲ ଟେଣ୍ଡର ନ ରହିଲେ ଏହା ଏକ ମୂଲ୍ୟହୀନ କାଗଜ ଭାବେ ଗଣାଯିବ। କିନ୍ତୁ ଏଠାରେ ସ୍ୱତଃ ପ୍ରଶ୍ନ ଉଠେ, ଯଦି ସେପ୍ଟେମ୍ବର ୩୦ ପରେ ଲିଗାଲ ଟେଣ୍ଡର ରହିବ, ତେବେ ବ୍ୟାଙ୍କରେ ଜମା କରିବା ବା କାରବାରର ଏକ ନିର୍ଦ୍ଦିଷ୍ଟ ସୀମାରେଖା ରଖିବାର କ'ଣ ଆବଶ୍ୟକ ଥିଲା ? ରିଜର୍ଭ ବ୍ୟାଙ୍କ ନିଜ ତ୍ରୁଟିପୂର୍ଣ୍ଣ ସିଦ୍ଧାନ୍ତ ଘୋଡ଼ାଇବାକୁ ଚେଷ୍ଟା କରୁଛି କି ?

ରିଜର୍ଭ ବ୍ୟାଙ୍କ ତରଫରୁ କୁହାଯାଉଛି ଯେ ମୁଦ୍ରା ପରିଚାଳନା କାର୍ଯ୍ୟ ଭାବେ ରିଜର୍ଭ ବ୍ୟାଙ୍କ ଏହିପରି ନିର୍ଦ୍ଦିଷ୍ଟ ମୁଦ୍ରା ପ୍ରତ୍ୟାହାର କରିଥାଏ। ଏଣୁ ୨୦୦୦ ଟଙ୍କିଆ ନୋଟ ପ୍ରତ୍ୟାହାର କରୁଛି। ବାସ୍ତବରେ ମୁଦ୍ରା ପରିଚାଳନା ନୀତି ଅନୁସାରେ, ସରକାରଙ୍କ ଅନୁମତି ନେଇ ରିଜର୍ଭ ବ୍ୟାଙ୍କ ନାମାଙ୍କନ ଜିଡିପି ବୃଦ୍ଧି ଅନୁସାରେ ମୁଦ୍ରା ପ୍ରଚଳନ ପରିମାଣ ବୃଦ୍ଧି କରେ, କୌଣସି ମୁଦ୍ରାର ପ୍ରଚଳନ ପ୍ରତ୍ୟାହାର କରେ ବା ପ୍ରଚଳନ ପରିମାଣ ହ୍ରାସ କରେ। କିନ୍ତୁ ସମ୍ପୂର୍ଣ୍ଣ ଅଚଳ କରିପାରିବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଆକ୍ଟ ୧୯୩୪, ଧାରା ୨୪ ଅନୁଯାୟୀ କୌଣସି ମୂଲ୍ୟର ବ୍ୟାଙ୍କ ନୋଟ ଜାରି କରିବା କିମ୍ବା ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ରିଜର୍ଭ ବ୍ୟାଙ୍କର ପରିସର ନୁହେଁ, ବରଂ ଧାରା ୨୪ (୨) ଅନୁଯାୟୀ ଉକ୍ତ କ୍ଷମତା କେବଳ କେନ୍ଦ୍ର ସରକାରଙ୍କ ଉପରେ ନ୍ୟସ୍ତ। କେବଳ ୧୦ ଟଙ୍କା ପର୍ଯ୍ୟନ୍ତ ରିଜର୍ଭ ବ୍ୟାଙ୍କ ପ୍ରତ୍ୟାହାର କରିପାରିବ।

ରିଜର୍ଭ ବ୍ୟାଙ୍କ ପୁନଶ୍ଚ କହିଛି ଯେ, କ୍ଲିନ ନୋଟ ପଲିସି ଅନୁସାରେ ୨ହଜାର ଟଙ୍କିଆ ନୋଟ ସର୍କୁଲେଶନକୁ ବନ୍ଦ କରାଯାଇଛି। ରିଜର୍ଭ ବ୍ୟାଙ୍କ କ୍ଲିନ ନୋଟ ପଲିସି ଅନୁସାରେ କେବଳ ଚିରା, ଫଟା, ଅପରିଷ୍କାର, ଜାଲ୍ ନୋଟ ବଜାରରୁ ଫେରାଇ ଆଣିବ। ୨୦୦୦ ଟଙ୍କିଆ ନୋଟ ସବୁ ନୁହେଁ।



୨୦୧୬ ନଭେମ୍ବର ୮ ରେ ୧୦୦୦ ଓ ୫୦୦ ଟଙ୍କିଆ ନୋଟ ଅଚଳ କରାଯିବା ପରେ ୨୦୦୦ ଟଙ୍କିଆ ନୋଟ ନୂତନ ଭାବେ ପ୍ରଚଳନ ହୋଇଥିଲା। ସୂଚନାଯୋଗ୍ୟ, ଆରବିଆଇର ବାର୍ଷିକ ରିପୋର୍ଟ ଅନୁଯାୟୀ, ୨୦୨୧-୨୨ରେ ୨ହଜାର ଟଙ୍କିଆ ନୋଟ ଗୋଟିଏ ବି ଛପା ଯାଇ ନାହିଁ। ମାର୍ଚ୍ଚ ୩୧, ୨୦୧୮ ସମୟରେ ଏହାର ପରିମାଣ ୬.୭୨ ଲକ୍ଷ କୋଟି ଟଙ୍କା ଥିଲା ; ଯାହା ମୋଟ ପ୍ରଚଳିତ ମୁଦ୍ରାର ୩୭.୩% ଥିଲା। କିନ୍ତୁ ମାର୍ଚ୍ଚ ୩୧, ୨୦୨୩ ସୁଦ୍ଧା ଏହାର ପରିମାଣ ୩.୬୨ ଲକ୍ଷ କୋଟି ଟଙ୍କା, ଯାହା ମୋଟ ପ୍ରଚଳିତ ମୁଦ୍ରାର ୧୦.୮%। ପୁନଶ୍ଚ ୨୦୦୦ ଟଙ୍କିଆ ନୋଟ ଆଦୌ ଖରାପ ହୋଇନାହିଁ, ଯାହାର ପ୍ରତ୍ୟାହାର ଆବଶ୍ୟକ ନ ଥିଲା।

୨୦୧୬ ବିମୁଦ୍ରୀକରଣ ସମୟରେ କୁହାଯାଇଥିଲା ଯେ,ଏହି ଛୋଟ ନୋଟଗୁଡ଼ିକର ସ୍ଥାନ ୨ହଜାର ଟଙ୍କା ନେବ। କିନ୍ତୁ ବର୍ତ୍ତମାନ ୨୦୦୦ ଟଙ୍କିଆ ପ୍ରତ୍ୟାହାର କରିବା ସୂଚାଉଛି ଯେ ସରକାରଙ୍କ ସିଦ୍ଧାନ୍ତରେ ଘନ ଘନ ପରିବର୍ତ୍ତନ ଘଟୁଛି ; ଯାହା ପାଇଁ ଲୋକଙ୍କ ଆସ୍ଥା, ବିଶ୍ୱାସ ତୁଟି ଯାଉଛି। ଏହା କେବଳ କଳାଧନ ରଖିଥିବା ଲୋକମାନଙ୍କ ଲାଗି ସହାୟକ ହେବ। ଏହି ଟଙ୍କା ମହଜୁଦକାରୀମାନେ ଯେଭଳି ସୁବିଧାରେ ନୋଟ ବଦଳାଇପାରିବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି ବୋଲି କହିଲେ କିଛି ଭୁଲ୍ ହେବନାହିଁ।

ବାସ୍ତବରେ ୨୦୧୬ ନଭେମ୍ବର ୮ର ବିମୁଦ୍ରୀକରଣ ବଡ଼ଧରଣର ଥିଲା ଏବଂ ହଠାତ୍ କାର୍ଯ୍ୟକାରୀ କରାଗଲା ବେଳେ ବର୍ତ୍ତମାନ ଧୀରେ ଧୀରେ କରାଯାଉଅଛି। ସେତେବେଳେ ଅଚଳ ହୋଇଥିବା ୨୦୦୦ ଓ ୫୦୦ ଟଙ୍କିଆ ନୋଟ ପରିମାଣ ପ୍ରଚଳିତ ମୁଦ୍ରାର ୮୬%ଥିଲା। ସେତେବେଳେ ରିଜର୍ଭ ବ୍ୟାଙ୍କର ବିନା ପରାମର୍ଶରେ ସରକାର ବିମୁଦ୍ରୀକରଣ ଘୋଷଣା କଲେ। ଲୋକମାନେ ଅତ୍ୟନ୍ତ ହଇରାଣ ହେଲେ। ସବୁ କଳାଟଙ୍କା ବ୍ୟାଙ୍କରେ ଜମା ହୋଇ ଧଳା ହୋଇଗଲା। ବିମୁଦ୍ରୀକରଣର ଗୋଟିଏ ବି ଲକ୍ଷ୍ୟ ପୂରଣ ହେଲାନାହିଁ, ବରଂ ଦୁର୍ନୀତି, କଳାଟଙ୍କା, ଜାଲ୍‌ନୋଟ, ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଏବଂ ଜିଡିପି ଅନୁସାରେ ନଗଦ ମୁଦ୍ରା ପ୍ରଚଳନ ବୃଦ୍ଧି ପାଇଛି।

କିନ୍ତୁ ଏଥର ରିଜର୍ଭ ବ୍ୟାଙ୍କ ନିଜ ପରିସୀମା ଅତିକ୍ରମ କରି ୨୦୦୦ ଟଙ୍କିଆ ଅଚଳ କରିଛି। କିନ୍ତୁ ଯେତେବେଳେ ଏହା ହୃଦୟଙ୍ଗମ କଲା ଯେ ଏହା କେନ୍ଦ୍ର ସରକାରଙ୍କ କ୍ଷମତା ଅନ୍ତର୍ଭୁକ୍ତ ବା ଏକ ମୁଦ୍ରାକୁ ଅଚଳ କରିବା ବା ଲିଗାଲ ଟେଣ୍ଡର ପ୍ରତ୍ୟାହାର କରିବା କେବଳ କେନ୍ଦ୍ର ସରକାରଙ୍କ କ୍ଷମତାର ପରିସର, ସେତେବେଳେ ସେପ୍ଟେମ୍ବର ୩୦ ପରେ ଲିଗାଲ ଟେଣ୍ଡର ରହିବ ବୋଲି କୁହାଗଲା।

**ମୋ: ୯୪୩୭୨୦୮୭୬୨**

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | | 8 | | |
| | | | | | 7 | | 3 | |
| 7 | 9 | 4 | | | 8 | | | |
| | | | 8 | 6 | | 4 | | |
| 6 | | 7 | | | | | | |
| | | | | 4 | 2 | | | |
| | | | | | 5 | | | 1 |
| 3 | | | | 7 | | | | |
| 2 | 6 | | 4 | 3 | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 9 | 4 | 6 | 5 | 2 | 8 | 7 |
| 5 | 4 | 8 | 2 | 7 | 1 | 3 | 9 | 6 |
| 2 | 6 | 7 | 9 | 3 | 8 | 4 | 1 | 5 |
| 4 | 8 | 1 | 6 | 9 | 2 | 5 | 7 | 3 |
| 7 | 9 | 2 | 1 | 5 | 3 | 6 | 4 | 8 |
| 3 | 5 | 6 | 8 | 4 | 7 | 1 | 2 | 9 |
| 6 | 1 | 3 | 7 | 2 | 9 | 8 | 5 | 4 |
| 9 | 2 | 5 | 3 | 8 | 4 | 7 | 6 | 1 |
| 8 | 7 | 4 | 5 | 1 | 6 | 9 | 3 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କାମରେ ଆସୁନି ଜଳଛତ୍ର

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଚଳିତବର୍ଷ ଜଳଛତ୍ର ଖୋଲାଯାଇଛି। ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖ ତଥା ଆଖପାଖରେ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ପାଇଁ ଜଳଛତ୍ର ଖୋଲା ଯାଇଥିଲେ ମଧ୍ୟ ତାହାର ଉଦ୍ଦେଶ୍ୟ ସାଧିତ ହେଉ ନାହିଁ। ସେହି ଅନୁସାରେ ସତ୍ୟବାଦୀ ବ୍ଲକ ଅଧିନସ୍ଥ ୨୪ଟି ପଞ୍ଚାୟତରେ ଜଳଛତ୍ର ସ୍ଥାନରେ ମାଠିଆରେ ପାଣି ରଖାଯିବା ସହ ତା' ଉପରେ ଛାମୁଣ୍ଡିଆ ତିଆରି କରାଯାଇଛି। ଦୈନିକ ପାଣି ଯୋଗାଇବା ପାଇଁ ଜଣେ ବ୍ୟକ୍ତିଙ୍କୁ ପାରିଶ୍ରମିକ ଦିଆଯାଇ ଏହାର ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଅଂଶୁଘାତରୁ ରକ୍ଷାପାଇବା ପାଇଁ ଜନଗହଳିପୂର୍ଣ୍ଣ ସ୍ଥାନ, ହାଟ, ବଜାର, ରାସ୍ତାପାର୍ଶ୍ୱରେ ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଧିକାଂଶ ସ୍ଥାନରେ ମାଠିଆରେ ମନଇଚ୍ଛା ଦୂଷିତ ପାଣି ଭର୍ତ୍ତି କରାଯାଉଥିବା ଦେଖାଯାଉଛି। ଅଧିକାଂଶ ପଞ୍ଚାୟତରେ ସରପଞ୍ଚ ବରଫ ମିଶାଇ ବାଟୋଇଙ୍କୁ ପାଣି ଦେଉଛନ୍ତି ବୋଲି ଫଟୋଉଠାଇ ପ୍ରଚାର କରିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। କିନ୍ତୁ ବାସ୍ତବରେ ଜଳଛତ୍ରଗୁଡ଼ିକ କାର୍ଯ୍ୟରେ ଆସୁନାହିଁ ବୋଲି ସାଧାରଣରେ ଲିଖିତ ଅଭିଯୋଗ ହେଉଛି। ଯଦି ଜିଲା ପ୍ରଶାସନ ପକ୍ଷରୁ ଅଚାନକ ପରିଦର୍ଶନ କରାଯାଆନ୍ତା ତେବେ ଜଳଛତ୍ରର ପ୍ରକୃତ ରହସ୍ୟ ଉନ୍ମୋଚନ ହୋଇପାରନ୍ତା।

**-ଦେବତିକ୍ତ ମିଶ୍ର, ସାମ୍ବାଦିକ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାସୀ, ପୁରୀ**


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମରଣ ଆସଇ ଲୁଚି ଚରଣ ଚଳାଇ ଧୀରେ
ଫୁଙ୍କିଯାଏ ଜୀବନର ଦୀପ
ନ ଦେଖାଇ ରୂପ ତା'ର ନ ଜଣାଇ ଆଗମନ
ନ ଶୁଣାଇ କାହିଁ ପାଦ ଟିପ !
(ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବିଜ୍ଞାନରେ ୮୬.୩୩, ବାଣିଜ୍ୟରେ ୭୩.୯୧% କୃତକାର୍ଯ୍ୟ



**ଅନୁଗୋଳ ଅଫିସ, ୩୧।୫**

■ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ଫଳ
■ସ୍ୱାତି, ସ୍ମୃତି ରଞ୍ଜନ ଜିଲା ଟପ୍ପର

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଅନୁଗୋଳ ଜିଲାରେ ଏଥର ବିଜ୍ଞାନରେ ୮୬.୩୩ ପ୍ରତିଶତ ଛାତ୍ରୀଛାତ୍ର ପାସ କରିଥିଲାବେଳେ ବାଣିଜ୍ୟରେ ପାସ୍‌ହାର ୭୩.୯୧ ପ୍ରତିଶତ ରହିଛି। ଅନୁଗୋଳ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଛାତ୍ରୀ ସ୍ୱାତିସାଗରିକା ଆଚାର୍ଯ୍ୟ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ସମୁଦାୟ ୬୦୦ରୁ ୫୭୧ ନମ୍ବର ରଖିଛନ୍ତି। ସେହିଭଳି ଯୁକ୍ତ ୨ ବାଣିଜ୍ୟ ବିଭାଗରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟର ଛାତ୍ର ସ୍ମୃତି ରଞ୍ଜନ ସାହୁ ୬୦୦ରୁ ୫୨୯ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଚଳିତବର୍ଷ ଛାତ୍ରଙ୍କ ତୁଳନାରେ ଛାତ୍ରୀ ଆଗରେ ରହିଥିବା ଜଣାପଡ଼ିଛି।

ଅନୁଗୋଳ ଜିଲାରେ ଯୁକ୍ତ ୨ ପରୀକ୍ଷା ଦେବା ପାଇଁ ୨୯୭୪ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ। ହେଲେ ସେମାନଙ୍କ ମଧ୍ୟରୁ ୨୯୫୭ ଜଣ ପରୀକ୍ଷା ଦେଇଥିଲେ। ସେଥିରୁ ୨୫୫୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ କରିଥିବା ଛାତ୍ରୀଛାତ୍ରଙ୍କ ଭିତରୁ ୧୧୭୮ ଜଣ ପ୍ରଥମ ଶ୍ରେଣୀରେ, ୮୫୨ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୫୧୯ ଜଣ ତୃତୀୟ ଶ୍ରେଣୀ ହାସଲ କରିଛନ୍ତି। ବାଣିଜ୍ୟରେ ୪୨୩ ଜଣ ଫର୍ମ ପୂରଣ କରିଥିଲାବେଳେ ୪୧୪ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ଭିତରୁ ୩୦୬ ଜଣ ପାସ କରିଛନ୍ତି। ୭୫ ଜଣ ପ୍ରଥମ ଶ୍ରେଣୀ, ୬୬ ଜଣ ଦ୍ୱିତୀୟ ଶ୍ରେଣୀ ଓ ୧୬୩ ଜଣ ତୃତୀୟ ଶ୍ରେଣୀ ପାଇଛନ୍ତି। ଅନୁଗୋଳ ସରକାରୀ ଯୁକ୍ତ ୨ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନରେ ୩୧୨ ଜଣ ପରୀକ୍ଷା ଦେଇଥିବାବେଳେ ୨୮୨ ଜଣ ପାସ୍ କରିଛନ୍ତି। ବିଦ୍ୟାଳୟର ପାସ୍ ହାର ୯୦.୩୮ ପ୍ରତିଶତ ରହିଛି। ୨୯ ଜଣ ପରୀକ୍ଷାର୍ଥୀ ଫେଲ ହୋଇଥିବାବେଳେ ଜଣଙ୍କର ପରୀକ୍ଷାଫଳ ଆସିନାହିଁ। ପ୍ରଥମ ଶ୍ରେଣୀରେ ୧୮୩ ଜଣ, ଦ୍ୱିତୀୟ ଶ୍ରେଣୀରେ ୭୬ ଓ ୨୩ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସ୍ୱାତୀ ସାଗରିକା ଆଚାର୍ଯ୍ୟ ୫୭୧ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ମନୀଷ କୁମାର ୫୬୦ ନମ୍ବର ରଖି ଦ୍ୱିତୀୟ ଓ ରାମ ନାରାୟଣ ମହାପାତ୍ର ୫୪୧ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ଅନୁଗୋଳ କଲେଜର ଯୁକ୍ତ ୨ ବାଣିଜ୍ୟ ବିଭାଗରେ ୨୧୫ ଜଣ ପରୀକ୍ଷା ଦେଇଥିବାବେଳେ ୧୨୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ପାସ୍ ହାର ୫୬.୭୪ ପ୍ରତିଶତ ରହିଛି। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୦ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଥିବାବେଳେ ୨୮ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ତୃତୀୟ ଶ୍ରେଣୀରେ ୪୪ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ୮୭ ଜଣ ପରୀକ୍ଷାର୍ଥୀ ଫେଲ୍ ହୋଇଥିବାବେଳେ ଜଣେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରି ଧରାପଡ଼ିଥିଲେ। ୫ ଜଣ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ଆସିନାହିଁ। ସେମାନଙ୍କ ମଧ୍ୟରୁ ସ୍ମୃତି ରଞ୍ଜନ ସାହୁ ୫୨୯ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଅନୁରକ୍ତା ଦାସ ୫୧୭ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଶାଶ୍ୱତ ମିଶ୍ର ୫୦୨ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି।

## ସଫ୍ଟୱେର ଇଞ୍ଜିନିୟର ହେବି



ପରୀକ୍ଷା ପୂର୍ବରୁ ବିନା ଚାପରେ ପ୍ରସ୍ତୁତି କରିଥିଲି। ପରିଶ୍ରମ କରିଥିବାରୁ ଭଲ ଫଳ ମିଳିଛି। ଏହି ସଫଳତାର ଶ୍ରେୟ ମା, ବାପା, ଗୁରଜନଙ୍କୁ ଦେଉଛି। ଗୁରୁଜନଙ୍କୁ ସମ୍ମାନ ଦେଲେ ସେମାନଙ୍କ ଆଶୀର୍ବାଦ ରହିବ। ଆଗାମୀ ଦିନରେ ସଫ୍ଟୱେର ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛି।

-ସ୍ୱାତି ସାଗରିକା ଆଚାର୍ଯ୍ୟ

## ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବି



କ୍ଲାସରେ ପଢ଼ାଯାଉଥିବା ପାଠ ଭଲ ଭାବରେ ବୁଝିବା ସହ ଟ୍ୟୁଶନ୍‌ରେ ଦ୍ୱନ୍ଦ ଦୂର କରିଥାଏ। ଏହି ସଫଳତାର ଶ୍ରେୟ ଭଗବାନ, ବାପା ସତ୍ୟାନନ୍ଦ ସାହୁ, ମା ମଞ୍ଜୁଲତା ସାହୁ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ସାଙ୍ଗମାନଙ୍କୁ ଦେବି। ସେମାନଙ୍କ ସହଯୋଗ ମିଳି ନ ଥିଲେ, ଏହି ସଫଳତା ପାଇପାରି ନ ଥାନ୍ତି। ଭବିଷ୍ୟତରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ ରଖିଛି।

-ସ୍ମୃତି ରଞ୍ଜନ ସାହୁ

# ୩୭ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

**ତାଳଚେର, ୩୧।୫ (ନି.ପ୍ର.)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ତାଳଚେର ଗଡ଼ତଳ ହାୟର ସେକେଣ୍ଡାରି ସ୍କୁଲ ଶତପ୍ରତିଶତ ରେଜଲ୍ଟ କରିଛି। ସ୍କୁଲର ୯୯ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିବା ବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୭ ଜଣ ପ୍ରଥମ ଶ୍ରେଣୀ, ୩୫ ଜଣ ଦ୍ୱିତୀୟ ଶ୍ରେଣୀ ଓ ୨୭ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସ୍କୁଲର ଛାତ୍ର ଶିବାଶିଷ ମହାନ୍ତି ସର୍ବାଧିକ ୪୯୭ ମାର୍କ (୮୨.୮୩%) ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଛାତ୍ରୀ ଅର୍ପିତା ବେହେରା ୪୫୮ ମାର୍କ (୭୬.୩୩%) ରଖି ଦ୍ୱିତୀୟ ସ୍ଥାନରେ ଥିବାବେଳେ ଛାତ୍ର ବବୁଲ ସାହୁ ୪୫୦ ମାର୍କ (୭୫%) ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।



ଶିବାଶିଷ ମହାନ୍ତି



ଅର୍ପିତା ବେହେରା



ବବୁଲ ସାହୁ

# ବିକାଶ ଉପରେ ଗୁରୁତ୍ୱ ଦିଆଯିବ



ନୂତନ ଅଧ୍ୟକ୍ଷଙ୍କୁ କଲେଜ ତରଫରୁ ସ୍ୱାଗତ କରାଯାଉଛି।

**ବଇଣ୍ଡା, ୩୧।୫ (ଡି.ଏନ.ଏ.)**

ଗୁଣାତ୍ମକ ଶିକ୍ଷାର ବିକାଶ ହେଲେ ମହାବିଦ୍ୟାଳୟର ନାମ ସ୍ୱତନ୍ତ୍ର ଭାବେ ପରିଚିତ ହେବ। ତେଣୁ କଲେଜର ବିକାଶ ଉପରେ ସର୍ବଦା ଅଧିକ ଗୁରୁତ୍ୱ ଦିଆଯିବ। ବୁଧବାର କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବା ଅବସରରେ ଏହା କହିଛନ୍ତି ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ। ଅବସର ନେଇଥିବା ଅଧ୍ୟକ୍ଷ ସିଦ୍ଧାର୍ଥ ପଣ୍ଡା ନୂତନ ଅଧ୍ୟକ୍ଷ ପ୍ରଧାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ନୂତନ ଅଧ୍ୟକ୍ଷଙ୍କୁ ମହାବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। କଲେଜରେ ଥିବା ସମସ୍ତ ସମସ୍ୟାର କିପରି ସମାଧାନ ହୋଇପାରିବ ଓ ବିକାଶ କରାଯିବ ସେ ନେଇ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକଙ୍କ ସହଯୋଗ ଲୋଡ଼ା ବୋଲି ଦାୟିତ୍ୱଗ୍ରହଣ ଅବସରରେ ନୂତନ ଅଧ୍ୟକ୍ଷ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଅସିତ ଜେନା, ଚନ୍ଦ୍ର ଶେଖର ସିଂ, ଶୁଭ୍ରଶଶୀ ପ୍ରଧାନ, ସୁମିତ୍ରା ସ୍ୱାଇଁ, ସନ୍ଧ୍ୟାରାଣୀ ରାଉଳ, ଆଦିମାତା ପ୍ରଧାନ, ତରଣୀ ସେନ ସାହୁ, ସୂର୍ଯ୍ୟକାନ୍ତ ସାହୁ, ମଳୟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

# ଅନନ୍ତ ଡିଏଭିର ଶତ ପ୍ରତିଶତ ସଫଳତା

**ତାଳଚେର, ୩୧।୫ (ନି.ପ୍ର.)**

ଯୁକ୍ତ ୨ ବିଜ୍ଞାନରେ ଶତପ୍ରତିଶତ ସଫଳତା ହାସଲ କରିଛି ତାଳଚେର ମହାନଦୀ କୋଲ୍ ଫିଲ୍ଡସ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଅନନ୍ତ ବିହାରର ଠାରେ ଥିବା ଡିଏଭି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ। ବିଦ୍ୟାଳୟର ୭୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତେ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୩୩ ଜଣ ପ୍ରଥମ ଶ୍ରେଣୀରେ, ୩୪ ଦ୍ୱିତୀୟ ଶ୍ରେଣୀରେ ଏବଂ ୪ ଜଣ ଛାତ୍ରୀଛାତ୍ର ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ମଧୁସ୍ମିତା ବେହେରା ୫୨୩ (୮୭.୧୭ %) ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଛାତ୍ରୀ ଅଙ୍କିତା ବିଶାଳ ୪୮୨ (୮୦.୩୩ %) ନମ୍ବର ରଖି ଦ୍ୱିତୀୟ ଓ ଛାତ୍ର ରାହୁଲ ବେହେରା ୪୭୬ (୭୯.୩୩ %) ନମ୍ବର ରଖି ତୃତୀୟ ସ୍ଥାନ ଲାଭ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତାରେ ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତି ମିଶ୍ର ଖୁସି ବ୍ୟକ୍ତ କରିବା ସହିତ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେ ଏହି ସଫଳତାର ଶ୍ରେୟ ଛାତ୍ରୀଛାତ୍ରୀମାନଙ୍କ କଠିନ ପରିଶ୍ରମ, ଅଭିଭାବକଗଣଙ୍କ ସମୟୋପଯୋଗୀ ସହଯୋଗ ତଥା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିଷ୍ଠାପର ଦିଗ୍‌ଦର୍ଶନ ଦ୍ୱାରା ସମ୍ଭବ ହୋଇଥିବା ପ୍ରକାଶ କରିଛନ୍ତି।



ମଧୁସ୍ମିତା ବେହେରା



ଅଙ୍କିତା ବିଶାଳ



ରାହୁଲ ବେହେରା


## ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦ, ନୂଆଦିଲ୍ଲୀ

ବିଜ୍ଞାପନ ସଂ. ଆଇସିଏମ୍‌ଆର୍/ଡିଆଇଆର୍/୦୧/୨୦୨୩-ପିଇଆର୍‌ଏସ୍.

### ବୈଜ୍ଞାନିକ ପଦବୀଗୁଡ଼ିକ ନିମନ୍ତେ ନିଯୁକ୍ତି ବିଜ୍ଞପ୍ତି

**ଆବେଦନ ପ୍ରାପ୍ତିର ଶେଷ ତାରିଖ: ୨୯।୦୬।୨୦୨୩**

ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦ (ଆଇସିଏମ୍‌ଆର୍), ସ୍ୱାସ୍ଥ୍ୟ ଗବେଷଣା ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂସ୍ଥା ପ୍ରତ୍ୟକ୍ଷ ନିଯୁକ୍ତି ଅଧୀନରେ ନିୟମିତ ଭିତ୍ତିରେ ନିଯୁକ୍ତି ଲାଗି ବେତନ ମ୍ୟାଟ୍ରିକ୍ସର ସ୍ତର ୧୪ (ଟ.୧,୪୪,୨୦୦-୨,୧୮,୨୦୦) (୭ମ ସିପିସି ସ୍କେଲ) ତଥା ଆଇସିଏମ୍‌ଆର୍ କର୍ମଚାରୀଙ୍କ ପାଇଁ ଅନୁମତିଯୋଗ୍ୟ ସ୍ୱାଭାବିକ ଭତ୍ତାରେ ଆଇସିଏମ୍‌ଆର୍‌ର ବିଭିନ୍ନ ଅନୁଷ୍ଠାନ/କେନ୍ଦ୍ରଗୁଡ଼ିକରେ ନିମ୍ନଲିଖିତ ପାଞ୍ଚଗୋଟି ନିର୍ଦ୍ଦେଶକ ପଦବୀ ନିମନ୍ତେ ୨୯ ଜୁନ୍, ୨୦୨୩ ଅପରାହ୍ନ ୫.୩୦ ଘଟିକା ସୁଦ୍ଧା ଅନ୍‌ଲାଇନ୍ ଆବେଦନ(ଗୁଡ଼ିକ) ଆହ୍ୱାନ କରୁଛି।

| କ୍ର.ସଂ. | ପଦବୀର ନାମ | ଅନୁଷ୍ଠାନ/କେନ୍ଦ୍ର |
|---|---|---|
| ୧. | ନିର୍ଦ୍ଦେଶକ | ଆଇସିଏମ୍‌ଆର୍- ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଅକ୍ୟୁପେସନାଲ୍ ହେଲ୍‌ଥ, ଅହମ୍ମଦାବାଦ (ଏନ୍‌ଆଇଓଏଚ୍) |
| ୨. | ନିର୍ଦ୍ଦେଶକ | ଆଇସିଏମ୍‌ଆର୍- ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର, ଗୋରଖପୁର (ଆର୍‌ଏମ୍‌ଆର୍‌ସିଜିକେପି) |
| ୩. | ନିର୍ଦ୍ଦେଶକ | ଆଇସିଏମ୍‌ଆର୍- ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର, ଡିବ୍ରୁଗଡ଼ (ଆର୍‌ଏମ୍‌ଆର୍‌ସିଡି) |
| ୪. | ନିର୍ଦ୍ଦେଶକ | ଆଇସିଏମ୍‌ଆର୍- ଭେକ୍ଟର କଣ୍ଟ୍ରୋଲ ରିସର୍ଚ୍ଚ ସେଣ୍ଟର, ପୁଡୁଚେରୀ (ଭିସିଆର୍‌ସି) |
| ୫. | ନିର୍ଦ୍ଦେଶକ | ଆଇସିଏମ୍‌ଆର୍- ନ୍ୟାଶନାଲ ଆନିମଲ୍ସ ରିସୋର୍ସ ଫାସିଲିଟି ଫର୍ ବାୟୋମେଡିକାଲ ରିସର୍ଚ୍ଚ, ହାଇଦ୍ରାବାଦ (ଏନ୍‌ଏଆର୍‌ଏଫ୍‌ବିଆର୍) |

ସବିଶେଷ ବିଜ୍ଞାପନ ପାଇଁ, ଦୟାକରି ଆଇସିଏମ୍‌ଆର୍ ୱେବ୍‌ସାଇଟ୍ www.icmr.nic.in କିମ୍ବା https://recruit.icmr.org.in ପରିଦର୍ଶନ କରନ୍ତୁ।

CBC 17152/12/0008/2324 ସ୍ୱା./- ସହକାରୀ ମହାନିର୍ଦ୍ଦେଶକ (ପ୍ରଶାସନିକ)



## OFFICE OF THE PRINCIPAL
## UTKAL SANGEET MAHAVIDYALAYA

Lokaseva Marg, Unit-IV, Bhubaneswar - 751001
Email ID: principalusm@gmail.com,
Website: www.usmbbsr.in
Phone: 0674-2500182

No. 1434/USM Dated: 30.05.2023

### ADVERTISEMENT FOR EMPANELMENT OF GUEST FACULTIES, 2023-24

No. RR-06: Applications are invited from the eligible candidates for empanelment of the Guest Faculties (Guest Lecturers & Guest Asst. Lecturers), 2023-24 in respect of the existing following vacant posts of Utkal Sangeet Mahavidyalaya, Bhubaneswar, functioning under the Odia Language, Literature & Culture Deptt., Govt. of Odisha.

**Guest lecturer Posts:**
(1) Odissi Vocal - 01, (2) Hindustani Vocal - 01, (3) Chhow Dance - 01, (4) Drama (Stage Craft) - 01, (5) Drama (Direction) - 01, (6) English - 01, (7) M.I.L. (Odia) - 01 and (8) M.I.L. (Sanskrit) - 01.

**Guest Asst. Lecturer Posts:**
(1) Odissi Vocal - 01, (2) Odissi Pakhwaj - 01 and (3) Tabal - 03.

**Qualification:**
**Guest Lecturer:** Master's Degree (M.Mus/M.P.A./M.A.) in the relevant discipline/subject with secured of at least 55% of marks in the aggregate, from the recognised University/Educational Institution.
**Guest Asst. Lecturer:** Bachelor's Degree (B. Mus/ B.P.A.) in the relevant discipline/subject from the recognised Unviersity/Educational Institution.

Interested candidates are advised to see the notice from the Mahavidyalaya's Office Notice Board or may visit the Mahavidyalaya's Official Website i.e. **www.usmbbsr.in** for more details and shall submit by hand or send through Speed Post in the plain application along with requisite documents latest by **Dt.13.06.2023 (4.30 P.M.)** positively to the Office of the Principal, Utkal Sangeet Mahavidyalaya, Lokaseva Marg, Unit - IV, Bhubaneswar - 751001. The application received after due date shall not be taken into consideration.

The remuneration shall be paid to the Guest Faculties as per the approved rates in the Government in Odia Language, Literature & Culture Deptt., Odisha (Rs.500/- per Calss & Rs.400/- per Class for Guest Lecturer and Guest Asst. Lecturer respectively with a maximum monthly consolidated remuneration of Rs.25,000/- & Rs.16,000/- per month respectively).

The undersigned has reserved rights to reject any or all applications without assigning any reason thereof. The selection of the Screening Committee is final.

Sd/- (Dr. Bijaya Kumar Jena),
Principal
Utkal Sangeet Mahavidyalaya,
Bhubaneswar

OIPR-03011/11/0003/2324



## ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏନ୍‌ଆଇଟି/୧୪/୨୩/୨୩, ତାରିଖ: ୨୩।୦୫।୨୦୨୩

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ବନ୍ଦ/ ଖୋଲାଯିବାର ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୨୩୨୯୮୭ | କ୍ୟାସ୍‌ନବ ୨୨ ଏଚ୍‌ଏସ୍ ବଗିଗୁଡ଼ିକ ପାଇଁ ବୋଲଷ୍ଟର | ୦୫।୦୬।୨୦୨୩ ୧୦.୩୦ ଘଟିକା | ୫୬ ଗୋଟି |
| ୨ | ୦୮୨୩୫୧୬୮ବି | ଅପ୍‌ଥାଲ୍‌ମିକ୍ ଅପରେଟିଭ୍ ମାଇକ୍ରୋସ୍କୋପ୍ ମେଶିନ୍ | ୦୭।୦୬।୨୦୨୩ ୧୦.୩୦ ଘଟିକା | ୦୧ ଗୋଟି |
| ୩ | ୦୬୨୩୫୩୩୯ | ଇଆର୍‌ସି ଏମ୍‌କେ-III | ୦୮।୦୬।୨୦୨୩ ୧୦.୩୦ ଘଟିକା | ୨୮୪୪୬ ଗୋଟି |
| ୪ | ୦୮୨୩୨୦୩୧ | ହାଇଡ୍ରୋଲିକ୍ ଅଏଲ୍ | ୧୨।୦୬।୨୦୨୩ ୧୦.୩୦ ଘଟିକା | ୯୨୩୬୩ ଲିଟର |
| ୫ | ୦୪୨୩୧୪୦୩ | ଏଲ୍‌ଇଡି ଆଧାରିତ ଇନ୍ସପେକ୍ସନ୍ ମାଇନର୍ ଲ୍ୟାମ୍ପ | ୧୯।୦୬।୨୦୨୩ ୧୦.୩୦ ଘଟିକା | ୧୩୧୪ ଗୋଟି |
| ୬ | ୦୬୨୩୫୩୭୮ | ଇଲାଷ୍ଟିକ୍ ରେଲ୍ କ୍ଲିପ୍ | ୧୯।୦୬।୨୦୨୩ ୧୦.୩୦ ଘଟିକା | ୨୨୬୩୪ ଗୋଟି |
| ୭ | ୦୩୨୩୧୪୧୫ | ସେଫ୍‌ଟି ଷ୍ଟ୍ରାପ୍ | ୨୧।୦୬।୨୦୨୩ ୧୦.୩୦ ଘଟିକା | ୨୩୧୧୮ ଗୋଟି |
| ୮ | ୦୩୨୩୧୪୬୬ | ଡୋର୍ ହିଞ୍ଜ୍ ପିନ୍ | ୨୧।୦୬।୨୦୨୩ ୧୦.୩୦ ଘଟିକା | ୯୩୨୮୬ ଗୋଟି |
| ୯ | ୦୩୨୩୧୫୨୨ | ଆଡାପ୍ଟର | ୨୧।୦୬।୨୦୨୩ ୧୦.୩୦ ଘଟିକା | ୨୪୩୯୮ ଗୋଟି |
| ୧୦ | ୦୨୨୩୧୭୪୪ | ଇପି ରିଲେ ଭାଲ୍‌ଭ ପାଇଁ କିଟ୍ | ୨୨।୦୬।୨୦୨୩ ୧୦.୩୦ ଘଟିକା | ୨୦୩ ସେଟ୍ |
| ୧୧ | ୪୨୩୧୧୮୯ | ହାର୍ଡ ଡ୍ରନ୍ ଷ୍ଟ୍ରାଣ୍ଡେଡ୍ କପର୍ କଣ୍ଡକ୍ଟର | ୨୨।୦୬।୨୦୨୩ ୧୦.୩୦ ଘଟିକା | ୪୯୦୦ କିଗ୍ରା |
| ୧୨ | ୦୩୨୩୨୯୦୭ | ଅକ୍ସିଲାରୀ ରିଜର୍ଭଏର୍ | ୧୪।୦୭।୨୦୨୩ ୧୦.୩୦ ଘଟିକା | ୧୦୪୬୩ ଗୋଟି |

ଟେଣ୍ଡର ପାଇଁ ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ। ଶୁଦ୍ଧିପତ୍ର ଏବଂ ବିକ୍ରେତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
ଦ.ପୂ.ମ. ରେଳପଥ, ବିଳାସପୁର

CPR/10/85



## DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA

Nayapalli, Bhubaneswar - 751012

No. E-143

**Advertisement Reference No.2463, dated 24.05.2023**

### TRAINING OF GOVERNMENT DOCTORS

Applications are invited as per the following criteria from interested and committed regular in service State Govt. MBBS doctors for 1 Year course of Post Graduate Diploma in Public Health Management for the year 2023-24. The candidates applying for the above courses must not have completed/ undergone any PG degree, Diploma course in any subject or any such similar course viz LSAS /EmOC / USG Training / Chemotherapy / Mental Health / ICU / CPS Diploma etc.

| Name of the Training | Duration | Training Organizing Institute. | Eligibility Criteria |
|---|---|---|---|
| PG Diploma in Public Health Management | 1 year | Indian Institute of Public Health, Bhubaneswar | Minimum 3 (Three) years of service completed and five years to retire as on 31st May'2023. |

All interested MBBS Doctors (OPSC confirmed) are requested to apply to the Director, SIHFW, Odisha, Nayapalli, Unit-8, Bhubaneswar-751012, through proper channel (CDM&PHO of the districts / Superintendent of Medical Colleges or respective authorities) in the prescribed format available on website **www.sihfwodisha.nic.in / www.nhmodisha.gov.in / www.health.odisha.gov.in / www.odisha.gov.in** through registered post, courier or in person. The application form can also be obtained from respective CDM&PHO office / Superintendent Govt. Medical Colleges. Last date for receipt of application is 26th June 2023. No application will be entertained after the last date. For further clarification Director, SIHFW, Odisha can be contacted in sihfwodisha@gmail.com, phone no - 0674-2394336.

Sd/-
Director, SIH&FW (Odisha),
Bhubaneswar.

OIPR-10003/11/0034/2324



## ଦ.ପୂ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍/ଇଏନ୍‌ଜିକି, ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେ-ଇଷ୍ଟ-୨୩-୨୪-୨୫, ତାରିଖ ୩୧।୦୫।୨୦୨୩।** କାର୍ଯ୍ୟର ନାମ: ସିନିୟର ଡିଇଏନ୍ (ପୂର୍ବ)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ଯେକୌଣସି କ୍ୱାରିରୁ ବିଡିଓ ସ୍ଥିତ ବାଲାଷ୍ଟ ଡିପୋରେ ୧୦୦୭୧ ସିୟୁଏମ୍ ବାଲାଷ୍ଟ ନିମନ୍ତେ ୫୦ ମିମି ଗେଜ୍‌ର ହାର୍ଡ ଷ୍ଟୋନ୍ ମେଶିନ୍ କ୍ରଶ୍‌ଡ ଟ୍ରାକ୍ ବାଲାଷ୍ଟର ଯୋଗାଣ, ଷ୍ଟାକିଂ ଏବଂ ଯେକୌଣସି ରେଳ ୱାଗନ୍‌ରେ ଲୋଡିଂ (୩ୟ କଲ୍)। ଟେଣ୍ଡର ମୂଲ୍ୟ: ₹୧,୪୮,୫୫,୨୨୮.୫୫; ଇଏମ୍‌ଡି: ₹୨,୨୪,୩୦୦/-। ଟେଣ୍ଡର ଫର୍ମ ମୂଲ୍ୟ: ₹୦। ଖୋଲାଯିବା ତାରିଖ: ତା୩୦।୦୬।୨୦୨୩ରିଖ। ଟେଣ୍ଡର http://www.ireps.gov.in ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପ୍‌ଲୋଡ୍ କରାଯିବା ଜରୁରୀ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ। (ପ୍ରାଧିକରଣ- ରେଳପଥ ପରିଷଦର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦) (PR-235)



## Office of District Manager
## ODISHA STATE CIVIL SUPPLIES CORPORATION LTD. (OSCSC)

Rayagada, Phone : 9438200057
District Web site : www.rayagada.nic.in

Tender No. **933** Date : **31.05.2023**

District Manager, Odisha State Civil Supplies Corporation Ltd., **Rayagada** invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of (i) **Level-I** Transport Contractor for transportation of foodgrains from FSD, FCI to RRCs (ii) **Handling** Contractor (Labour Works) for Handling of Foodgrains (Rice, Wheat) at the RRCs in the district of the State of Odisha for the biennial Year 2023-25. |
| 2 | Availability of bid document in the portal | From **01.06.2023** |
| 3 | Last Date / Time for receipt of bids in the portal | Dt.**15.06.2023** up to **5.30 P.M.** |
| 4 | Date/Time of Opening of Technical Bid | Dt.**16.06.2023** at **11.00 A.M.** |
| 5 | Name and address of the Officer Inviting Tender | District Manager, OSCSC Ltd., **Rayagada** |


Tender Documents and other details can be seen from the e-procurement portal www.oscsc.in , www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/-
District Manager,
OSCSC Ltd., Rayagada



# ୫ମ ପାଳିର ଚାରିବର୍ଷ ପୂର୍ତ୍ତି






# ଶାସନ ବ୍ୟବସ୍ଥାରେ ବଢ଼ିଛି ଜନ ଭାଗୀଦାରି

ଶାସନ ବ୍ୟବସ୍ଥାରେ ୫-ଟି ଏବଂ 'ମୋ ସରକାର' ପରି ଉପକ୍ରମ କିପରି ବିରାଟ ପରିବର୍ତ୍ତନର ସୂତ୍ରପାତ କରିପାରେ, ତାହା ଓଡ଼ିଶାର ପ୍ରଶାସନିକ ବ୍ୟବସ୍ଥାକୁ ଦେଖିଲେ ସହଜରେ ବାରି ହୋଇଯାଉଛି। ବ୍ୟବସ୍ଥାରେ ଜନ ଭାଗୀଦାରିକୁ ସୁନିଶ୍ଚିତ କରିପାରିବାରେ ହିଁ ସଫଳତା ମିଳେ। ସରକାର ସେତେବେଳେ ସଫଳ ହୁଅନ୍ତି ଯେତେବେଳେ ବ୍ୟବସ୍ଥା ଉପରେ ସାଧାରଣ ଲୋକେ ବିଶ୍ୱାସ ପ୍ରକଟ କରନ୍ତି। ନିଜର ପ୍ରତିଟି କାର୍ଯ୍ୟକ୍ରମରେ ଜନ ଭାଗୀଦାରିକୁ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ '୫-ଟି' ଏବଂ ପରେ ୨୦୧୯ ଅକ୍ଟୋବର ୨ରେ 'ମୋ ସରକାର'ର ଅୟମାରମ୍ଭ କରିଥିଲେ। ରାଜ୍ୟ ପ୍ରଶାସନକୁ ଶୃଙ୍ଖଳିତ, ଦୁର୍ନୀତିମୁକ୍ତ ତଥା ଲୋକାଭିମୁଖୀ କରିବା ପାଇଁ ଏହି ଦୁଇ କାର୍ଯ୍ୟକ୍ରମକୁ ଆପଣାଯାଇଥିବା ବେଳେ ଏହା ଫଳପ୍ରସୂ ମଧ୍ୟ ହୋଇଛି। ମୋଟାମୋଟି ଭାବେ କହିବାକୁ ଗଲେ ରାଜ୍ୟ ପ୍ରଶାସନର ଦୁଇଟି ପ୍ରମୁଖ ଅଙ୍ଗ ଏବଂ ମନ୍ତ୍ର ଭାବରେ 'ମୋ ସରକାର' ଏବଂ '୫-ଟି' କାର୍ଯ୍ୟ କରୁଛି। ୫-ଟି ଉପକ୍ରମକୁ ଅନୁକରଣ କରି ରାଜ୍ୟ ପ୍ରଶାସନର କାର୍ଯ୍ୟକ୍ରମ ସଞ୍ଚାଳିତ ହେଉଥିବା ବେଳେ ମୋ ସରକାରର ଫିଡ୍‌ବ୍ୟାକ୍ ଆଧାରରେ ଭଲ କାମକୁ ପ୍ରଶଂସା ମିଳୁଛି। ଅବହେଳା କଲେ ଦଣ୍ଡବିଧାନ ହେଉଛି। ଗୋଟେ ପଟେ ମୋ ସରକାରକୁ ନେଇ ସାଧାରଣ ଲୋକେ ବେଶ୍ ଉତ୍ସାହ ଦେଖାଉଥିବା ବେଳେ ଲୋକଙ୍କ ମତାମତ ଆଧାରରେ ରାଜ୍ୟ ସରକାରଙ୍କ ପ୍ରତିଟି ବିଭାଗ ନିଜର କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଲୋକଙ୍କଠାରୁ ନିୟମିତ ମତାମତ (ଫିଡ୍‌ବ୍ୟାକ୍) ସଂଗ୍ରହ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇଛନ୍ତି। ଭଲ ଫିଡ୍‌ବ୍ୟାକ୍‌କୁ ଭିତ୍ତିକରି ଅଧିକାରୀମାନଙ୍କୁ ପ୍ରଶଂସାପତ୍ର ଓ ଅବହେଳା ପାଇଁ ଦଣ୍ଡ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ବିଭାଗରେ ଫିଡ୍‌ବ୍ୟାକ୍ ଭିତ୍ତିରେ ୬ ଜଣ ଓଏଏସ୍ ଅଧିକାରୀଙ୍କୁ ସମୟ ପୂର୍ବରୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବାବେଳେ ୩୨ ଜଣ ଓଏଏସ୍ ଅଧିକାରୀ ଓ ୧୪ ଜଣ ଓଆର୍‌ଏସ୍ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ୪ ଜଣ ଓଏଏସ୍ ଅଧିକାରୀଙ୍କୁ ବରଖାସ୍ତ କରାଯାଇଥିବା ବେଳେ ୧୧ ଜଣ ଓଏଏସ୍ ଅଧିକାରୀଙ୍କ ଗ୍ରାଚ୍ୟୁଇଟି ଓ ପେନ୍‌ସନ ବନ୍ଦ କରାଯାଇଛି। ସେହିପରି ୬୭ ଜଣ ଓଏଏସ୍ ଅଧିକାରୀ ଓ ୩୦ ଜଣ ଓଆର୍‌ଏସ୍ ଅଧିକାରୀଙ୍କ ବିରୋଧରେ ବିଭାଗୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଦଣ୍ଡ ସହ ପ୍ରୋତ୍ସାହନକୁ ବି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ସ୍ୱାସ୍ଥ୍ୟ ବିଭାଗର ୯୯ ପ୍ରତିଶତରୁ ଅଧିକ ଫିଡ୍‌ବ୍ୟାକ୍ ଅତି ଭଲ ଥିବାବେଳେ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି। ବିଭିନ୍ନ ବିଭାଗର ୨୭୦ରୁ ଊର୍ଦ୍ଧ୍ୱ ସେବା ଏବେ ମୋ ସରକାର ଅଧୀନରେ ଉପଲବ୍ଧ।

## '୫-ଟି' ରୂପାନ୍ତରଣରେ ବଦଳୁଛି ରୂପ




ସରକାରୀ ସ୍କୁଲରେ ପିଲାଙ୍କୁ ଉନ୍ନତମାନର ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଶିକ୍ଷା ଦେବା ଲାଗି ପ୍ରସ୍ତୁତ ହେଉଛି ସୁଦୃଢ଼ ଭିତ୍ତିଭୂମି। ଛାତ୍ରୀଛାତ୍ର ବହି ଓ କଳାପଟା ବଦଳରେ ଇ-କଣ୍ଟେଣ୍ଟ ଏବଂ ପ୍ରୋଜେକ୍ଟରେ ପାଠ ପଢୁଛନ୍ତି। ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ର ସ୍ମାର୍ଟ କ୍ଲାସ୍‌ରେ ପଢ଼ିବା ସହିତ ରୋବଟିକ୍ସ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଭଳି ଅତ୍ୟାଧୁନିକ ଜ୍ଞାନ ଆହରଣ କରୁଛନ୍ତି। ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରିକଳ୍ପନା ଏବେ ବାସ୍ତବ ରୂପ ନେଇଛି। ରାଜ୍ୟ ଶିକ୍ଷା ଭିତ୍ତିଭୂମିର ଆମୂଳଚୂଳ ପରିବର୍ତ୍ତନ ହେଉଛି। '୫-ଟି' ରୂପାନ୍ତରଣ ଯୋଜନା ହିଁ ବିଦ୍ୟାଳୟର ଚେହେରା ବଦଳାଇଛି। '୫-ଟି' ହାଇସ୍କୁଲ ଟ୍ରାନ୍ସଫର୍ମେଶନ ଅଧୀନରେ ୩ ପର୍ଯ୍ୟାୟରେ ରୂପାନ୍ତରିତ ହୋଇଥିବା ୬ ହଜାରରୁ ଅଧିକ ସ୍କୁଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିବାବେଳେ ଚତୁର୍ଥ ପର୍ଯ୍ୟାୟ ସ୍କୁଲ ରୂପାନ୍ତରଣ ଲାଗି ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ୨୦୨୪ ସୁଦ୍ଧା ରାଜ୍ୟର ସାଢେ ୮ହଜାର ସ୍କୁଲକୁ ରୂପାନ୍ତରଣ ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି। ରାଜ୍ୟ ସରକାରଙ୍କ '୫-ଟି' ଅଧୀନରେ ଏହି ରୂପାନ୍ତରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଥିବାବେଳେ '୫-ଟି' ସଚିବ ଭି.କେ. ପାଣ୍ଡିଆନ ଏହାର ତଦାରଖ କରୁଛନ୍ତି।

## ଫୋକସ୍‌ରେ ମାତୃଶକ୍ତି

ନବୀନ ପଟ୍ଟନାୟକଙ୍କ ସରକାରରେ ମା'ମାନଙ୍କୁ ଅଧିକ ଧ୍ୟାନ ଦିଆଯାଇଛି। ସେମାନଙ୍କୁ ଆତ୍ମ ନିର୍ଭରଶୀଳ କରିବା ସହ ରାଜ୍ୟ ପ୍ରଗତିରେ ସହଭାଗୀ କରିବାରେ ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ରହିଛି।

### ମହିଳାଙ୍କୁ ସମ୍ମାନ

- ନାରୀ ଶକ୍ତିର ଆନ୍ଦୋଳନ ଯୋଗୁ ୬ ଲକ୍ଷ ଏସ୍‌ଏଚ୍‌ଜି ଗଠନ ଏବଂ ୭୦ ଲକ୍ଷରୁ ଅଧିକ ମହିଳା ସଶକ୍ତ
- ୮ ବର୍ଷରେ ଆର୍ଥିକ ସହାୟତା ୧୮ ଗୁଣା ବୃଦ୍ଧି ପାଇ ୨୦୨୨-୨୩ରେ ଏସ୍‌ଏଚ୍‌ଜିଙ୍କୁ ୧୧ହଜାର କୋଟି ଟଙ୍କା ପ୍ରଦାନ
- ସହାୟତା ହାରାହାରି ଋଣ ପରିମାଣ ୧.୦୬ ଲକ୍ଷରୁ ୩.୦୧ ଲକ୍ଷକୁ ବୃଦ୍ଧି
- ବିନା ସୁଧରେ ୫ ଲକ୍ଷ ଟଙ୍କାର ଋଣ ପ୍ରଦାନ
- ଗତ ୪ ବର୍ଷରେ ୫୮୭ କୋଟି ଟଙ୍କା ସୁଧ ରିହାତି ପ୍ରଦାନ
- ୪ଲକ୍ଷରୁ ଅଧିକ ଏସ୍‌ଏଚ୍‌ଜିଙ୍କ ଆକାଉଣ୍ଟକୁ ଯାଇଛି ସୁଧ ରିହାତି
- ୨୦୨୨ରେ ୨୧୬ କୋଟି ଟଙ୍କା ସୁଧ ରିହାତି ଫେରସ୍ତ
- ଏସ୍‌ଏଚ୍‌ଜି ଋଣ କ୍ଷେତ୍ରରେ ଓଡ଼ିଶା ଦେଶର ସର୍ବନିମ୍ନ ଏନ୍‌ପିଏ ରାଜ୍ୟ
- ୧୧୦୩ ଗ୍ରାମପଞ୍ଚାୟତ ସମ୍ପୂର୍ଣ୍ଣ ଏନ୍‌ପିଏ ମୁକ୍ତ
- ଓଡ଼ିଶାର ୮୬.୫% ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟ

### ସମ୍ମାନରୁ ସୁରକ୍ଷା: ମିଶନ ଶକ୍ତି ମା'ଙ୍କ ନୂଆ ନାରା

- ଏସ୍‌ଏଚ୍‌ଜି ମହିଳାଙ୍କ ପାଇଁ ଗଠନ ହେବ ସ୍ୱତନ୍ତ୍ର ପାଣ୍ଠି
- ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଢାଞ୍ଚାରେ ଗଠନ ହେବ ପାଣ୍ଠି
- କୌଣସି ମହିଳା ରୋଗଗ୍ରସ୍ତ, ଦୁର୍ଘଟଣାଗ୍ରସ୍ତ ହେଲେ ମିଳିବ ସହାୟତା
- ପାଣ୍ଠିରୁ ମହିଳାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ
- ୩ରୁ ୪ମାସ ମଧ୍ୟରେ ଫଣ୍ଡ କାର୍ଯ୍ୟକାରୀ ହେବ

### ମା'ମାନଙ୍କୁ ଗୁରୁଦାୟିତ୍ୱ

- ମା'ଙ୍କୁ ବିଜ୍‌ନେସ୍ କରସ୍ପୋଣ୍ଡେଣ୍ଟ ଏଜେଣ୍ଟ ଦାୟିତ୍ୱ
- ବ୍ୟାଙ୍କିଙ୍ଗ ସେବା ନ ଥିବା ପଞ୍ଚାୟତରେ ମା' ଯୋଗାଉଛନ୍ତି ସେବା
- ୨,୩୧୮ ଜଣ ମା' ବିସିଏ ଭାବେ ନିଯୁକ୍ତ
- ୧,୧୫୯ କୋଟି ଟଙ୍କାର ବ୍ୟବସାୟ କରି ୩.୬୮ କୋଟି ଟଙ୍କା କମିଶନ ପ୍ରାପ୍ତ
- ୨୦ଟି ସରକାରୀ ବିଭାଗର ସହଭାଗିତାରେ ବ୍ୟବସାୟ
- ୪,୯୪୯.୧୪ କୋଟି ଟଙ୍କାର ବ୍ୟବସାୟ ଯୋଗାଇ ଦିଆଯାଇଛି
- ୧ ଲକ୍ଷରୁ ଅଧିକ ଗୋଷ୍ଠୀଙ୍କ ପାଇଁ ରୋଜଗାର ସୃଷ୍ଟି
- ୪ ବର୍ଷରେ ୧,୨୨୬ କୋଟି ଟଙ୍କା ଆୟ କରିଛନ୍ତି ଏସ୍‌ଏଚ୍‌ଜି

### ମା'ଙ୍କ ପ୍ରଗତିରେ କାଫେ

- ସୁସ୍ୱାଦୁ ଓ ଉତ୍ତମ ଖାଦ୍ୟ ଯୋଗାଉଛି ମିଶନ ଶକ୍ତି କାଫେ
- ୨୫ ଜିଲାରେ ଖୋଲିଛି ୧୦୨ ମିଶନ ଶକ୍ତି କାଫେ
- ପ୍ରତି କାଫେରେ ମାସିକ ହାରାହାରି ୫୦ହଜାର ଟଙ୍କାର ବ୍ୟବସାୟ
- ମା'ଙ୍କୁ ସ୍ୱାବଲମ୍ବୀ କରିଛି ମିଲେଟ ଶକ୍ତି କାଫେ
- ୧୧୪୭ଟି ମିଲେଟ ଉଦ୍ୟୋଗ ପ୍ରତିଷ୍ଠା
- ଏସ୍‌ଏଚ୍‌ଜି ନେଇଛନ୍ତି ପରିଚାଳନା ଦାୟିତ୍ୱ

### ମା' ସାଜିଛନ୍ତି ସଫଳ ଚାଷୀ

- ୭୩ଟି କ୍ଲଷ୍ଟର ଅନ୍ତର୍ଗତ ୧୭୦୦ ଉତ୍ପାଦକ ଗୋଷ୍ଠୀ ଗଠନ
- ୩୦ଟି ଉତ୍ପାଦକ କମ୍ପାନୀ ଗଠନ
- ୫୦, ୧୦୦ ଉତ୍ପାଦକ ଗୋଷ୍ଠୀ ସଦସ୍ୟା ପାଇଛନ୍ତି ରୋଜଗାର
- ୧୮,୫୩୫ ମେଟ୍ରିକ ଟନ୍ ପରିବା ଉତ୍ପାଦନ କରି ୬୭ କୋଟି ଟଙ୍କା ରୋଜଗାର
- ୨୦୨୨-୨୩ରେ ୧୩,୫୦୧ଟି ପଞ୍ଚାୟତ ପୋଖରୀରେ ମାଛ ଚାଷ
- ୧୩୯ କୋଟି ଟଙ୍କାର ବ୍ୟବସାୟ କରିଛନ୍ତି ଏସ୍‌ଏଚ୍‌ଜି
- ମା'ଙ୍କୁ ଦିଆଯାଉଛି ଦକ୍ଷତା ବିକାଶ ତାଲିମ
- ମିଳୁଛି କୃଷି ଉଦ୍ୟୋଗୀ, ଫ୍ୟାଶନ ଡିଜାଇନ, ବିୟୁଟିସିଆନ ଟ୍ରେନିଂ

### ମା'ଙ୍କ ପାଇଁ ହାତ ଖୋଲା

- ତୃଣମୂଳ ସ୍ତରରେ ଏସ୍‌ଏଚ୍‌ଜିଙ୍କୁ ସୁଦୃଢ଼ କରିବାକୁ ଗୁରୁତ୍ୱ
- ୩୦ ଜିଲାସ୍ତରୀୟ ମହାସଂଘ ପାଇଁ ୧କୋଟି ଲେଖାଏ ଆବଣ୍ଟନ ପାଣ୍ଠି
- ୩୩୮ ବ୍ଲକସ୍ତରୀୟ ମହାସଂଘ ପାଇଁ ୫୦ ଲକ୍ଷ ଲେଖାଏ ଆବଣ୍ଟନ ପାଣ୍ଠି
- ୬,୧୭୮ ପଞ୍ଚାୟତସ୍ତରୀୟ ସଂଘ ପାଇଁ ୧,୬୯୭ କୋଟି ଟଙ୍କାର କମ୍ୟୁନିଟି ପାଣ୍ଠି
- ମିଟିଂ ଓ ଗସ୍ତ ଖର୍ଚ୍ଚ ବାବଦକୁ ୨୧୭ କୋଟି ଟଙ୍କା
- ୭୦ ହଜାର କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ୟୁନିଫର୍ମ ଓ ସ୍ମାର୍ଟ ଫୋନ୍
- ୨୦୦ ବ୍ୟାଙ୍କ ମିତ୍ରଙ୍କୁ ଲାପଟପ୍ ବଣ୍ଟନ

### ଉନ୍ନତ ବଜାର ବ୍ୟବସ୍ଥା

- ୬,୬୬୨ ମିଶନ ଶକ୍ତି ଗୃହ ନିର୍ମାଣ
- ୧୨୭ ବ୍ଲକସ୍ତରୀୟ ମିଶନ ଶକ୍ତି ଭବନ ନିର୍ମାଣ
- ୨ଟି ଜିଲାସ୍ତରୀୟ ମିଶନ ଶକ୍ତି ଭବନ ନିର୍ମାଣ
- ୨୨ଟି ଜିଲାରେ ୧୧୯ ମିଶନ ଶକ୍ତି ବଜାର ନିର୍ମାଣାଧୀନ
- ଖୁବଶୀଘ୍ର ଖୋଲିବ ରାଜ୍ୟସ୍ତରୀୟ ମିଶନ ଶକ୍ତି ବଜାର

## ପ୍ରତ୍ୟେକ ଜୀବନ ମୂଲ୍ୟବାନ୍

ପ୍ରତ୍ୟେକ ଜୀବନ ମୂଲ୍ୟବାନ, ଚିକିତ୍ସା ଅଭାବରୁ କାହାର ଜୀବନ ଯିବନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏହି ଆହ୍ୱାନକୁ ସଫଳ କରିବା ଦିଗରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନେଇଥିବା ପଦକ୍ଷେପ ଆଜି ରାଜ୍ୟର ସ୍ୱାସ୍ଥ୍ୟ ସେବାରେ ରୂପାନ୍ତରଣକୁ ସୁନିଶ୍ଚିତ କରିଛି । ପରିଣାମ ସ୍ୱରୂପ 'ମୋ ସରକାର' କାର୍ଯ୍ୟକ୍ରମରେ ସଂଗୃହୀତ ମତାମତରୁ ୯୮% ସରକାରଙ୍କ ସ୍ୱାସ୍ଥ୍ୟ ସେବାରେ ସନ୍ତୁଷ୍ଟି ବ୍ୟକ୍ତ କରିଛନ୍ତି। ଆଜି ଚିକିତ୍ସା ପାଇଁ ସରକାରୀ ଡାକ୍ତରଖାନା ଉପରେ ନିର୍ଭରଶୀଳତା ଓ ବିଶ୍ୱସନୀୟତା ବଢ଼ିଛି । ସରକାରଙ୍କ ସହାୟତାରେ ୭୦୦ରୁ ଅଧିକ ଘରୋଇ ଡାକ୍ତରଖାନାରେ ୯୬.୫ ଲକ୍ଷ ପରିବାରର ୩.୩ କୋଟିରୁ ଊର୍ଦ୍ଧ୍ୱ ପରିବାର ବିନା ମୂଲ୍ୟରେ ସୁପର ସ୍ପେଶାଲିଟି ଚିକିତ୍ସା ପାଉଛନ୍ତି। ଏଥିପାଇଁ ସରକାର ୨୭୦୦ କୋଟିରୁ ଅଧିକ ଟଙ୍କା ବ୍ୟୟ କରୁଛନ୍ତି। ସେଥିପାଇଁ ଗରିବ ଲୋକଟିଏ ଆଉ ଜମି ବନ୍ଧକ ରଖିବା କିମ୍ବା ଗହଣା ବିକ୍ରି କରିବା ପାଇଁ ବାଧ୍ୟ ନୁହେଁ। ଛୋଟ ଡାକ୍ତରଖାନାରେ ଭିତ୍ତିଭୂମି ସୁଦୃଢ଼ ହେବାରୁ ଗୁଣାତ୍ମକ ଚିକିତ୍ସା ପାଇଁ ଆଉ ବଡ଼ ସହରକୁ ଧାଇଁବାକୁ ପଡୁ ନାହିଁ। କର୍କଟ ରୋଗୀଙ୍କ ପାଇଁ କେମୋ ଥେରାପି ହେଉ ଅବା କିଡ୍‌ନୀ ରୋଗୀଙ୍କ ଡାଏଲିସିସ୍ ପାଇଁ ଜିଲା ବାହାରକୁ ଯିବା ଜରୁରୀ ନୁହେଁ।



## ଜୀବନ ରକ୍ଷାକାରୀ ବିଏସ୍‌କେୱାଇ

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଭଳି ଅଭିନବ ପଦକ୍ଷେପ ହେଉ ଅବା ନୂଆ ମେଡିକାଲ କଲେଜ ସ୍ଥାପନଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସବ୍‌ସେଣ୍ଟର ଏହି ରୂପାନ୍ତରଣ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ତେବେ ଏସବୁ ପଦକ୍ଷେପ ମଧ୍ୟରୁ ୫-ଟି ଉପକ୍ରମ ଅଧୀନରେ ୭୫୦ କୋଟି ଟଙ୍କା ବିନିମୟରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଗୋଟିଏ ଲେଖାଏ ଆମ ହସ୍ପିଟାଲ ନିର୍ମାଣ କାର୍ଯ୍ୟକ୍ରମ ବେଶ୍ ବାରି ହୋଇ ପଡୁଛି । ଦୀର୍ଘ ସମୟ ପର୍ଯ୍ୟନ୍ତ ରାଜ୍ୟରେ ମାତ୍ର ୩ ମେଡିକାଲ୍ କଲେଜ ଉପରେ ପ୍ରବଳ ଚାପ ପଡୁଥିଲା । ହେଲେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପାଇଁ ପ୍ରତିବଦ୍ଧତା ହେତୁ ଓଡ଼ିଶା ସରକାର ଗତ ୬ ବର୍ଷ ମଧ୍ୟରେ ୮ଟି ନୂଆ ମେଡିକାଲ କଲେଜ ଓ ୨ଟି ପିଜି ପ୍ରତିଷ୍ଠାନ ସ୍ଥାପନ କରି ନୂଆ କୀର୍ତ୍ତିମାନ ସୃଷ୍ଟି କରିଛନ୍ତି। ୨୦୦୦ ମସିହାରେ ମାତ୍ର ୩୨୧ ଏମ୍‌ବିବିଏସ୍ ଡାକ୍ତର ଏବଂ ୨୫୬ ଜଣ ବିଶେଷଜ୍ଞ ଡାକ୍ତର ବାହାରୁଥିଲେ। ଆଜି ବର୍ଷକୁ ୨୨୦୦ ଏମ୍‌ବିବିଏସ୍ ଓ ୮୨୬ ଜଣ ବିଶେଷଜ୍ଞ ଡାକ୍ତର ବାହାରୁଛନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ସମସ୍ତ ଏମ୍‌ବିବିଏସ୍ ଡାକ୍ତର ପଦବୀ ପୂରଣ କରି ଓଡ଼ିଶା ଏକ ଡାକ୍ତର ବଳକା ରାଜ୍ୟରେ ପରିଣତ ହେବ। ୨୦୨୪ରେ ଯାଜପୁର ମେଡିକାଲ କଲେଜ ଓ ପରେ ଫୁଲବାଣୀ ଓ ତାଳଚେର ମେଡିକାଲ କଲେଜରେ ପାଠପଢ଼ା ଏବଂ ଚିକିତ୍ସା ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରହିଛି। ଏକ ବଡ଼ ପଦକ୍ଷେପ ସ୍ୱରୂପ ମୁଖ୍ୟମନ୍ତ୍ରୀ ସରକାରୀ ବିଦ୍ୟାଳୟରେ ପାଠ ପଢ଼ିଥିବା ପିଲାଙ୍କ ପାଇଁ ୧୫% ଏମ୍‌ବିବିଏସ୍ ଆସନ ସଂରକ୍ଷିତ କରିଛନ୍ତି। ଯଦ୍ୱାରା ଗତ ୨ ବର୍ଷରେ ସରକାରୀ ବିଦ୍ୟାଳୟରେ ପଢ଼ିଥିବା ୪୧୫ଜଣ ଛାତ୍ରୀଛାତ୍ର ସରକାରୀ ମେଡିକାଲ କଲେଜରେ ନାମ ଲେଖା ସୁଯୋଗ ପାଇଛନ୍ତି । ରାଜ୍ୟର ସବୁଠାରୁ ବୃହତ୍ ମେଡିକାଲ କଲେଜ ଏସ୍‌ସିବିର ପୁନଃବିକାଶ ପାଇଁ ସରକାର ୫୦୦ କୋଟି ଟଙ୍କା ବ୍ୟୟବରାଦରେ କାମ ଆରମ୍ଭ କରିଛନ୍ତି। କେବଳ ଭିତ୍ତିଭୂମି ନିର୍ମାଣ ନୁହେଁ, ଦକ୍ଷତା ବିକାଶକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି।



## ସ୍ୱତନ୍ତ୍ର ଉନ୍ନୟନ ପରିଷଦରେ ସାମିଲ ହେଲା ଆଉ ୧୪ ଜିଲା

ରାଜ୍ୟରେ ଜନଜାତିଙ୍କ ବିକାଶ ନିମନ୍ତେ ନିଜର ପ୍ରତିବଦ୍ଧତାକୁ ପୁଣିଥରେ ଦୋହରାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଅନୁସୂଚିତ ଜନଜାତିଙ୍କ କଳା, ସଂସ୍କୃତିର ସୁରକ୍ଷା ଓ ଉନ୍ନତି ନିମନ୍ତେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି)ରେ ଆଉ ୧୪ ଜିଲାକୁ ମୁଖ୍ୟମନ୍ତ୍ରୀ ସାମିଲ କରିଛନ୍ତି। ପୂର୍ବରୁ ଏସ୍‌ଡିସିରେ ୯ ଆଦିବାସୀ ବହୁଳ ଜିଲା ସାମିଲ ହୋଇଥିବାବେଳେ ନିକଟରେ ଆଉ ୧୪ଜିଲା ସାମିଲ ହୋଇଛି। ଏହା ସହିତ ଚଳିତ ଆର୍ଥିକ ବର୍ଷରେ ଏସ୍‌ଡିସି ଅଧୀନ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ମୁଖ୍ୟମନ୍ତ୍ରୀ ୨୨୩ କୋଟି ଟଙ୍କା ଅନୁଦାନ ଘୋଷଣା କରିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ଅର୍ଥ ବ୍ୟୟ କରାଯିବ ଏବଂ ରାଜ୍ୟର ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଜନଜାତି ଏହାଦ୍ୱାରା ଉପକୃତ ହେବେ। ୨୦୧୭-୧୮ ଆର୍ଥିକ ବର୍ଷରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ଦ୍ୱାରା ଜନଜାତି ବର୍ଗର ଅନନ୍ୟ ସଂସ୍କୃତିର ସୁରକ୍ଷା ଦିଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଏକମାତ୍ର ରାଜ୍ୟ ଭାବେ ପଦକ୍ଷେପ ନେଇଥିଲା। ଏଥିରେ ଜନଜାତି ଲୋକଙ୍କ ପବିତ୍ର ବୃକ୍ଷର ସଂରକ୍ଷଣ, ସଂସ୍କୃତି କ୍ଲବ୍ ଗଠନ, ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ଆଦି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବର୍ତ୍ତମାନ ସୁଦ୍ଧା ଏହି କାର୍ଯ୍ୟକ୍ରମରେ ୬୦ ହଜାରରୁ ଅଧିକ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ହୋଇଛି। ୪,୫୯୯ ଚିହ୍ନିତ ପବିତ୍ର ବୃକ୍ଷ ମଧ୍ୟରୁ ୪୪୯୬ଟି ବୃକ୍ଷର ସଂରକ୍ଷଣ କରାଯାଇଛି। ୨୧ଟି ଭାଷାରେ ଜନଜାତି ଦ୍ୱିଭାଷୀ ଅଭିଧାନ ଓ ତ୍ରିଭାଷୀ ପ୍ରୋଫିସିଏନ୍ସି ମୋଡ୍ୟୁଲ ପ୍ରସ୍ତୁତ କରାଯାଇ ୩୦ଟି ଜିଲାରେ ବଣ୍ଟନ କରାଯାଇଛି।

### ବିଏସ୍‌କେୱାଇ ହିତାଧିକାରୀଙ୍କ ମୁହଁରୁ...

#### କୌଣସି ବରଦାନ ଠାରୁ କମ୍ ନୁହେଁ

ମୋ ବଡ଼ ଭାଇ ଏକ ଦୁରାରୋଗ୍ୟ ବ୍ୟାଧିରେ ପୀଡିତ ହୋଇ ଗୁରୁତର ହୋଇପଡ଼ିଥିଲେ। ତାଙ୍କର ତୁରନ୍ତ ଅସ୍ତ୍ରୋପଚାର ଆବଶ୍ୟକ ଥିଲା। ଏଥିପାଇଁ ଲକ୍ଷାଧିକ ଟଙ୍କା ଯୋଗାଡ଼ କରିବା ଆମ ପକ୍ଷରେ ସମ୍ଭବ ନ ଥିଲା, କିନ୍ତୁ ବିଏସ୍‌କେୱାଇ ସ୍ୱାସ୍ଥ୍ୟ ମିତ୍ରଙ୍କ ପରାମର୍ଶ ଅନୁସାରେ ଭାଇକୁ ନେଇ ଭୁବନେଶ୍ୱରରେ ଥିବା ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ବିନା ମୂଲ୍ୟରେ ତାଙ୍କର ଅସ୍ତ୍ରୋପଚାର ହୋଇପାରିଲା । ଯଦି ବିଏସ୍‌କେୱାଇ ସ୍ମାର୍ଟକାର୍ଡ ନ ଥାନ୍ତା ତା' ହେଲେ ଭାଇକୁ ବଞ୍ଚାଇବା ଆମ ପକ୍ଷରେ ବହୁ କଷ୍ଟକର ହୋଇଥାନ୍ତା। ବିଏସ୍‌କେୱାଇ ଗରିବ ଲୋକଙ୍କ ପାଇଁ କୌଣସି ବରଦାନଠାରୁ କମ୍ ନୁହେଁ। ସମଗ୍ର ଦେଶରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାହା କରି ଦେଖାଇଲେ ସେଥିପାଇଁ ତାଙ୍କୁ ଯେତେ ଧନ୍ୟବାଦ ଦେଲେ ବି କମ୍ ହେବ।

-ସଞ୍ଜିତ କୁମାର ସାହୁ, ପୁରୀ

#### ମୁଖ୍ୟମନ୍ତ୍ରୀ ଆମକୁ ନୂଆ ଜୀବନ ଦେଇଛନ୍ତି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରା ଓଡ଼ିଶାକୁ ନିଜ ପରିବାର ଭାବେ ଗ୍ରହଣ କରିଛନ୍ତି, ଆଉ କାମରେ ମଧ୍ୟ କରି ଦେଖାଇଛନ୍ତି। ଓଡ଼ିଶାର ପ୍ରତିଟି ଗରିବ ଲୋକଙ୍କ ସ୍ୱାସ୍ଥ୍ୟ କଥା ମୁଖ୍ୟମନ୍ତ୍ରୀ ବୁଝୁଛନ୍ତି। ସେଥିପାଇଁ ସେ ନିଜ ଖର୍ଚ୍ଚରେ ଆମ ପାଇଁ ଭଲ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ମୋର ଚିକିତ୍ସା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରିବା ଆମ ପରିବାର ପାଇଁ ଏକପ୍ରକାର ଅସମ୍ଭବ ଥିଲା। କିନ୍ତୁ ବିଏସ୍‌କେୱାଇ କାର୍ଡ ଥିବାରୁ ମୋତେ ସୁପରସ୍ପେଶାଲିଟି ଚିକିତ୍ସା ମିଳିଲା ଆଉ ଅଳ୍ପ ଦିନ ମଧ୍ୟରେ ମୁଁ ସୁସ୍ଥ ହୋଇପାରିଲି। ମୋ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଲା, ହେଲେ ମୋ ପରିବାର ଉପରେ ଏହି ବୋଝ ପଡ଼ିଲା ନାହିଁ। ମୋ ଭଳି କୋଟି କୋଟି ମା'ଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁନିଶ୍ଚିତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆମେ ନୂଆ ଜୀବନ ପାଇଛୁ।

-ନନ୍ଦିନୀ ଦାସ, କେନ୍ଦୁଝର

## ପଶ୍ଚିମ-ଦକ୍ଷିଣ ଓଡ଼ିଶାର ଜୀବନ ରେଖା ବିଜୁ ଏକ୍ସପ୍ରେସ୍ ୱେ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟରେ ବିଶ୍ୱାସ କରନ୍ତି। ୨୦୧୯ ନିର୍ବାଚନ ଇସ୍ତାହାରରେ ବିଜୁ ଜନତା ଦଳ ରାଜ୍ୟରେ ୧୦୦୦ କିମି ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲା। ହେଲେ ଇତିମଧ୍ୟରେ ରାଜ୍ୟ ସରକାର ୬,୮୦୦ କି.ମି. ରାସ୍ତା ନିର୍ମାଣ କଲେଣି। ଏଥିପାଇଁ ୧୮,୫୦୦ କୋଟି ଟଙ୍କା ବ୍ୟୟ କରାଯାଇଛି। ରାଜ୍ୟରେ ରାସ୍ତା ଘାଟ ନିର୍ମାଣ ଦାୟିତ୍ୱ ମୁଖ୍ୟତଃ ପୂର୍ତ୍ତ ବିଭାଗ ଉପରେ ନ୍ୟସ୍ତ କରାଯାଇଛି। ଉପାନ୍ତରୁ ଉପକୂଳ, ଉତ୍ତରରୁ ଦକ୍ଷିଣ ଓଡ଼ିଶା ପର୍ଯ୍ୟନ୍ତ ସବୁଠି ଗମନାଗମନ ଓ ପରିବହନ ବ୍ୟବସ୍ଥାରେ ରୂପାନ୍ତର ସ୍ପଷ୍ଟ ବାରିହୋଇ ପଡୁଛି। ବିଜୁ ଏକ୍ସପ୍ରେସ୍ ୱେ ହେଉ ଅବା ପ୍ରସ୍ତାବିତ ପୁରୀ-ଭୁବନେଶ୍ୱର ଏକ୍ସପ୍ରେସ୍ ୱେ ରାଜ୍ୟର ବିକାଶ ମାର୍ଗ ସୁନିଶ୍ଚିତ କରୁଛି। ରାଜ୍ୟର ୨୬୭ ବ୍ଲକ ମୁଖ୍ୟାଳୟକୁ ଦୁଇଲେନ ରାସ୍ତା ଦ୍ୱାରା ସଂଯୋଗ କରାଯାଇଛି। ଆଉ ୨୬ଟି ବ୍ଲକ ମୁଖ୍ୟାଳୟକୁ ମାର୍ଚ୍ଚ ୨୦୨୪ ଏବଂ ୨୧ଟି ବ୍ଲକ ମୁଖ୍ୟାଳୟକୁ ଜୁନ୍ ୨୦୨୪ ସୁଦ୍ଧା ଦୁଇଲେନ ରାସ୍ତା ଦ୍ୱାରା ସଂଯୋଗ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସମସ୍ତ ମ୍ୟୁନିସିପାଲ୍ କର୍ପୋରେଶନ୍, ୪୬ ମ୍ୟୁନିସିପାଲିଟି ଏବଂ ୬୩ ଏନ୍‌ଏସିକୁ ସବୁଦିନିଆ ଦୁଇ ଲେନ୍ ରାସ୍ତା ଦ୍ୱାରା ସଂଯୋଗ କରାଯାଇଛି। ଜନବସତି ହେଉ ଅବା ଶିଳ୍ପାଞ୍ଚଳ, ପର୍ଯ୍ୟଟନ ସ୍ଥଳ ସବୁଠି ସୁନ୍ଦର ଓ ସୁରକ୍ଷିତ ସଡ଼କ ନିର୍ମାଣ ଉପରେ ବିଭାଗ ଗୁରୁତ୍ୱ ଦେଉଛି। ରାଜ୍ୟରେ ଥିବା ୫୫ଟି ଶିଳ୍ପାଞ୍ଚଳକୁ ଦୁଇଲେନ୍/ଚାରିଲେନ୍ ରାସ୍ତା ସଂଯୋଗ କରାଯାଇଛି। ଏତଦ୍‌ବ୍ୟତୀତ ଆଉ ୧୫ଟି ଶିଳ୍ପାଞ୍ଚଳକୁ ରାସ୍ତା ସଂଯୋଗୀକରଣ କାର୍ଯ୍ୟ ହାତକୁ ନିଆଯାଇଅଛି। ଏତଦ୍‌ବ୍ୟତିତ ଆଉ ୫ଟି ପର୍ଯ୍ୟଟନ ସ୍ଥଳୀକୁ ମାର୍ଚ୍ଚ ୨୦୨୪ ସୁଦ୍ଧା ଦୁଇ ଲେନ ରାସ୍ତା ଦ୍ୱାରା ସଂଯୋଗ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ବିଜୁ ଏକ୍ସପ୍ରେସ୍ ୱେ କେବଳ ଏକ ରାସ୍ତା ନୁହେଁ ବରଂ ଏହା ଏକ ଅର୍ଥନୈତିକ ମାର୍ଗ, ଯାହା ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାର ସାମାଜିକ ତଥା ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ।

## ଶିଳ୍ପ ନିବେଶ ଶିଖରରେ ଓଡ଼ିଶା



ବର୍ଷକରେ ୨୦ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ନିବେଶ ପ୍ରସ୍ତାବ କନ୍‌ଫେଡେରେଶନ୍ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି ରିସର୍ଚ୍ଚ ଓ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନମି ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ନିବେଶ ନିମନ୍ତେ ଦେଶରେ ମହାରାଷ୍ଟ୍ରପରେ ଓଡ଼ିଶା ନିବେଶକଙ୍କ ପାଇଁ ପ୍ରମୁଖ ଆକର୍ଷଣର କେନ୍ଦ୍ର ହୋଇଛି। ଗୁଜରାଟ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ପରି ରାଜ୍ୟକୁ ପଛରେ ପକାଇ ଓଡ଼ିଶା ଆଗକୁ ବଢ଼ିବାରେ ଲାଗିଛି। ମହାରାଷ୍ଟ୍ରକୁ ୨୭ ଲକ୍ଷ ୬୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ମିଳିଥିବାବେଳେ ଗୁଜରାଟକୁ ୧୯ ଲକ୍ଷ ୪୦ ହଜାର କୋଟି, ଆନ୍ଧ୍ରପ୍ରଦେଶକୁ ୧୭ ଲକ୍ଷ ୬୦ ହଜାର କୋଟି, କର୍ଣ୍ଣାଟକକୁ ୧୫ ଲକ୍ଷ ୪୦ ହଜାର କୋଟି, ତାମିଲନାଡୁକୁ ୧୪ ଲକ୍ଷ ୪୦ ହଜାର କୋଟି ଓ ଉତ୍ତରପ୍ରଦେଶକୁ ୧୨ ଲକ୍ଷ ୩୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ମିଳିପାରିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାକୁ ୨୦ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ନିବେଶ ପ୍ରତିଶ୍ରୁତି ମିଳିଛି। ଅନୁରୂପ ଭାବରେ ପୁଞ୍ଜିନିବେଶ କ୍ଷେତ୍ରରେ ଜାତୀୟ ହାରଠାରୁ ଓଡ଼ିଶାର ସ୍ଥାନ ଯଥେଷ୍ଟ ଉପରେ। ଏ କ୍ଷେତ୍ରରେ ଜାତୀୟ ହାର ୨୨ପ୍ରତିଶତ ରହିଥିବାବେଳେ ଓଡ଼ିଶାରେ ଏହା ୪୫ ପ୍ରତିଶତରୁ ଊର୍ଦ୍ଧ୍ୱ ରହିଛି।



# ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ମିଶନ ଶକ୍ତି




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ମିଶନ ଶକ୍ତି' ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ବା ଏସ୍ଏଚଜିଙ୍କ ହାତରେ ଦେଇଛନ୍ତି ବିକାଶର ଗୁରୁଦାୟିତ୍ୱ। ପ୍ରତିଟି କ୍ଷେତ୍ରରେ ମହିଳାମାନେ ଏବେ ସ୍ୱାବଲମ୍ବୀ ହେବା ସହ ରୋଜଗାରର ପନ୍ଥା ପାଇପାରିଛନ୍ତି। ଦେଶରେ ଓଡ଼ିଶାର ମିଶନ ଶକ୍ତି ୭୦ ଲକ୍ଷ ମା'ମାନଙ୍କର ଏକ ବିରାଟ ଆନ୍ଦୋଳନ ହୋଇପାରିଛି। ୨୦୦୧ ମସିହାରୁ ଏକ ଅକଳ୍ପନୀୟ ସମ୍ଭାବନାକୁ ନେଇ ଆଗକୁ ବଢ଼ିଥିବା ମିଶନ ଶକ୍ତି ୨୨ବର୍ଷ ମଧ୍ୟରେ ଏହି ଅଭିଯାନ ଏକ ସକାରାତ୍ମକ ସଶକ୍ତ ଆନ୍ଦୋଳନରେ ପରିଣତ ହୋଇଛି। ରାଜ୍ୟରେ ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ଏକ 'ମିଶନ୍ ଶକ୍ତି'କୁ ସ୍ୱତନ୍ତ୍ର ବିଭାଗ କରାଯାଇଛି। ରାଜ୍ୟ ସରକାରଙ୍କ ଏହି ଐତିହାସିକ ନିଷ୍ପତ୍ତି ଦେଶରେ ମହିଳା ସଶକ୍ତୀକରଣ ଓ ସ୍ୱାବଲମ୍ବନ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ଯେଉଁଠାରେ ମିଶନ ଶକ୍ତି ମା'ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ରହିଛି। ଫଳରେ ମହିଳାମାନେ କୃଷି କ୍ଷେତ୍ରଠାରୁ ଆରମ୍ଭ କରି ଶସ୍ୟ ସଂଗ୍ରହ, ବୟନ ହସ୍ତଶିଳ୍ପ, ପାଣି ବିଲ୍ ସଂଗ୍ରହ, ଇଲେକ୍ଟ୍ରି ବିଲ୍ ସଂଗ୍ରହ, ବ୍ୟାଙ୍କ ସଖୀ ତଥା ଶ୍ରମଭିତ୍ତିକ କାର୍ଯ୍ୟକ୍ରମରେ ଉଦ୍ୟୋଗୀ ଭାବେ ସାମିଲ ହୋଇ ସଫଳତା ହାସଲ କରିପାରିଛନ୍ତି। ମିଶନ ଶକ୍ତି ମା'ମାନଙ୍କ ସଶକ୍ତୀକରଣକୁ ଆହୁରି ବ୍ୟାପକ କରିବା ପାଇଁ ୨ ହଜାର ୫ ଶହ ୫୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଆସନ୍ତା ୫ବର୍ଷ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୧୦ ହଜାର କୋଟି ଟଙ୍କାର ବ୍ୟବସାୟ ସହାୟତା ଯୋଗାଇବା ପାଇଁ ବ୍ୟୟବରାଦ କରାଯାଇଛି।

## ଗ୍ରାମାଞ୍ଚଳ ପିଲାଙ୍କୁ ମାଗଣାରେ ଇଂଲିଶମାଧ୍ୟମ ପାଠପଢ଼ା




ଆଦିବାସୀ ଅଧ୍ୟୁଷିତ ଓ ଉପାନ୍ତ ଅଞ୍ଚଳର ପିଲାଙ୍କୁ ଇଂଲିଶ ମାଧ୍ୟମ ପାଠ ପଢ଼ାଇବା ଲାଗି କେନ୍ଦ୍ରୀୟ ବିଦ୍ୟାଳୟ ଢାଞ୍ଚାରେ ପ୍ରତିଷ୍ଠା ହୋଇଛି ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ରାଜ୍ୟ ସରକାରଙ୍କ ପାଣ୍ଠି ବିନିମୟରେ ଏହି ବିଦ୍ୟାଳୟ ପରିଚାଳିତ ହେଉଥିବାବେଳେ ଦିନ କେଇଟା ମଧ୍ୟରେ ରାଜ୍ୟ ଶିକ୍ଷା ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ସିବିଏସ୍ଇ ଢାଞ୍ଚାରେ ଗାଁ ଗହଳିରେ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ସବୁ ବ୍ଲକରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିବାବେଳେ ବିଗତ ଶିକ୍ଷାବର୍ଷରୁ ୩୧୪ ବ୍ଲକରେ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ମାଟ୍ରିକ୍ ପାସ୍ ପରେ ରାଜ୍ୟର ବିଭିନ୍ନ ଆଦର୍ଶ ବିଦ୍ୟାଳୟରୁ ୫ଶହ ମେଧାବୀ ଛାତ୍ରୀଛାତ୍ରଙ୍କୁ ଏଠାରେ ଶିକ୍ଷାଦାନ ଦିଆଯାଉଥିବାବେଳେ ସେମାନଙ୍କୁ ମେଡିକାଲ୍, ଇଞ୍ଜିନିୟରିଂ ପାଇଁ ପ୍ରଶିକ୍ଷଣ ଦିଆଯିବା ସହିତ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ। ସରକାରୀ ସ୍କୁଲର ଛାତ୍ରୀଛାତ୍ରଙ୍କ ପାଇଁ ଡାକ୍ତରୀ ଓ ଇଞ୍ଜିନିୟରିଂରେ ୧୫ ପ୍ରତିଶତ ସିଟ୍ ସଂରକ୍ଷିତ ରହିଛି। ସରକାରୀ ସ୍କୁଲର ୧୫ ପ୍ରତିଶତ ଛାତ୍ରୀଛାତ୍ର ୨୦୨୧-୨୨ ଶିକ୍ଷାବର୍ଷରେ ସରକାରୀ ମେଡିକାଲ କଲେଜରେ ନାମ ମଧ୍ୟ ଲେଖାଇଛନ୍ତି। ତେବେ ଚଳିତ ଶିକ୍ଷାବର୍ଷରୁ ଏହି ସଂରକ୍ଷଣ ବ୍ୟବସ୍ଥା ଇଞ୍ଜିନିୟରିଂରେ ଲାଗୁ ହେବ।

## ଅଲିମ୍ପିକ୍ସ ପାଇଁ ପିଲାଙ୍କୁ ସ୍କୁଲରୁ ପ୍ରେରଣା




ସବୁକ୍ଷେତ୍ରରେ ଆଗୁଆ ହେବେ ଓଡ଼ିଆ ଛାତ୍ରୀଛାତ୍ର। ତୃଣମୂଳ ସ୍ତରରୁ ପିଲାମାନେ ଅଲିମ୍ପିକ୍ସ ପ୍ରସ୍ତୁତି ସମ୍ପର୍କିତ ଜ୍ଞାନ ଆହରଣ କରିବେ। କେବଳ ପାଠ୍ୟକ୍ରମଭିତ୍ତିକ ଶିକ୍ଷା ନୁହେଁ, ଶିକ୍ଷା ସହିତ ବିଭିନ୍ନ ଖେଳକୁଦରେ ଦକ୍ଷ ହେବେ ରାଜ୍ୟର ଛାତ୍ରୀଛାତ୍ର। ସ୍କୁଲ ସ୍ତରରୁ ଛାତ୍ରୀଛାତ୍ର ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ମଧ୍ୟ ହେବେ। ଏଥିପାଇଁ ରାଜ୍ୟ ସରକାର ପାଇଲଟ୍ ପ୍ରକଳ୍ପ ଭାବେ ଖୋର୍ଦ୍ଧା ଓ ସୁନ୍ଦରଗଡ଼ ଜିଲାର ୯୦ଟି ସ୍କୁଲରେ ଅଲିମ୍ପିକ୍ସ ଭାଲ୍ୟୁ ଏଜୁକେଶନ୍ ପ୍ରୋଗ୍ରାମ୍ (ଅଲମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ) ଆରମ୍ଭ କରିଛନ୍ତି। ଅଲିମ୍ପିକ୍ସ ସହିତ ଏସିଆନ୍ ଗେମ୍, ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ଆଦି ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ସ୍କୁଲ ସ୍ତରରୁ ପିଲାଙ୍କୁ ପ୍ରସ୍ତୁତ କରାଯାଉଛି। ତୃଣମୂଳ ସ୍ତରରୁ ସ୍କୁଲର ପିଲାଙ୍କୁ ଅଲିମ୍ପିକ୍ସ ବାବଦରେ ଜ୍ଞାନ ଦେବା ଓ ବିଭିନ୍ନ ଗୋଷ୍ଠୀ କ୍ରୀଡ଼ା ପାଇଁ ସେମାନଙ୍କୁ ପ୍ରଶିକ୍ଷଣ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏହି ଅଭିନବ ଯୋଜନା ଆରମ୍ଭ କରିଛନ୍ତି। ଅଲିମ୍ପିକ୍ସ କ'ଣ ? ଏଥିରେ କେଉଁ କେଉଁ ବିଭାଗର ଖେଳ ଅନ୍ତର୍ଭୁକ୍ତ ? ଏଥିପାଇଁ ପ୍ରସ୍ତୁତି କିପରି କରାଯାଏ ? ଏ ସମ୍ପର୍କରେ ଜ୍ଞାନ ସ୍କୁଲ ପାଠ୍ୟକ୍ରମରୁ ପିଲାମାନେ ପାଇବେ। ପାଇଲଟ୍ ପ୍ରକଳ୍ପ ଭାବେ 'ଓଡ଼ିଶା ଅଲିମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ' ଲାଗି ଖୋର୍ଦ୍ଧା ଓ ସୁନ୍ଦରଗଡ଼ ଜିଲାର ୯୦ଟି ସ୍କୁଲ ଚିହ୍ନଟ ହୋଇଛି। ଏବେ ୨୫୦ରୁ ଅଧିକ ବିଦ୍ୟାଳୟ ଏହି ଯୋଜନାରେ ସାମିଲ ହୋଇଛି।



## ନିଜ ଉଦ୍ୟମରେ ବିଦେଶକୁ ବିମାନ ଉଡ଼ାଣରେ ଓଡ଼ିଶା ପ୍ରଥମ ରାଜ୍ୟ

ନିଜ ଉଦ୍ୟମରେ ବିଦେଶକୁ ସିଧାସଳଖ ବିମାନ ଉଡ଼ାଣ ଆରମ୍ଭ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ଦୁବାଇଗସ୍ତ ସମୟରେ ପ୍ରବାସୀ ଓଡ଼ିଆଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରି ମୁଖ୍ୟମନ୍ତ୍ରୀ ଦୁବାଇ, ସିଙ୍ଗାପୁର ଓ ବ୍ୟାଙ୍ଗକକ୍କୁ ସିଧାସଳଖ ବିମାନ ସେବା ଆରମ୍ଭ କରିଛନ୍ତି। ଏପ୍ରିଲ ୧୫ରୁ ଦୁବାଇକୁ ସିଧାସଳଖ ବିମାନ ଉଡ଼ାଣ ଆରମ୍ଭ ହୋଇଥିବାବେଳେ ଆସନ୍ତା ୩ତାରିଖରୁ ଭୁବନେଶ୍ୱର-ସିଙ୍ଗାପୁର-ବ୍ୟାଙ୍ଗକକ୍ ବିମାନ ସେବା ଆରମ୍ଭ ହେବ। ଏଥିପାଇଁ ଇଣ୍ଡିଗୋ ଏୟାର ଲାଇନ୍ସ ରାଜ୍ୟ ସରକାରଙ୍କ ସହ ଚୁକ୍ତି କରିଛି। ଭୁବନେଶ୍ୱର-ଦୁବାଇ ମଧ୍ୟରେ ଯିବା ଆସିବା ଟିକଟ ମୂଲ୍ୟ ୨୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଦୁବାଇଗସ୍ତ ସମୟରେ ପ୍ରବାସୀ ଓଡ଼ିଆଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରି ମୁଖ୍ୟମନ୍ତ୍ରୀ ଦୁବାଇ, ସିଙ୍ଗାପୁର ଓ ବ୍ୟାଙ୍ଗକକ୍କୁ ସିଧାସଳଖ ବିମାନ ସେବା ଆରମ୍ଭ କରୁଛନ୍ତି।

## ରାଜ୍ୟରେ ବିମାନ ସଂଯୋଗ ବୃଦ୍ଧି

ରାଜ୍ୟରେ ବିମାନ ସଂଯୋଗକୁ ବୃଦ୍ଧି କରାଗଲେ ଗମନାଗମନରେ ସୁବିଧା ଆସିବା ଦ୍ୱାରା ବାଣିଜ୍ୟ କାରବାରରେ ବୃଦ୍ଧି ଆସି ପାରିବ। ଏହି ଲକ୍ଷ୍ୟରେ ସରକାର ଏକାଧିକ ସ୍ଥାନକୁ ବିମାନ ଚଳାଚଳ କରାଇବାକୁ ଲକ୍ଷ୍ୟ ରଖିଛନ୍ତି। ଇତିମଧ୍ୟରେ ଝାରସୁଗୁଡ଼ା ଓ ରାଉରକେଲା ବିମାନବନ୍ଦର କାର୍ଯ୍ୟକ୍ଷମ କରାଯାଇଥିବାବେଳେ ଜୟପୁର, ଉତ୍କେଳା, ରଙ୍ଗେଇଲୁଣ୍ଡା, ରାସଗୋବିନ୍ଦପୁର, ମାଲକାନାଗିରି ଓ ପୁରୀର ଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର କାମ ଦ୍ରୁତ ଗତିରେ ଚାଲିଛି। ଡିସେମ୍ବର ସୁଦ୍ଧା ମାଲକାନଗିରି ଗ୍ରୀନ୍‌ଫିଲ୍ଡ ଏୟାରପୋର୍ଟ ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଢେଙ୍କାନାଳ ବିରାଶାଳ ଏୟାରଷ୍ଟ୍ରିପ୍‌କୁ ବିଶ୍ୱସ୍ତରୀୟ କରାଯାଉଛି। ବିଜୁ ପଟ୍ଟନାୟକ ଆଭିଏଶନ ସେଣ୍ଟରକୁ ବିଶ୍ୱସ୍ତରୀୟ ଏରୋସ୍ପେସ ସେଣ୍ଟରରେ ପରିଣତ କରାଯାଉଛି। ଏହିସହିତ ବିଜୁ ବାବୁଙ୍କ ସ୍ମୃତି କୁହାଯାଉଥିବା ଡାକୋଟା ବିମାନକୁ ଭୁବନେଶ୍ୱର ଅଣାଯାଇ ବିମାନବନ୍ଦର ନିକଟରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ରଖାଯାଇଛି।

## ପଛରେ ନାହାନ୍ତି ଆଦିବାସୀ ପିଲା

ଯୁଗ ଯୁଗ ଧରି ପଛୁଆ ବର୍ଗ ଭାବେ ପରିଗଣିତ ଓଡ଼ିଶାର ଅନୁସୂଚିତ ଜନଜାତି ବର୍ଗ ଆଜି ବିକାଶ ସ୍ରୋତରେ ସାମିଲ ହୋଇଛନ୍ତି। କର୍ମନିଯୁକ୍ତି, ଗବେଷଣା, କ୍ରୀଡ଼ା, ଶିକ୍ଷା ସବୁକ୍ଷେତ୍ରରେ ସାଧାରଣ ବର୍ଗଙ୍କ ସହ ସମକକ୍ଷ ହୋଇଛନ୍ତି ଜନଜାତିର ଲୋକେ। ଗତ ଦୁଇ ଦଶନ୍ଧି ଧରି ନିରନ୍ତର ପ୍ରୟାସ ଆଜି ଏହି ଅସମ୍ଭବକୁ ସମ୍ଭବ କରି ଦେଖାଇଛି। ଆଦିବାସୀ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଛାତ୍ରାବାସ, ସେମାନଙ୍କ କ୍ରୀଡ଼ା ନୈପୁଣ୍ୟତାର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସେମାନଙ୍କୁ ନିଜର ପରିଚୟ ସୃଷ୍ଟି କରିବାର ଖୋରାକ ଯୋଗାଇଛି। ଓଡ଼ିଶାର ଅଖ୍ୟାତପଲ୍ଲୀର ଆଦିବାସୀ ପିଲା ଶେଷ କିଷାନ ଆଜି ବିଦେଶରେ ଜଣେ ଦକ୍ଷ ବୈଜ୍ଞାନିକ ହୋଇପାରିଥିବାବେଳେ ବାପି ହାଁସଦା, ଯଉନା ମୁର୍ମୁ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣିଛନ୍ତ। ସେମାନଙ୍କ ମନରେ ଭରିଛି ଆତ୍ମବିଶ୍ୱାସ। 'ଅନ୍ୱେଷା', 'ସୁବିଦ୍ୟା' ଭଳି କାର୍ଯ୍ୟକ୍ରମ ଜନଜାତିଙ୍କ ମଧ୍ୟରେ ଶିକ୍ଷାର ପ୍ରସାର କରିଛି। ଲକ୍ଷାଧିକ ଆଦିବାସୀ ପିଲାଙ୍କୁ ନିଜ ମାତୃଭାଷାରେ ଶିକ୍ଷାଦାନ ସୁନିଶ୍ଚିତ କରିବାରେ ସଫଳ ହୋଇଛି ସମହତି କାର୍ଯ୍ୟକ୍ରମ। ଏକଦା ଯେଉଁଠି ମାଓବାଦୀଙ୍କ ପ୍ରାଦୁର୍ଭାବ ବିସ୍ତାର ହେଉଥିଲା ସେହି ଅଞ୍ଚଳ ପିଲା ଏବେ ଦେଶର ଜଣେ ଜଣେ ସୁନାଗରିକ ହେବା ପାଇଁ ସ୍ୱପ୍ନ ଦେଖୁଛନ୍ତି, ଆଉ ତାକୁ ସାକାର କରୁଛନ୍ତି ମଧ୍ୟ। ବଣ୍ଡା ଅଞ୍ଚଳର ଝିଅପିଲା ଶିକ୍ଷା, କ୍ରୀଡ଼ା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରୁଛନ୍ତି।

## ୩୨୭ଟି ଅତ୍ୟାଧୁନିକ ଆମ୍ବୁଲାନ୍ସ ସେବା



ରୋଗୀଙ୍କ ପରିବହନ ପାଇଁ ୧୧୨ଟି ନୂଆ ଆମ୍ବୁଲାନ୍ସ ପ୍ରଚଳନ କରାଯାଇ ଥିବାବେଳେ ୩୨୭ଟି ଆମ୍ବୁଲାନ୍ସରେ ଅତ୍ୟାଧୁନିକ ଜୀବନ ରକ୍ଷାକାରୀ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି । ଚଳିତ ବର୍ଷ ଏଥିରେ ଆଉ ୨୩୬ଟି ଆମ୍ବୁଲାନ୍ସ ଯୋଡ଼ିହେବ। ସମନ୍ୱିତ ଓ ସୁଚିନ୍ତିତ ପଦକ୍ଷେପର ସୁଫଳ ମିଳିବା ଆରମ୍ଭ ହୋଇଛି। ଶିଶୁ ଓ ମାତୃ ମୃତ୍ୟୁ ହାର ରୋକିବା ସହିତ ମ୍ୟାଲେରିଆ, ଯକ୍ଷ୍ମା, ଅପପୁଷ୍ଟି ଦୂର କରିବାରେ ଓଡ଼ିଶା ସମଗ୍ର ଦେଶରେ ଶୀର୍ଷ ସ୍ଥାନ ଛୁଇଁଛି । ଆଉ ଏକ ଅଭିନବ ପଦକ୍ଷେପ ହେଉଛି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନା । ମେଡିକାଲ କଲେଜର ସୁପରସ୍ପେଶାଲିଟି ଡାକ୍ତର ବିମାନ ଯୋଗେ ଉପାନ୍ତ ଜିଲାରେ ପହଞ୍ଚି ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଉଛନ୍ତି। ଖୁବ୍ ଶୀଘ୍ର ଦୁର୍ଗମ ଅଞ୍ଚଳରେ ରହୁଥିବା ରୋଗୀଙ୍କ ପରିବହନ ନିମନ୍ତେ ସରକାର ହେଲିକପ୍ଟର ନିୟୋଜନ ଯୋଜନା କରିଛନ୍ତି। ଅନୁଗୋଳ, ବଡ଼ବିଲ, ଝାରସୁଗୁଡ଼ା ଓ ଭଦ୍ରକରେ ସୁପରସ୍ପେଶାଲିଟି ସ୍ୱାସ୍ଥ୍ୟ ସେବା ଆରମ୍ଭ ହେବାକୁ ଯାଉଛି। ହୋମିଓପାଥିକ, ଏଲୋପାଥିକ ଏବଂ ଆୟୁର୍ବେଦର ସବୁ ମେଡିକାଲ କଲେଜକୁ ଗୋଟିଏ ବିଶ୍ୱବିଦ୍ୟାଳୟ ଅଧୀନରେ ରଖିବା ପାଇଁ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ, ବିଶ୍ୱବିଦ୍ୟାଳୟ ସ୍ଥାପନ ଭଳି ମହତ୍ତ୍ୱାକାଂକ୍ଷୀ ପଦକ୍ଷେପ ନିଆଯାଇଛି।

## ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା

ଦୁର୍ନୀତି ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ 'ଜିରୋ ଟଲେରାନ୍ସ'। ଯିଏ କେହି ବି ଦୁର୍ନୀତି କଲେ ତାଙ୍କୁ ବରଦାସ୍ତ କରାଯିବ ନାହିଁ। ଗିରଫ ସହ ସରକାରୀ ଚାକିରିରୁ ବିଦା କରାଯାଉଛି। ରାଜ୍ୟ ସରକାରଙ୍କ ଏଭଳି ନୀତି ପାଇଁ ଏବେ ଲାଞ୍ଚୁଆ ଏବଂ ଦୁର୍ନୀତିଖୋର ଟଙ୍କା ନେବାକୁ ଭୟ କଲେଣି। ଯେଉଁଥିପାଇଁ ରାଜ୍ୟରେ ଦଶ ବର୍ଷରେ ବଦଳିଛି ରାଜ୍ୟର ଚିତ୍ର। ପୂର୍ବରୁ ଲୋକେ ସରକାରୀ ଅଫିସ ଗଲେ ଲାଞ୍ଚ ନ ଦେଲେ କୌଣସି କାର୍ଯ୍ୟ ହେଉନି ବୋଲି ଭାବୁଥିଲେ। କିନ୍ତୁ ବର୍ତ୍ତମାନ ଲୋକେ ସଚେତନ ହେଲେଣି। ସେମାନେ ବିଭିନ୍ନ ସରକାରୀ ଅଫିସ ଯାଇ ବିନା ଲାଞ୍ଚରେ ନିଜ କାର୍ଯ୍ୟ କରୁଛନ୍ତି। ଏସବୁ ସମ୍ଭବ ହୋଇଛି '୫-ଟି' ପାଇଁ। କାରଣ ରାଜ୍ୟ ପୋଲିସ ହେଉ ଅବା ଭିଜିଲାନ୍ସ, ସବୁଠି '୫-ଟି' ଲାଗୁ ହେବା ପରେ ବିଭାଗ ଅଧିକ ସକ୍ରିୟ ହୋଇଛି।

### '୫-ଟି' ଉପକ୍ରମ ପାଇଁ ଦଣ୍ଡ ହାରରେ ଓଡ଼ିଶା ଆଗରେ

ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଯେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଅଦାଲତରେ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା। ଆଉ ଏହି ପ୍ରସଙ୍ଗକୁ ନେଇ ଓଡ଼ିଶା ଦୁର୍ନୀତି ନିବାରଣ ବିଭାଗ ସବୁବେଳେ ସମାଲୋଚନାର ଶରବ୍ୟ ହୋଇ ଆସୁଥିଲା। ଯେତିକି ଲୋକ ଧରାପଡୁଥିଲେ ତାହାର ସିଂହଭାଗ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଯାଉଥିଲେ। ତେବେ ଗତ କିଛି ବର୍ଷ ହେଲା ଚିତ୍ର ବଦଳି ଯାଇଛି । ଏଥିରେ ପ୍ରମୁଖ ଭୂମିକା ନେଇଛି ରାଜ୍ୟ ସରକାରଙ୍କ '୫-ଟି' ଉପକ୍ରମ। ଓଡ଼ିଶା ଭିଜିଲାନ୍ସରେ ଦୋଷୀ ସାବ୍ୟସ୍ତ ହାର ୫୦%କୁ ବୃଦ୍ଧି ପାଇଛି।

### ଭିଜିଲାନ୍ସରେ ମାମଲା ସମାଧାନ ହାର ୧୨୨%

ଭିଜିଲାନ୍ସ ଜାଲରେ ପଡ଼ିଥିବା ପ୍ରଥମ ଶ୍ରେଣୀ ଅଧିକାରୀଙ୍କଠାରୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ଏବଂ ବେସରକାରୀ ଲୋକ ଠୋସ୍ ପ୍ରମାଣ ବଳରେ ସଜା ଭୋଗିବା ପାଇଁ ବାଧ୍ୟ ହେଉଛନ୍ତି। ଚଳିତ ବର୍ଷ ଭିଜିଲାନ୍ସରେ ମାମଲା ସମାଧାନ ହାର ୧୨୨%ରେ ପହଞ୍ଚି ଥିଲାବେଳେ ଦୋଷୀ ସାବ୍ୟସ୍ତ ହାର ୫୦%ରେ ପହଞ୍ଚିଛି । ଗତ ବର୍ଷ ମୋଟ ୯୧ ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

### ୬୨ ବାବୁଆଣୀଙ୍କ ବିରୋଧରେ ମାମଲା

ଅଭିଯୁକ୍ତଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀ ପାହ୍ୟାର ଅଧିକାରୀଙ୍କ ସଂଖ୍ୟା କିଛି କମ୍ ନାହିଁ। ଚଳିତ ବର୍ଷ ୬୦ ଜଣ ପ୍ରଥମ ଶ୍ରେଣୀ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ବେଳେ ୨୦୨୧ ମସିହାରେ ୪୬, ୨୦୨୦ରେ ୫୩, ୨୦୧୯ରେ ୪୯ ଏବଂ ୨୦୧୮ ମସିହାରେ ୫୨ ଜଣ ପ୍ରଥମ ଶ୍ରେଣୀ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବାବୁ ଦୁର୍ନୀତି କରିବା ପଛରେ ସେମାନଙ୍କ ପତ୍ନୀଙ୍କର ବଡ଼ ହାତ ରହିଛି। ପତିଙ୍କ ଦୁର୍ନୀତି ସହିତ ସମ୍ପୃକ୍ତି ଅଭିଯୋଗରେ ଭିଜିଲାନ୍ସ ଚଳିତ ବର୍ଷ ୬୨ ଜଣ ବାବୁଆଣୀଙ୍କ ବିରୋଧରେ ମାମଲା ରୁଜୁ କରିଛି।

## ଜଳ ପରିଚାଳନାରେ ଓଡ଼ିଶା ଦ୍ୱିତୀୟ



୨୦୨୦-୨୦୨୧ ଏବଂ ୨୦୨୧-୨୦୨୨ ବର୍ଷରେ ଜଳସମ୍ପଦ ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ରାଜ୍ୟକୁ ଜାତୀୟ ଜଳ ପୁରସ୍କାର-୨୦୨୨ ପ୍ରଦାନ କରାଯିବ। ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ ଜଳ ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ଓଡ଼ିଶାକୁ ଦେଶର ଦ୍ୱିତୀୟ ଶ୍ରେଷ୍ଠ ରାଜ୍ୟର ମାନ୍ୟତା ପ୍ରଦାନ କରିଛି। ସୂଚନାଯୋଗ୍ୟ, ରାଜ୍ୟରେ ୩.୨ଲକ୍ଷ ହେକ୍ଟର ଅତିରିକ୍ତ ଜଳସେଚନ ସୁବିଧା ସୃଷ୍ଟି କରାଯାଇ ପ୍ରାୟ ୪ ଲକ୍ଷରୁ ଅଧିକ ଚାଷୀଙ୍କୁ ଜଳ ସୁରକ୍ଷା ଯୋଗାଇ ଦିଆଯାଇଛି। ଜଳ ସମ୍ପଦ ବିଭାଗ ଦ୍ୱାରା ଦୁଇଟି ବୃହତ୍ ଜଳସେଚନ ପ୍ରକଳ୍ପ ଯଥା ନୂଆପଡ଼ା ଏବଂ ବଲାଙ୍ଗୀର ଜିଲାରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଏବଂ କଳାହାଣ୍ଡି ଜିଲାରେ ଉପର ଇନ୍ଦ୍ରାବତୀ ଲିଫ୍ଟ କେନାଲ ପ୍ରକଳ୍ପ, ଉଚ୍ଚ ଅଞ୍ଚଳକୁ ଜଳ ଯୋଗାଣ ନିମନ୍ତେ ୬୧ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ, ୨,୮୩୩ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ଓ ୨୨,୫୦୦ ଗଭୀର ନଳକୂପ ନିର୍ମାଣ କରି ସରକାର ଭୌଗୋଳିକ ତଥା ସାମାଜିକ ସମାନତାକୁ ସୁନିଶ୍ଚିତ କରିଛନ୍ତି। ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୀର୍ଘଦିନର ସମସ୍ୟାର ସମାଧାନ କରାଯାଇ ପ୍ରାୟ ୩୨ ହଜାର ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି। ଜଳସମ୍ପଦର ସଂରକ୍ଷଣ ପାଇଁ ରାଜ୍ୟ ସରକାର ପାଞ୍ଚ ବର୍ଷ ମଧ୍ୟରେ ୧୧ ହଜାର ୭ଶହ କୋଟି ଟଙ୍କା ବିନିଯୋଗ କରି ୪୬ଟି ଅନ୍ତଃନଦୀ ଜଳାଶୟ ନିର୍ମାଣ ଦ୍ୱାରା ୫୦ହଜାର ହେକ୍ଟର ମିଟର ଜଳ ସଂରକ୍ଷଣ ପାଇଁ ବ୍ୟବସ୍ଥା କରିଛନ୍ତି।

## କ୍ରୀଡ଼ା ଭିତ୍ତିଭୂମି ବିକାଶରେ ମିଳିବ ସଫଳତା



ଯେ କୌଣସି କ୍ଷେତ୍ରରେ ସଫଳତା ପାଇବାକୁ ହେଲେ ପ୍ରଶିକ୍ଷଣ ଓ ଭିତ୍ତିଭୂମିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଭିତ୍ତିଭୂମି ନ ରହିଲେ ପ୍ରତିଭା ପ୍ରଦର୍ଶନ ହୋଇପାରିବ ନାହି। ପ୍ରଶିକ୍ଷଣ ନ ପାଇଲେ ଖେଳାଳିମାନେ ସଫଳତା ପାଇବେ ନାହିଁ। ଏଥିଲାଗି ସରକାର ସମଗ୍ର ରାଜ୍ୟରେ ଭିତ୍ତିଭୂମିର ଉନ୍ନତି ଆଣିଛନ୍ତି। ଅବଶ୍ୟ ରାଜଧାନୀ ଭୁବନେଶ୍ୱର ଓ ରାଉରକେଲାରେ ଭିତ୍ତିଭୂମିର ପର୍ଯ୍ୟାପ୍ତ ଉନ୍ନତି ହୋଇଛି। କିନ୍ତୁ ରାଜ୍ୟରେ ଏଭଳି କୌଣସି ଜିଲା ନାହିଁ କିମ୍ବା ଖେଳ ନାହିଁ, ଯେଉଁଥିରେ ଭିତ୍ତିଭୂମିର ବିକାଶକୁ ଗୁରୁତ୍ୱ ଦିଆଯାଇନାହିଁ। ରାଜଧାନୀ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମର ହୋଇଥିବା ରୂପାନ୍ତରଣ ଓ ବିକାଶ ସମଗ୍ର ବିଶ୍ୱରେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଅତ୍ୟାଧୁନିକ ହକି ଷ୍ଟାଡିୟମ୍ ସହ ହକି କମ୍ପ୍ଲେକ୍ସ, ଅତ୍ୟାଧୁନିକ ଫୁଟବଲ ଷ୍ଟାଡିୟମ୍, ଆଥ୍‌ଲେଟିକ୍ସ ଲାଗି ଅତ୍ୟାଧୁନିକ ସିନ୍ଥେଟିକ୍ ଟ୍ରାକ୍, ଅଭ୍ୟାସ କରିବା ଲାଗି ଭିନ୍ନ ଭିନ୍ନ କ୍ରୀଡ଼ା ଶୃଙ୍ଖଳାରେ ପଡ଼ିଆ, ଅତ୍ୟାଧୁନିକ ଆଥ୍‌ଲେଟିକ ଇନଡୋର ଷ୍ଟାଡିୟମ୍ (ଭାରତରେ ପ୍ରଥମ), ବିଭିନ୍ନ ଶୃଙ୍ଖଳାରେ ଏକାଡେମୀ ଏହି ୪ ବର୍ଷରେ ନିର୍ମାଣ କରାଯାଇଛି। ଏହା ବ୍ୟତୀତ ହକି ଲାଗି ସମର୍ପିତ ହୋଇଛି କଳିଙ୍ଗ ଷ୍ଟାଡିୟମ୍। ଏହାର ଚାରିକଡ଼ରେ ଅନ୍ତର୍ଜାତୀୟ ମାନର ସୁଇମିଂ ପୁଲ୍, ଜିମ୍ନାଷ୍ଟିକ୍ ସେଣ୍ଟର, ଭାରୋତ୍ତୋଳନ ଉତ୍କର୍ଷ କେନ୍ଦ୍ର, ବ୍ୟାଡ୍‌ମିଣ୍ଟନ ଉତ୍କର୍ଷ କେନ୍ଦ୍ର, ଅନ୍ତର୍ଜାତୀୟ ଟେନିସ୍ ସେଣ୍ଟର ନିର୍ମାଣ କରାଯାଇଛି। ଏହା ବ୍ୟତୀତ ରାଉରକେଲାରେ ଅତ୍ୟାଧୁନିକ ଓ ଅନ୍ତର୍ଜାତୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍, କ୍ରୀଡ଼ା ଗ୍ରାମ, ହକି ଉତ୍କର୍ଷ କେନ୍ଦ୍ରର ଉନ୍ନତି, ସୁନ୍ଦରଗଡ଼ ଜିଲାର ପ୍ରତ୍ୟେକ ବ୍ଲକରେ ଅତ୍ୟାଧୁନିକ ହକି ଖେଳ ପଡ଼ିଆ, ଜିମ୍ ଆଦି ପ୍ରତିଷ୍ଠା କରାଯାଇଛି। ଏହା ବ୍ୟତୀତ ପ୍ରତ୍ୟେକ ଜିଲା, ବ୍ଲକରେ ଖେଳର ବିକାଶ ଲାଗି ପ୍ରଚୁର ପରିମାଣରେ ଅର୍ଥ ବିନିଯୋଗ ହୋଇଛି। ଖେଳପଡ଼ିଆ ସାଙ୍ଗକୁ ଖେଳ ଉପକରଣ ମଧ୍ୟ ଯୋଗାଇ ଦିଆଯାଇଛି। ଫଳରେ ଜଣେ ଗରିବ ହୋଇଥିଲେ ମଧ୍ୟ ତାହାକୁ ଖେଳିବାରେ କୌଣସି ଅସୁବିଧା ହେବ ନାହିଁ। କ୍ରୀଡ଼ା ଏକ ଶାରୀରିକ କ୍ରିୟାକଳାପ। ଏଥିରେ ଅଂଶଗ୍ରହଣ କଲେ ଆହତ ହେବା ସ୍ୱାଭାବିକ। ଏଥିଲାଗି ମଧ୍ୟ ଚିକିତ୍ସା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଆଉ ଏକ ବଡ଼ କଥା ହେଲା ଖେଳାଳିଙ୍କ ଦକ୍ଷତାର ମୂଲ୍ୟାୟନ ଓ ଏହାର ଉନ୍ନତି। ଏଥିଲାଗି ଅଭିନବ ବିନ୍ଦ୍ରା ଟାର୍ଗେଟିଂ ପର୍ଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା କରାଯାଇଛି। ଏଥିରେ ରାଜ୍ୟର ସମସ୍ତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖେଳାଳିଙ୍କ ଡାଟା ରହିଛି । ସେ କିପରି ଉନ୍ନତି କରିପାରିବେ, ତାହାକୁ ଏହି କେନ୍ଦ୍ର ପରୀକ୍ଷା କରିବ। ଏହା ସହ କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ୬୯୩.୩୫ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଜିଲାରେ ୮୯ଟି ବହୁମୁଖୀ ଇନଡୋର ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି।

### ଓଡ଼ିଶା ଦେଶର କ୍ରୀଡ଼ା ରାଜଧାନୀ: ଆର୍ ମାଧବନ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି ବଲିଉଡ୍ ଓ ଟଲିଉଡ୍ ଲୋକପ୍ରିୟ ଅଭିନେତା ଆର୍. ମାଧବନ। କିଛିମାସ ତଳେ ମାଧବନ ଓ ତାଙ୍କ ପତ୍ନୀ କଳିଙ୍ଗ ଷ୍ଟାଡିୟମ୍ ପରିଦର୍ଶନ କରିଥିଲେ। ଏହାପରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଓଡ଼ିଶାରେ କ୍ରୀଡ଼ା ବିକାଶ ଓ କ୍ରୀଡ଼ା ଭିତ୍ତିଭୂମିକୁ ରେ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ଦେଶର କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଛି ବୋଲି କହିଥିଲେ।

## ବିଶ୍ୱ ଦରବାରରେ ସ୍କିଲ୍ଡ-ଇନ୍-ଓଡ଼ିଶା ବ୍ରାଣ୍ଡ

MAKE IN ODISHA

ଦକ୍ଷ ମାନବ ସମ୍ବଳର ପେଣ୍ଠସ୍ଥଳୀ ହେବ ଓଡ଼ିଶା। ବିଶ୍ୱ ଦରବାରରେ ଚମକିବ ସ୍କିଲ୍ଡ-ଇନ୍-ଓଡ଼ିଶା ବ୍ରାଣ୍ଡ। ଦକ୍ଷତା ବିକାଶ ପାଇଁ ମଞ୍ଚେଶ୍ୱରରେ ଶହେ କୋଟି ବ୍ୟୟରେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଏଠାରେ ଛାତ୍ରୀଛାତ୍ର ମୁଖ୍ୟତଃ ବୈଷୟିକ ବିଭାଗରେ ଏସି ଓ ଫ୍ରିଜ୍, ମେକାନିକାଲ୍ ଓ ଇଲେକ୍ଟ୍ରିକାଲ୍ ସର୍ଭିସ୍, ମେକାଟ୍ରୋନିକ୍ସ ଓ ଇଲେକ୍ଟ୍ରିକାଲ୍ ଟେକ୍ନୋଲଜି ବିଭାଗରେ ନାମ ଲେଖାଇବାକୁ ସୁଯୋଗ ଥିବାବେଳେ ବୃତ୍ତିଗତ ଶିକ୍ଷାରେ ହେୟାର୍ ଫେଶନ୍ ଓ ଡିଜାଇନ୍ ଏବଂ ବିଓଟି ଏବଂ ୱେଲନେସ୍ ବିଭାଗରେ ପ୍ରଶିକ୍ଷଣ ଦିଆଯାଇ ଆତ୍ମନିର୍ଭର ହେବା ଲାଗି ପିଲାଙ୍କୁ ପ୍ରୋତ୍ସାହିତ କରାଯାଉଛି। ସେହିପରି ରାଜ୍ୟର ଆଇଟିଆଇ ଓ ଡିପ୍ଲୋମା କଲେଜଗୁଡ଼ିକରେ ବିଭିନ୍ନ ପ୍ରକାରର ଯୁଗୋପଯୋଗୀ ନୂଆ ନୂଆ ପାଠ୍ୟକ୍ରମ ମଧ୍ୟ ଖୋଲୁଛି। ରୂପାନ୍ତରଣରେ ସାମିଲ୍ ଏସ୍‌ସି/ଏସ୍‌ଟି ଆବାସିକ ସ୍କୁଲ ସବୁ ବର୍ଗର ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇବା ପାଇଁ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜ୍ୟର ଅନୁସୂଚିତ ଜନଜାତି (ଏସ୍‌ଟି) ଏବଂ ଅନୁସୂଚିତ ଜାତି(ଏସ୍‌ସି) ବହୁଳ ଅଞ୍ଚଳଗୁଡ଼ିକର ସ୍କୁଲ ରୂପାନ୍ତରଣ କାର୍ଯ୍ୟ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ଏସ୍‌ଟିଏସ୍‌ସି ଜନସଂଖ୍ୟା ଥିବା ୧୧ଟି ଜିଲାର ୧୬୦ଟି ସ୍କୁଲ ଓ ଏହା ଅନ୍ତର୍ଗତ ଆବାସିକ ହଷ୍ଟେଲ ଗୁଡ଼ିକର ରୂପାନ୍ତରଣ କରାଯାଇଛି। ଏସ୍‌ସିଏସ୍‌ଟି ବର୍ଗର ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବିକାଶ ସହ ସେମାନଙ୍କ ଶାରୀରିକ ବିକାଶ(ପୁଷ୍ଟି ସାଧନ)କୁ ଗୁରୁତ୍ୱ ଦିଆଯିବା ଲାଗି ବ୍ୟବସ୍ଥା ହୋଇଥିବାବେଳେ ଆବାସିକ ସ୍କୁଲଗୁଡ଼ିକର ୨୪ ଘଣ୍ଟିଆ ଆମୋଦ-ପ୍ରମୋଦ ବ୍ୟବସ୍ଥା ନେଇ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ଏସ୍‌ସିଏସ୍‌ଟି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିକାଶ, ସ୍କୁଲ ଓ ଗଣଶିକ୍ଷା, ପଞ୍ଚାୟତିରାଜ ଓ ପାନୀୟ ଜଳ, ପୂର୍ତ୍ତ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ସହଯୋଗରେ କାର୍ଯ୍ୟ ତ୍ୱରାନ୍ୱିତ ହେଉଥିବାବେଳେ ସ୍କୁଲଗୁଡ଼ିକରେ ସାଂସ୍କୃତିକ ମଞ୍ଚ, ମୁକ୍ତାକାଶ ରଙ୍ଗମଞ୍ଚ, ସକାଳ ପ୍ରାର୍ଥନା ଓ ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କୁ ନେଇ ବୈଠକ ହେବା ଭଳି ଭିତ୍ତିଭୂମି ନିର୍ମାଣକୁ ପ୍ରାଥମିକତା ଦିଆଯାଇଛି।

## ସଂକ୍ଷେପରେ

### ନିର୍ଜଳା ଏକାଦଶୀ ଓ ରୁକ୍ମିଣୀ ବିବାହ

ଢେଙ୍କାନାଳ ଅଫିସ,୩୧।୫- ଢେଙ୍କାନାଳ ସହରସ୍ଥିତ ସିଦ୍ଧ ବଳରାମଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ବୁଧବାର ନିର୍ଜଳା ଏକାଦଶୀ ଓ ରୁକ୍ମିଣୀ ବିବାହ ଉତ୍ସବ ପାଳିତ ହୋଇଯାଇଛି। ପ୍ରାତଃ ସମୟରୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର ଲାଗି, ଫୁଲହାର, ତୁଳସୀହାର ଓ ବଲ୍ଲଭ ଭୋଗଲାଗି କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ଖେଚୁଡି ଭୋଗ, ମଧ୍ୟାହ୍ନରେ ଅନ୍ନ ଭୋଗ ଓ ସନ୍ଧ୍ୟାରେ ଆଳତୀ ଓ ପାଲିଙ୍କିରେ ନଅରକୁ ବିଜେ କରିବା ସହ ପୂଜାର୍ଚ୍ଚନା କରାଯାଇ ରୁକ୍ମଣୀ ହରଣ ପରେ ମହାପ୍ରଭୁଙ୍କୁ ମନ୍ଦିରକୁ ଫେରାଇ ଅଣାଯାଇଥିଲା। ଏହାପରେ ଅନ୍ନ ଧୂପ, ଏକାଦଶୀ ନୀତି ପାଳନ, ମହାଦୀପ



ଓ ପରେ ରୁକ୍ମଣୀ ବିବାହ ଉତ୍ସବ ପାଳିତ ହୋଇଥିଲା। ପୂଜକ ମଳୟ କର, ମନ ସୁମନ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, କାହାଳିଆ ଟିକନ ବେହେରା ଓ ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଏହି ଉତ୍ସବ ଆୟୋଜିତ ହୋଇଥିଲା।

# ବାଣିଜ୍ୟରେ ୯୬.୦୩, ବିଜ୍ଞାନରେ ୯୯.୨% ପାସ୍




■ଢେଙ୍କାନାଳ ଜୁନିୟର କଲେଜ ଫଳାଫଳ
■ଈଶା, ଆଦ୍ୟାଶା କଲେଜ ଟପ୍ପର

ଢେଙ୍କାନାଳ ଅଫିସ,୩୧।୫

ଢେଙ୍କାନାଳ ଜୁନିୟର କଲେଜର ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଚଳିତବର୍ଷ ବିଜ୍ଞାନରେ ୯୯.୨ ପ୍ରତିଶତ ଓ ବାଣିଜ୍ୟରେ ପାସହାର ୯୬.୩ ପ୍ରତିଶତ ରହିଛି। ବିଜ୍ଞାନରେ ଆଦ୍ୟାଶା ବାରିକୀ ଓ ବାଣିଜ୍ୟରେ ଈଶା ତ୍ରିପାଠୀ କଲେଜ ଟପ୍ପର ହୋଇଛନ୍ତି। ବିଜ୍ଞାନରେ ମୋଟ୍ ୨୫୨ଜଣ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରେ ପ୍ରଥମ ଶ୍ରେଣୀରେ ୧୬୮ଜଣ, ଦ୍ୱିତୀୟ ଶ୍ରେଣୀରେ ୬୬, ତୃତୀୟ ଶ୍ରେଣୀରେ ୧୬ଜଣ ପାସ୍ କରିଛନ୍ତି। ୨ଜଣ ଫେଲ ହୋଇନ୍ତି। ସେହିପରି ବାଣିଜ୍ୟରେ ୧୦୧ ଜଣ ପରୀକ୍ଷା ଦେଇଥିବା ବେଳେ ୫୦ ଜଣ ପ୍ରଥମ ଶ୍ରେଣୀ, ୨୨ ଜଣ ଦ୍ୱିତୀୟ ଶ୍ରେଣୀ, ୨୫ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪ଜଣ ଫେଲ ହୋଇଛନ୍ତି। ବିଜ୍ଞାନ ଟପ୍ପର ଆଦ୍ୟାଶା ବାରିକୀ ମୋଟ୍ ୬୦୦ରୁ ୫୩୯ ନଂ. ରଖି କଲେଜରେ ପ୍ରଥମ, ସ୍ମୃତିପ୍ରଜ୍ଞା ଦେହୁରୀ ୫୩୩ ରଖି ଦ୍ୱିତୀୟ ଓ ବିଘ୍ନେଶ ସାହୁ ୫୨୬ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ବାଣିଜ୍ୟରେ ଟପ୍ପର ଈଶା ତ୍ରିପାଠୀ ୬୦୦ରୁ ୫୬୩ ରଖି ପ୍ରଥମ, ବୈଷ୍ଣବୀ ସିଂହ ୫୩୯ ରଖି ଦ୍ୱିତୀୟ ଓ ଆଦିତ୍ୟ ନାୟକ ୫୩୬ନଂ. ରଖି ତୃତୀୟ ସ୍ଥାନ ଅଧିକାର କରିଥିବା କଲେଜ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

### ଡାକ୍ତରୀ ପାଠ ପଢ଼ିବି



ଗଁଦିଆ ବ୍ଲକ ଅଞ୍ଚଳର ଏକ ପେଟ୍ରୋଲ ପମ୍ପରେ କାର୍ଯ୍ୟରତ ନୀଳମଣି ବାରିକୀ ଓ ସସ୍ମିତା ବାରିକୀଙ୍କ ଜ୍ୟେଷ୍ଠ କନ୍ୟା ଆଦ୍ୟାଶା କହିଛନ୍ତି, ଚଳିତବର୍ଷ ପରୀକ୍ଷାରେ ପ୍ରାୟ ୯୫ ପ୍ରତିଶତ ନମ୍ବର ରଖିବି ବୋଲି ଆଶା ଥିଲା। କିନ୍ତୁ ନମ୍ବର କମିଥିବାରୁ ମନ ଟିକେ ଦୁଃଖ ରହିଛି। ଆଗକୁ ମେଡିକାଲ ଲାଇନରେ ଯିବାକୁ ସ୍ଥିର କରିଛି।

ଆଦ୍ୟାଶା ବାରିକୀ।

### ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବି



ଢେଙ୍କାନାଳ ସହର ଅମଲାପଡାସ୍ଥିତ ରୁଦ୍ର ନାରାୟଣ ତ୍ରିପାଠୀ ଓ ମିତାଲୀ ମଧୁସ୍ମିତାଙ୍କ ଜ୍ୟେଷ୍ଠ କନ୍ୟା ତଥା ସ୍ୱର୍ଗତ ଗୌରହରି ତ୍ରିପାଠୀଙ୍କ ନାତୁଣୀ ଈଶା ତ୍ରିପାଠୀ କହିଛନ୍ତି, ଅଧିକ ନମ୍ବର ରଖିବାର ଆଶା ଥିଲା। ହେଲେ ନମ୍ବର ଟିକେ କମିଯାଇଛି। ଭବିଷ୍ୟତରେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବା ପାଇଁ ଲକ୍ଷ୍ୟ ରଖିଛି।

ଈଶା ତ୍ରିପାଠୀ।

# ୮୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି ଶୁଭ୍ରାଂଶୁ

ଢେଙ୍କାନାଳ ଅଫିସ,୩୧।୫

ଢେଙ୍କାନାଳ ଜୁନିୟର କଲେଜ ଯୁକ୍ତ ୨ ବାଣିଜ୍ୟ ଛାତ୍ର ଶୁଭ୍ରାଂଶୁ କୁମାର ପଣ୍ଡା ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ହେଲେ ନିଜ କୃତିତ୍ୱକୁ ନେଇ ଖୁସି ହେବାକୁ ଶୁଭ୍ରାଂଶୁ ଆଉ ଇହଜଗତରେ ନାହାନ୍ତି। ପରୀକ୍ଷାଫଳ ବାହାରିବାର ଦିନକ ପୂର୍ବରୁ ସୋମବାର ବିଳମ୍ବିତ ରାତିରେ ସେ ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଦେଇଥିଲେ। ପ୍ରକାଶ ଯେ, କୁଞ୍ଜକାନ୍ତ ଅଞ୍ଚଳରେ ଥିବା ଏକ ଘରୋଇ ଟ୍ୟୁଟୋରିଆଲର ହଷ୍ଟେଲ ପ୍ରକୋଷ୍ଠରେ ଶୁଭ୍ରାଂଶୁ ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିଲେ। ବୁଧବାର ଯୁକ୍ତ୨ ବାଣିଜ୍ୟ

### ଫଳ ବାହାରିବା ପୂର୍ବରୁ ଆତ୍ମହତ୍ୟା କରିଥିଲେ

ପରୀକ୍ଷାଫଳ ପ୍ରକାଶ ପାଇବା ପରେ ସେ ୮୦ରୁ ଊର୍ଦ୍ଧ୍ୱ ପ୍ରତିଶତ ନମ୍ବର ରଖି ପ୍ରଥମସ୍ଥାନ ଅଧିକାର କରିଥିବା ଟ୍ୟୁଟୋରିଆଲ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡିଛି। ଏ ନେଇ ତାଙ୍କ ସାଙ୍ଗସାଥୀ ଓ ପରିବାରରେ ଶୋକର ଛାୟା ଖେଳିଯାଇଛି। ସୁନୀଲ କୁମାର ପଣ୍ଡାଙ୍କ ପୁତ୍ର ଶୁଭ୍ରାଂଶୁଙ୍କ ଘର କଟକ ଜିଲା ତିଗିରିଆ ଥାନା ଅଞ୍ଚଳରେ। ତେବେ ପ୍ରେମଜନିତ କାରଣକୁ ନେଇ ସେ ଆତ୍ମହତ୍ୟା କରିଥିବା ପୋଲିସ ତଦନ୍ତରୁ ଜଣାପଡିଛି।

# ଆଇସି ଟ୍ୟୁଟୋରିଆଲର ସଫଳତା

ଢେଙ୍କାନାଳ ଅଫିସ,୩୧।୫

ଢେଙ୍କାନାଳ ସହର କୁଞ୍ଜକାନ୍ତଠାରେ ଥିବା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମର୍ସ (ଆଇସି) ଟ୍ୟୁଟୋରିଆଲର ଯୁକ୍ତ୨ ବାଣିଜ୍ୟ ପରୀକ୍ଷାରେ ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ଆଇସି ଟ୍ୟୁଟୋରିଆଲ ଛାତ୍ରୀ ତଥା ଢେଙ୍କାନାଳ ଜୁନିୟର କଲେଜ ବାଣିଜ୍ୟ ବିଭାଗର ବୈଷ୍ଣବୀ ସିଂ ୫୩୯ ନଂ. ରଖି କଲେଜରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଢେଙ୍କାନାଳ ଜୁନିୟର କଲେଜର ୫୦୦ରୁ ଅଧିକ ନମ୍ବର ରଖିଥିବା ୧୨ଜଣଙ୍କ ମଧ୍ୟରୁ ୯ଜଣ ଆଇସି ଟ୍ୟୁଟୋରିଆଲର। ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହାଇଥିବା ୪୮ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୫ଜଣ ଆଇସି ଟ୍ୟୁଟୋରିଆଲର। ସେହିପରି ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୫ଜଣ ଆଇସି ଟ୍ୟୁଟୋରିଆଲର ବୋଲି ଅନୁଷ୍ଠାନ ନିର୍ଦ୍ଦେଶକ ରୁପେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ସାଇକୃପାର ଶତ ପ୍ରତିଶତ ସଫଳତା


ସୁଶ୍ରୀ ସୋଲେନି ବେହେରା


ଆଶୁତୋଷ ସାହୁ


ଲରେନ୍ସ ପ୍ରଧାନ


ପ୍ରତୀକ୍ଷା କିରଣ ପ୍ରଧାନ


ଶାନ୍ତନୁ ସାହୁ

ଢେଙ୍କାନାଳ ଅଫିସ,୩୧।୫

ଯୁକ୍ତ୨ ବିଜ୍ଞାନ ଫଳରେ ଢେଙ୍କାନାଳ ସହର କୁଞ୍ଜକାନ୍ତସ୍ଥିତ ସାଇକୃପା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶତ ପ୍ରତିଶତ ସଫଳତା ହାସଲ କରିଛି। ଚଳିତବର୍ଷ ସାଇକୃପାର ୧୮୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୩୮ ଜଣ ପ୍ରଥମ ଶ୍ରେଣୀ, ୪୩ ଜଣ ଦ୍ୱିତୀୟ ଓ ୪ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରତିବର୍ଷ ମାଟ୍ରିକ ପରୀକ୍ଷାରେ କମ୍ ସଂଖ୍ୟକ ନମ୍ବର ରଖି ଆସିଥିବା ଛାତ୍ରୀଛାତ୍ରମାନଙ୍କୁ ଏଠାରେ ସ୍ୱତନ୍ତ୍ର ଧ୍ୟାନ ଦେଇ ଭିନ୍ନ ଶୈଳୀରେ ଶିକ୍ଷାଦାନ କରାଯାଉଛି। ୧୮୫ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୯ଜଣ ମାଟ୍ରିକ ପରୀକ୍ଷାରେ ପାଇଥିବା ନମ୍ବରଠାରୁ ଯୁକ୍ତ୨ରେ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଭୁବନର ଆଶୁତୋଷ ସାହୁ ଓ ଗଁଦିଆର ବିବେକ କୁମାର ବେହେରା ପଦାର୍ଥ ବିଜ୍ଞାନରେ ଶତ ପ୍ରତିଶତ ନମ୍ବର ରଖିଛନ୍ତି। ଛାତ୍ରୀ ସୁଶ୍ରୀ ସୋଲେନି ବେହେରା ୫୩୬ (୮୯.୮୩%) ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ଆଶୁତୋଷ ସାହୁ ୫୩୩, ଲରେନ୍ସ ପ୍ରଧାନ ୫୩୩, ପ୍ରତୀକ୍ଷା କିରଣ ପ୍ରଧାନ ୫୨୭, ଶାନ୍ତନୁ ସାହୁ ୫୨୭, ଆଶୁତୋଷ ଖଟୁଆ ୫୧୬, ଲାଜମୀ ଦେହୁରୀ ୫୧୧ ନମ୍ବର ରଖିଛନ୍ତି। ୧୯ଜଣ ଛାତ୍ରୀଛାତ୍ର ୫୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ବିଦ୍ୟାଳୟ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ହିଁ ଏହି ସଫଳତା ଆଣିଦେଇଛି ବୋଲି ଅଧ୍ୟକ୍ଷ ଡ. ତୁଷାରକାନ୍ତ ମହାନ୍ତି ଓ ବିଦ୍ୟାଳୟ ପରିଚାଳନା ପରିଷଦ ଅଧ୍ୟକ୍ଷ ଅନ୍ନଦା କୁମାର ମହାନ୍ତି ଜଣାଇଛନ୍ତି।

# ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଢେଙ୍କାନାଳ ଅଫିସ,୩୧।୫

ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ଅଧୀନ କାଙ୍କଲୁଣ୍ଡା ଗ୍ରାମର ଏକ ମଠରେ ରହୁଥିବା ଗୋଲି ମାତାଙ୍କ ହତ୍ୟା ମାମଲାର ଶୁଣାଣି କରି ଜିଲା ଦୌରାଜଜ୍ ଜଗଦୀଶ ପ୍ରସାଦ ମହାନ୍ତି ବୁଧବାର ଅଭିଯୁକ୍ତ ବିଜୁ ବାରିକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ସତ୍ୟ ରଞ୍ଜନ ଶତପଥୀ ଓ ସରୋଜ କୁମାର ପାଢୀ ଏହି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୨୭ ଏପ୍ରିଲ ୨୦୧୮ ରାତିରେ ଗୋଲି ମାତାଙ୍କୁ ହତ୍ୟା କରାଯାଇଥିଲା। ଏ ନେଇ ଗୋଲି ମାତାଙ୍କ ଭାଇ ପ୍ରେମାନନ୍ଦ ସାହୁ ଗଁଦିଆ ଥାନାରେ ଏତଲା ଦେବା ପରେ ଅଭିଯୁକ୍ତ ବିଜୁ ବାରିକଙ୍କୁ ଗିରଫ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣ ଓ ଦସ୍ତାବିଜକୁ ତର୍ଜମା କରି ଜିଲା ଦୌରାଜଜ୍ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ମାମଲା ପରିଚାଳନା କରୁଥିବା ଆଇନଜୀବୀଙ୍କ ସୂତ୍ରରୁ ଜଣାପଡିଛି।

# ବିଦ୍ୟାର୍ଥୀର ବିଜ୍ଞାନ ପରୀକ୍ଷାଫଳ ଆଶାତୀତ


ସୁଚିସ୍ମିତା ସାହୁ


ଆଶିଷ ପତି


ପ୍ରଜ୍ଞାଶ୍ରୀ ଜେନା।


ରାମଶଙ୍କର ମିଶ୍ର।

ଢେଙ୍କାନାଳ ଅଫିସ,୩୧।୫

ଯୁକ୍ତ ୨ ବିଜ୍ଞାନରେ ଢେଙ୍କାନାଳସ୍ଥିତ ବିଦ୍ୟାର୍ଥୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆଶାତୀତ ସଫଳତା ହାସଲ କରିଛି। ବିଗତବର୍ଷ ମହାବିଦ୍ୟାଳୟର ଏଲିନା ମହାପାତ୍ର ରାଜ୍ୟରେ ଷଷ୍ଠସ୍ଥାନ ଅଧିକାର କରିଥିବା ବେଳେ ଚଳିତବର୍ଷ ଯୁକ୍ତ୨ ବିଜ୍ଞାନରେ ୩ ଛାତ୍ରୀଛାତ୍ର ଏ-୧ ଗ୍ରେଡ୍ ଲାଭକରି ମହାବିଦ୍ୟାଳୟର ସୁନାମ ଅର୍ଜନ କରିଛନ୍ତି। ସୁଚିସ୍ମିତା ସାହୁ ୬୦୦ରୁ ୫୫୪, ଆଶିଷ ପତି ୫୫୧, ପ୍ରଜ୍ଞାଶ୍ରୀ ଜେନା ୫୪୫, ରାମଶଙ୍କର ମିଶ୍ର ୫୩୯ନଂ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ୍ ୧୨୯ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧୩ଜଣ ପ୍ରଥମ ଶ୍ରେଣୀ ଓ ୧୬ଜଣ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ଏହି ସଫଳତା ପାଇଁ ମହାବିଦ୍ୟାଳୟର ଚେୟାରମ୍ୟାନ ଜ୍ଞାନେନ୍ଦ୍ର କୁମାର ସାହୁ, ଭାଇସ ଚେୟାରମ୍ୟାନ ଧର୍ମେନ୍ଦ୍ର ପ୍ରସାଦ ସିଂ, ଅଧ୍ୟକ୍ଷ ବିରଞ୍ଚି କୁମାର ମିଶ୍ର, ଉପାଧ୍ୟକ୍ଷ ଶ୍ରୀବତ୍ସ ବେହେରାଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଏବଂ ସମସ୍ତ କର୍ମଚାରୀ ସଫଳ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଚଳିତବର୍ଷ ପରୀକ୍ଷାରେ ୨୧ ଛାତ୍ରୀଛାତ୍ର ୫୦୦ରୁ ଅଧିକ ନମ୍ବର ରଖିଛନ୍ତି। ଏଥିସହିତ ପଦାର୍ଥ ବିଜ୍ଞାନରେ ୨ଜଣ, ଗଣିତରେ ୩ଜଣ ଓ ପ୍ରାଣୀ ବିଜ୍ଞାନରେ ୫ଜଣ ଶତପ୍ରତିଶତ ନମ୍ବର ରଖି କଲେଜର ଖ୍ୟାତିକୁ ଦ୍ୱିଗୁଣିତ କରିଛନ୍ତି।

# ଆଜିଠୁ ସାମୂହିକ ଛୁଟିରେ ଯିବେ ଅମଲା

ଢେଙ୍କାନାଳ ଅଫିସ,୩୧।୫

ଢେଙ୍କାନାଳ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ଗୁରୁବାର ସାମୂହିକ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହିତ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଅମଲାମାନେ ଧାରଣାରେ ମଧ୍ୟ ବସିବେ। ଏ ସଂକ୍ରାନ୍ତରେ ବୁଧବାର ମିଳିତ ଅମଲା ମଞ୍ଚ ପକ୍ଷରୁ ଅତିରିକ୍ତ ଜିଲାପାଳ(ସାଧାରଣ)ଙ୍କୁ ଲିଖିତ ଭାବରେ ଜଣାଇ ଦିଆଯାଇଛି। ମିଳିତ ଅମଲା ମଞ୍ଚ ଅଧ୍ୟକ୍ଷ ବିଭୂତି ଭୂଷଣ ପଟ୍ଟନାୟକ ଓ ଆବାହକ ଅରୁଣ କୁମାର ବଳିଆରସିଂଙ୍କ

### ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ

ନେତୃତ୍ୱରେ ଜଣାଇ ଦିଆଯାଇଛି ଯେ, ଜିଲାସ୍ତରୀୟ ଅମଲାମାନଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ହୋଇଥିବା ବେଳେ ଦରମା ମାଟ୍ରିକ ହାରରେ ମିଳୁଥିବାରୁ ସମସ୍ତ ଅମଲା ମିଳିତ ହୋଇ ସରକାରଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଦାବିପତ୍ର ଦେଇଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ସରକାର ଦାବି ପୂରଣ ପାଇଁ ପଦକ୍ଷେପ ନେଇ ନ ଥିବାରୁ ଏହାର ପ୍ରତିବାଦରେ ମଞ୍ଚ ପକ୍ଷରୁ ନିଷ୍ପତ୍ତି ଅନୁଯାୟୀ ଗୁରୁବାର ଠାରୁ ଅମଲାମାନେ ଛୁଟିରେ ଯିବେ। ପ୍ରଥମ ଦିବସରେ ଜିଲାର ସମସ୍ତ ଅମଲା ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ। ଏହାପର ଠାରୁ ଜିଲାର ଢେଙ୍କାନାଳ, କାମାକ୍ଷାନଗର ଓ ହିନ୍ଦୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସମେତ ବିଭିନ୍ନ ବ୍ଲକ ଓ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ।



ସାମୂହିକ ଛୁଟିରେ ଯିବାକୁ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ଯୁକ୍ତ୨ ବିଜ୍ଞାନରେ ଇଟେକ୍‌ର ସଫଳତା


ରାଜେଶ ସାହୁ


ସୋନମ ସାହୁ


ଲକ୍ଷ୍ମୀପ୍ରିୟା ନାଥ


ସ୍ମୃତିରଞ୍ଜନ ଜେନା


ପୂଜାରିଣୀ ପ୍ରଧାନ

ଢେଙ୍କାନାଳ ଅଫିସ,୩୧।୫

ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ଢେଙ୍କାନାଳ ଇଟେକ୍ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁଣିଥରେ କୀର୍ତ୍ତିମାନ ସ୍ଥାପନ କରିଛି। ଚଳିତବର୍ଷ ଇଟେକ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୮୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୭୬ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅନୁଷ୍ଠାନର ଗୌରବ ବଢାଇଛନ୍ତି। ସେମାନଙ୍କ ମଧ୍ୟରୁ ରେକର୍ଡ ସଂଖ୍ୟକ ୨୧ ଛାତ୍ରୀଛାତ୍ର ଶତକଡା ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ୧୦୩ଜଣ ଛାତ୍ରୀଛାତ୍ର ୫୦୦ରୁ ଅଧିକ ନମ୍ବର ରଖି ଅନୁଷ୍ଠାନ ପାଇଁ ସଫଳତା ଆଣିଛନ୍ତି। ଛାତ୍ରୀ ଲକ୍ଷ୍ମୀପ୍ରିୟା ନାଥ ୫୫୬ ନମ୍ବର ରଖି ଢେଙ୍କାନାଳ ଜିଲାର ଟପ୍ପର ହୋଇଥିବା ଅନୁଷ୍ଠାନର ଅଧ୍ୟକ୍ଷ ଡ. ସୁରେଶ ମିଶ୍ର ସୂଚନା ଦେଇଛନ୍ତି। ସେହିପରି ରାଜେଶ ସାହୁ ୫୫୨, ପୂଜାରିଣୀ ପ୍ରଧାନ ୫୫୧, ସ୍ମୃତିରଞ୍ଜନ ଜେନା ୫୫୧, ସୋନମ ସାହୁ ୫୫୧, ଶୁଭ୍ରକାନ୍ତ ସାହୁ ୫୫୦,

### ଲକ୍ଷ୍ମୀପ୍ରିୟା ଜିଲା ଟପ୍ପର

ସୁଧାଂଶୁ ପୁହାଣ ୫୫୦, ଶୁଭଦର୍ଶିନୀ ସାହୁ ୫୪୮, ସ୍ମୃତିରେଖା ମୁଦୁଲି ୫୪୭, ଇତିଶ୍ରୀ ସାହୁ ୫୪୭, ହିତେଶ ପରିଡା ୫୪୭, ଓମ୍ ପ୍ରକାଶ ରାଉଳ ୫୪୬, ମୋନାଲିସା ପ୍ରଧାନ ୫୪୫, ଐଶ୍ୱର୍ଯ୍ୟା ନାୟକ ୫୪୪, ଭାଗ୍ୟଶ୍ରୀ ମହାନ୍ତି ୫୪୪, ପ୍ରୀତମ ପ୍ରିୟାଂଶୁ ମହାନ୍ତି ୫୪୨, ସୁଚିସ୍ମିତା ମିଶ୍ର ୫୪୨, ପ୍ରାଚୀ ପରମିତା ପ୍ରଧାନ ୫୪୧, ସୌମ୍ୟରଞ୍ଜନ ବେହେରା ୫୪୧, ରାଧାରାଣୀ ନାୟକ ୫୪୧ନଂ ରଖି ଅନୁଷ୍ଠାନର ଶିକ୍ଷା ପ୍ରଣାଳୀକୁ ପ୍ରତିପାଦିତ କରିଛନ୍ତି। ଅଭିଜ୍ଞ ଅଧ୍ୟାପିକା ଅଧ୍ୟାପକମାନଙ୍କ ଦ୍ୱାରା ଉଚ୍ଚ ମାନର ଶିକ୍ଷାଦାନ, ସମୟୋପଯୋଗୀ ଶିକ୍ଷା ପ୍ରଣାଳୀ, ଶୃଙ୍ଖଳିତ ଏବଂ ଶୈକ୍ଷିକ ବାତାବରଣ ସହ ଛାତ୍ରୀଛାତ୍ରମାନଙ୍କ କଠିନ ପରିଶ୍ରମ ଯୋଗୁ ଇଟେକ ଏହି ସଫଳତା ହାସଲ କରିପାରିଛି ବୋଲି ଅନୁଷ୍ଠାନର ଅଧ୍ୟକ୍ଷ କହିଛନ୍ତି। ସେହିପରି ଇଟେକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୨୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୯୬ଜଣ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ସୋନମ ସାହୁ ଏବଂ ରାଧାରାଣୀ ନାୟକ ଶତକଡା ୯୦ରୁ ଅଧିକ ନମ୍ବର ରଖି ଗତବର୍ଷର ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ୧୧ଜଣ ଛାତ୍ରୀ ୫୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଇଟେକ୍‌ର ଅଧ୍ୟାପିକା ଅଧ୍ୟାପକମାନଙ୍କ ଗଠନମୂଳକ ଶିକ୍ଷାଦାନ, ଅଭିଭାବକମାନଙ୍କ ଆନ୍ତରିକ ସହଯୋଗ, କର୍ମଚାରୀମାନଙ୍କ ନିଷ୍ଠାପର କର୍ତ୍ତବ୍ୟ ସମ୍ପାଦନ, ଛାତ୍ରୀଛାତ୍ରମାନଙ୍କ କଠିନ ଅଧ୍ୟବସାୟ ଯୋଗୁ ଇଟେକ ରାଜ୍ୟସ୍ତରୀୟ ଗୁରୁତ୍ୱ ପ୍ରତିପାଦନରେ ସହାୟକ ହୋଇପାରିଛି। ବର୍ତ୍ତମାନ ନାମଲେଖା ପ୍ରକ୍ରିୟା ଚାଲିଥିବା ବେଳେ ଯୁକ୍ତ୨ ବିଜ୍ଞାନ ପଢିବାକୁ ଇଚ୍ଛୁକ ଛାତ୍ରୀଛାତ୍ରମାନେ ଇଟେକର ଏହି ସଫଳ ଜୟଯାତ୍ରାରେ ସାମିଲ ହେବାକୁ ଅଧ୍ୟକ୍ଷ ଆହ୍ୱାନ ଦେଇଛନ୍ତି।

# କନ୍ୟା ସନ୍ତାନଙ୍କୁ ପୋଷ୍ୟ କଲେ କେରଳ ଦମ୍ପତି

ଢେଙ୍କାନାଳ ଅଫିସ,୩୧।୫

ଢେଙ୍କାନାଳ ଜିଲା ସଦର ବ୍ଲକ ଗୋବିନ୍ଦପୁର ଅଞ୍ଚଳରେ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥା ଜରିଆରେ ଆଇନ ଅନୁଯାୟୀ ଏକ କନ୍ୟା ସନ୍ତାନକୁ କେରଳର ଏକ ନିଃସନ୍ତାନ ଦମ୍ପତି ବୁଧବାର ଗ୍ରହଣ କରିଛନ୍ତି। ଏହି କେରଳ ଦମ୍ପତି ଅନୁଷ୍ଠାନକୁ ଆସି ଜିଲା ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ପୁଷ୍ପକ କୁମାର ତ୍ରିପାଠୀ, ସମସ୍ତ ସଦସ୍ୟା ସଦସ୍ୟ ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ମ୍ୟାନେଜର ଶୈଳବାଳା ବେହେରା, ପରାମର୍ଶଦାତା ଅଞ୍ଜନା ଶର୍ମାଙ୍କ ଉପସ୍ଥିତିରେ କନ୍ୟା ଶିଶୁଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟନାଥ ମହାପାତ୍ର, ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିବା ଦମ୍ପତିଙ୍କୁ ସମ୍ମାନିତ କରିବା ସହ କନ୍ୟା ଶିଶୁକୁ ଆଶୀର୍ବାଦ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ମିଶନର ସମ୍ପାଦକ ପ୍ରଦୀପ କୁମାର ସାହୁ, ସଭ୍ୟ ପ୍ରୀତିରଞ୍ଜନ ମଶ୍ର, ଆୟା ସନ୍ଧ୍ୟାରାଣୀ ସେଠୀ, ସରୋଜ କୁମାର ସାହୁ ଓ କାଳିଦାସ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ ।



ପୋଷ୍ୟ ସନ୍ତାନ ଗ୍ରହଣ କରୁଛନ୍ତି କେରଳ ଦମ୍ପତି।

# ମହିମା ସ୍ୱାମୀଙ୍କ ତପୋଭୂମିର ବିକାଶ ଦାବି

ଢେଙ୍କାନାଳ ଅଫିସ,୩୧।୫

ଢେଙ୍କାନାଳ ଜିଲା ମହିମା ଧର୍ମର ପ୍ରତିଷ୍ଠାତା ପ୍ରବୁଦ୍ଧ ଗୁରୁ ମହିମା ସ୍ୱାମୀଙ୍କ ତପୋଭୂମି କପିଳାସସ୍ଥିତ ମହିମା ତପୋବନ ପୀଠ ଏବଂ କର୍ମଭୂମି ମହିମାଗାଦି ଯୋରନ୍ଦା ପୀଠର ଉନ୍ନତି ପାଇଁ ୨୦ ଦଫା ପ୍ରସ୍ତାବ ସମ୍ବଳିତ ସ୍ମାରକପତ୍ର ସୋମବାର ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ପ୍ରଦାନ କରାଯାଇଛି। ସଚିବ ପାଣ୍ଡିଆନଙ୍କ ଯୋରନ୍ଦା ଗସ୍ତ ଅବସରରେ କୌପୀନଧାରୀ ମହିମା ସମାଜ ସଭାପତି ଶ୍ରୀମଦ୍ ରଘୁନାଥ ବାବା ଏହା ପ୍ରଦାନ କରିଥିଲେ। ଏହି ସ୍ମାରକପତ୍ରକୁ ମହିମା ଧର୍ମଧାମ ବିକାଶ ପରିଷଦର ସଭ୍ୟ ପ୍ରଦ୍ୟୁମ୍ନ ରଥ ପ୍ରସ୍ତୁତ କରିଥିଲେ। କୌପୀନଧାରୀ ମହିମା ସମାଜର ପାରମ୍ପରିକ ରୋଷଶାଳାକୁ ସୌର ଉର୍ଜାରେ ପରିଣତ କରିବା, ଅଖଣ୍ଡ ବ୍ରହ୍ମଧୁନିକୁ ସଦାସର୍ବଦା ଉଜ୍ଜୀବିତ କରି ରଖିବାକୁ ମହିମା ବନ ପ୍ରକଳ୍ପର ଶୁଭାରମ୍ଭ କରିବା, ଯୋରନ୍ଦାର ମଠ ମନ୍ଦିର, ରାସ୍ତା ଓ ପ୍ରବେଶ ତୋରଣ ଆଦିରେ ଏଲିଡ଼ି ଆଲୋକ ବ୍ୟବସ୍ଥା, ମହିମାଧର୍ମ ଉପରେ ରଚିତ ବିଭିନ୍ନ ପୁସ୍ତକାବଳୀକୁ ନେଇ ଏକ ମହିମା ଗବେଷଣା କେନ୍ଦ୍ର, ପାଠାଗାର ଓ ପଠନ ଗୃହ ବ୍ୟବସ୍ଥା, ଗାଦୀ ପୀଠରେ ସୌନ୍ଦର୍ଯ୍ୟପୂର୍ଣ୍ଣ ପଥପ୍ରାନ୍ତ ବନୀକରଣ, ଯୋରନ୍ଦା ପୀଠର ଉନ୍ନତୀକରଣ କାର୍ଯ୍ୟ ତଦାରଖ ଓ ରକ୍ଷଣାବେକ୍ଷଣ ପାଇଁ ଉଭୟ ଗୋଷ୍ଠୀର ସନ୍ନାସୀ ଓ ମହିମା ଧର୍ମଧାମ ବିକାଶ ପରିଷଦର ପ୍ରତିନିଧିଙ୍କୁ ନେଇ ଏକ କ୍ଷମତାସମ୍ପନ୍ନ କମିଟି ଗଢାଯିବା, ମହିମା ଗାଦୀପୀଠ ଯୋରନ୍ଦାକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କେନ୍ଦ୍ର ଭାବେ ଗଢିବା, ବହୁତଳ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ, ଯୋରନ୍ଦାକୁ ଭାରତୀୟ ରେଳ ମାନଚିତ୍ରରେ ସ୍ଥାନିତ କରିବା ପାଇଁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ତପୋବନ ପୀଠର ପ୍ରବେଶପଥ କାଦୁଆଠାରେ ଏକ ଐତିହ୍ୟ ତୋରଣ ନିର୍ମାଣ, କାଦୁଆଠାରୁ ତପୋବନ ପୀଠ ଯାଏ ୪ କିଲୋମିଟର ଜଙ୍ଗଲ ରାସ୍ତାକୁ ସବୁଦିନିଆ ଚଳାଚଳ ଉପଯୋଗୀ କରିବା, ତପୋବନ ମହିମା ପୀଠରେ ସ୍ୱତନ୍ତ୍ର ଲ୍ୟାଣ୍ଡ ସ୍କେପିଂ ଉଦ୍ୟାନ କରିବା, ଚିରସ୍ରୋତା ଝରଣା ଉପରେ ଆଡିବନ୍ଧ ନିର୍ମାଣ, ଜିଲାର ଅବହେଳିତ ମହିମାସ୍ଥଳୀ ଓ ଟୁଙ୍ଗିର ବିକାଶ କରିବା ଏବଂ ୧୦ ବର୍ଷ ଧରି ଚାଲିଥିବା ମହିମା ଜ୍ୟୋତି ଯାତ୍ରା ପାଇଁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିବା ନେଇ ସ୍ମାରକପତ୍ରରେ ଦାବି କରାଯାଇଛି। ସେହିପରି ତପୋବନ ପୀଠକୁ ଯାଇଥିବା ରାସ୍ତାକୁ ଉନ୍ନତୀକରଣ କରାଯିବ ବୋଲି ଢେଙ୍କାନାଳ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର ବୁଧବାର ମହିମା ଶ୍ରଦ୍ଧାଳୁଙ୍କ ସହ ବେଲଟିକିରି, କାଇମାଟି ଓ ନାଗିଆପଶି ସରପଞ୍ଚଙ୍କୁ କହିଛନ୍ତି। ବୁଧବାର ତପୋବନ ପୀଠରେ ଆୟୋଜିତ ଘୃତାହୁତି ଓ ମହିମା ଭଜନ କାର୍ଯ୍ୟକ୍ରମରେ ସେ ଅତିଥି ଭାବେ ଯୋଗ ଦେଇଥିଲେ। କପିଳାସ ସଂରକ୍ଷିତ ଜଙ୍ଗଲ ଅଭୟାରଣ୍ୟ ଘୋଷିତ ହୋଇଥିବାରୁ କୌଣସି ପକ୍କା ସଡକ ଏହା ମଧ୍ୟଦେଇ ନିର୍ମାଣ ହୋଇପାରିବ ନାହିଁ ବୋଲି ବନଖଣ୍ଡ ଅଧିକାରୀ ସ୍ପଷ୍ଟ କରିଥିଲେ। କିନ୍ତୁ ମୋରମ ରାସ୍ତାକୁ ସୁରକ୍ଷା ଦେବା ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ବର୍ଷାଜଳ ପ୍ରବାହ ନାଳ ଖନନ ଓ ଆବଶ୍ୟକ ସ୍ଥଳେ ପ୍ରବାହିତ ଜଳ ସ୍ରୋତର ଦିଗ ପରିବର୍ତ୍ତନ ପାଇଁ କଲଭର୍ଟ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ସେହିପରି ଚିରସ୍ରୋତା ଝରଣା ଉପରେ ଆଡିବନ୍ଧ ନିର୍ମାଣ ଉପରେ ଧ୍ୟାନ ଦିଆଯିବ ବୋଲି ସେ କହିଥିଲେ। ନାଗିଆପଶି ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା, ବେଲଟିକିରି ସରପଞ୍ଚ ବଳଭଦ୍ର ସାମଲ, ନାଗିଆପଶି ଗ୍ରାମ ସଭାପତି ଅଶ୍ୱିନୀ ମହାନ୍ତି, ବିରାଡିଆ ଗ୍ରାମ ସଭାପତି କୁଶ ସାମଲ, ପୀଠ ପ୍ରତିଷ୍ଠାତା ଶ୍ରୀମଦ ରଘୁନାଥ ବାବା, ଉଦ୍ୟାନକୃଷି ବିଶେଷଜ୍ଞ ଭଗବାନ ଦାସ, ମହିମାଜ୍ୟୋତି ଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

### ୫-ଟି ସଚିବଙ୍କୁ ୨୦ ଦଫା ସ୍ମାରକପତ୍ର


ତପୋବନ ପୀଠରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ସହିତ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### କଣିହାଁରେ ୧୧୯ ପରୀକ୍ଷାର୍ଥୀ ପାସ୍

କଣିହାଁ,୩୧।୫(ଡି.ଏନ.ଏ.)- କଣିହାଁ ବ୍ଲକରେ ଥିବା ବିଭିନ୍ନ କଲେଜର ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ବିଜ୍ଞାନ ବିଭାଗରେ ୧୧୯ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବା ଜଣାପଡିଛି। କୁଲୁମାସ୍ଥିତ ଜଗମୋହନ ଯୁକ୍ତ ୨ ମହାବିଦ୍ୟାଳୟର ଅଧକ୍ଷ ଦୁଃଖବନ୍ଧୁ ବିଶ୍ୱାଳ କହିଛନ୍ତି, ମୋଟ୍ ୫୨ ଜଣ ଛାତ୍ରୀଛାତ୍ର ବିଜ୍ଞାନ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ପ୍ରଥମ ସ୍ଥାନରେ ୨୯, ଦ୍ୱିତୀୟ ସ୍ଥାନରେ ୧୩ ଏବଂ ତୃତୀୟ ସ୍ଥାନରେ ୧୦ ଜଣ ଛାତ୍ରୀଛାତ୍ର ରହିଛନ୍ତି। ସେହିପରି ପବିତ୍ରନଗର ଯୁକ୍ତ ୨ ମହାବିଦ୍ୟାଳୟରେ ବିଜ୍ଞାନ ପରୀକ୍ଷାରେ ପ୍ରଥମ ସ୍ଥାନରେ ୧୧ ଜଣ, ଦ୍ୱିତୀୟ ସ୍ଥାନରେ ୧୩ ଏବଂ ତୃତୀୟ ସ୍ଥାନରେ ୧୨ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ପ୍ରିନ୍ସପାଲ ରମାକାନ୍ତ ସାହୁ କହିଛନ୍ତି। କଣିହାଁ ମହାବିଦ୍ୟାଳୟରେ ୩୨ଜଣ ବିଜ୍ଞାନ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ପ୍ରଥମ ସ୍ଥାନରେ ୧୦, ଦ୍ୱିତୀୟ ସ୍ଥାନରେ ୧୧ ଏବଂ ତୃତୀୟ ସ୍ଥାନରେ ୧୦ ଜଣ ଛାତ୍ରୀଛାତ୍ର ରହିଥିବା ପ୍ରିନ୍ସପାଲ ଡ. ମଦନ ମୋହନ ମହାନ୍ତି ସୂଚନା ଦେଇଛନ୍ତି।

### ସର୍ପାଘାତରେ ବାଳିକା ମୃତ

କଣିହାଁ,୩୧।୫(ଡି.ଏନ.ଏ.)- କଣିହାଁ ବ୍ଲକ ରେଙ୍ଗାଳି ଥାନା ପାୱାରଗ୍ରୀଡ୍ ମୁଣ୍ଡାହଟିଂଠାରେ ରହୁଥିବା ରଘୁ ହେମ୍ବ୍ରମଙ୍କ ଝିଅ ଦଶମା ହେମ୍ବ୍ରମ (୧୨)ଙ୍କ ବୁଧବାର ସର୍ପାଘାତରେ ମୃତ୍ୟୁ ହୋଇଛି। ପରିବାର ଲୋକଙ୍କ ସହ ଦଶମା ଶୋଇଥିବାବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ସକାଳେ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଦଶମାଙ୍କୁ ମୃତ ଘୋଷଣା କରିଥିଲେ। ରେଙ୍ଗାଳି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏ ନେଇ ୩୨୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ଅନାମ ଲାକ୍ରା ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ୨ ଗୁରୁତର

ମାଧପୁର,୩୧।୫- ଆଠମଲ୍ଲିକ ବ୍ଲକ ହିଁସେଇ ଗ୍ରାମ ଛକ ନିକଟରେ ବୁଧବାର ବାଇକ୍ ଧକ୍କାରେ ୨ ଜଣ ଗୁରୁତର ହୋଇଛନ୍ତି। ଆଠମଲ୍ଲିକରୁ ୨ ଜଣ ବ୍ୟକ୍ତି ବାଇକ୍ ଯୋଗେ ମାଧପୁର ହାଟକୁ ଆସୁଥିବା ସମୟରେ ହଠାତ୍ ବୁଲା କୁକୁର ବାଇକ ସମ୍ମୁଖକୁ ଚାଲି ଆସିଥିଲେ। ଫଳରେ ବାଇକରେ ବସିଥିବା ୨ ଜଣ ଗୁରୁତର ହୋଇଥିଲେ। ଖବରପାଇ କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର କ୍ଷେତି ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଆଠମଲ୍ଲିକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁତର ବ୍ୟକ୍ତିଙ୍କ ଘର ଓଡ଼ସିଙ୍ଗା ଅଞ୍ଚଳରେ ବୋଲି ଜଣାଯାଇଛି।

### ପ୍ରତିଶ୍ରୁତି ରଖୁନାହାନ୍ତି ଇଟାଭାଟି ମାଲିକ

କାମାକ୍ଷାନଗର, ୩୧।୫ (ଡି.ଏନ.ଏ.)- ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ବାଲିକୁମା ପଞ୍ଚାୟତ ଉର୍ବେଙ୍ଗି ଗ୍ରାମର ସୁରୁବାଲି ବାନସିଂ (୪୩) ବୁଧବାର ଜଣେ ଇଟାଭାଟି ମାଲିକଙ୍କ ନାଁରେ କାମାକ୍ଷାନଗର ଉପ ଜିଲାପାଳଙ୍କ ଅଫିସରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ସହକାରୀ ଜିଲାପାଳ ମଦନ ମୋହନ ଜେନାଙ୍କୁ ଦେଇଥିବା ଅଭିଯୋଗରେ ସୁରୁବାଲି ଦର୍ଶାଇଛନ୍ତି, ଗାଁ ନିକଟରେ ଥିବା ଏକ ସିମେଣ୍ଟ ଇଟା ଫ୍ୟାକ୍ଟ୍ରିରେ କାମ କରୁଥିବା ବେଳେ ୧୨ ଫେବୃୟାରୀ ୨୦୨୨ରେ ତାଙ୍କ ଡାହାଣ ହାତ କଟି ଯାଇଥିଲା। ଇଟାଭାଟି ମାଲିକ ତାଙ୍କୁ ୧ ଲକ୍ଷ ଟଙ୍କା ଏବଂ ଘର ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଯାଏ ପ୍ରତିଶ୍ରୁତି ପାଳନ କରିନାହାନ୍ତି। ଖୁବ୍‌ଶୀଘ୍ର ଅଭିଯୋଗର ତଦନ୍ତ କରାଯାଇ ଉଚିତ୍ ନ୍ୟାୟ ପ୍ରଦାନ କରିବାକୁ ସହକାରୀ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

# କାର୍ଯ୍ୟାନୁଷ୍ଠାନ ନ ହେଲେ ବ୍ୟାପକ ହେବ ଆନ୍ଦୋଳନ

**ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼ ଘଟଣା**

ତାଳଚେର, ୩୧।୫ (ନି.ପ୍ର.)


ଗଣଧାରଣା ଓ ପ୍ରତିବାଦ ସଭାରେ ଉପସ୍ଥିତ ବିଦ୍ୟୁତ୍ କର୍ମଚାରୀମାନେ।

ବିଦ୍ୟୁତ୍ ଚୋରି ଧରିବାକୁ ଯାଇଥିବା କର୍ମଚାରୀଙ୍କୁ ମାଡ଼ ଘଟଣାରେ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ତାଳଚେର ଚାଇଁପାଳ ବିଦ୍ୟୁତ୍ କର୍ମଚାରୀ ସଂଘ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ବୁଧବାର ଆନ୍ଦୋଳନକାରୀଙ୍କ ପକ୍ଷରୁ ଏକ ଗଣଧାରଣା ଓ ପ୍ରତିବାଦ ସଭା ହାଟତୋଟା ଅଫିସ ପରିସରରେ ଅନୁଷ୍ଠିତ ହୋଇଥିଲା। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଏଥିରେ ନିଷ୍ପତ୍ତି ନିଆଯାଇଥିଲା।

ଏହି ଗଣଧାରଣାରେ ସଂଘର ଉପସଭାପତି ପଙ୍କଜ କୁମାର ତ୍ରିପାଠୀ, ସର୍କଲ ସମ୍ପାଦକ ପ୍ରାଣବନ୍ଧୁ ମହାନ୍ତି, ଅନୁଗୋଳ ଡିଭିଜନ ସମ୍ପାଦକ ସୁରେନ୍ଦ୍ର ଦାସ, ଢେଙ୍କାନାଳ ଡିଭିଜନ ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ, ଚାଇଁପାଳ ଡିଭିଜନ ସମ୍ପାଦକ ବିକାଶ ସାହୁ ପ୍ରମୁଖ ଯୋଗ ଦେଇଥିଲା ବେଳେ ଚାଇଁପାଳ ଡିଭିଜନ ଅଧିନସ୍ଥ ୧୪ ଗୋଟି ସେକ୍ସନରୁ ସମସ୍ତ ନିୟମିତ କର୍ମଚାରୀ ଉପସ୍ଥିତ ଥିଲେ। ପୋଲିସ, ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତାକୁ ନେଇ ପ୍ରତିବାଦ ସଭାରେ ଉଦବେଗ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ଅନୁଗୋଳ ଓ ଢେଙ୍କାନାଳ ଡିଭିଜନ ସାମିଲ ହେବା ପାଇଁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ବିଦ୍ୟୁତ ଚୋରି ଧରିବାକୁ ବିକ୍ରମପୁର ଥାନା ଗୋବରା ଗ୍ରାମକୁ ଯାଇଥିବା କର୍ମଚାରୀ ରାଜେନ୍ଦ୍ର କୁମାର ପୃଷ୍ଟି ଓ ରମାକାନ୍ତ ସାହୁ ଏବଂ ଜେଇ କମର୍ସ ଶୁଭେନ୍ଦୁ ଦାସଙ୍କୁ ମାଡ଼ ମରାଯାଇଥିଲା। ଏ ନେଇ ଥାନାରେ ଏତଲା ଦିଆଯାଇଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଦିନକୁ ଦିନ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ବେଳେ ଟିପିସିଓଡିଏଲର ମ୍ୟାନେଜର ଜିତେନ୍ଦ୍ର ପାତ୍ର ଧାରଣାସ୍ଥଳକୁ ଆସି ୨ଦିନ ମଧ୍ୟରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଆନ୍ଦୋଳନକାରୀ ପ୍ରକାଶ କରିଛନ୍ତି।

## ବାଣିଜ୍ୟରେ ଦୀପକ, ବିଜ୍ଞାନରେ ରୁଦ୍ର ଟପ୍ପର

ତାଳଚେର, ୩୧।୫ (ନି.ପ୍ର.)



ତାଳଚେର ହାଇୟର ସେକେଣ୍ଡାରି ସ୍କୁଲର ଯୁକ୍ତ ୨ ବାଣିଜ୍ୟ ଓ ବିଜ୍ଞାନ ଫଳ ପ୍ରକାଶ ପାଇଛି। ବାଣିଜ୍ୟରେ ମୋଟ ୨୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨୨ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୦ ଜଣ, ଦ୍ୱିତୀୟ ଶ୍ରେଣୀରେ ୬ ଓ ତୃତୀୟ ଶ୍ରେଣୀରେ ୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୨ ଜଣ ଫେଲ ହୋଇଛନ୍ତି। ବାଣିଜ୍ୟ ଛାତ୍ର ଦୀପକ କୁମାର ସାହୁ ୪୭୩ ନମ୍ବର ରଖି ବିଭାଗର ଟପ୍ପର ହୋଇଛନ୍ତି। ସେହିପରି ସ୍କୁଲର ଯୁକ୍ତ ୨ ବିଜ୍ଞାନରେ ମୋଟ ୨୫୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୮୮ ଜଣ ପାସ୍ କରିଛନ୍ତି। ଦ୍ୱିତୀୟ ଶ୍ରେଣୀରେ ୭୦ ଓ ତୃତୀୟ ଶ୍ରେଣୀରେ ୩୭ ଜଣ ଉତ୍ତୀର୍ଣ୍ଣ ହୋଇଥିବା ସୂଚନା ମିଳିଛି। ଛାତ୍ର ରୁଦ୍ର ନାରାୟଣ ବିଶ୍ୱାଳ ୫୩୯ ନମ୍ବର ରଖି ବିଭାଗୀୟ ଟପ୍ପର ହୋଇଥିବା ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଶିକ୍ଷକ ସମାଜ ଅଧିକ ଯତ୍ନବାନ ହୁଅନ୍ତୁ

ବଇଣ୍ଡା, ୩୧।୫ (ଡି.ଏନ.ଏ.)

ଛାତ୍ରୀଛାତ୍ରମାନେ କିଭଳି ଭଲ ଶିକ୍ଷା ଅର୍ଜନ କରିବେ ସେଥିପ୍ରତି ଶିକ୍ଷକ ସମାଜ ଅଧିକ ଯତ୍ନବାନ ହେବା ଦରକାର। ଶିକ୍ଷାର ବିକାଶ ହେଲେ ଦେଶର ବିକାଶ ହେବ ବୋଲି ବୁଧବାର କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ଅଧକ୍ଷ ସିଦ୍ଧାର୍ଥ କୁମାର ପଣ୍ଡାଙ୍କ ପାଇଁ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ କାଳନ୍ଦୀ ଚରଣ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଉପ ଜିଲାପାଳ ତରଣୀ ସୁନା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ସନ୍ତୋଷ ପ୍ରଧାନ, ରବି ନାରାୟଣ ବେହେରା, ଚନ୍ଦ୍ର ଶେଖର ସିଂ, ଅସିତ ଜେନାଙ୍କ ସମେତ ସମସ୍ତ ଅଧ୍ୟାପକ ଯୋଗଦେଇ ପଣ୍ଡାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ।


ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

କାମାକ୍ଷାନଗର,୩୧।୫(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କେରଜୁଲି ଗ୍ରାମର କବିତା ନାୟକ (୭୦) ବୁଧବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। କବିତା ସକାଳୁ ଗାଧୋଇବା ପାଇଁ ଯାଇଥିବାବେଳେ ପୋଖରୀରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପରିବାର ଲୋକେ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ନିର୍ବାଚନରେ ଆଇଏନ୍‌ଟିୟୁସିର ବାଜିମାତ

କଣିହାଁ,୩୧।୫(ଡି.ଏନ.ଏ.)



କଣିହାଁ ବ୍ଲକସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପର କ୍ରୀଡା ପରିଷଦ ଓ ଦୀପ ତରଙ୍ଗ ମନୋରଞ୍ଜନ କେନ୍ଦ୍ର ପରିଚାଳନା ସଙ୍ଗଠନର ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ୩ଟି ସଙ୍ଗଠନ ମଧ୍ୟରୁ ବିଏମ୍ଏସ ଏବଂ ଆଇଏନ୍‌ଟିୟୁସି ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ଆଇଏନ୍‌ଟିୟୁସି ବାଜିମାତ କରିଥିଲା। ଦୀପ ତରଙ୍ଗ ମନୋରଞ୍ଜନ କେନ୍ଦ୍ର ସମ୍ପାଦକ ଭାବେ ଦେବାଶିଷ ବେହେରା, ଯୁଗ୍ମ ସମ୍ପାଦକ ଭାବେ ସୁଜାତା ପ୍ରଧାନ, ଯୁଗ୍ମ ସମ୍ପାଦକ କେବୁଲ ଟିଭି ଚକ୍ରଧର ସାହୁ ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋଜ ସାହୁ, ବଳରାମ ସାହୁ, ରଶ୍ମିରଞ୍ଜନ ବେହେରା ଓ ବିଏମ୍ଏସ୍‌ର ଏକମାତ୍ର ସଦସ୍ୟ ଭୁବନ ବେହେରା ନିର୍ବାଚିତ ହୋଇଥିଲେ।

ସେହିପରି କ୍ରୀଡା ପରିଷଦ ନିର୍ବାଚନକୁ ନେଇ ସାଧାରଣ ସମ୍ପାଦକ ଭାବେ ନାକା ରାମବାବୁ, ଯୁଗ୍ମ ସମ୍ପାଦକ ଭାବେ ସୁଶୀଲ ବେହେରା, ସଦସ୍ୟ ଭାବେ ସୁମନ ବେହେରା, ସୁରାଇ ମାରାଣ୍ଡି, ଅକ୍ଷୟ ସାହୁ, ଚନ୍ଦନ ସାହୁ, ଆଶୁଶିଷ ଦାସ ବିଜୟୀ ହୋଇଛନ୍ତି। ଏମାନେ ଆଇଏନ୍‌ଟିୟୁସି ସମର୍ଥିତ ପ୍ରାର୍ଥୀ ହୋଇଥିବାବେଳେ ବିଏମ୍ଏସ୍‌ର ଏକମାତ୍ର ପ୍ରାର୍ଥୀ ରମାକାନ୍ତୀ ପ୍ରଧାନ ବିଜୟୀ ହୋଇଛନ୍ତି। ଏନ୍‌ଟିପିସି ପ୍ରକଳ୍ପ ପକ୍ଷରୁ ନିର୍ବାଚନ ଅଧିକାରୀ ଭାବେ ତୁଷାରକାନ୍ତ ପ୍ରଧାନ, ଜିତେନ୍ଦ୍ର କୁମାର, ଚିନ୍ମୟ ସାହୁ, ଆଶୁତୋଷ କୁମାର, ଏସ୍.ଆର. ଚୌଧୁରୀ, ଏସ.କେ. ବେହେରା, ଏମ.କେ. ବେହେରା ନିର୍ବାଚନ ପରିଚାଳନା କରିଥିଲେ। ଶ୍ରମିକ ନେତା ସତ୍ୟାନନ୍ଦ ସାହୁ, ଜଗବନ୍ଧୁ ପ୍ରଧାନ, ପି.କେ ସେଠୀ ପ୍ରମୁଖ ମତଦାତା ଓ ବିଜୟୀ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପ୍ରଭୁପାଦ, ରଶ୍ମିରଞ୍ଜନ ଶ୍ରେଷ୍ଠ

ଭୁବନ,୩୧।୫(ଡି.ଏନ.ଏ.)

**ବାଜି ରାଉତ କଲେଜ**

ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଢେଙ୍କାନାଳ ଜିଲା ଭୁବନସ୍ଥିତ ବାଜିରାଉତ କଲେଜରେ ଯୁକ୍ତ ୨ ବିଜ୍ଞାନ ବିଭାଗରେ ଚଳିତ ବର୍ଷ ୩୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୩୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୫ ଜଣ ଛାତ୍ରୀଛାତ୍ର ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିଲାବେଳେ ୧୧ ଜଣ ଦ୍ୱିତୀୟ ଏବଂ ୮ ଜଣ ତୃତୀୟ ସ୍ଥାନ ପାଇଛନ୍ତି। ପ୍ରଭୁପାଦ ବୈକୁଣ୍ଠ ସାଇପତି ସର୍ବାଧିକ ୪୯୮ ନମ୍ବର ରଖି ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ଚଳିତ ବର୍ଷ ପରୀକ୍ଷା ଦେଇଥିବା ୧୬ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ପ୍ରଥମ ସ୍ଥାନରେ ୮ ଜଣ, ଦ୍ୱିତୀୟ ସ୍ଥାନରେ ୨ ଏବଂ ତୃତୀୟ ସ୍ଥାନରେ ୬ ଜଣ ରହିଛନ୍ତି। ରଶ୍ମିରଞ୍ଜନ ପତି ସର୍ବାଧିକ ୫୫୩ ନମ୍ବର ରଖି ଶ୍ରେଷ୍ଠ ସ୍ଥାନରେ ରହିଛନ୍ତି। ସେହିପରି ମଠକରଗୋଳା କଲେଜରେ ବିଜ୍ଞାନ ବିଭାଗରେ ୧୨୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୨୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ସ୍ଥାନରେ ୫୮ ଜଣ, ଦ୍ୱିତୀୟ ସ୍ଥାନରେ ୫୫ ଏବଂ ତୃତୀୟ ସ୍ଥାନରେ ୧୦ ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରେ ରାଜ ଆରିୟାନ ସାହୁ ସର୍ବାଧିକ ୫୦୪ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ୨୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ପ୍ରଥମ ସ୍ଥାନରେ ୨ ଜଣ, ଦ୍ୱିତୀୟ ସ୍ଥାନରେ ୭ ଏବଂ ତୃତୀୟ ସ୍ଥାନରେ ୭ ଜଣ ରହିଛନ୍ତି। ପ୍ରୀତିମଞ୍ଜରୀ ସିଂହ ସର୍ବାଧିକ ୪୪୬ ନମ୍ବର ରଖିଛନ୍ତି। କଲେଜର ଫଳାଫଳକୁ ନେଇ ଛାତ୍ରୀଛାତ୍ର ଅଧ୍ୟାପିକାଅଧ୍ୟାପକ ଅଭିଭାବକ ମହଲରେ ଖୁସିର ଲହରି ଖେଳିଯାଇଛି।

# ଖୁବ୍‌ଶୀଘ୍ର ସରିବ ରେଳପ୍ରକଳ୍ପ ଦୋହରୀକରଣ

ଭୁବନେଶ୍ୱର, ୩୧।୫


ଦକ୍ଷିଣପୂର୍ବ ରେଳ ନିରାପତ୍ତା ଆୟୁକ୍ତ ଏ.ଏମ. ଚୌଧୁରୀ କାର୍ଯ୍ୟ ନିରୀକ୍ଷଣ କରୁଛନ୍ତି।

ତାଳଚେର-ସମ୍ବଲପୁର ରେଳ ପ୍ରକଳ୍ପର ଦୋହରୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରକଳ୍ପର ପ୍ରାୟ ୯୬%ରୁ ଅଧିକ ନିର୍ମାଣ ସମାପ୍ତ ହୋଇଥିବାରୁ ଏହା ଶୀଘ୍ର ଶେଷ ହେବାକୁ ଯାଉଥିବା ସୂଚନା ମିଳିଛି। ପ୍ରକଳ୍ପର ମାନେଶ୍ୱର ଏବଂ ସମ୍ବଲପୁର ସିଟି ଷ୍ଟେଶନ ମଧ୍ୟରେ ୯ କି.ମି. ଦୀର୍ଘ ଦୋହରୀକରଣ କାର୍ଯ୍ୟକୁ ମଙ୍ଗଳବାର ଦକ୍ଷିଣପୂର୍ବ ରେଳ ନିରାପତ୍ତା ଆୟୁକ୍ତ ଏ.ଏମ. ଚୌଧୁରୀ ନିରୀକ୍ଷଣ କରିଥିବା ବେଳେ ଉଭୟ ପଣ୍ୟ ଏବଂ ଯାତ୍ରୀ ପରିବହନ ପାଇଁ ଏହା କାର୍ଯ୍ୟକ୍ଷମ କରାଯାଇଛି। ଏହି ଅବସରରେ ନିରାପତ୍ତା ଆୟୁକ୍ତ ଚୌଧୁରୀ ଓଭରହେଡ ଇଲେକ୍ଟ୍ରି ଇକ୍ୟୁଇପମେଣ୍ଟ, ବ୍ରିଜ୍, ସିଗ୍ନାଲ ଏବଂ ଟେଲିକମ ଯୋଗାଯୋଗ ଉପକରଣ, ରେଳ ଟ୍ରାକ୍, ମାନବ ରହିତ ଲେଭଲକ୍ରସିଂ ଆଦି ସୁରକ୍ଷା ସମ୍ବନ୍ଧୀୟ ଦିଗଗୁଡିକର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲେ। ପରେ ସମ୍ବଲପୁର ସିଟି ଏବଂ ମାନେଶ୍ୱର ଷ୍ଟେଶନ ମଧ୍ୟରେ ଏକ ଲାଇଟ ଇଞ୍ଜିନର ବେଗ ପରୀକ୍ଷାମୂଳକ ଭାବେ କରାଇଥିଲେ। ଅନ୍ୟପକ୍ଷରେ ଏହି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ନିର୍ମାଣ କାର୍ଯ୍ୟରେ ନିୟୋଜିତ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ତାଳଚେର-ସମ୍ବଲପୁର ରେଳ ପ୍ରକଳ୍ପ (୧୬୮.୨୧୨ କି.ମି.)ର ଦୋହରୀକରଣ କାର୍ଯ୍ୟ ୨୦୧୧-୧୨ ମସିହାରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ୨୦୧୮ରେ ଏହାକୁ ଚୂଡ଼ାନ୍ତ ମଞ୍ଜୁରୀ ଦିଆଯାଇଥିଲା। ଇତିମଧ୍ୟରେ ସମୁଦାୟ ୧୬୨.୨୧୨ କି.ମି. ଦୋହରୀକରଣ କାର୍ଯ୍ୟ ଶେଷ ହୋଇଛି। ସମ୍ବଲପୁର ସିଟି ଏବଂ ସମ୍ବଲପୁର ଷ୍ଟେଶନ ମଧ୍ୟରେ ଥିବା ଅବଶିଷ୍ଟ ୬ କି.ମି. କାର୍ଯ୍ୟ ଆସନ୍ତା ୨ ମାସ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି।


**GOVT. OF ODISHA**
**DEPARTMENT**
**INTEGRATED TRIBAL DEVELOPMENT AGENCY: KARANJIA, DIST- MAYURBHANJ**
**E-PROCUREMENT NOTICE**
BID IDENTIFICATION NO. - 03/2023-24
e-mail:itdakja@nic.in, Tel-06796-296113

No.714 Dtd.29.05.2023

**No.CAD-787:** Bid Documents consisting of Work, Amount put to tender, Cost of Tender Papers, Time of completion, Class of Contractors and the set of terms and conditions of contract and other necessary documents can be seen/downloaded from Govt. Website i.e. **https://tendersodisha.gov.in.**

| | | |
|---|---|---|
| 1 | No. of works | : 1(one) No. |
| 2 | Amount put to tender | : Rs.12.50 Lakh |
| 3 | Period of completion | : 3 calendar months. |
| 4 | Date & Time of availability of the Bid documents | : From 10.00 AM of 30.05.2023 to 5.00 PM of 09.06.2023 |
| 5 | Last date & time of receipt of Bids in the portal | : Dt. 09.06.2023 upto 5 P.M. |
| 6 | Bids received online shall be opened on | : Dt. 12.06.2023 10 A.M. onwards |
| 7 | Name and address of the Officer inviting Bids | : Project Administrator ITDA, karanjia |

Further details can be seen / downloaded from the procurement portal i.e https://tendersodisha.gov.in.

**Sd./- Project Administrator**
**ITDA, Karanjia**
OIPR-19007/11/0005/2324

**BHUBANESWAR MUNICIPAL CORPORATION**
**e-Procurement Notice**
Letter No. 26181 e-Mail Id: ee1@bmc.gov.in dt.29.05.23
No. C-462:- VI-P.W. Div-I-42/2023

1. Bid Reference No. : BMC-E.EDIV-I-05/2023-24
2. Tender Call Notice No. : dtd.
3. No. of Works : 03 (Three)
4. Bid Value : Rs.5,52,067/- to 49,98,667/-
5. Period of Completion : 15 days to 120 days

**Date and Time Schedule**

| Start | End | Opening |
|---|---|---|
| 11.00 A.M. of 01.06.23 | 5.00 P.M. of 17.06.23 | 11.00 A.M. of 19.06.23 |

6. Tender details can be seen for the e-Procurement portal: https://www.tendersodisha.gov.in. BMC website https://www.bmc.gov.in

**Sd./- Executive Engineer**
**BMC Division-1**
OIPR-13002/11/0046/2324

**OFFICE OF THE**
**NOTIFIED AREA COUNCIL, ASKA**
**(GANJAM)**
(Email:- askanac@gmail.com, Ph. No.-06822-273068)
Letter No.-1740 Date- 30.05.2023

**QUOTATION CALL NOTICE**

No.C-457:- Sealed quotations are invited from the intending Supplier/ Authorized dealers/ Agencies for supplying, fixing and fitting of sculptures. The rate should be quotated including all taxes. The vehicle should be delivered at N.A.C. Office, Aska in good condition including transportation charges. The **Tender Paper** Cost Rs- **6000/-** and **EMD Rs- 30000/-** has to deposit along with Quotation paper in shape of DD in favor of "**Executive Officer, N.A.C., Aska**" payable at Aska. The quotation paper will be available in office hour except Govt. Holiday from **31.05.2023 to 12.06.2023.** The Quotation should reach in the office of the undersigned on or before **13.06.2023 at 10:30 A.M.** The undersigned will not take any responsibility of delay in receive the quotation through post or by hand in office after deadline fixed for receiving the tenders. The quotations will be opened on the said date **13.06.2023 at 11.30 A.M.** in the presence of the suppliers or their authorized representatives. The authority reserves the right to reject at any or all quotations without assigning any reason thereof. The quotations are essentially required to enclose up-to-date valid GST clearance Certificate and PAN card. The following sculpture should be quotated including GST, Supplying, Fitting and Fixing charges. **The supplier have to deposit the EMD amount if the agency gets the supply order, although the agency is registered in MSME. The following terms and conditions should be noted.**

**1) MSME firm having own manufacturing unit**
**2) Having Turn Over of min 1.5 to 3 Cr.**
**3) Firm should have working in minimum 10 ULB of Odisha**

**Sd./- Executive Officer**
**NAC, Aska**
OIPR-13181/11/0007/2324

**MUNICIPAL COUNCIL, VYASANAGAR**
**No.C-459: No.1626//Dt.29.05.2023**
**Detailed Tender Call Notice**

| | |
|---|---|
| Name of the Work | : Sanitation Manpower & Machinery (Tractor with Ordinary Grader) in Vyasanagar Municipality |
| E.M.D. | : Rs.2,75,000.00 |
| AGENCY | : Contractors registered under Company/Partnership/Proprietor Firm having experience in similar nature of work manually/ mechanically |
| Period of Contract | : 1 (One Year) |
| Cost of Bid Document | : Rs.10,000.00 |
| Available of Bid document: | In www.jajpur.nic.in & www.vyasanagarmunicipality.in |
| Last date of receipt of filed up bid document | : 12.06.2023 upto 5.00 P.M. |
| Date of Opening of Technical Bid | : 13.06.2023 from 11.00 A.M. |
| Date of Opening of Financial Bid | : Will be Communicate by undersigned after evaluation of Technical Bid |
| Mode of Submission | : By Regd. Post/ Speed Post/ Courier Services only addressed to Executive Officer Vyasanagar Municipality, Jajpur Road, Dist- Jajpur, Pin-755019, Odisha |

**Sd./- Executive Officer**
**Vyasanagar Municipality**
OIPR-13092/11/0001/2324

**GOVT. OF ODISHA** No.A-188:
**OFFICE OF THE SUPERINTENDING ENGINEER**
**MAHANADI BARRAGE DIVISION, CUTTACK**
Phone No. 0671-2440118 Email-eembarragedivnctc@gmail.com
**'e'-procurement Notice No: - 03 (MBD 16 & 17) /2023-24**

| | | |
|---|---|---|
| 1. | Name of work | : "Canal Critical & Road Works". |
| 2. | Total No. of works | : 02 (Two) Nos. of works. |
| 3 | Tender Cost | : Varies from Rs. 58.45 lakhs to 59.84 lakhs. |
| 4. | Mode of Payment of EMD (Bid Security) & Bid Cost | : The bidder shall transfer the required amount of EMD (Bid Security} and cost of Bid by online through electronic payment as per Govt. of Odisha WDOM No.17254/W dtd.05.12.2017 as mentioned in DTCN. |
| 5. | Period of completion | : 06 (Six) Calendar Months |
| 6. | Other details as follows | |
| (i) | Procurement Officer | : Superintending Engineer, Mahanadi Barrage Division, Cuttack. |
| (ii) | Availability of Tender Online for Bidding | : 01.06.2023 from 10.00 A.M to 16.06.2023 up to 5.00 P.M. |
| (iii) | Date, Time & Venue of opening of Bid through Online | : Dtd.17.06.2023 - 11.30 A.M. for Technical Bid & Dtd.26.06.2023 - 11.30 A.M for Financial Bid in the Office of the Superintending Engineer, Mahanadi Barrage Division, Cuttack |
| (iv) | Date of Transparent Lottery to be Conducted (if required) | : On 29.06.2023 at 11.30 A.M in the office Chamber of the Superintending Engineer, Mahanadi Barrage Division, Gandarpur, Cuttack. |

(Bidders shall furnish their present e-mail id, address and Telephone No. for further correspondence)
Further details can be seen from the Govt. web site www.tendersodisha gov in.

**Sd./- Superintending Engineer**
**Mahanadi Barrage Division, Cuttack**
OIPR-32477/11/0004/2324

**OFFICE OF THE**
**MUNICIPAL COUNCIL, SONEPUR**
**"e"-procurement Notice**
**Bid Identification No.: SNP-MUN-13/2023-24**
**TENDER ID: 2023_ORULB_89365**
**Tender Call Notice No.2030/Date 29.05.2023**

**No.C-460:-** Bid documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract & other necessary documents can be seen in the Govt. Website i.e. **www.tendersodisha.gov.in**

| | | |
|---|---|---|
| 1. | Name of the Work | : As per DTCN |
| 2. | No. of works | : 1 No. |
| 3. | Amount put to Tender | : As per DTCN |
| 4. | Period of Completion | : As per DTCN |
| 5. | Starting Date & Time of Bidding | : From Dt.**30.05.2023** from **11.00 A.M.** |
| 6. | Last Date & Time for Receipt of tenders through online | : On or before Dt.**08.06.2023** up to **05.00 PM** |
| 8. | Bids received online shall be opened on | : On Dt.**09.06.2023** at **11.00 AM** |
| 9. | Name and address of the Officer inviting Bid | : Executive Officer, Sonepur Municipality |

Further details can be seen from the procurement portal i.e. www.tendersodisha.gov.in.

**Sd./- Executive Officer, Sonepur Municipality**
OIPR-13098/11/0002/2324

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





କଶ୍ମୀରରେ ଟାର୍ଗେଟ ହତ୍ୟା ପ୍ରତିବାଦରେ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) କର୍ମୀମାନେ ବୁଧବାର ଜମ୍ମୁରେ ବିକ୍ଷୋଭ ବେଳେ ସ୍ଲୋଗାନ ଦେଉଛନ୍ତି।

# ମୋଦି ଦେଶର ସମ୍ପତ୍ତିକୁ ନିଜ ବନ୍ଧୁଙ୍କୁ ବିକ୍ରି କରୁଛନ୍ତି: ଖାର୍ଗେ



ମଲ୍ଲିକାର୍ଜୁନ ଖାର୍ଗେ

**ନୂଆଦିଲ୍ଲୀ,୩୧।୫ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏହାର ନଅ ବର୍ଷର କାର୍ଯ୍ୟକାଳ ଶେଷ କରିଛନ୍ତି। ଏହାକୁ ସଫଳତାର ଶାସନ ଭାବେ ଦର୍ଶାଇ ଭାଜପା ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଅପରପକ୍ଷେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ବୁଧବାର ଏକ ବଡ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ମୋଦି ଦେଶର ସମ୍ପତ୍ତି ନିଜ ବନ୍ଧୁମାନଙ୍କୁ ବିକ୍ରି କରୁଛନ୍ତି। ତେବେ ମୋଦି ସରକାରଙ୍କ ବନ୍ଧୁମାନଙ୍କୁ ଦେଶର ସମ୍ପତ୍ତି ଏବଂ ପିଏସୟୁ ଗୁଡ଼ିକର ବିକ୍ରୟ ହେଉଛି ଅକ୍ଷମଣୀୟ ଜାତୀୟ ବିରୋଧୀ କାର୍ଯ୍ୟ। ସରକାର ଲୋକଙ୍କଠାରୁ ରୋଜଗାର ଛଡ଼ାଇ ନେଉଛନ୍ତି। ସଂରକ୍ଷଣ ଆଧାରରେ ଗରିବ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଭାରତର ଅନ୍ୟ ପଛୁଆ ବର୍ଗଙ୍କଠାରୁ ନିଯୁକ୍ତି ସୁଯୋଗ ଛଡ଼ାଇ ନେଉଛନ୍ତି। ଏହା ଅତ୍ୟନ୍ତ ଚିନ୍ତା ଜନକ ବୋଲି ଖାର୍ଗେ ମୋଦିଙ୍କୁ ଟାର୍ଗେଟ କରି କହିଛନ୍ତି। ସୂଚନାଯୋଗ୍ୟ ସୋମବାର ମୋଦି ସରକାର ନଅ ବର୍ଷ ପୂରଣ କରିବା ଅବସରରେ ଖାର୍ଗେ ସରକାରଙ୍କୁ କଡ଼ା ସମାଲୋଚନା କରି ମୁଦ୍ରାସ୍ଫୀତି ମାଧ୍ୟମରେ ଲୋକଙ୍କ ରୋଜଗାର ଲୁଟି ନେଇଥିବାର ଅଭିଯୋଗ କରିଥିଲେ। ଜିଏସ୍‌ଟି ସବୁକିଛି ଗୁରୁତ୍ୱପୂର୍ଣ୍ଣ ଉପରେ ପ୍ରଭାବ ପକାଇଲା, ବଜେଟ ନଷ୍ଟ କରି ଜୀବନକୁ କଷ୍ଟସାଧ କରିଥିବା ସେ ଅଭିଯୋଗ ଆଣିଥିଲେ।

## ବିଇଏମ୍‌ସି କର୍ପୋରେଟର ନୀଳକଣ୍ଠ ଭାଜପାରୁ ବହିଷ୍କୃତ

**ବ୍ରହ୍ମପୁର ଅଫିସ,୩୧।୫:** ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ୨୭ନଂ. ୱାର୍ଡର ଭାଜପା କର୍ପୋରେଟର ନୀଳକଣ୍ଠ ସାହୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ ହୋଇଛନ୍ତି। ଦଳ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଏହି ସୂଚନା ଦିଆଯାଇଛି। ଏବେ ନୀଳକଣ୍ଠ ସ୍ୱାଧୀନ କର୍ପୋରେଟର ଭାବେ ଗଣନା ହେବେ। ପୌର ସଂସ୍ଥାରେ ଦଳ ବଦଳ ବିରୋଧ ଆଇନ ବଳବତ୍ତର ଥିବାରୁ ସେ ଅନ୍ୟ ଦଳରେ ସାମିଲ ହେଲେ କର୍ପୋରେଟର ପଦ ହରାଇବେ। ନିଜ ପ୍ରତିକ୍ରିୟାରେ ନୀଳକଣ୍ଠ କହିଛନ୍ତି ଦଳରୁ ବହିଷ୍କୃତ ହେବା ନେଇ ବିଧିବଦ୍ଧ ଭାବେ ଚିଠି ପାଇନାହିଁ। ବ୍ରହ୍ମପୁର ଭାଜପା ନେତା ତଥା ପୂର୍ବତନ ଜିଲା ସଭାପତି କାହ୍ନୁ ଚରଣ ପତି କହିଛନ୍ତି, ଗତ ରବିବାର ୨୭ନଂ ୱାର୍ଡରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଆଗରେ ଜିଲା ସଭାପତି ବିଭୂତି ଜେନାଙ୍କ ଉପରେ ହୋଇଥିବା କାଳୀ ଫିଙ୍ଗା ଏବଂ ଗଣ୍ଡଗୋଳ ଘଟଣାରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

**ବିରୋଧୀ ଏକତାରେ ଫାଟ**

# କଂଗ୍ରେସ-ଟିଏମ୍‌ସି ମୁହାଁମୁହିଁ

**କୋଲକାତା,୩୧।୫**

ପଶ୍ଚିମବଙ୍ଗରେ ଭାଜପା ବିରୋଧରେ ଏକତା ଅଭିଯାନରେ ଫାଟ ସୃଷ୍ଟି ହୋଇଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ କଂଗ୍ରେସ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି। ପଶ୍ଚିମବଙ୍ଗରେ ଏକମାତ୍ର କଂଗ୍ରେସ ବିଧାୟକ ଟିଏମ୍‌ସିରେ ଯୋଗଦେବା ପରେ ଉଭୟ ଦଳ ମଧ୍ୟରେ ଏଭଳି ସ୍ଥିତି ଦେଖାଦେଇଛି। ଏହି ଘଟଣାକୁ କଂଗ୍ରେସ ପକ୍ଷରୁ ପ୍ରତାରଣା ବୋଲି କୁହାଯାଉଥିବାବେଳେ ଟିଏମ୍‌ସି ମଧ୍ୟ କଂଗ୍ରେସ ଉପରେ ବିଶ୍ୱାସ ଭଙ୍ଗର ଅଭିଯୋଗ ଆଣିଛି। ଦୁଇ ଦଳ ମଧ୍ୟରେ ଜାରି ରହିଥିବା ଆରୋପ ପ୍ରତ୍ୟାରୋପ ମଧ୍ୟରେ ପଶ୍ଚିମବଙ୍ଗରେ ଭାଜପା ବିରୋଧୀ ଏକତା ଅଭିଯାନ ଉପରେ ପ୍ରଶ୍ନ ଉଠିଛି। ବିରୋଧୀ ଏକତା ପାଇଁ ବିହାରର ପାଟନାରେ ଜୁନ ୧୨ରେ ଏକ ବଡ ବୈଠକ ହେବାକୁ ଯାଉଥିବା ବେଳେ ଦୁଇ ଦଳ ମଧ୍ୟରେ ଫାଟ ବଢ଼ିବାରେ ଲାଗିଛି। ପଶ୍ଚିମବଙ୍ଗରେ ଅନୁଷ୍ଠିତ ଗତ ବିଧାନସଭା ନିର୍ବାଚନ ସମୟରେ କଂଗ୍ରେସ ଗୋଟିଏ ବି ଆସନ ଜିତି ନ ଥିଲା।

କିନ୍ତୁ ୩ ମାସ ତଳେ ଅନୁଷ୍ଠିତ ବିଧାନସଭା ଉପ-ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ବୈରନ ବିଶ୍ୱାସ ପ୍ରାୟ ୨୨ ହଜାର ଭୋଟ ବ୍ୟବଧାନରେ ସାଗରଦିଘି ଆସନରୁ ଜିତିଥିଲେ। ସଂଖ୍ୟାଲଘୁ ପ୍ରାଧାନ୍ୟ ଥିବା ଏହି ବିଧାନସଭା ଆସନରେ ଟିଏମ୍‌ସିର ପରାଜୟ ନେଇ ଖୋଦ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହି ଉପ-ନିର୍ବାଚନ ପରେ ମମତା ଭାଜପା ସମେତ କଂଗ୍ରେସକୁ କଡ଼ା ସମାଲୋଚନା ଆରମ୍ଭ କରିଥିଲେ। ଯଦିଓ ଭାଜପା ବିରୋଧରେ ଏକତା ଅଭିଯାନ ଯୋଗୁ ମମତା ନୀରବ ରହିଆସିଥିଲେ ମଧ୍ୟ କଂଗ୍ରେସର ଏକମାତ୍ର ବିଧାୟକଙ୍କୁ ଟିଏମ୍‌ସିରେ ସାମିଲ କରାଇ ଦେଶର ସର୍ବ ପୁରାତନ ଦଳକୁ ଏକ ବଡ ଝଟକା ଦେଇଥିଲେ।

ବିଶ୍ୱାସଙ୍କୁ ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀ ଟିଏମ୍‌ସି ଶିବିରକୁ ଆଣିବାରେ ସକ୍ଷମ ହୋଇଛନ୍ତି। ଏହି ପଦକ୍ଷେପ ପରେ ମମତା ବାନାର୍ଜୀଙ୍କୁ ନେଇ କଂଗ୍ରେସ ଅସନ୍ତୋଷ ପ୍ରକାଶ କରିଛି। ଦଳର ବରିଷ୍ଠ ନେତା ଜୟରାମ ରମେଶ କହିଛନ୍ତି ପଶ୍ଚିମବଙ୍ଗରେ କଂଗ୍ରେସ ଏକ ଐତିହାସିକ ବିଜୟ ହାସଲ କରିଥିଲା। ସାଗରଦିଘି ଆସନରେ ଦଳ ଭୋଟରଙ୍କ ବିଶ୍ୱାସ ଜିଣିବାରେ ସଫଳ ହୋଇଥିଲା। କିନ୍ତୁ ଟିଏମ୍‌ସି ଆମ ଦଳର ବିଧାୟକଙ୍କୁ ଲୋଭ ଦେଖାଇ ନିଜ ଶିବିରକୁ ନେଇ ଯାଇଛି। ଟିଏମ୍‌ସି ନେଇଥିବା ଏହି ପଦକ୍ଷେପ ଦେଶର ଲୋକଙ୍କ ସହ ଏକ ବଡ଼ ବିଶ୍ୱାସଘାତକତା ବୋଲି ରମେଶ କହିଛନ୍ତି।

ଏଭଳି ପଦକ୍ଷେପ ବିରୋଧୀଙ୍କ ଏକତା ଅଭିଯାନକୁ ଏକ ବଡ ଝଟକା ଦେବାର ଆଶଙ୍କା ରହିଛି। ଗୋଆ, ମେଘାଳୟ, ତ୍ରିପୁରା ଏବଂ ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ଦଳ ବଦଳ ଖେଳ ଖେଳାଯାଇଥିଲା। ଏଭଳି ପଦକ୍ଷେପ ଦ୍ୱାରା ବିରୋଧୀ ଦଳଗୁଡ଼ିକରେ ଏକତା ପ୍ରତିଷ୍ଠା କଷ୍ଟକର ହେବ ବୋଲି ରାଜନୈତିକ ମହଲରେ ମତ ପ୍ରକାଶ ପାଉଛି। ଅପରପକ୍ଷରେ ଆଞ୍ଚଳିକ ଦଳଗୁଡିକୁ ଅଧିକ ଗୁରୁତ୍ୱ ଦେଉଥିବା ନେଇ ମମତା ବାନାର୍ଜୀ କହିଛନ୍ତି, କଂଗ୍ରେସ ନିଶ୍ଚିତ ଭାବରେ ଏକ ଜାତୀୟ ଦଳ କିନ୍ତୁ ଏହାକୁ ଆଞ୍ଚଳିକ ଦଳର ଗୁରୁତ୍ୱକୁ ମଧ୍ୟ ଗ୍ରହଣ କରିବାକୁ ପଡିବ। ରାଜନେତାମାନେ ବିଶ୍ୱାସ କରନ୍ତି ଟିଏମ୍‌ସି ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପ ପରେ ବିରୋଧୀଙ୍କ ଏକତା ଉପରେ ପ୍ରଶ୍ନ ଉଠିଛି। ବର୍ତ୍ତମାନ ବିରୋଧୀ ଦଳର ପ୍ରସ୍ତାବିତ ବୈଠକରେ ଏହି ବିବାଦର ସମାଧାନ କିପରି ହେବ ସେ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

**ଭାଜପାର 'ମହା ଜନସମ୍ପର୍କ ଅଭିଯାନ' ଆରମ୍ଭ**

# ଓଡ଼ିଶାରେ ହେବ ୪ ମହାସଭା, ଯୋଗଦେବେ ପ୍ରଧାନମନ୍ତ୍ରୀ





ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

**ଭୁବନେଶ୍ୱର, ୩୧।୫(ବ୍ୟୁରୋ)**

- ୨୧ ଲୋକ ସଭା କ୍ଷେତ୍ରକୁ ୬ କ୍ଲଷ୍ଟରରେ ଭାଗ କରାଯାଇଛି
- ୬ କ୍ଲଷ୍ଟରରେ ୮ ଦିନ, ରାତି କଟାଇବେ ୬ କେନ୍ଦ୍ରମନ୍ତ୍ରୀ
- ୩୭,୬୦୬ ବୁଥ୍‌ର ୫ ଲକ୍ଷ କାର୍ଯ୍ୟକର୍ତ୍ତା ବୁଲି କେନ୍ଦ୍ର ସଫଳତା ବିଷୟରେ କହିବେ

ମୋଦି ସରକାରଙ୍କ ଗତ ୯ ବର୍ଷର ସଫଳତାକୁ ପ୍ରତ୍ୟେକ ଘରେ ଘରେ ପହଞ୍ଚାଇବା ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ବୁଧବାରରୁ ଆସନ୍ତା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ 'ମହା ଜନସମ୍ପର୍କ ଅଭିଯାନ'ର ଶୁଭାରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ରାଜସ୍ଥାନର ଆଜମେରଠାରେ ମହାର୍‍ୟାଲି କରି ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଆସନ୍ତା ମାସରେ ସମଗ୍ର ଦେଶରେ ଏଭଳି ୫୧ଟି ମହାର୍‍ୟାଲିର ଆୟୋଜନ କରାଯିବ। କେନ୍ଦ୍ରର ଶୀର୍ଷ ନେତୃତ୍ୱ ଏହି ଅଭିଯାନରେ ସାମିଲ ହେବେ । ଏହି କ୍ରମରେ ଓଡ଼ିଶାରେ ୪ଟି ମହାସଭା ହେବ। ଏଥିରେ ପ୍ରଧାନମନ୍ତ୍ରୀଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରମୁଖ ଯୋଗଦେବେ। ଏହାସହ ରାଜ୍ୟରେ ହଜାରେରୁ ଊର୍ଦ୍ଧ୍ୱ ଜନସଭା ଅନୁଷ୍ଠିତ ହେବ । ରାଜ୍ୟରେ କୋଟିଏ ପରିବାରକୁ ସମସ୍ତ ୩୭,୬୦୬ ବୁଥ୍‌ର ୫ ଲକ୍ଷ କାର୍ଯ୍ୟକର୍ତ୍ତା ଭେଟି କେନ୍ଦ୍ର ସରକାରଙ୍କ ସଫଳତା ବିଷୟରେ ଚର୍ଚ୍ଚା କରିବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ରାଜ୍ୟରେ ମହା ଜନସମ୍ପର୍କ ଅଭିଯାନକୁ ସଫଳ କରିବା ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ଆବାହକତ୍ୱରେ ଏକ ରାଜ୍ୟ କମିଟି ଗଠନ କରାଯାଇଛି। ଭାଜପା ୫୪୩ ଲୋକ ସଭା କ୍ଷେତ୍ରକୁ ୧୪୪ କ୍ଲଷ୍ଟରରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ କ୍ଲଷ୍ଟରରେ ଭାଜପାର ବରିଷ୍ଠ ନେତୃବୃନ୍ଦ ୮ ଦିନ ବିତାଇବେ। ଓଡ଼ିଶାରେ ୨୧ଟି ଲୋକ ସଭା କ୍ଷେତ୍ରକୁ ସମୁଦାୟ ୬ କ୍ଲଷ୍ଟରରେ ବିଭକ୍ତ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ, ଅର୍ଜୁନ ମୁଣ୍ଡା, ନିତ୍ୟାନନ୍ଦ ରାୟଙ୍କ ସମେତ ଓଡ଼ିଶାର ୩ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ବିଶ୍ୱେଶ୍ୱର ଟୁଡୁ ପ୍ରମୁଖ ଏହି ମହା ଜନସମ୍ପର୍କ ଅଭିଯାନରେ ସାମିଲ ହେବେ। ଏହି ଅବସରରେ ମୋଦି ସରକାରଙ୍କ ୯ ବର୍ଷର ସଫଳତାକୁ ନେଇ ଦଳ ପକ୍ଷରୁ ଏକ ୱେବ୍‌ସାଇଟ ୯ଇୟରସ୍‌ଅଫସେବା.ବିଜେପି.ଓଆର୍‌ଜି ଲଞ୍ଚ କରାଯାଇଛି । ଜନସମ୍ପର୍କ ଏବଂ ଜନତାଙ୍କ ଠାରୁ ସମର୍ଥନ ପାଇଁ ଭାଜପା ଏକ ମିସ୍‌ଡ କଲ୍ ନମ୍ବର ୯୦୯୦୯୦୨୦୨୪ ଲଞ୍ଚ କରାଯାଇଛି। ପ୍ରତ୍ୟେକ ଘରେ ସମ୍ପର୍କ ସ୍ଥାପନ ଅବସରରେ ସମସ୍ତ ନେତୃବୃନ୍ଦ ଲୋକଙ୍କୁ କେନ୍ଦ୍ରର ସଫଳତା ବିଷୟରେ ଜଣାଇବେ ବୋଲି ମନମୋହନ କହିଛନ୍ତି।

# ଗ୍ରାମସ୍ତରରୁ ସୁଦୃଢ଼ ହେବ କିଷାନ କଂଗ୍ରେସ: ଶରତ





କିଷାନ କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଦଳୀୟ ନେତୃବୃନ୍ଦ।

**ଭୁବନେଶ୍ୱର, ୩୧।୫(ବ୍ୟୁରୋ)**

ରାଜ୍ୟ ସରକାର ଚାଷୀଙ୍କୁ କେବଳ ମାଳମାଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଭଣ୍ଡାଇ ଭୁତାଇ ଚାଲିଛନ୍ତି। ଚାଷୀଙ୍କ ବିକାଶ ପରିବର୍ତ୍ତେ ବିନାଶ ଘଟୁଛି। ଖୁବ୍‌ଶୀଘ୍ର କିଷାନ କଂଗ୍ରେସ ସଙ୍ଗଠନକୁ ପ୍ରତି ଗ୍ରାମସ୍ତରରୁ ସୁଦୃଢ଼ କରାଯାଇ ଚାଷୀଙ୍କ ହକ୍ ପାଇଁ ଆଗାମୀ ଦିନରେ ଉଭୟ ସରକାରଙ୍କ ବିରୋଧରେ ଜୋର୍‌ଦାର ଆନ୍ଦୋଳନ କରାଯିବ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି। କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ କିଷାନ କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରର ଚାଷୀମାରଣ ନୀତିକୁ ଶରତ ତୀବ୍ର ନିନ୍ଦାକରି କହିଛନ୍ତି, ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ରାଜ୍ୟ ଜନସଂଖ୍ୟାର ୬୫ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ କୃଷି କାର୍ଯ୍ୟରେ ନିୟୋଜିତ। କୃଷି ଓ କୃଷକର ପ୍ରଗତି ହେଲେ ରାଜ୍ୟର ଅର୍ଥନୈତିକ ପ୍ରଗତି ହିଁ ସମ୍ଭବ। କିନ୍ତୁ ବର୍ତ୍ତମାନ ରାଜ୍ୟର ଚାଷୀ ବେସାହାରା। କୃଷିକ୍ଷେତ୍ର ବିପର୍ଯ୍ୟସ୍ତ ଓ କୃଷକ ସବୁଠାରୁ କ୍ଷତିଗ୍ରସ୍ତ। ଭାଗଚାଷୀଙ୍କ ସମସ୍ୟା କହିଲେ ନ ସରେ। ଚାଷ ପାଇଁ ଜଳସେଚନଠାରୁ ଆରମ୍ଭ କରି ଚାଷୀ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟ ପାଉନାହିଁ। ବ୍ୟବସ୍ଥିତ ଢଙ୍ଗରେ ମଣ୍ଡି ବ୍ୟବସ୍ଥା ନାହିଁ। ଫଳରେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି ବୋଲି ପିସିସି ସଭାପତି କହିଛନ୍ତି।

**CLASSIFIED DISPLAY** | ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**OFFTC ENTERPRISE BHUBANESWAR**
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ATC ଟାୱାର**
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ 5G ଡିଜିଟାଲ ଟାୱାର ଲଗାନ୍ତୁ
(ଭଡ଼ା 25,000/-)
(ଆଡ୍‌ଭାନ୍ସ-30,00,000/-)
20 ବର୍ଷର ଏଗ୍ରିମେଣ୍ଟ+1 ଚାକିରି
(ଏଜେଣ୍ଟ ମାସିକ 35,000/- ଆୟ କରନ୍ତୁ)
ଯୋଗାଯୋଗ କରନ୍ତୁ- 7625811050

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Classified Everyday**
0674-2580101, 2549949



AUTOMOBILE
SALE

Tata Hywa (Model-3118) 2018, 5 nos. Tata Hywa (Model-2518) 2016, 4 nos. Contact- 9827516256, 7504690838. D-74869



REAL ESTATE
SALE

ଭୁବନେଶ୍ୱର ଫୁଲନଖରା ଛକରେ simplex/ duplex, ରସୁଲଗଡ଼ରେ 3BHK flat ମିଳୁଛି । 9658122456, 8327785834. D-74866

Land for sale at Sundarpada 12050sqft. private land. Contact: 9437075283. D-0463

Newly built 3 BHK Duplex at Subhadra Villa, Gated Community, Land Area-1200 sqft., Built-up Area-1765 sqft. At: Pradhan Sahi, on Sundarapada - Jatani main road side. Contact: 9437404347. D-74706



Healthcare

Newly open SPA positively health benefits with expert therapist. 8114322659. D-75111

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74688

Newly open health benefits Spa special offer @799, Jaydev Vihar, 8018429809. D-75108

Newly open health benefits SPA special offer @ 799, Master Centeen. 9124527173. D-75109

Herbal full body massage by smart / expert therapist. Contact: 7846923244. D-74691

**AFFIDAVIT**

I, MISHRA MADHURI BASANT, D/o LATE BASANT KUMAR MISHRA, Plot No. 64/6950/9617, Saswat Vihar, Chandrasekharpur, Bhubaneswar, Dist.- Khurda, Odisha-751021, declare by this Affidavit No. 59AA 720508 that now onwards, I shall be known as MADHURI MISHRA for all future purposes. D-0475

## ମନେ ପଡ଼ନ୍ତି

**ଦ୍ୱାଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି**



**୰ବାଲୁଙ୍କେଶ୍ୱର ପୃଷ୍ଟି**
ଟୋଲାପଡ଼ା, ଡେଲାଙ୍ଗ, ପୁରୀ
ଆବିର୍ଭାବ: 17.11.1955
ତିରୋଧାନ: 21.05.2023
ଚାହୁଁ ଚାହୁଁ ବାରଦିନ ବିତିଗଲା, ତୁମର ଅନୁପସ୍ଥିତିକୁ ଅନୁଭବ କରୁଛୁ । ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଚିରଦିନ ପାଇଁ ମନେରହିବ । ମହାପ୍ରଭୁ ତୁମର ଅମର ଆତ୍ମାର ସଦ୍‌ଗତି ପ୍ରଦାନ କରନ୍ତୁ, ଏତିକି ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୦୪୭୯

**ଏକାଦଶାହ ଉପଲକ୍ଷେ**



**୰ନନ୍ଦିନୀ ଦାସ**
ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ରେଳବାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଜଟଣୀ
ଧରାବତରଣ: ତା୦୧।୧୧।୧୯୫୪
ସ୍ୱର୍ଗାରୋହଣ: ତା୨୨।୦୫।୨୦୨୩
ବିଗତ ଏଗାର ଦିନ ତୁମେ ଆମ ଗହଣରେ ନ ଥିବାରୁ ଆମେ ତୁମକୁ ହରାଇବାର ଯନ୍ତ୍ରଣାରେ ବିବ୍ରତ । ହେ ପୁଣ୍ୟାତ୍ମା, ତୁମେ ଯେଉଁଠି ଥାଅ, ଭଲରେ ଥାଅ, ଏତିକି ବିଶ୍ୱନିୟନ୍ତାଙ୍କଠାରେ ଆମ ସମସ୍ତଙ୍କ ପ୍ରାର୍ଥନା ।
ଶୋକସନ୍ତପ୍ତ ହତଶ୍ରୀ ସ୍ୱାମୀ- ଅରୁଣ, ପୁତ୍ର- ଅଂଶୁମାନ ଓ ଅମିତାଭ, ପୁତ୍ରବଧୂ- ଅନିନ୍ଦିତା ଓ ଲିପ୍‌ସା, ନାତି- ଆହାନ ଓ ଆୟାଂଶ, ଦାସମହାପାତ୍ର ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।
ଧ-୦୪୭୭

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଘନେଇଲା ଅର୍କେଶ-ଅଦ୍ରିଜା ବିବାଦ

■ ଅଦ୍ରିଜା ଓ ତାଙ୍କ ପରିବାର ବିରୋଧରେ ଅର୍କେଶଙ୍କ ଘରୋଇ କର୍ମଚାରୀଙ୍କ ଏତଲା

■ ପୂର୍ବରୁ ଅର୍କେଶ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଅଭିଯୋଗ ଆଣିଥିଲେ ଅଦ୍ରିଜା

ବଲାଙ୍ଗୀର ଅଫିସ, ୩୧।୫

ବଲାଙ୍ଗୀର ରାଜ ପରିବାର ସଦସ୍ୟ ତଥା ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓ ଓ ତାଙ୍କ ସ୍ତ୍ରୀ ଅଦ୍ରିଜା ମଞ୍ଜରୀ ସିଂଦେଓଙ୍କ ବିବାଦ ତେଜିବାରେ ଲାଗିଛି। ପୂର୍ବରୁ ଅଦ୍ରିଜା ମଞ୍ଜରୀ ତାଙ୍କୁ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଉଥିବା ଅଭିଯୋଗ କରିଥିଲେ। ସେ ସ୍ୱାମୀ ଅର୍କେଶ ନାରାୟଣ, ଶ୍ୱଶୁର ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ଶାଶୁ ବିଜୟଲକ୍ଷ୍ମୀ ଦେବୀ, ଦେଢ଼ଶୁର ପୂର୍ବତନ ଏମ୍‌ପି ତଥା ବର୍ତ୍ତମାନର ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ବଡ ଯା' ମେଘନା ରାଣାଙ୍କ ବିରୋଧରେ ଉତ୍ତରାଖଣ୍ଡର ଡେରାଡୁନ୍ ସ୍ଥିତ ରାଜପୁର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣା ବଲାଙ୍ଗୀର ସମେତ ସାରା ଓଡ଼ିଶାରେ ହଇଚଇ ସୃଷ୍ଟି କରିଥିଲା। ତେବେ ଅଦ୍ରିଜାଙ୍କ ଏଭଳି ଅଭିଯୋଗକୁ ଅର୍କେଶ ଖଣ୍ଡନ କରିବା ସହ ଏହା ମିଥ୍ୟା ବୋଲି ଦର୍ଶାଇଥିଲେ। ଅଦ୍ରିଜାଙ୍କ ସହ ବିବାଦ ମାମଲା କୋର୍ଟରେ ବିଚାରାଧୀନ ଥିବା ସୂଚନା ଦେଇଥିଲେ। ଏହି ମାମଲାର ଚର୍ଚ୍ଚା ଥମି ନ ଥିବାବେଳେ ଏବେ ଅଦ୍ରିଜା, ତାଙ୍କ ବଡ ଭଉଣୀ ରଚାମଞ୍ଜରୀ ସିଂ, ବାପା ଅଜୟ ସିଂ ଏବଂ ଡ୍ରାଇଭର ସୋନୁଙ୍କ ବିରୋଧରେ ଅର୍କେଶଙ୍କ ଘରୋଇ କର୍ମଚାରୀ ରବିତା ଝା ରାଜପୁର ଥାନାରେ ଅଭିଯୋଗ କରିଛନ୍ତି।


ଅର୍କେଶ ନାରାୟଣ ସିଂଦେଓ ଓ ଅଦ୍ରିଜା ନାରାୟଣ ସିଂଦେଓ।

ଅଭିଯୋଗକାରୀ ରବିତାଙ୍କ ଜାତିଗତ ପ୍ରସଙ୍ଗ ଉଠାଇ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ପରେ ଥାନାରେ ମାମଲା (୧୫୪/୨୩) ରୁଜୁ ହୋଇଛି। ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଅତ୍ୟାଚାର ନିରୋଧକ ଅଧିନିୟମ ୧୯୮୯ର ଧାରା ୩ (୧)(ଏକ୍ସ)ରେ ମାମଲା ରୁଜୁ ହୋଇଛି। ଏହି ଅଭିଯୋଗ ସମ୍ପର୍କରେ ଅଦ୍ରିଜାଙ୍କ ବଡ ଭଉଣୀ ରଚା ମଞ୍ଜରୀ କହିଛନ୍ତି ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ। ଉକ୍ତ ଘରେ ରବିତା ୫ ବର୍ଷରୁ ଉର୍ଦ୍ଧ୍ୱ ହେଲା କାମ କରୁଛନ୍ତି। ପୂର୍ବରୁ ସେ କେବେବି କୌଣସି ନିର୍ଯାତନା ବା ଜାତିଗତ ଅଭିଯୋଗ ଆଣିନାହାନ୍ତି। ଅର୍କେଶ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ଅଦ୍ରିଜା ନିର୍ଯାତନା ଅଭିଯୋଗ ଆଣିବା ପରେ ରବିତା ଏଭଳି ଅଭିଯୋଗ ଆଣିଛନ୍ତି। ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେ କହିଛନ୍ତି।

ପୂର୍ବରୁ ଅଦ୍ରିଜା ତାଙ୍କ ସ୍ୱାମୀ ଅର୍କେଶ ଓ ଶାଶୁଘର ଲୋକଙ୍କ ବିରୋଧରେ ପାରିବାରିକ ହିଂସା ଓ ନିର୍ଯାତନା ଅଭିଯୋଗ ଆଣିବା ଏବଂ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂଙ୍କ ନାତୁଣୀ ହୋଇଥିବାରୁ ଘଟଣାଟି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହାପରେ ପ୍ରତିକ୍ରିୟା ରଖି ଅର୍କେଶ ତାଙ୍କ ଡେରାଡୁନ୍ ସ୍ଥିତ ଘରକୁ କିଭଳି ଅଦ୍ରିଜା, ତାଙ୍କ ବଡ ଭଉଣୀ, ବାପା ଅକ୍ତିଆର କରି ରଖିଛନ୍ତି ସେ ନେଇ ଅଭିଯୋଗ କରିଥିଲେ। ଘର ଖାଲି କରିବାକୁ କହିବାରୁ ସାହାରନ୍‌ପୁରରୁ ଗୁଣ୍ଡା ଆଣି ତାଙ୍କୁ ଭୟଭୀତ କରାଯାଇଥିବା ସୂଚନା ଦେଇଥିଲେ। ୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ବଲାଙ୍ଗୀର ରାଜ ପରିବାର ସଦସ୍ୟ ଅର୍କେଶ-ଅଦ୍ରିଜା ବିବାଦ ଆଗକୁ କେଉଁ ରୂପ ନେବ ତାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ସେସୁର ପୂର୍ବତନ ଡିଜିଏମ୍‌ଙ୍କ ୮.୩୩ ଲକ୍ଷର ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

■ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୨୦୦୮ରେ ଗିରଫ ହୋଇଥିଲେ ଦାମୋଦର

■ ୨୦୧୫ରେ ବାଜ୍ୟାପ୍ତି ପାଇଁ ଆବେଦନ, ୨୦୨୨ରେ ଦୋଷୀ ସାବ୍ୟସ୍ତ ହୋଇଥିଲେ

ଭୁବନେଶ୍ୱର,୩୧।୫(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ତତ୍କାଳୀନ ବିଦ୍ୟୁତ୍ ବିତରଣ ସଂସ୍ଥା ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଇ ୟୁଟିଲିଟି ଅଫ୍ ଓଡ଼ିଶା (ସେସୁ)ର ପୂର୍ବତନ ଡେପୁଟି ଜେନେରାଲ ମ୍ୟାନେଜର (ଇଲେକ୍ଟ୍ରିକାଲ) ଦାମୋଦର ଦାସଙ୍କ ୮ ଲକ୍ଷ ୩୩ ହଜାର ୫୨୮ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ହେବ। ଏନେଇ ଭିଜିଲାନ୍ସ ପକ୍ଷରୁ ହୋଇଥିବା ଆବେଦନକୁ ଗ୍ରହଣ କରି ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟର ପ୍ରାଧିକୃତ ଅଧିକାରୀ ଆଶାପୂର୍ଣ୍ଣା ମହାପାତ୍ର ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମ୍ପତ୍ତିରେ ଦାମୋଦରଙ୍କ ୨ଟି ପ୍ଲଟ, ଗୋଟିଏ ବାଇକ, ବ୍ୟାଙ୍କ ଓ ପୋଷ୍ଟାଲ ଜମା ରହିଛି। ତେବେ ଏହି ସମ୍ପତ୍ତି ବାଜ୍ୟାପ୍ତି ହେବା ପାଇଁ ଦାମୋଦରଙ୍କୁ ୩୦ଦିନ ସମୟ ଦିଆଯାଇଛି। ସମ୍ପତ୍ତିର ପରିମାଣ ଅନୁଯାୟୀ ସେ ଟଙ୍କା ଦାଖଲ କଲେ ବାଜ୍ୟାପ୍ତିରୁ ବର୍ତ୍ତିପାରିବେ ବୋଲି ପ୍ରାଧିକୃତ ଅଧିକାରୀ କହିଛନ୍ତି।

ସୂଚନା ଅନୁଯାୟୀ, ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ୨୦୦୮ ଡିସେମ୍ବର ୨୯ରେ ଦାମୋଦରଙ୍କ ଘର ଓ ଅଫିସରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ଆୟବହିର୍ଭୂତ ସମ୍ପତ୍ତି ଠାବ ପରେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ଏକ ମାମଲା (ନଂ.୫୩/୨୦୦୮) ରୁଜୁ କରି ଦାମୋଦରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ଠାବ ହୋଇଥିବା ସମ୍ପତ୍ତିକୁ ବାଜ୍ୟାପ୍ତି ପାଇଁ ୨୦୧୫ରେ ଭିଜିଲାନ୍ସ ଆବେଦନ (ଭାଇଡ୍ ନଂ.୧୩/୨୦୧୫) କରିଥିଲା। ପରେ ୨୦୨୨ ଅଗଷ୍ଟ ୨୫ରେ କୋର୍ଟ ଦାମୋଦରଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଥିଲେ। ଦାମୋଦରଙ୍କୁ ୨ ବର୍ଷ କାରାଦଣ୍ଡ ହୋଇଥିଲା। ତେବେ ଏନେଇ ଦାମୋଦର ହାଇକୋର୍ଟରେ ଜାମିନ ଆବେଦନ କରିଥିବାବେଳେ ତାହା ଏବେ ବିଚାରଧିନ ରହିଛି। ସେହିପରି ୨୦୧୨ରେ ମଧ୍ୟ ଦାମୋଦର ଏକ ଲାଞ୍ଚ କାରବାର ମାମଲାରେ ୨ ବର୍ଷର ଜେଲ୍ ଦଣ୍ଡାଦେଶ ପାଇଥିଲେ।

## ସଂକ୍ଷେପରେ

### କେନାଲରେ ବୁଡ଼ି ୨ ନାବାଳକ ମୃତ


**ତାଲଚେର, ୩୧।୫ (ନି.ପ୍ର.):** ସାଙ୍ଗମାନଙ୍କ ସହ କେନାଲକୁ ଗାଧୋଇ ଯାଇଥିବା ୨ ନାବାଳକଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ଅନୁଗୋଳ ଜିଲା ତାଲଚେର ବ୍ଲକ ଗୁରୁଜାଙ୍ଗ ଗାଁରେ ବୁଧବାର ଏହି ଅଘଟଣ ଘଟିଛି। ଖବର ଜଣାପଡ଼ିବା ପରେ ଗାଁରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ସମଲ ବ୍ୟାରେଜ ଦକ୍ଷିଣ ଶାଖା କେନାଲର ଗୁରୁଜାଙ୍ଗ ଗ୍ରାମ ନିକଟସ୍ଥ କେନାଲକୁ ଗାଁର ୩ ଜଣ ନାବାଳକ ଗାଧୋଇବାକୁ ଯାଇଥିଲେ। ହେଲେ ଅସାବଧାନତାରୁ ଓମପ୍ରକାଶ ପାଣି (୧୪) ଓ ସୌମ୍ୟ ରଞ୍ଜନ ପାଣି (୧୪) ଗଭୀର ପାଣିକୁ ଚାଲି ଯାଇଥିଲେ। ଫଳରେ ଉଭୟ ପାଣିରୁ ବାହାରି ନ ପାରି ବୁଡି ଯାଇଥିଲେ। ପାଖରେ ଥିବା ଅନ୍ୟ ଜଣେ ସାଙ୍ଗ ପାଟି କରି ଆଖପାଖ ଲୋକମାନଙ୍କୁ ଡାକିଥିଲେ। ଗ୍ରାମବାସୀ ତୁରନ୍ତ ସେଠାରେ ପହଞ୍ଚି କେନାଲରେ ବହୁ ସମୟ ଖୋଜାଖୋଜି କରିବା ସହ ୨ ନାବାଳକଙ୍କୁ ଉଦ୍ଧାର କରି ଗୋଡିବନ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ତାଲଚେର ବିଧାୟକ ବ୍ରଜକିଶୋର ପ୍ରଧାନ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତାଲଚେର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

### ସ୍ତ୍ରୀ ହତ୍ୟା ମାମଲା
### ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

**ଆନନ୍ଦପୁର,୩୧।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ବୁଧବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ପ୍ରଜ୍ୟୋତି ରାଉତ ସ୍ତ୍ରୀଙ୍କୁ ହତ୍ୟା ଘଟଣାର ବିଚାର କରି ସ୍ୱାମୀଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୫ ହଜାର ଟଙ୍କା ଜରିମାନା ଓ ଅନାଦାୟେ ୩ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲା ବିବରଣୀ ଅନୁଯାୟୀ, ନନ୍ଦିପଦା ଥାନା ଅଣା ଗ୍ରାମର ପ୍ରଦୀପ କୁମାର ମଲ୍ଲିକ ଏକ ଯାତ୍ରା ପାର୍ଟିରେ କାର୍ଯ୍ୟ କରୁଥିବା ସମୟରେ ସହକର୍ମୀ ମଧୁସ୍ମିତା ନାୟକଙ୍କୁ ଭଲ ପାଇ ବିବାହ କରିଥିଲେ। ପରେ ପାରିବାରିକ ବିବାଦ ଲାଗି ରହୁଥିବା ବେଳେ ଉତ୍କ୍ଷିପ୍ତ ହୋଇ ପ୍ରଦୀପ ସ୍ତ୍ରୀଙ୍କୁ ମାରି ଘର ପଛପାଖରେ ପୋତି ଦେଇଥିଲେ। କିଛି ଦିନ ପରେ ଦୁର୍ଗନ୍ଧ ହେବାରୁ ଘଟଣା ଜଣାପଡ଼ିଥିଲା। ୯ ଅଗଷ୍ଟ ୨୦୧୯ରେ ଗ୍ରାମରକ୍ଷୀଙ୍କ ଅଭିଯୋଗ ଆଧାରରେ ଥାନାରେ ( ନଂ. ୭୩/୧୯) ତଥା ଏସଟି କେସ୍ (ନଂ ୫୮/୨୦୧୯)ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୩୧ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍ ଉପରୋକ୍ତ ରାୟ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ସରକାରୀ ଆଇନଜୀବୀ ଅଶ୍ୱନୀ କୁମାର ମଲ୍ଲିକ କହିଛନ୍ତି।

### ବିବାହ ପୂର୍ବଦିନ ଯୁବକଙ୍କୁ ଅପହରଣ

**ଯାଜପୁର ଟାଉନ,୩୧।୫(ଡି.ଏନ.ଏ.):** ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବିବାହର ଗୋଟିଏ ଦିନ ପୂର୍ବରୁ ଜଣେ ଯୁବକଙ୍କୁ ଅପହରଣ କରାଯାଇଛି। ଏନେଇ ତାଙ୍କ ପରିବାର ପକ୍ଷରୁ ଯାଜପୁର ସଦର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଯାଜପୁର ବ୍ଲକ୍ ଅନ୍ତର୍ଗତ ସିମିଳିଆ ପଞ୍ଚାୟତ ମଇଦିପୁର ଗ୍ରାମର ବୈଦ୍ୟନାଥ ନାୟକଙ୍କ ପୁଅ ନିହାରରଞ୍ଜନ ନାୟକଙ୍କ ବିବାହ ୩୧ତାରିଖରେ ହେବାକୁ ସ୍ଥିର ହୋଇଥିଲା। ତେଣୁ ସେ, ପୂର୍ବଦିନ ଅର୍ଥାତ୍ ୩୦ ତାରିଖରେ ହରିପୁର ବଜାରକୁ ବର ପୋଷାକ କିଣିବା ପାଇଁ ଯାଇଥିଲେ। ସେଠାରୁ ନିହାର ନ ଫେରିବାରୁ ରାତି ୮ଟା ପରେ ପରିବାର ଲୋକେ ତାଙ୍କୁ ଫୋନ୍ କରିଥିଲେ। ଫୋନ୍ ବନ୍ଦଥିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନ ଓ ବନ୍ଧୁବାନ୍ଧବ ଘରେ ଖୋଜାଖୋଜି କରିଥିଲେ। ହେଲେ ନ ପାଇବାରୁ ବୁଧବାର ଯାଜପୁର ସଦର ଥାନାରେ ତାଙ୍କ ବଡ଼ଭାଇ ସମୀର ନାୟକ ଲିଖିତ ଏତଲା ଦାଏର କରିଛନ୍ତି। ଟଙ୍କା ପଇସା ବିବାଦକୁ ନେଇ ପୂର୍ବଶତ୍ରୁତା ଥିବାରୁ ଅଞ୍ଚଳର ସେରାକତ୍ ଅଲ୍ଲୀ ତାଙ୍କ ଭାଇଙ୍କୁ ଅପହରଣ କରିନେଇଛନ୍ତି ବୋଲି ସେ ସନ୍ଦେହ ପ୍ରକାଶ କରିଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏନେଇ ଥାନାରେ ନଂ.୩୮/୨୩ରେ ମାମଲା ରୁଜୁ ହୋଇଛି।



# ଓଡ଼ିଶା ହକିର ଏକ ବିଶ୍ୱସ୍ତରୀୟ ହବ୍ ଭାବେ ନିଜକୁ ପ୍ରତିଷ୍ଠିତ କରିଛି: ମନ୍ତ୍ରୀ

ଭୁବନେଶ୍ୱର, ୩୧।୫(ବ୍ୟୁରୋ)

ଓଡ଼ିଶା ଏହାର ଅସାଧାରଣ ଭିତ୍ତିଭୂମି, ସୁବିଧା ଏବଂ ଅନେକ ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ସଫଳ ଆୟୋଜନ ଯୋଗୁ କ୍ରୀଡ଼ା ପାଇଁ ଏକ ପସନ୍ଦଯୋଗ୍ୟ ସ୍ଥାନ ଭାବେ ଦ୍ରୁତ ଗତିରେ ଉଭା ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ରାଜ୍ୟ ବିଭିନ୍ନ କ୍ରୀଡ଼ାର ପ୍ରୋତ୍ସାହନ ଓ ପ୍ରତିଭା ବିକାଶ ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛି। ୨୦୧୮ ଓ ୨୦୨୩ରେ ଏଫଆଇଏଚ୍ ହକି ବିଶ୍ୱକପର କ୍ରମାଗତ ସଂସ୍କରଣ ସଫଳତାର ସହ ଆୟୋଜନ କରି ଓଡ଼ିଶା ହକିର ଏକ ବିଶ୍ୱସ୍ତରୀୟ ହବ୍ ଭାବେ ନିଜକୁ ପ୍ରତିଷ୍ଠିତ କରିଛି ବୋଲି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି।

କ୍ରୀଡ଼ା ଓ ଯୁବସେବା ବିଭାଗର ୨୦୧୯ ନିର୍ବାଚନ ପୂର୍ବରୁ ଦିଆଯାଇଥିବା ଇସ୍ତାହାର ପ୍ରତିଶ୍ରୁତି ଓ ଗତ ୪ ବର୍ଷରେ ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବୁଧବାର ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ଗୀତଗୋବିନ୍ଦ ସଦନ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ବେହେରା କହିଛନ୍ତି, ଏହାବ୍ୟତୀତ ଓଡ଼ିଶା ଏଫଆଇଏଚ୍ ହକି ଜୁନିୟର ପୁରୁଷ ବିଶ୍ୱକପ୍, ପ୍ରୋ ଲିଗ୍, ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ଏବଂ ଏଫ୍‌ଆଇଏଚ୍ ସିରିଜ୍ ଫାଇନାଲ୍ସ ଭଳି ପ୍ରମୁଖ ହକି ଇଭେଣ୍ଟର ଆୟୋଜନ କରି ହକି ପାଇଁ ଏକ ବିଶ୍ୱସ୍ତରୀୟ ଗନ୍ତବ୍ୟସ୍ଥଳ ଭାବେ ନିଜର ସ୍ଥିତିକୁ ସୁଦୃଢ଼ କରିଛି। କଳିଙ୍ଗ ହକି ଷ୍ଟାଡିୟମ ଓ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ବିଶ୍ୱର ଶ୍ରେଷ୍ଠ ହକି ଷ୍ଟାଡିୟମ ଭାବେ ମାନ୍ୟତା ଲାଭ କରିଛି। ଅନ୍ୟାନ୍ୟ କ୍ରୀଡ଼ାରେ ଉଲ୍ଲେଖନୀୟ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି କରିଛି। ଫୁଟବଲରେ ରାଜ୍ୟ ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଏବଂ ସାଫ୍ ୨୦ ବର୍ଷରୁ କମ୍ ଚାମ୍ପିୟନସିପ୍ ସଫଳତାର ସହ ଆୟୋଜନ କରି ବିଶ୍ୱର ପ୍ରତିଭାବାନ ଯୁବ ଫୁଟବଲରଙ୍କୁ ସେମାନଙ୍କ ଦକ୍ଷତା ପ୍ରଦର୍ଶନ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଛି। ଓଡ଼ିଶା ଓପନ୍, ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ୍ ଚାମ୍ପିଅନସିପ୍ ଏବଂ ବିଭିନ୍ନ ଜାତୀୟ ପ୍ରତିଯୋଗିତା ଓଡ଼ିଶାକୁ ଭାରତର ଏକ କ୍ରୀଡ଼ା ହବ୍ ଭାବେ ପରିଚୟ ଆଣିଦେଇଛି। ରାଜଧାନୀ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ସୁପର କପ୍ ଚାମ୍ପିୟନ ଓଡ଼ିଶା ଏଫ୍.ସି.ର ଘରୋଇ ପଡ଼ିଆ ଭାବେ କାର୍ଯ୍ୟ କରୁଛି। ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ବିଶ୍ୱର ସର୍ବାଧିକ ଆସନବିଶିଷ୍ଟ ହକି ଷ୍ଟାଡିୟମ ଭାବେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ଏକ ସମ୍ମାନଜନକ ସ୍ଥାନ ହାସଲ କରିଛି। ଏଠାରେ ଥିବା ୨୨୫ କୋଠରୀ ବିଶିଷ୍ଟ ଅଲିମ୍ପିକ୍ ଶୈଳୀର ହକି ଭିଲେଜର ନିର୍ମାଣ ମାତ୍ର ୧୫ ମାସ ମଧ୍ୟରେ ସମ୍ପନ୍ନ ହୋଇଥିଲା। ଏହା ବ୍ୟତୀତ ରାଜ୍ୟ ସରକାର ସହରାଞ୍ଚଳରେ ୯୦ଟି ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ପ୍ରତିଷ୍ଠା କରିବା ସହିତ ୬ଟି ଫିଫା ଷ୍ଟାଣ୍ଡାର୍ଡ ପିଚ୍ ମଧ୍ୟ ବିକଶିତ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।




# ଭୂ-ପ୍ରଜାତି ଜାରି କରିବାରେ ଓଡ଼ିଶାକୁ ଦେଶର ପ୍ରଥମ ରାଜ୍ୟର ମାନ୍ୟତା

**ଭୁବନେଶ୍ୱର, ୩୧।୫(ବ୍ୟୁରୋ):** ରାଜ୍ୟର ଜନଜାତି କୃଷକଙ୍କ ଦ୍ୱାରା ସଂରକ୍ଷିତ ପାରମ୍ପରିକ ମାଣ୍ଡିଆ ଭୂ-ପ୍ରଜାତିକୁ ଜାରି କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟର ମାନ୍ୟତା ହାସଲ କରିଛି। ରାଜ୍ୟ ସରକାର ଜନଜାତି କୃଷକଙ୍କ ଦ୍ୱାରା ସଂରକ୍ଷିତ ପାରମ୍ପରିକ ମାଣ୍ଡିଆ ଭୂ-ପ୍ରଜାତିଗୁଡ଼ିକ ଜାରି କରିବା ନିମନ୍ତେ ଲ୍ୟାଣ୍ଡରେସ୍ ଭେରାଇଟି ରିଲିଜ୍ କମିଟି ଗଠନ ନିମନ୍ତେ ଆନୁଷ୍ଠାନିକ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଗତ ୩ ବର୍ଷରେ ଆବଶ୍ୟକ ବୈଜ୍ଞାନିକ ତଥ୍ୟ ଉପଲବ୍ଧ ନିମନ୍ତେ ନିରନ୍ତର ପରୀକ୍ଷଣ କରାଯାଇଛି। ଉପଯୁକ୍ତ ବୈଜ୍ଞାନିକ ପଦ୍ଧତି ଏବଂ ପାରମ୍ପରିକ ଜ୍ଞାନକୌଶଳର ସମ୍ମିଶ୍ରଣରେ ମାଣ୍ଡିଆର ଭୂ-ପ୍ରଜାତିକୁ ବିକଶିତ କରିବା ଫଳରେ କୃଷି ଜୈବବିବିଧତାର ମୂଳଧାରାରେ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆସିପାରିବ ବୋଲି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ଏହି ପାରମ୍ପରିକ ମାଣ୍ଡିଆ ଭୂ-ପ୍ରଜାତିର କିସମ ସ୍ଥାନୀୟ ମୃତ୍ତିକା ଓ ଜଳବାୟୁ ଅନୁକୂଳ ହୋଇଯାଇଛି। ଏଥିରୁ କିଛି କିସମ ରୋଗପୋକ ଏବଂ ଜଳବାୟୁ ପରିବର୍ତ୍ତନ ପ୍ରତି ମଧ୍ୟ ସହନଶୀଳ ଅଟନ୍ତି। ଏହି ପାରମ୍ପରିକ ଭୂ-ପ୍ରଜାତିଗୁଡ଼ିକ ଜୈବିକ କୃଷି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରୁଛନ୍ତି। ରାଜ୍ୟର ୬୨ଟି ଜନଜାତି ସମ୍ପ୍ରଦାୟ ବାସ କରନ୍ତି। ଜନଜାତି ସମ୍ପ୍ରଦାୟଗୁଡ଼ିକର ସ୍ଥାନୀୟ ମାଣ୍ଡିଆ ଆଦି କିସମର ସଂରକ୍ଷଣ ଦିଗରେ ଏକ ସମୃଦ୍ଧି ଐତିହ୍ୟ ରହିଛି। ଓଡ଼ିଶାର ଜନଜାତି ସମ୍ପ୍ରଦାୟର କୃଷକମାନେ ଅନାଦିକାଳରୁ ବିଭିନ୍ନ ମାଣ୍ଡିଆ କିସମର ସଂରକ୍ଷକ ଭାବେ ପରିଗଣିତ ହୋଇ ଆସୁଛି।

# କୂଅରୁ ବାହାରୁଛି ଡିଜେଲ

**ପଟ୍ଟାମୁଣ୍ଡାଇ,୩୧।୫(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବେଲତଳ ଗାଁର ଏକ କୂଅରୁ ପାଣି ବଦଳରେ ଡିଜେଲ ବାହାରୁ ଥିବା ଗ୍ରାମବାସୀ କହିଛନ୍ତି। ଲୋକମାନେ ଏହାକୁ ଟିଣରେ ବାହାର କରୁଥିବା ଦେଖିବାକୁ ମିଳିଛି। ତାହା ଡିଜେଲ ଭଳି ଗନ୍ଧ ହେଉଛି। ସୂଚନା ଅନୁଯାୟୀ, ବେଲତଳ ଗାଁର ସୁଦର୍ଶନ ବିଶ୍ୱାସ ପାଣି ପାଇଁ ଏହି କୂଅଟିକୁ ଖୋଳିଥିଲେ। ୩ ମାସ ତଳୁ ସୁଦର୍ଶନଙ୍କ ସ୍ତ୍ରୀ ଉର୍ମିଳା କୂଅରୁ ପାଣି କାଢ଼ିଲା ପରେ ସେଥିରୁ ଡିଜେଲ ଗନ୍ଧ ବାହାରୁଥିବା ଜାଣିବାକୁ ପାଇଥିଲେ। ସେ କୂଅରେ କ'ଣ ପଡି ଯାଇଛି ଭାବି ସବୁ ପାଣି ଉଝାଳି ଦେଇ କୂଅକୁ ଘୋଡାଇ ରଖିଥିଲେ। ମାତ୍ର ଏବେ ଦୈନନ୍ଦିନ ବ୍ୟବହାର ପାଇଁ ପାଣି କାଢ଼ିବାରୁ ପାଣି ବଦଳରେ ଡିଜେଲ ବାହାରୁଥିବା ଦେଖିବାକୁ ପାଇଥିଲେ। ଏ କଥା ଜାଣିବା ପରେ ସେ ସ୍ଥାନୀୟ ପ୍ରଶାସନକୁ ଖବର ଦେଇଥିଲେ। ପ୍ରଶାସନିକ



ଅଧିକାରୀମାନେ ସେଠାରେ ପହଞ୍ଚି କୂଅରୁ ପାଣି ବାହାର କରି ତାକୁ ପରୀକ୍ଷା କରିବା ପରେ ଡିଜେଲ ବୋଲି ଜାଣିବାକୁ ପାଇଥିଲେ। ପାଖରେ ପେଟ୍ରୋଲ ଟାଙ୍କି ଥିବାରୁ ଡିଜେଲ ଟାଙ୍କିର ଲିକେଜ୍ ହୋଇ କୂଅକୁ ଆସୁଥିବା ସନ୍ଦେହ କରାଯାଇଥିଲା। ହେଲେ ପେଟ୍ରୋଲ ଟାଙ୍କି କର୍ମଚାରୀମାନେ ତାଙ୍କ ଟାଙ୍କିରେ କୌଣସି ଲିକେଜ୍ ନ ଥିବା ଓ ଟାଙ୍କି ଷ୍ଟକ୍ ଠିକଥିବା କହିଥିଲେ। ଅନ୍ୟପକ୍ଷେ ୧୯ ନଂ.କାଉନସିଲର ଗୋପୀବଲ୍ଲଭ ନାୟକ ଏସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜିଲାପାଳ, ସ୍ଥାନୀୟ ତହସିଲଦାର ଏବଂ ଦମକଳ ବାହିନୀକୁ ଜଣାଇବା ସହିତ ଏହି ଘଟଣା ସମ୍ପର୍କରେ ରାଜ୍ୟ ସରକାରାଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛନ୍ତି। ସ୍ଥାନୀୟ ତହସିଲଦାର ଦିଲୀପ ସେଠୀଙ୍କୁ ପଚାରିବାରୁ ଆମେ ତେଲର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛୁ। ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


**ZILLA PARISHAD, DEOGARH**

**ADVERTISEMENT FOR ENGAGEMENT OF GRAM ROZGAR SEVAKS (GRSs)**

Closing Date: **05.07.2023**

No. CAD-146: Applications are invited from the eligible candidates for the Post of Gram Rozgar Sevaks (GRSs) under MGNREGA for 6 Nos. of Gram Panchayats on contractual basis with a consolidated remuneration of Rs.7000/- (Rupees Seven Thousand) only. For details on qualifications, terms & conditions, application form and documents to be submitted, the candidates are advised to visit district website: **"www.deogarh.nic.in"**.

**Sd./- Collector-cum-CEO**
**Zilla Parishad, Deogarh**
**OIPR-19366/11/0002/2324**

**GOVERNMENT OF ODISHA**
**SPORTS & YOUTH SERVICES DEPARTMENT**

**SYS-SEB-Events-0010-2023-13001/SYS Date: 30.05.2023**

**REQUEST FOR PROPOSAL**

No. TT-09: Sports & Youth Services Department, Government of Odisha invites bids from reputed Catering agencies to the RfP on **"Engagement of Catering Agency for Hero Intercontinental Cup & 62nd National Inter State Senior Athletics Championship 2023, from 8th June to 19th June 2023 at Kalinga Stadium, Bhubaneswar"**. The details of the document are available at the below mentioned website.

Website: **https://department.sportsodisha.gov.in/tender**

Interested firms/parties/agencies are advised to study the RfP document carefully before submitting their bid.

**Important Dates and Information:**

**Last date and time of submission of proposal - 06.06.2023 by 11.00 A.M.**

**Opening of the Technical Bid - 06.06.2023 at 12.00 P.M.**

**Technical Presentation - 06.06.2023 at 04.30 P.M.**

**Sd./- Commissioner-cum-Secretary**
**OIPR-29001/11/0014/2324**

**OFFICE OF THE COLLECTOR & DISTRICT MAGISTRATE, KHORDHA**

**No. 7543/Estt. Dtd.24.05.2023**

**ADVERTISEMENT FOR CONTRACTUAL ENGAGEMENT OF RETIRED GROUP - C EMPLOYEES AS OSDs**

No. F-66: Applications in prescribed form are invited from eligible retired Group - C employees for re-engagement as OSD against the 37 Nos. of vacant post of Junior Revenue Assistant, 29 Nos. of Assistant Revenue Inspector and 28 Nos. of Amins as OSD on contractual basis under Khordha district Revenue Administration. The details information regarding recruitment process are available in the Khordha District official website: **https://khordha.nic.in** vide Advertisement No. 7543/Estt. Dated 24.05.2023. The last date of receipt of application through Speed Post/Regd. Post is 08.06.2023.

By Order of Collector, Khordha
**Sd./- Additional District Magistrate, Khordha**
**OIPR-24351/11/0009/2324**

**ODISHA JOINT ENTRANCE EXAMINATION - 2023 (OJEE - 2023)**

**No. OJEE/235 Date: 31.05.2023**

**NOTICE FOR ONLINE APPLICATION FOR 2nd/ SPECIAL OJEE - 2023**

No. h-04: The 2nd/Special OJEE for B.Tech., LE-Tech (Diploma), MBA, MCA and B. Pharm will be held in the last week of June, 2023 (26th June to 30th June, 2023).

The Entrance Examination will be conducted in Computer Based Test (CBT) mode (One hour) for all the courses as mentioned above.

Interested candidates are advised to fill up the respective Application Forms online through OJEE website **(www.ojee.nic.in)** only.

Filling-up of Online Application through OJEE website begins on **1st June, 2023 and will end on 8th June, 2023 (11.00 P.M.)**.

Syllabus for B.Tech. course is same as that for JEE MAIN 2023, while syllabus for other courses are same as for OJEE 2023.

Candidates, who have appeared and have rank in JEE MAIN 2023 (for B.Tech) or OJEE-2023 (for other courses), are not required to appear the 2nd/Special OJEE.

The results (ranks) of 2nd/Special OJEE shall be used for admission to the vacant seats left over after 1st phase counselling.

Please note that outside State candidates are not eligible for admission in Government Colleges, but they are eligible for adimission in Private Colleges.

For other details, please visit our website: **www.ojee.nic.in/www.odishajee.com**.

**Sd./- Chairman, OJEE, Odisha**
**OIPR-14020/11/0003/2324**

**ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ**
**ଢେଙ୍କାନାଳ (ଓଡ଼ିଶା), ପିନ୍ କୋଡ୍-୭୫୯୦୦୧**
ଇ-ମେଲ୍: dhenkanalm.hud@gmail.com

ପତ୍ର ସଂଖ୍ୟା 1476 ତା.26.5.23 ରିଖ

**ନିଲାମ ନିମନ୍ତେ ବିଜ୍ଞାପନ**

No.C-467:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଢେଙ୍କାନାଳ ପୌରପାଳିକା ଅଧୀନରେ ଥିବା ନିମ୍ନୋକ୍ତ ଉତ୍ସଗୁଡିକ ଆଗାମୀ ଆର୍ଥିକ ବର୍ଷ (୨୦୨୩-୨୪ ଓ ୨୦୨୪-୨୫) ଦୁଇ ବର୍ଷ ନିମନ୍ତେ, ଉଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ ପଟ୍ଟାଦାରି ନିମନ୍ତେ ଆଗ୍ରହୀ ବ୍ୟକ୍ତି ସଂସ୍ଥାଠାରୁ ମୁଦଦିଆ ଟେଣ୍ଡର ଆହ୍ୱାନ କରାଯାଉଛି, ଟେଣ୍ଡର ଦାଖଲ ନିମନ୍ତେ ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ଆସନ୍ତା ତା.୦୧.୦୬.୨୦୨୩ ରିଖଠାରୁ ୧୬.୦୬.୨୦୨୩ ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ ପୌର କାର୍ଯ୍ୟାଳୟରୁ ଟ.୧୦୦୦.୦୦ ଙ୍କାର ଟେଣ୍ଡର ପେପର କ୍ରୟ କରି ସେମାନଙ୍କର ଟେଣ୍ଡର ଅର୍ପଣ କରିପାରିବେ (ଛୁଟି ଦିନ ବ୍ୟତୀତ) । ଉପରୋକ୍ତ ଟେଣ୍ଡର ଆସନ୍ତା ତା.୧୭.୦୬.୨୦୨୩ ରିଖ ଦିବା ଅପରାହ୍ନ ୪.୦୦ ଘଟିକା ସମୟରେ ପୌରପାଳିକାର ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ । ଏହି ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ରହିପାରିବେ । ଯଦି କୌଣସି ଟେଣ୍ଡରଦାତା କିମ୍ବା ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ନଥିବେ, ତେବେ ମଧ୍ୟ ଉପରୋକ୍ତ ଟେଣ୍ଡର ନିର୍ଦ୍ଧାରିତ ସମୟରେ ଖୋଲାଯିବାର ବ୍ୟବସ୍ଥା ରଖାଯାଇଛି ।

| କ୍ର.ନଂ. | ଉତ୍ସଗୁଡିକର ନାମ | ୱାର୍ଡ ନଂ. | ସମୟ ଅବଧି | ସର୍ବନିମ୍ନ ମୂଲ୍ୟାଙ୍କନ ଟଙ୍କାରେ | ଟେଣ୍ଡର ଦାତାଙ୍କ ସର୍ବୋଚ୍ଚ ମୂଲ୍ୟ |
|---|---|---|---|---|---|
| ୧. | ଗୋପାଳସାଗର ପୋଖରୀ | ୧୭ | ୨ ବର୍ଷ | ୪୬,୨୬୭.୦୦ | |
| ୨. | ମହ୍ଲାର ସାହି ପୋଖରୀ | ୧୧ | ୨ ବର୍ଷ | ୨୨,୬୬୧.୦୦ | |
| ୩. | କୋରିଆଁ ପୋଖରୀ (ଜେନାଦେଇ) | ୨୩ | ୨ ବର୍ଷ | ୭୦,୦୩୩.୦୦ | |
| ୪. | ବୈଷ୍ଣବ ପୋଖରୀ | ୨୨ | ୨ ବର୍ଷ | ୩୭,୮୩୩.୦୦ | |
| ୫. | ପଛିବନ୍ଧ ପୋଖରୀ | ୧୦ | ୨ ବର୍ଷ | ୨୬,୬୦୩.୦୦ | |
| ୬. | ବଧି ପୋଖରୀ | ୧୦ | ୨ ବର୍ଷ | ୩୬,୮୩୪.୦୦ | |
| ୭. | କୋରିଆଁ ପୋଖରୀ (ଶିବ ମନ୍ଦିର) | ୨୩ | ୨ ବର୍ଷ | ୧୪,୩୨୬.୦୦ | |
| ୮. | କୃଷ୍ଣକାନ୍ତ ପୋଖରୀ | ୦୩ | ୨ ବର୍ଷ | ୪,୫୮,୩୩୯.୦୦ | |
| ୯. | ସରଜଙ୍ଗ ସାହି ପୋଖରୀ | ୧୦ | ୨ ବର୍ଷ | ୯୦,୩୭୧.୦୦ | |
| ୧୦. | ବନମାଳୀପ୍ରସାଦ ପୋଖରୀ | ୦୯ | ୨ ବର୍ଷ | ୧,୧୬,୬୭୭.୦୦ | |

ସ୍ୱା./- ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା
OIPR-13146/11/0010/2324

Your classified advertisement published in Dharitri will be listed free in Dharitri online edition :
**www.dharitri.com**



ଭାରତ ସରକାରଙ୍କ ଇ-ଗଭର୍ନାନ୍ସ ସେବା 'କମନ ସର୍ଭିସ୍ ସେଣ୍ଟର (ସିଏସ୍‌ସି) ଏବଂ ପତଞ୍ଜଳି ଗ୍ରାମ୍ୟୋଦ୍ୟୋଗ (ନ୍ୟାସ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀ ଓ ଅନ୍ୟମାନଙ୍କ ଉପସ୍ଥିତିରେ ଏହି ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ବିଶେଷକରି ପଶୁପାଳନ ଏବଂ ପଶୁଖାଦ୍ୟ କାରବାର ସହ କୃଷି ଓ କୃଷକଙ୍କ ଆୟ ସମ୍ପର୍କିତ କାର୍ଯ୍ୟକଳାପ ଉକ୍ତ ଏମ୍‌ଓୟୁର ମୂଳ ଲକ୍ଷ୍ୟ ବୋଲି ପତଞ୍ଜଳି ପକ୍ଷରୁ ସୂଚନା ଦିଆଯାଇଛି।

## ଫୋକସ୍‌ଡ ଇକ୍ୱିଟି ଫଣ୍ଡର ଶୁଭାରମ୍ଭ

**ନୂଆଦିଲ୍ଲୀ,୩୧।୫**

ଆଇସିଆଇ ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ ଫୋକସ୍‌ଡ ଇକ୍ୱିଟି ଫଣ୍ଡ ନିକଟରେ ଶୁଭାରମ୍ଭ ହୋଇଯାଇଛି। ଏପରିକି ଉକ୍ତ ଫଣ୍ଡ ସବ୍‌ସ୍କ୍ରିପ୍‌ସନ ନିମନ୍ତେ ଉନ୍ମୁକ୍ତ ହୋଇସାରିଛି। ଉଲ୍ଲେଖଯୋଗ୍ୟ, ଉକ୍ତ ଫଣ୍ଡ ୨୦୨୩ ଜୁନ୍ ୧୨ରେ ଆନୁଷ୍ଠାନିକ ଭାବେ ବନ୍ଦ ହେବ। ବିଶେଷକରି ଉପରୋକ୍ତ ଫଣ୍ଡ ଏକ କେନ୍ଦ୍ରୀଭୂତ ପୋର୍ଟଫୋଲିଓ ଯାହା ବହୁବିଧ ମାର୍କେଟ କ୍ୟାପିଟାଲାଇଜେଶନରେ ନିବେଶ କରୁଛି। ଏହାର ସର୍ବନିମ୍ନ ଆବେଦନ ପରିମାଣ ୫୦୦୦ ଟଙ୍କା ଏବଂ ତତ୍‌ପରେ ୧ଟଙ୍କାର ଗୁଣିତକରେ ଗଣନା କରାଯାଇପାରିବ। ଏହି ଫଣ୍ଡ ମୁଖ୍ୟତଃ ବିବିଧ ମାର୍କେଟ କ୍ୟାପିଟାଲାଇଜେଶନର ୩୦ କମ୍ପାନୀରେ ଇକ୍ୱିଟି ଓ ଇକ୍ୱିଟି ସମ୍ପର୍କିତ ପ୍ରତିଭୂତିରେ ନିବେଶ କରିବ।

## ବାଲ୍‌କୋ ପକ୍ଷରୁ ମାଗଣା କର୍କଟ ସ୍କ୍ରିନିଂ କ୍ୟାମ୍ପ

**ନୂଆଦିଲ୍ଲୀ,୩୧।୫**




ଦେଶର ପ୍ରମୁଖ ଘରୋଇ କ୍ୟାନ୍‌ସର ହସ୍ପିଟାଲ ଭାବେ ପରିଚିତ ବାଲ୍‌କୋ ମେଡିକାଲ ସେଣ୍ଟର (ବିଏମ୍‌ସି) ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଏମ୍‌ସି ପରିସରରେ ଏକ ମାଗଣା କର୍କଟ ସ୍କ୍ରିନିଂ କ୍ୟାମ୍ପର ଆୟୋଜନ କରାଯାଇଛି। ଏହି ଶିବିର ଜୁନ୍ ୫ ପର୍ଯ୍ୟନ୍ତ ଚାଲିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ତମାଖୁ ସେବନରୁ ମୁକ୍ତି ପାଇବା ପାଇଁ ଏକ ସ୍ୱତନ୍ତ୍ର ଅଧିବେଶନର ମଧ୍ୟ ଆୟୋଜନ କରାଯାଇଥିଲା। ଯେଉଁଥିରେ ନିଶା ସେବନରୁ ମୁକ୍ତି ପାଇବାକୁ ଚାହୁଁଥିବା ବ୍ୟକ୍ତିବିଶେଷଙ୍କୁ ବିସ୍ତୃତ ଅବଗତ ସହ କର୍କଟ ରୋଗ ଓ ପଦକ୍ଷେପ ବିଷୟରେ ଆଲୋକପାତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଏହି ଶିବିର ୨୦୨୩ ଜୁନ୍ ୫ ପର୍ଯ୍ୟନ୍ତ ଚାଲିବ ଏବଂ ଅଗ୍ରିମ ପଞ୍ଜୀକରଣ ବାଧ୍ୟତାମୂଳକ।

ଏ ସମ୍ପର୍କରେ ବିଏମ୍‌ସିର ମେଡିକାଲ ନିର୍ଦ୍ଦେଶକ ଡା. ଭବନା ସିରୋହି କହିଛନ୍ତି, ତମାଖୁ ସେବନ ଯୋଗୁ ସାରା ବିଶ୍ୱରେ ପ୍ରତିଦିନ ରୋଗୀ ଜୀବନ ହରାଉଛନ୍ତି, କେବଳ ଗୋଟିଏ ସମାଧାନ ରହିଛି, ଏହାକୁ ଖାଆନ୍ତୁ ନାହିଁ। ସେହିଭଳି ବିଏମ୍‌ସିର ମୂଳ ଲକ୍ଷ୍ୟ ହେଉଛି ଏକ କର୍କଟ ମୁକ୍ତ ସମାଜ ଗଠନ ଏବଂ ଏ ଦିଗରେ ଆମର ଦଳ ସମସ୍ତ ପ୍ରକାର ପ୍ରୟାସ କରୁଛନ୍ତି। ଆମେ ବିଦ୍ୟାଳୟଗୁଡ଼ିକରେ ଦେଖିଛୁ ପିଲାମାନେ ତମାଖୁ, ଗୁଟ୍‌ଖା, ସିଗାରେଟ୍ ମଧ୍ୟ ଖାଉଛନ୍ତି। ସେଥିପାଇଁ ବିଏମ୍‌ସି 'ନୋ ଟୁ ତମାଖୁ' ନାମକ ଏକ ଅଭିଯାନ ମଧ୍ୟ ଆରମ୍ଭ କରିଥିଲା। ଅପରପକ୍ଷରେ ତମାଖୁ ସେବନ ଉପରେ ଏକ ପେଣ୍ଟିଂ ପ୍ରତିଯୋଗିତାର ଆୟୋଜନ ସହ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଅମିତ୍ ଟିପିଏସ୍‌ଓଡିଏଲ୍‌ର ନୂଆ ସିଇଓ

**ଭୁବନେଶ୍ୱର,୩୧।୫**



ଅମିତ୍ ଗର୍ଗ

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍' (ଟିପିଏସ୍‌ଓଡିଏଲ୍)ର ନୂଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ)ଭାବେ ଅମିତ୍ ଗର୍ଗଙ୍କୁ ନିକଟରେ ନିଯୁକ୍ତି ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ମାର୍ଚ୍ଚ ୨୫ ରେ ଅନୁଷ୍ଠିତ ଟିପିଏସ୍‌ଡିଏଲ୍‌ର ନିର୍ଦ୍ଦେଶକଙ୍କ ବୋର୍ଡ ବୈଠକରେ ଅମିତ୍‌ଙ୍କୁ ନୂଆ ସିଇଓ ଭାବେ ନିଯୁକ୍ତି ପ୍ରଦାନ କରିବା ସମ୍ପର୍କିତ ପ୍ରସ୍ତାବ ପାରିତ ହୋଇଥିଲା। ତାଙ୍କ କାର୍ଯ୍ୟକାଳ ୨୦୨୩ ଜୁନ୍ ୧ ରୁ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଏହା ପୂର୍ବରୁ ସେ ଟିପିଏସ୍‌ଓଡିଏଲ୍‌ରେ ଚିଫ୍ ଅପରେଟିଂ ଅଫିସର (ସିଓଓ) ଭାବେ ୨୦୨୨ ଅଗଷ୍ଟରୁ କାର୍ଯ୍ୟ କରୁଥିଲେ। ସେହିଭଳି ଅମିତ୍ ଟାଟା ପାୱାର ଟ୍ରେଡିଂ କମ୍ପାନୀ ଲିମିଟେଡ୍ (ଟିପିଟିସିଏଲ୍)ର ସିଇଓ ପଦରେ ମଧ୍ୟ କାର୍ଯ୍ୟ କରିଛନ୍ତି। ବିଶେଷକରି ବିଦ୍ୟୁତ୍ ଶିଳ୍ପରେ ୩ ଦଶନ୍ଧିରୁ ଅଧିକ ସମୟର ଅଭିଜ୍ଞତା ରଖିଥିବା ଅମିତ୍ ମଧ୍ୟପ୍ରଦେଶର ଜବଲପୁର ଇଞ୍ଜିନିୟରିଂ କଲେଜରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ଟିପିଏସ୍‌ଓଡିଏଲ୍ ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟର ନେତୃତ୍ୱ ନେବା ଲାଗି ମୋ ଉପରେ ଭରସା ପ୍ରକଟ କରିଥିବାରୁ ମୁଁ ଟିପିଏସ୍‌ଓଡିଏଲ୍ ବୋର୍ଡକୁ ଧନ୍ୟବାଦ ଜଣାଉଛି। ଏପରିକି ଏକ ଭରସାଯୋଗ୍ୟ ଓ ପ୍ରଭାବଶାଳୀ ବିଦ୍ୟୁତ୍ ବଣ୍ଟନ ସେବା ପ୍ରଦାନ ସଂସ୍ଥା ଭାବେ ଦକ୍ଷିଣ ଓଡ଼ିଶାର ଗ୍ରାମୀଣ ଓ ଆଦିବାସୀ ଅଞ୍ଚଳ ସମେତ ସମସ୍ତ ଗ୍ରାହକଙ୍କ ଜୀବନକୁ ସଶକ୍ତ କରିବାର ମିଶନକୁ ଜାରି ରଖିବାକୁ ମୁଁ ଚାହିଁ ରହିଛି ବୋଲି ସେ କହିଛନ୍ତି।

## ସୁସ୍ଥତାକୁ ସର୍ବୋଚ୍ଚ ପ୍ରାଥମିକତା

**ଭୁବନେଶ୍ୱର,୩୧।୫**



ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ ଋତୁସ୍ରାବ ସପ୍ତାହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ଓ ଛତିଶଗଡ଼ ୟୁନିଟ୍ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି କମ୍ପାନୀ ୨୩୦୦ରୁ ଅଧିକ ମହିଳାଙ୍କ ନିକଟରେ ପହଞ୍ଚିବା ସହିତ ଓଡ଼ିଶା ଏବଂ ଛତିଶଗଡ଼ରେ ଚାଲିଥିବା ଋତୁସ୍ରାବ ସ୍ୱଚ୍ଛତା ସପ୍ତାହର ଏକ ଅଂଶ ଭାବେ ମହିଳାଙ୍କ ସ୍ୱାସ୍ଥ୍ୟ ବିଷୟରେ ଜନସଚେତନତା ସୃଷ୍ଟି କରିଥିଲା। ଚଳିତ ବର୍ଷ ପାଇଁ ମିଳିତ ଜାତିସଂଘର ଥିମ୍ ସହିତ '୨୦୩୦ ସୁଦ୍ଧା ଋତୁସ୍ରାବକୁ ଜୀବନର ଏକ ସାଧାରଣ ସତ୍ୟ' ଭାବେ ଗ୍ରହଣ କରିବା ସହ କମ୍ପାନୀ ଗ୍ରାମୀଣ ମହିଳାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ ଏକ ସାନିଟାରି ନାପକିନ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ୍ ବ୍ୟବସାୟ) ରାହୁଲ ଶର୍ମା କହିଛନ୍ତି, ଆମେ ଆମର ମହିଳା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ସର୍ବୋଚ୍ଚ ପ୍ରାଥମିକତା ଭାବେ ବିବେଚନା କରିଥାଉ। ଏପରିକି ଆମର ସ୍ଥାନୀୟ ସମ୍ପ୍ରଦାୟର ମହିଳାମାନଙ୍କର କଲ୍ୟାଣ ବୃଦ୍ଧି ଉପରେ ମଧ୍ୟ କମ୍ପାନୀ ଅନେକ ପଦକ୍ଷେପ ଗ୍ରହଣ କରିଛି। ସେହିଭଳି କାରଖାନା ନିକଟବର୍ତ୍ତୀ ଗ୍ରାମାଞ୍ଚଳ ପିଲାମାନଙ୍କର ପ୍ରାଥମିକ ଯତ୍ନକାରୀ ଭାବେ କମ୍ପାନୀ ସମଗ୍ର ସମ୍ପ୍ରଦାୟର ସାମଗ୍ରିକତାକୁ ସୁନିଶ୍ଚିତ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହାତକୁ ନେଇଛି। ବିଶେଷକରି ସ୍ୱାସ୍ଥ୍ୟସେବା ଇକୋସିଷ୍ଟମକୁ ମଜଭୁତ କରିବା ସହ ସଚେତନତା ସୃଷ୍ଟି କରିବା ଓ ଚ୍ୟାଲେଞ୍ଜକୁ ସାମ୍ନା କରିବା ଏବଂ ଆବଶ୍ୟକ ଉତ୍ସ ଯୋଗାଇବା ତଥା ଗ୍ରାମାଞ୍ଚଳର ସାମାଜିକ-ଅର୍ଥନୈତିକ ପରିବର୍ତ୍ତନକୁ ସକ୍ଷମ କରିବା ଲାଗି କମ୍ପାନୀ ପ୍ରତିଶ୍ରୁତିବଦ୍ଧ ରହିଛି। ଅପରପକ୍ଷରେ ବିଶ୍ୱର ବୃହତମ ଏକକ ଆଲୁମିନିୟମ୍ ପ୍ଲାଣ୍ଟ ମଧ୍ୟରୁ ବେଦାନ୍ତ ଝାରସୁଗୁଡ଼ା ଅନ୍ୟତମ ହୋଇଥିବା ବେଳେ କମ୍ପାନୀ ନିକଟବର୍ତ୍ତୀ ଟାଉନଶିପ୍‌ରେ ମହିଳାଙ୍କ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଉପରେ ଅନେକ କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ଏପରିକି କମ୍ପାନୀ 'ସୌକ୍ଷମ୍'ପଦକ୍ଷେପ ଆରମ୍ଭ କରିବା ପାଇଁ ଭୁବନେଶ୍ୱରର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି (କିଟ୍) ସହିତ ମଧ୍ୟ ଏକ ସହଭାଗିତା କରିଥିବା ଜଣାପଡ଼ିଛି।

## ଟ୍ରେଣ୍ଡ୍‌ସର 'ରଜ ରାଜକୁମାରୀ'

**ଭୁବନେଶ୍ୱର,୩୧।୫**

ରିଲାଏନ୍ସ ରିଟେଲ୍‌ର ପୋଷାକ ଓ ଆସେସୋରିଜ୍ ସ୍ପେଶାଲିଟି ଚେନ୍ ଟ୍ରେଣ୍ଡ୍‌ସ ପକ୍ଷରୁ ଚଳିତ ବର୍ଷର ରଜ ରାଜକୁମାରୀ କ୍ୟାମ୍ପେନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ପାର୍ବଣଋତୁରେ ଗ୍ରାହକଙ୍କ ମନରେ ଖୁସି ଓ ଆନନ୍ଦ ଆଣିବା ଲକ୍ଷ୍ୟରେ ଏହି ଅଭିଯାନର ଆରମ୍ଭ କରାଯାଇଛି। ଏପରିକି ଓଡ଼ିଶାର ଲୋକପ୍ରିୟ ପର୍ବ ରଜ ମହୋତ୍ସବକୁ ଆଖି ଆଗରେ ରଖି ବ୍ରାଣ୍ଡ ପକ୍ଷରୁ ଏଭଳି ଏକ ଅଭିଯାନର ପରିକଳ୍ପନା ଆରମ୍ଭ ହୋଇଛି। ସେହିଭଳି ରଜ ମହୋତ୍ସବକୁ ଅଧିକ ଆକର୍ଷଣୀୟ ଏବଂ ଆନନ୍ଦଦାୟକ କରିବା ଲାଗି ଟ୍ରେଣ୍ଡ୍‌ସ ପକ୍ଷରୁ ଆକର୍ଷଣୀୟ ଅଫର ମଧ୍ୟ ଗ୍ରାହକମାନଙ୍କ ପାଇଁ ପ୍ରଦାନ କରାଯାଉଛି। ଏପରିକି ଚଳିତ ରଜପର୍ବରେ ଯେଉଁମାନେ ୩୯୯୯ ଟଙ୍କାରୁ ଅଧିକ ମୂଲ୍ୟର କିଣାକିଣି କରିବେ, ସେମାନେ ୨୪୯ ଟଙ୍କାରେ ଏକ ଆକର୍ଷଣୀୟ ଉପହାର ପାଇବେ। ଏଥିସହ ସେହି ଗ୍ରାହକମାନଙ୍କୁ ୨୦୦୦ ଟଙ୍କା ମୂଲ୍ୟର କୁପନ ବି ପ୍ରଦାନ କରାଯିବ। ସେହିପରି ରଜରେ କିଣାକିଣା କରୁଥିବା ଗ୍ରାହକମାନେ ମଧ୍ୟ ସ୍ୱତନ୍ତ୍ର ରଜ ରାଜକୁମାରୀ ପ୍ରତିଯୋଗିତାରେ ଭାଗନେଇ ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ମଧ୍ୟ ପାଇପାରିବେ। ଉଲ୍ଲେଖଯୋଗ୍ୟ, ଚଳିତ ରଜ ପର୍ବ ଅବସରରେ ଗ୍ରାହକମାନଙ୍କୁ 'ସ୍ପିନ୍ ଟୁ ୱିନ୍' ଖେଳିବା ଏବଂ ଟ୍ରେଣ୍ଡ୍‌ସ ସହିତ ସେମାନଙ୍କର ରଜ ଲୁକ୍ ଶେୟାର କରିବାର ସୁଯୋଗ ଦେଉଛି। ବିଶେଷକରି ଟ୍ରେଣ୍ଡସର ଗ୍ରାହକମାନେ 'ସ୍ପିନ୍ ଟୁ ୱିନ୍' ଖେଳିପାରିବେ କିମ୍ବା ସେମାନଙ୍କ ରଜ ଲୁକ୍ ଆବେଦନ (ଏଣ୍ଟ୍ରି)ଗୁଡ଼ିକୁ www.trendsrajarajkumari.com ରେ ମଧ୍ୟ ଦାଖଲ କରିପାରିବେ। ଫଳରେ ଗ୍ରାହକମାନେ ମଧ୍ୟ ସେମାନଙ୍କର ରଜ ଲୁକ୍, ସେଲିବ୍ରେଶନ ଭିଡିଓ ଓ ରିଲ୍‌ଗୁଡ଼ିକୁ ସେମାନଙ୍କର ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ trendsrajarajkumari ହାସ୍‌ଟ୍ୟାଗ୍ ସହ ପୋଷ୍ଟ କରିପାରିବେ।

# ବିଶ୍ୱ ଦୁଗ୍ଧ ଦିବସ

**ପ୍ରତିବର୍ଷ ଜୁନ୍ ୧ ତାରିଖକୁ 'ବିଶ୍ୱ ଦୁଗ୍ଧ ଦିବସ' ଭାବରେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଡେରୀକୁ ଉପଭୋଗ କରିବା। ଏ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା....**



ପ୍ରତ୍ୟେକ ସ୍ତନ୍ୟପାୟୀ ପ୍ରାଣୀ ଶୈଶବ ଅବସ୍ଥାରେ କେବଳ ଦୁଗ୍ଧପାନ କରୁଥିବାବେଳେ ମନୁଷ୍ୟ କ୍ଷେତ୍ରରେ ଆବାଳବୃଦ୍ଧବନିତା ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦୁଗ୍ଧପାନ କରିଥାନ୍ତି। ଦୁଗ୍ଧ କେବଳ ପାନୀୟ ଭାବରେ ବ୍ୟବହାର କରାଯାଏ ତାହା ନୁହେଁ, ଏହା ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ ଯଥା - ବଟରମିଲ୍କ, ଆଇସ୍‌କ୍ରିମ୍, ଲସି, ଛେନା ଆଦିର ମୌଳିକ ପଦାର୍ଥ ଭାବେ ବ୍ୟବହୃତ ହୁଏ । ଦୁଗ୍ଧରେ ଉଚ୍ଚଗୁଣାତ୍ମକ ମାନର ଖାଦ୍ୟସାର ଯଥା - କ୍ୟାଲ୍‌ସିୟମ୍, ଫସ୍‌ଫରସ୍, ଭିଟାମିନ୍ ବି, ପୋଟାସିୟମ ଓ ଭିଟାମିନ୍ ଡି' ଭରପୂର୍ ହୋଇ ଥାଏ । ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଆମ ସ୍ୱାସ୍ଥ୍ୟ ରକ୍ଷାରେ ସହାୟକ ହେବା ସଙ୍ଗେସଙ୍ଗେ ହାଡ଼ଭଙ୍ଗା ଓ ହାଡ଼ର ଓଷ୍ଟିଓ ପୋରୋସିସ୍‌ରୁ ମୁକ୍ତ କରିଥାଏ । ସାଧାରଣତଃ, ଏକ ଗ୍ଲାସ୍ ଦୁଗ୍ଧରେ କ୍ୟାଲସିୟମ୍ ୨୯ ପ୍ରତିଶତ ଓ ଭିଟାମିନ୍ ଡି' ୨୫ ପ୍ରତିଶତ ଥିବାବେଳେ ଫସ୍‌ଫରସ୍ ୨୩ ପ୍ରତିଶତ, ରାଇବୋଫ୍ଲାବିନ୍ ୨୩ ପ୍ରତିଶତ ଓ ଭିଟାମିନ୍ ବି-୧୨/୧୫ ପ୍ରତିଶତ ନିହିତ ଥାଏ, ଯାହାକି ଆମ ଶରୀର ପାଇଁ ଏକାନ୍ତ ଆବଶ୍ୟକ।

ଆମ ବିଶ୍ୱରେ ଏପରି କୌଣସି ଖାଦ୍ୟ ନାହିଁ, ଯାହାକି ଦୁଗ୍ଧର ପରିପୂରକ ବା ସମକକ୍ଷ ହୋଇପାରିବ। ବିଭିନ୍ନ ଖାଦ୍ୟ ମଧ୍ୟରେ ଦୁଗ୍ଧ ସମ୍ଭବତଃ ମନୁଷ୍ୟକୁ ପ୍ରକୃତିର ଶ୍ରେଷ୍ଠ ଦାନ। ସୁଷମ ଖାଦ୍ୟ ମଧ୍ୟରେ ଦୁଗ୍ଧ ହେଉଛି ସର୍ବୋତ୍ତମ। ଏଥିରେ ଆମ ଶରୀର ପାଇଁ ଆବଶ୍ୟକ ହେଉଥିବା ୬ଗୋଟି ମୌଳିକ ଉପାଦାନ ଯଥା- ଶ୍ୱେତସାର, ପୁଷ୍ଟିସାର, ସ୍ନେହସାର, ଧାତବ ଲବଣ, ଭିଟାମିନ୍ ଓ ଜଳ ସୁଷମ ଭାବରେ ନିହିତ ଥିବାରୁ ଦୁଗ୍ଧକୁ ଆଦର୍ଶ ପାନୀୟ ବା ସଂପୂର୍ଣ୍ଣ ଖାଦ୍ୟ ଭାବେ ଗ୍ରହଣ କରାଯାଇଛି।

ଦୁଗ୍ଧରେ ପ୍ରାୟ ୮୭ ପ୍ରତିଶତ ଜଳ ସହିତ ଅନ୍ୟାନ୍ୟ ଉପାଦେୟ ଖାଦ୍ୟସାର ନିହିତ ଥିବାରୁ ଏହା ଏକ ଉତ୍କୃଷ୍ଟ ଆଦର୍ଶ ପାନୀୟରୂପେ ବ୍ୟବହାର ହୋଇଥାଏ। ଆମ ରାଜ୍ୟର ଲୋକେ ଗାଈ ପାଳନକୁ ବିଶେଷ ଭାବରେ ଗ୍ରହଣ କରିଥିବା ବେଳେ ଗୁଜରାଟ, ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ପ୍ରଭୃତି ଦୁଗ୍ଧ ଉତ୍ପାଦନକାରୀ ପ୍ରମୁଖ ରାଜ୍ୟରେ ମୁରା ବା ଅନ୍ୟାନ୍ୟ ପ୍ରଜାତିର ମଇଁଷି ପାଳନ ଘରେ ଘରେ ଦେଖିବାକୁ ମିଳେ। ତେବେ ମଇଁଷି ଦୁଗ୍ଧରେ ଅଧିକ ସ୍ନେହସାର ସହିତ ସମୁଦାୟ କଠିନାଂଶ ଅଧିକ ଥିବା ହେତୁ ଦୁଗ୍ଧ ସମବାୟ ସମିତିରେ ଦୁଗ୍ଧ ବିକ୍ରିକରି ବେଶ୍ ଦି'ପଇସା ଅଧିକ ପାଉଥିବାରୁ ଉତ୍ତର ଭାରତରେ ମଇଁଷି ପାଳନ ଅଧିକ ଦେଖିବାକୁ ମିଳେ। ଦୁଗ୍ଧଚାଷୀମାନେ କେବଳ ଦୁଗ୍ଧ ବଜାରରେ ବିକ୍ରିକରି ଯେତିକି ପଇସା ପାଇଥାନ୍ତି। ତା' ଅପେକ୍ଷା ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ ଯଥା- ଦହି, ଛେନା, ପନିର, ରାବିଡ଼ି, ଛେନାପୋଡ଼, ରସଗୋଲା, ଛେନାଝିଲ୍ଲି, ରସ୍‌ମଲେଇ, ଆଇସ୍‌କ୍ରିମ୍ ଆଦି ପ୍ରସ୍ତୁତ କରି ୨ରୁ ୩ ଗୁଣ ଲାଭ ପାଇଥାନ୍ତି। ଦୁଗ୍ଧ ଅପେକ୍ଷା ଦୁଗ୍ଧଜାତ ଦ୍ରବ୍ୟ ଅଧିକ ଦିନ ସାଇତି ରଖିହୁଏ। ଆମ ହାଡ଼ ଓ ଦାନ୍ତର ଗଠନ ସହିତ ସୁଦୃଢ଼ତା ଆଣିବା ପାଇଁ ଦୈନିକ ୧ ଗ୍ରାମ୍ କ୍ୟାଲ୍‌ସିୟମ୍ ଓ ୮୦୦ ମି.ଗ୍ରା. ଫସ୍‌ଫରସ୍ ଦରକାର। ତେଣୁ ଏକ ଲିଟର ଦୁଗ୍ଧରୁ ୧ ଗ୍ରାମ୍‌ରୁ ଅଧିକ କ୍ୟାଲ୍‌ସିୟମ୍ ଓ ୯୦୦ ମି.ଗ୍ରା. ଫସ୍‌ଫରସ୍ ମିଳିଥାଏ। ଦୁଗ୍ଧରେ କ୍ୟାଲ୍‌ସିୟମ୍ ଥିବା ହେତୁ ଦୁଗ୍ଧ ସଫା, ଧଳା ଓ ସ୍ୱଚ୍ଛ ଦେଖାଯାଏ।

ଆମ ଦେଶ ବିଶ୍ୱସ୍ତରରେ ୧୯୯୮-୯୯ ବର୍ଷଠାରୁ କ୍ରମାଗତଭାବେ ଦୁଗ୍ଧ ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରିଛି। ଦୁଗ୍ଧରେ ଜୈବିକ ମୂଲ୍ୟ ୮୪.୫ ବା ଅଧିକ ଥିବାରୁ ଶିଶୁ, ମହିଳା ଓ ବୟସ୍କ ଲୋକଙ୍କ ପୁଷ୍ଟିହୀନତା ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଆମ ଦେଶରେ ଦୁଗ୍ଧ ବିକାଶ କାର୍ଯ୍ୟକ୍ରମ ଗୁଜରାଟ ରାଜ୍ୟର ଆନନ୍ଦଠାରୁ ହିଁ କେନ୍ଦ୍ରୀଭୂତ ହୋଇଥିଲା। ୧୯୪୦ ମସିହାରେ ଭାରତୀୟ ଡେରୀ ଶିଳ୍ପର ଅଭ୍ୟୁଦୟ ଘଟିଲା। ସେ ସମୟରେ ବଜାରରେ ନିମ୍ନମାନର ଦୁଗ୍ଧ ମିଳୁଥିବାବେଳେ ବିଦେଶରୁ ଗୁଣ୍ଡ ଦୁଗ୍ଧ ଆଣି ବିକ୍ରିବଟା ହେଉଥିଲା। ଶ୍ୱେତବିପ୍ଳବ ବା ଦୁଗ୍ଧ ବିକାଶ ଧାରାର ପିତାମହ ଭର୍ଗିସ୍ କ୍ୟୁରିଆନ୍ ଡେରୀ ଶିଳ୍ପର ବିକାଶ ଲାଗି ଗବେଷଣା ନିମନ୍ତେ ବିଦେଶ ଯାତ୍ରା କଲେ। ୧୯୪୬ରୁ ୧୯୬୪ ପର୍ଯ୍ୟନ୍ତ ସେ ଅମୂଲର ସାଧାରଣ ପରିଚାଳକ ଭାବେ ଦାୟିତ୍ୱ ସଂପାଦନ କରିବା ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଆହ୍ୱାନକ୍ରମେ ଅମୂଲକୁ ଖେଡା ଜିଲ୍ଲାରେ ସୀମିତ ନ ରଖି ୧୯୬୫ ମସିହାରେ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଗଠନ ହେଲା।

**ବର୍ତ୍ତମାନ ଆମ ଦେଶରେ ବାର୍ଷିକ ଦୁଗ୍ଧ ଉତ୍ପାଦନ ୨୨୧ ଟନ୍ ହେଉଅଛି। ଜାତୀୟସ୍ତରରେ ଉନ୍ନତ ସଙ୍କର ଗାଈଙ୍କ ଦୈନିକ ଦୁଗ୍ଧ ଉତ୍ପାଦନ ହାରାହାରି ୮.୫୨ କେଜି ଥିବାବେଳେ ଦେଶୀଗାଈଙ୍କ ଦୈନିକ ଦୁଗ୍ଧ ଉତ୍ପାଦନ ଦକ୍ଷତା ହେଉଛି ୩.୩୬ କେଜି।**

ଡ. ଭର୍ଗିସ୍ କ୍ୟୁରିଆନ୍‌ଙ୍କ ଜନ୍ମଦିବସରେ ଆମ ଦେଶରେ ପ୍ରତିବର୍ଷ ଜାତୀୟ ଦୁଗ୍ଧ ଦିବସ ପାଳିତ ହେଉଅଛି। ଚଳିତ ବିଶ୍ୱ ଦୁଗ୍ଧ ଦିବସର ବାର୍ତ୍ତାଟି ହେଲା 'ଡେରୀ ଉପଭୋଗ କରିବା'। ଆମ ଭାରତରେ ଦୁଗ୍ଧ ସମବାୟ ଆନ୍ଦୋଳନରେ ଆଜୀବନ ଉତ୍ସର୍ଗୀକୃତ ସେବା ପାଇଁ ଶ୍ୱେତ ବିପ୍ଳବର ପିତାମହ ଭାବେ ଡ. ଭର୍ଗିସ୍ କ୍ୟୁରିଆନ୍‌ଙ୍କୁ ଆଖ୍ୟା ଦିଆଯାଇଛି। ବର୍ତ୍ତମାନ ଆମ ଦେଶରେ ବାର୍ଷିକ ଦୁଗ୍ଧ ଉତ୍ପାଦନ ୨୨୧ ଟନ୍ ହେଉଅଛି । ଜାତୀୟସ୍ତରରେ ଉନ୍ନତ ସଙ୍କର ଗାଈଙ୍କ ଦୈନିକ ଦୁଗ୍ଧ ଉତ୍ପାଦନ ହାରାହାରି ୮.୫୨ କେଜି ଥିବାବେଳେ ଦେଶୀଗାଈଙ୍କ ଦୈନିକ ଦୁଗ୍ଧ ଉତ୍ପାଦନ ଦକ୍ଷତା ହେଉଛି ୩.୩୬ କେଜି । ଆମ ରାଜ୍ୟ ତଥା ଦେଶର ଦୁଗ୍ଧଚାଷୀଙ୍କ ଅନବରତ ଗୋସେବା ଓ ନିଷ୍ଠାପର ଉଦ୍ୟମ ଯୋଗୁ ଏହା କେବଳ ସମ୍ଭବ ହୋଇପାରିଛି। ଆମ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ୨୦୧୪-୧୫ ବର୍ଷରେ ୧୯୦୩ ହଜାର ମେଟ୍ରିକ ଟନ୍ ହୋଇଥିବା ବେଳେ ଅଦ୍ୟାବଧି ଏହା ଆଶାତୀତ ଭାବେ ବୃଦ୍ଧିପାଇ ୨୦୨୦-୨୧ ବର୍ଷରେ ୨୩୭୩ ହଜାର ମେଟ୍ରିକ ଟନ୍‌ରେ ପହଞ୍ଚିପାରିଛି ଏବଂ ଆମ ପଡ଼ୋଶୀ ରାଜ୍ୟ ଯଥା ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଆଦି ରାଜ୍ୟକୁ ବଳକା ଦୁଗ୍ଧ ବିକ୍ରିବଟା ପାଇଁ ପଠାଯାଉଅଛି । ବର୍ତ୍ତମାନ ଆମ ରାଜ୍ୟରେ ମୁଣ୍ଡ ପିଛା ଉପଲବ୍ଧ ହେଉଥିବା ଦୈନିକ ଦୁଗ୍ଧର ପରିମାଣ ହେଉଛି ୧୩୮ ଗ୍ରାମ୍।

ଆମ ରାଜ୍ୟରେ ଦୁଗ୍ଧ ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ, ସଂରକ୍ଷଣ ଓ ବିକ୍ରିବଟାର ସୁବିଧା ପାଇଁ ଓମ୍‌ଫେଡ୍ କାର୍ଯ୍ୟ କରୁଛି। ଓମ୍‌ଫେଡ୍ ଗୁଜରାଟର ଆନନ୍ଦ ଢାଞ୍ଚା ଭଳି ତ୍ରିସ୍ତରୀୟ ସମବାୟ ବ୍ୟବସ୍ଥା ସ୍ୱରୂପ ଗ୍ରାମୀଣସ୍ତରରେ ଦୁଗ୍ଧ ଉତ୍ପାଦକ ସମବାୟ ସମିତି, ଜିଲାସ୍ତରରେ ଜିଲା ଦୁଗ୍ଧ ସଂଘ ଏବଂ ୧୯୮୦ ମସିହାରେ ରାଜ୍ୟସ୍ତରରେ ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଗଠିତ ହୋଇଅଛି। ସର୍ବପ୍ରଥମେ କଟକ, ପୁରୀ, କେନ୍ଦୁଝର ଓ ଢେଙ୍କାନାଳ ଜିଲା ଦୁଗ୍ଧ ସଂଘକୁ ଅନ୍ତର୍ଭୁକ୍ତ କରାଯାଇ ଓମ୍‌ଫେଡ୍ ସ୍ଥାପନ କରାଯିବା ସହିତ ରାଜ୍ୟରେ ଦୁଗ୍ଧ ପ୍ରକ୍ରିୟାକରଣ ଓ ବିପଣନ ବ୍ୟବସ୍ଥାକୁ ସଂଗଠିତ କରାଗଲା।

ବର୍ତ୍ତମାନ ଓମ୍‌ଫେଡ୍ ଖାଉଟିମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ଗୁଣବତ୍ତା ପ୍ରତି ସଦାସର୍ବଦା ଗୁରୁତ୍ୱ ଦେଇଆସିଛି। ଅଦ୍ୟାବଧି ବଜାରରେ ଦୁଗ୍ଧ ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ କରି ବଜାରରେ ଖାଉଟିମାନଙ୍କୁ ଯୋଗାଇଦେବା ନିମନ୍ତେ ପ୍ରାଇଭେଟ୍ ସ୍ତରରେ ଅନେକ ସଂସ୍ଥା ଯଥା - ପ୍ରଗତି ମିଲ୍କ ପ୍ରଡକ୍ଟ, ମିଲ୍କ ମନ୍ତ୍ର, ବନସ୍ ଡାଏରୀ ଆଦି ଆଗେଇ ଆସିଛନ୍ତି । ତେଣୁ ଆଗାମୀ ଦିନରେ ଡେରୀ ଶିଳ୍ପରେ ଏକ ପରିବର୍ତ୍ତନ ଆସିବା ସହିତ ଦୁଗ୍ଧ ଚାଷୀ ଉଚିତ ମୂଲ୍ୟରେ ଦୁଗ୍ଧ ବିକ୍ରିକରି ଅଧିକ ଲାଭ ପାଇବା ପାଇଁ ଏକ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି ହୋଇଛି। ଦୁଗ୍ଧର ଉତ୍ପାଦନ ଖର୍ଚ୍ଚ କମାଇ ଅଧିକ ପଇସା ପାଇବାକୁ ହେଲେ ଗୋପାଳନ କ୍ଷେତ୍ରରେ ଆମକୁ ସବୁଜ ଘାସ ଚାଷ କରିବା ଏକାନ୍ତ ଅପରିହାର୍ଯ୍ୟ ।

**-ଡା. ବୀରକିଶୋର ପରିଡ଼ା**
ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ: ୯୪୩୭୬୦୭୩୧୨

# ପିତୃଦେବ ଭବ, ମାତୃଦେବ ଭବ

## ବିଶ୍ୱ ଅଭିଭାବକ ଦିବସ

ମାତାପିତା ମାନବ ଇତିହାସ ଆରମ୍ଭରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛନ୍ତି! ପିଲାମାନଙ୍କୁ ଦୁନିଆକୁ ଆଣିବା ଏବଂ ସେମାନଙ୍କୁ ସମାଜରେ ସୁସ୍ଥ ଏବଂ ସୁରକ୍ଷିତ ଭାବେ ଜୀବିତ ରଖିବା କିଛି ଛୋଟ କାମ ନୁହେଁ। ସେମାନଙ୍କ ପିଲାମାନଙ୍କର ସମଗ୍ର ଜୀବନ ପାଇଁ ଯୋଗ୍ୟ ଏବଂ ସ୍ୱାବଲମ୍ବୀ କରି, ପିତାମାତାମାନେ ନିଜ ପରିବାରକୁ ଭଲ ପାଇବା ଏବଂ ପୋଷଣ କରିବା ପାଇଁ ଯଥାସମ୍ଭବ କାର୍ଯ୍ୟ କରିବାକୁ କଠିନ ପରିଶ୍ରମ କରିଥାନ୍ତି। ତେଣୁ ମାତାପିତାଙ୍କ ଏଭଳି ମହାନ୍ ପ୍ରୟାସକୁ ସମ୍ମାନ ଦେବା ପାଇ ପ୍ରତିବର୍ଷ ଜୁନ୍ ୧ରେ 'ବିଶ୍ୱ ଅଭିଭାବକ ଦିବସ' ପାଳନ କରାଯାଇଥାଏ।

କୁହାଯାଏ ପିତୃଦେବ ଭବ, ମାତୃଦେବ ଭବ। ଅର୍ଥାତ୍ ପିତାମାତା ଭଗବାନଙ୍କ ପ୍ରତିରୂପ। ଜୀବନର ପ୍ରତିଟି ମୁହୂର୍ତ୍ତ ଓ ପ୍ରତ୍ୟେକ ଦିନ ମାତାପିତା ନିଜ ସନ୍ତାନଙ୍କୁ ଖୁସି ଦେବା ପାଇଁ ପ୍ରୟାସ କରିଥାଆନ୍ତି। ସେଭଳି ମାତାପିତାଙ୍କ ଭଲ ପାଇବାକୁ ସମ୍ମାନ ଜଣାଇ ଓ ସନ୍ତାନଙ୍କ ପାଇଁ ତାଙ୍କ ବଳିଦାନକୁ ମନେପକାଇ ତାଙ୍କ ନିମନ୍ତେ ଏହି ଦିନକୁ ପାଳନ କରାଯାଇଥାଏ। ଏହି ଦିବସର ପାଳନ ଖୁବ୍ ମହତ୍ୱପୂର୍ଣ୍ଣ । ମାତାପିତାଙ୍କୁ ସ୍ନେହ, ଭକ୍ତି ଓ ଯଥାର୍ଥ ସମ୍ମାନ ଦେବା ଦ୍ୱାରା ଭଗବାନ ଏଥିରେ ସନ୍ତୁଷ୍ଟ ହୋଇଥାଆନ୍ତି। ମାତାପିତାଙ୍କ ସମ୍ମାନ ଭଗବାନଙ୍କ ନିକଟରେ ପ୍ରଣାମ କରିବା ସହ ସମାନ ହୋଇଥାଏ। ଶିଶୁଟି ମଧ୍ୟରେ ଭଗବାନ ପ୍ରାଣ ସଂଚାର କରିଥାଆନ୍ତି, ପ୍ରତ୍ୟେକ ସନ୍ତାନ ହେଉଛନ୍ତି ଈଶ୍ୱରଙ୍କ ସନ୍ତାନ। ମାତ୍ର ସେ ନିଜର ସମସ୍ତ ପିଲାଙ୍କ ନିକଟରେ ସମସ୍ତ ସ୍ଥାନରେ ଓ ସବୁବେଳେ ରହି ତାଙ୍କର ଟିକିନିକି କଥା ସମ୍ପୂର୍ଣ୍ଣ ଭାବେ ବୁଝିବା ପାଇଁ ପ୍ରତି ପିଲାଙ୍କୁ ମାତାପିତା ସ୍ୱରୂପ ଉପହାର ଦେଇଥାଆନ୍ତି।



ପ୍ରତ୍ୟେକ ପିଲାଙ୍କ ପାଇଁ ଏ ପୃଥିବୀ ପୃଷ୍ଠରେ ମାତାପିତା ହେଉଛନ୍ତି ସାକ୍ଷାତ୍ ଈଶ୍ୱରଙ୍କ ରୂପ, ଯେ କି ନିଜ ସନ୍ତାନକୁ ସୁଖ ଓ ଶାନ୍ତି ଦେବା ପାଇଁ କେବେ ମଧ୍ୟ ଭୁଲି ନ ଥାଆନ୍ତି। ନିଜ ପିଲାଙ୍କ ପାଇଁ ମାତାପିତା ଦିନରାତି ପରିଶ୍ରମ କରିଥାଆନ୍ତି। ଯେପରି ତାଙ୍କ ସନ୍ତାନକୁ କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ନ ପଡ଼େ। ନିଜ ସନ୍ତାନଙ୍କ ପାଇଁ ସର୍ବଦା ବଳିଦାନ ଦେବା ହିଁ ମାତାପିତାଙ୍କର ମନୋବୃତ୍ତି। ଏହି ସମସ୍ତ ମହତ୍ ଗୁଣ ପାଇଁ ମାତାପିତା ସାରା ଦୁନିଆରେ ମହତ୍ୱପୂର୍ଣ୍ଣ । ସନ୍ତାନ ଯଦି ମା'ଙ୍କଠାରୁ ସଂସ୍କାର ଗ୍ରହଣ କରେ ତେବେ ଦୁନିଆରେ କିଭଳି ନିଜକୁ ସଫଳ କରିବା ପାଇଁ କଠିନ ପରିଶ୍ରମ ଏବଂ ଚଳିବା ଲାଗି ଉପଯୁକ୍ତ ଜ୍ଞାନ ରହିବା ଆବଶ୍ୟକ ତାହା ପିତାଙ୍କଠାରୁ ଶିକ୍ଷା କରିଥାଏ। ମା' ୧୦ ମାସ ୧୦ ଦିନ ଗର୍ଭରେ ଧରି ସନ୍ତାନକୁ ଜନ୍ମ ଦେଇଥାନ୍ତି । କିନ୍ତୁ ଜନ୍ମ ହେବା ପରେ ସନ୍ତାନର ପ୍ରତିଟି ପଦକ୍ଷେପରେ ଯାହାଙ୍କ ନଜର ରହିଥାଏ ସେ ହେଉଛନ୍ତି ପିତା । ସନ୍ତାନ ପାଇଁ ପ୍ରଥମ ପ୍ରେରଣାସ୍ରୋତ, ସୁରକ୍ଷା କବଚ, ଆତ୍ମବିଶ୍ୱାସର ବାହକ ହେଉଛନ୍ତି ପିତା । ମା' ଯେଉଁଠି ସନ୍ତାନର ଟିକେ କ୍ଷତିରେ କାନ୍ଦି ନିଜ ଦୁଃଖ ଜାହିର କରିଦିଅନ୍ତି ପିତା ନିଜ ମଧ୍ୟରେ ଦୁଃଖ ରଖିଲେ ମଧ୍ୟ ପରିବାରକୁ ସମ୍ଭାଳିବାକୁ ଯାଇ ଶକ୍ତିର ପରିଚୟ ଦେଇଥାନ୍ତି ।

ମିଳିତ ଜାତିସଂଘ ଅନୁଯାୟୀ, ସାରା ବିଶ୍ୱରେ ବିଶ୍ୱ ଅଭିଭାବକ ଦିବସ ପାଳନ କରାଯାଇଥାଏ। ୧୯୮୦ ଦଶକରେ ମିଳିତ ଜାତିସଂଘ ପରିବାର ସହ ଜଡ଼ିତ ପ୍ରସଙ୍ଗ ଉପରେ ଧ୍ୟାନ ଦେବା ଆରମ୍ଭ କରିଥିଲା। ୧୯୮୩ ମସିହାରେ ଅର୍ଥନୈତିକ ଏବଂ ସାମାଜିକ ପରିଷଦର ସୁପାରିସକୁ ଆଧାର କରି ସାମାଜିକ ବିକାଶ ଆୟୋଗ ବିକାଶ ପ୍ରକ୍ରିୟାରେ ପରିବାରର ଭୂମିକା ଉପରେ ନିଷ୍ପତ୍ତି ନେଇ ୯ ଡିସେମ୍ବର ୧୯୮୯ର ୪୪/୮୨ ରିଜୋଲ୍ୟୁଶନରେ ସାଧାରଣ ସଭା ୧୯୯୪ କୁ ପରିବାରର ଅନ୍ତର୍ଜାତୀୟ ବର୍ଷ ଭାବରେ ଘୋଷଣା କଲା। ୧୯୯୩ର ରିଜୋଲ୍ୟୁଶନ ୪୭/୨୩୭ରେ, ସାଧାରଣ ସଭା ସ୍ଥିର କଲା ପ୍ରତିବର୍ଷ ୧୫ ମେ' ଅନ୍ତର୍ଜାତୀୟ ପରିବାର ଦିବସ ଭାବରେ ପାଳନ କରାଯିବ। ୨୦୧୨ରେ, ସାଧାରଣ ସଭା ମାତାପିତାଙ୍କ ସମ୍ମାନାର୍ଥେ ପ୍ରତିବର୍ଷ ୧ ଜୁନ୍‌କୁ ବିଶ୍ୱ ଅଭିଭାବକ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲା ।

ଏହା ମାଧ୍ୟମରେ ଜାତିସଂଘ ବିଶ୍ୱର ସମସ୍ତ ପିଲାଙ୍କ ପାଇଁ ସକାରାତ୍ମକ ବିକାଶ ଲାଗି ଆବଶ୍ୟକ ଉପକରଣ, ସୁରକ୍ଷା ତଥା ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇବାରେ ମାତାପିତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେବାକୁ ଚେଷ୍ଟା କରିଥାଏ। ତେଣୁ ବିଶ୍ୱ ଅଭିଭାବକ ଦିବସ (ଗ୍ଲୋବାଲ ପ୍ୟାରେଣ୍ଟ୍ସ ଡେ')ରେ ମାତାପିତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଇଥାଏ।




# ରଜରେ 'ଗୁଡୁ ଗ୍ୟାଙ୍ଗଷ୍ଟର

ରହସ୍ୟ, ରୋମାଞ୍ଚକୁ ନେଇ ପ୍ରସ୍ତୁତ ନୂଆ ଓଡ଼ିଆ ସିନେମା 'ଗୁଡୁ ଗ୍ୟାଙ୍ଗଷ୍ଟର' ଏଥର ରଜରେ ପରଦା ଉପରକୁ ଆସିବ। ହେଲେ ଏହି ସିନେମାର ଟାଇଟଲକୁ ନେଇ ଚର୍ଚ୍ଚା। ଏହା ପଛରେ ଏକ ରହସ୍ୟ ରହିଛି। ତେବେ ତାହା କ'ଣ ସିନେମା ଦେଖିବା ପରେ ହିଁ ସମସ୍ତେ ଜାଣିପାରିବେ ବୋଲି କହନ୍ତି ଏହାର ନିର୍ଦ୍ଦେଶକ ଅଶୋକ ପତି। ଅନ୍‌ସ ଫିଲ୍ମ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ବିଗ୍ ବଜେଟ୍ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରୀତମ୍ ସାହୁ । ଫିଲ୍ମଟିର ବିଭିନ୍ନ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ନମ୍ରତା ଥାପ୍ପା, ଶୈଳେନ୍ଦ୍ର ସାମନ୍ତରାୟ, ଶିବାନୀ ସଙ୍ଗୀତା, ଏଲି ପାଢ଼ୀ, କେକେ, ବବି ମିଶ୍ର, ରାକ୍ଷୀ ଦାଶ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। 'ଫିଲ୍ମଟିର କାହାଣୀରେ ଅନେକ ନୂତନତ୍ୱ ଭରି ରହିଛି। ସେଗୁଡ଼ିକୁ ଏବେଠାରୁ ଖୁଲାସା କରିବା ଠିକ୍ ହେବନାହିଁ। ଏଥର ରଜରେ ଦର୍ଶକ ଏହି ଫିଲ୍ମରୁ ଶତପ୍ରତିଶତ ମନୋରଞ୍ଜନ ପାଇବେ ବୋଲି କହନ୍ତି ପ୍ରଯୋଜକ।' କାହାଣୀ ସହ ଚିତ୍ରନାଟ୍ୟ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଗୀତଗୁଡ଼ିକୁ ରଚନା କରିଛନ୍ତି ପୁଷ୍ପକ ପରିଡ଼ା, ରଞ୍ଜନ ନାୟକ ଏବଂ ତପୁ ନାୟକ। ଏଗୁଡ଼ିକୁ ସ୍ୱର ଦେଇଛନ୍ତି ଆସାଦ ନିଜାମ। ଫିଲ୍ମଟିର ମୁଖ୍ୟ ସହଯୋଗୀ ନିର୍ଦ୍ଦେଶକ ହେଉଛନ୍ତି ମାନସ ମହାପାତ୍ର। ଏଥର ରଜରେ 'ଗୁଡୁ ଗ୍ୟାଙ୍ଗଷ୍ଟର' ଦର୍ଶକଙ୍କୁ କେତେ ଏଣ୍ଟରଟେନ୍ କରିବ ତାହା ଦେଖିବାକୁ ବାକି ରହିଲା।

# ଟାଇଟଲ ପାଇଁ ଟେନ୍ସନ

ପୂଜା ହେଗ୍‌ଡେଙ୍କର ଟେନ୍‌ସନ ଟିକେ ବଢ଼ିଯାଇଛି। ଏହାର କାରଣ ଜାଣିବେନି? କଥା କ'ଣ କି ପୂଜା ଏବେ ଏକ ତେଲୁଗୁ ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ହେଲେ ଏହାର ଟାଇଟଲ କ'ଣ ଦିଆଯିବ ତାହା ଫାଇନାଲ ହୋଇପାରୁନାହିଁ। ପୁଣି ଏହି ଦାୟିତ୍ୱ ପ୍ରଯୋଜକ ପୂଜାଙ୍କ ଉପରେ ଛାଡ଼ିଛନ୍ତି। ତେଣୁ ଏଥିପାଇଁ ଟେନ୍‌ସନରେ ଅଛନ୍ତି ସେ। ଏହି ଫିଲ୍ମର କାହାଣୀ ସମାଜସେବା ଉପରେ ପର୍ଯ୍ୟବସିତ। ଏଭଳି ଏକ ଭୂମିକା ସମ୍ପର୍କରେ ପୂଜା କହନ୍ତି, 'ଜଣେ ଗାଁଉଲି ନାରୀ ସମାଜସେବା କରିବାକୁ ଆଗଭର ହୋଇଛି। ହେଲେ ଏକ ନିପଟ ମଫସଲରେ ତାହାର ପ୍ରକୃତ ଅର୍ଥକୁ ଅନେକେ ବୁଝିବାକୁ ନାରାଜ। ଏପରି କି ନିଜ ପରିବାରର କିଛି ସଦସ୍ୟ ମଧ୍ୟ ତାକୁ ବିରୋଧ କରିଛନ୍ତି। ହେଲେ ଦୃଢ଼ମନା ସେହି ନାରୀ ନିଜ ଲକ୍ଷ୍ୟ ସାଧନ କରିବାକୁ ଅଣ୍ଟା ଭିଡ଼ିଛି। ଶେଷରେ ସେ ନିଜ ଜୀବନକୁ ବାଜି ଲଗାଇବାକୁ ପଛାଉ ନାହିଁ। ଏଭଳି ଏକ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହେବାକୁ ଯାଉଛି, ଯାହାର ଏକ ଭଲ ଟାଇଟଲ ସନ୍ଧାନରେ ଅଛନ୍ତି ପ୍ରଯୋଜକ।' ତେବେ ଏଭଳି ଏକ ଭୂମିକା ପୂଜାଙ୍କ ଆକ୍ଟିଂ କ୍ୟାରିୟରକୁ କି ମୋଡ଼ ଦେଉଛି ତାହା ଦେଖିବାକୁ ବାକି ରହିଲା। ଅନ୍ୟପକ୍ଷରେ ସେ ଅଭିନୟ କରିଥିବା ତଥା ଚଳିତ ବର୍ଷ ରିଲିଜ୍ ଅପେକ୍ଷାରେ ଥିବା ଫିଲ୍ମଗୁଡ଼ିକ ମଧ୍ୟରେ ରହିଛି 'ସର୍କସ' ଏବଂ 'କଭି ଇଦ୍ କଭି ଦିୱାଲି'।


ପୂଜା

# ଭାଗ୍ୟବତୀ ଅନନ୍ୟା


ଅନନ୍ୟା

ଚଙ୍କି ତନୟା ଅନନ୍ୟାଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି ସେ କେବେ କଳ୍ପନା କରି ନ ଥିଲେ। କଥା କ'ଣ କି, ଏକ ନୂଆ ପ୍ରଯୋଜନା ସଂସ୍ଥା ନିର୍ମାଣ କରୁଥିବା ଏକ ଅନ୍‌ଟାଇଟଲ୍‌ଡ ଫିଲ୍ମରେ ଅଭିନୟ କରିବାକୁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ଶେଷରେ ଏଭଳି ଅଫରକୁ ଗ୍ରୀନ୍ ସିଗ୍‌ନାଲ ଦେଖାଇଛନ୍ତି ସେ। କେବଳ ସେତିକି ନୁହେଁ, ଏହି ସଂସ୍ଥା ଦ୍ୱାରା ଆଗକୁ ପ୍ରସ୍ତୁତ ହେବାକୁ ଯାଉଥିବା ଆଉ ଦୁଇଟି ସିନେମାରେ ସେ ମଧ୍ୟ ନାୟିକା ସାଜିବେ। ଏପରି ହାଟ୍ରିକ୍ ଚାନ୍ସ ସମ୍ପର୍କରେ ଅନନ୍ୟା କହନ୍ତି, 'ଯଦିଓ ଏହା ଏକ ନୂଆ ବ୍ୟାନର, ହେଲେ ପ୍ରଯୋଜକ ଚୟନ କରିଥିବା କାହାଣୀଗୁଡ଼ିକ ମୋତେ ବେଶ୍ ପ୍ରଭାବିତ କରିଛି। ତା' ସହ ସେଗୁଡ଼ିକରେ ମୋ ଭୂମିକା କୌଣସି ଗୁଣରେ ମଧ୍ୟ କମ୍ ନୁହେଁ। ତେଣୁ ପ୍ରଯୋଜକଙ୍କର ତିନୋଟି ଅଫରକୁ ଗ୍ରହଣ କରିଛି। ଏଗୁଡ଼ିକର ଶୁଟିଂ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ହେବ।' ଅନନ୍ୟାଙ୍କ ଅଭିନୀତ ଦୁଇଟି ସିନେମା– 'ଗେହେରାୟିଆଁ' ଏବଂ 'ଲାଇଗର' ଗତବର୍ଷ ରିଲିଜ୍ ହୋଇଥିଲା। କିନ୍ତୁ ଫିଲ୍ମଦ୍ୱୟ ଫ୍ଲପ୍ ହୋଇଥିଲା। ଏବେ ତାଙ୍କ ହାତରେ ଥିବା ସିନେମାଗୁଡ଼ିକ ହେଲା 'ଖୋ ଗୟା ମେଁ କାହାଁ', 'କଣ୍ଟ୍ରୋଲ' ଏବଂ 'ଡ୍ରିମ ଗର୍ଲ–୨'।

# ରହସ୍ୟ ଖୋଲିଲେ ଶ୍ରଦ୍ଧା

ଅଭିନୟ ଜୀବନରେ ଅନେକ ଘଟଣା ଘଟିଥାଏ। ହେଲେ କେତେକ ଘଟଣା ମନରେ ଅନେକ ସମୟରେ ଗୁଞ୍ଜରିତ ହୁଏ। ଶ୍ରଦ୍ଧା କପୁର ଏକଦା ଏକ ଭଲ ଅଫରକୁ ହାତଛଡ଼ା କରିଥିଲେ। ସେହି ସମୟରେ ଯଶ୍‌ରାଜ ଫିଲ୍ମସ ବ୍ୟାନରରେ ନିର୍ମିତ ହେଉଥିବା 'ଆଉରଙ୍ଗଜେବ୍'ରେ ନାୟିକା ସାଜିବାକୁ ତାଙ୍କୁ ଅଫର ମିଳିଥିଲା। କିନ୍ତୁ ଗୋଟିଏ କାରଣରୁ ସେ ଏହାକୁ ହାତଛଡ଼ା କରିଥିଲେ। ସେ କାରଣଟି କ'ଣ ଥିଲା ସେ ନେଇ ଶ୍ରଦ୍ଧା କହନ୍ତି, 'ସେତେବେଳେ ମୁଁ ମୋହିତ୍ ସୁରୀଙ୍କ 'ଆସିକ୍–୨' ପାଇଁ ଚୁକ୍ତି କରିସାରିଥିଲି। ତେଣୁ ମୋ' ହାତରେ ଡେଟ୍ ନ ଥିଲା। ତେଣୁ ମୁଁ ବାଧ୍ୟ ହୋଇ 'ଆଉରଙ୍ଗଜେବ୍' ଅଫରକୁ ହାତଛଡ଼ା କରିଥିଲି। ପାଠ ପଢ଼ିବା ସମୟରେ ଟାଇଗର ଶ୍ରଫ ଏବଂ ଆଥିୟା ସେଟ୍ଟି ତାଙ୍କର ସହପାଠୀ ଥିଲେ। ଏକଦା ଶ୍ରଦ୍ଧା ନିଜ ସ୍କୁଲ ଡ୍ରାମାରେ ଅଭିନୟ କରୁଥାଆନ୍ତି। ସେଠାରେ ଉପସ୍ଥିତ ଥିବା ସଲମାନ ଖାଁ ତାଙ୍କ ଅଭିନୟ ଦେଖି ଖୁସି ହୋଇଯାଇଥିଲେ। କେବଳ ସେତିକି ନୁହେଁ, 'ଲକି ନୋ ଟାଇମ୍ ଫର ଲଭ୍'ରେ ଅଭିନୟ କରିବାକୁ ସେ ୧୬ ବର୍ଷ ବୟସ୍କା ଶ୍ରଦ୍ଧାଙ୍କୁ ଅଫର ଦେଇଥିଲେ। କିନ୍ତୁ ପାଠପଢ଼ା ପାଇଁ ସେ ଏହି ଅଫରଟିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଶ୍ରଦ୍ଧାଙ୍କର ଫେଭରାଇଟ୍ ଅଭିନେତା ହେଉଛନ୍ତି ଅମିତାଭ ବଚ୍ଚନ।


ଶ୍ରଦ୍ଧା

# ସତ ହେଲା ଅନୁମାନ

ଓଡ଼ିଆ ସିନେମା ଜଗତର ଅନ୍ୟତମ ବିଶିଷ୍ଟ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର। ନିକଟରେ ତାଙ୍କ ନିର୍ଦ୍ଦେଶିତ 'ଶଲା ବୁଢ଼ାର ବଦଲା' ରିଲିଜ୍ ହୋଇଛି। ବିଭିନ୍ନ ଚଳଚ୍ଚିତ୍ର ସମାରୋହରେ ଏହି ଚିତ୍ରଟି ପ୍ରଦର୍ଶିତ ହୋଇ ପ୍ରଶଂସିତ ହେବା ସହ ଅନେକ ପୁରସ୍କାର ହାସଲ କରିସାରିଛି। ତେବେ ବଡ଼ ପରଦାରେ ରିଲିଜ୍ ହେବା ପୂର୍ବରୁ ନିର୍ଦ୍ଦେଶକ ଏକ ଆକଳନ କରିଥିଲେ। ତାହା ହେଲା ପ୍ରେକ୍ଷାଳୟରେ ମଧ୍ୟ ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ପୂର୍ବାନୁମାନ କରିଥିଲେ ସେ, ଯାହା ସତରେ ପରିଣତ ହୋଇଛି। ସିନେମାଟି ପ୍ରାରମ୍ଭରୁ ଦର୍ଶକାଦୃତ ହେବାରେ ସକ୍ଷମ ହୋଇଛି। ପ୍ରଥମରୁ ଜବରଦସ୍ତ ରେସ୍‌ପନ୍ସ ପାଇଥିବା 'ଶଲା ବୁଢ଼ାର ବଦଲା' ଦୁବାଇ ଏକ୍ସପୋ–୨୦୨୦ରେ ୱାର୍ଲ୍ଡ ପ୍ରିମିୟର ହୋଇଥିଲା। ଏହାର କାହାଣୀ ହେଉଛି ଏକ ମାନବ ଭାବନା ଏବଂ ସମ୍ପର୍କର ଚିତ୍ର, ଯେଉଁଥିରେ ଅଛି କମେଡି ଓ ସସ୍‌ପେନ୍ସ। ସ୍ୱର୍ଗତ ଅଟଳ ବିହାରୀ ପଣ୍ଡା, ଚନ୍ଦନ ସିଂହ, ଲୋଚନ ବାଗ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।


ସବ୍ୟସାଚୀ ମହାପାତ୍ର

# ବେସାହାରା

ମଣିଷ ଜୀବନରେ ଅନେକ ଘଟଣା ଘଟିଥାଏ। ସମୟଚକ୍ରରେ ପଡ଼ି ଅନେକ କିଛି ନା କିଛି ଭୁଲ କରିବସନ୍ତି। ହେଲେ ବେଳେବେଳେ ଏହି ଭୁଲ ପରବର୍ତ୍ତୀ ସମୟରେ ଟେନ୍‌ସନକୁ ଡାକି ଆଣିଥାଏ। ସାମାନ୍ୟ ତ୍ରୁଟି ପାଇଁ କିପରି ଦୁଇଟି ପରିବାର ଅଯଥାରେ ଟେନ୍‌ସନର ବଶବର୍ତ୍ତୀ ହେଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ତାହାର ପରିଣାମ କ'ଣ ହେଉଛି ତାହାକୁ ନେଇ କାହାଣୀ ଗତିଶୀଳ। ଆଉ ଏଭଳି ଏକ ଭିନ୍ନଧରଣର କଥାବସ୍ତୁକୁ ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ବେସାହାରା'। ଆଚାର୍ଯ୍ୟ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏହି ଦ୍ୱିତୀୟ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ। ନିର୍ମାଣାଧୀନ ଏହି ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି 'ଯୋଗୀ' ଫେମ୍ ନିର୍ଦ୍ଦେଶକ ନିରଞ୍ଜନ ବେହେରା। ଉକ୍ତ ସିନେମାର ବିଭିନ୍ନ ଭୂମିକାରେ ଜ୍ୟୋତି ନାୟକ, ସୁପ୍ରିୟା, ପିଣ୍ଟୁ ନନ୍ଦ, ପ୍ରଦ୍ୟୁମ୍ନ ଲେଙ୍କା, ଦେବୁ ବ୍ରହ୍ମା, ବିଜୁ ବଡ଼ଜେନା ଏବଂ ପପି ସନ୍ତୁକା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଏଥିରେ ସଂଯୋଜିତ ଚାରୋଟି ଗୀତକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର।


ଜ୍ୟୋତି–ସୁପ୍ରିୟା

# ସମୟାନୁବର୍ତ୍ତୀ ଭୂମି

ଯାହା କୁହନ୍ତୁ ନା କାହିଁକି ଭୂମି ପେଡେନ୍‌କରଙ୍କ ଆଇଡିଆକୁ ମାନିବାକୁ ପଡ଼ିବ। ବର୍ତ୍ତମାନ ସେ ମାଲେସିଆରେ ଡେରା ପକାଇଛନ୍ତି। ସେ ସେଠାକୁ କାହିଁକି ଯାଇଛନ୍ତି ଜାଣନ୍ତି? ମାଲେସିଆରେ ସେ ଅଭିନୟ କରୁଥିବା ଏକ ଅନ୍‌ଟାଇଟଲ୍‌ଡ ଫିଲ୍ମର ଶୁଟିଂ ଚାଲିଛି। ନିକଟରେ ଏହାର ଏକ ଗୀତର ଶୁଟିଂ କରାଯାଉଥାଏ। ଶୁଟିଂ ସେଟ୍‌ରେ କେହି ପହଞ୍ଚିବା ପୂର୍ବରୁ ଭୂମି ଯାଇ ସେଠାରେ ହାଜର। ଯେତେବେଳେ ୟୁନିଟ୍ ସେଠାରେ ପହଞ୍ଚିଲା, ସମସ୍ତେ ତାଙ୍କୁ ଦେଖି ତାଜୁବ୍ ହୋଇଗଲେ। ହେଲେ ତା'ପରେ ଏହାର କାରଣ ସେ ବଖାଣିଥିଲେ। ଏ ସମ୍ପର୍କରେ ଭୂମି କହନ୍ତି, 'ଏହି ଗୀତର ଶୁଟିଂ ଆରମ୍ଭ ହେବାର କିଛି ସମୟ ପୂର୍ବରୁ ମୁଁ ଆସିଥିଲି। କାରଣ ଶୁଟିଂ ପୂର୍ବରୁ ମୋତେ ଟିକେ ପ୍ରାକ୍ଟିସ୍ କରିବାର ଥିଲା। ହେଲେ ମୁଁ ସବୁବେଳେ ସମୟକୁ ଗୁରୁତ୍ୱ ଦେଇଥାଏ। କାରଣ ମୋ ପାଇଁ ଶୁଟିଂ ବାଧାପ୍ରାପ୍ତ ନ ହେଉ, ତାହା ମୁଁ ଚାହେଁନା।' 'ଦମ୍ ଲଗାକେ ହୈସା'ର ନାୟିକା ସାଜିବାକୁ ତାଙ୍କୁ କମ୍ କସରତ କରିବାକୁ ପଡ଼ି ନ ଥିଲା। ଏହାର ଅଡିଶନରେ ୧୦୦ ଜଣ ନବାଗତାଙ୍କ ମଧ୍ୟରୁ ଭୂମିଙ୍କୁ ଚୟନ କରାଯାଇଥିଲା। ଚଳିତବର୍ଷ ଭୂମିଙ୍କ ହାତରେ 'ଭକ୍ଷକ', 'ଦ ଲେଡି କିଲର' ଏବଂ 'ମେରି ପତ୍ନୀ କି ରିମେକ୍' ପରି କେତୋଟି ଫିଲ୍ମ ରହିଛି।


ଭୂମି

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁନ୍ ୧/୨୦୨୩ Bhubaneswar, Thursday, June 1/ 2023



ଭାରତୀୟ ଫୁଟ୍‌ବଲ ଦଳ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।



ନବନିର୍ମିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ଗ୍ରାଉଣ୍ଡ।

# ଓଡ଼ିଶା ଫୁଟ୍‌ବଲରେ ନୂଆ ଅଧ୍ୟାୟ

ଭୁବନେଶ୍ୱର, ୩୧।୫ (ସ୍ପୋର୍ଟ୍ସ ବ୍ୟୁରୋ)

ଜୁନ୍ ୯ରୁ ଓଡ଼ିଶାରେ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ୨୦୨୩ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ଟି ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ଓଡ଼ିଶା ଫୁଟବଲରେ ଏକ ଐତିହାସିକ ନିଷ୍ପତ୍ତି ଭାବରେ ଓଡ଼ିଶା ଫୁଟବଲ ଏକାଡେମୀ, ଭୁବନେଶ୍ୱର ଫୁଟବଲ ଏକାଡେମୀ ଓ କ୍ୟାପିଟାଲ ଫୁଟବଲ ଆରେନାକୁ ଉଦ୍‌ଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ। ଏହି ଅବସରରେ ଭାରତୀୟ ଫୁଟବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀ ଉପସ୍ଥିତ ରହି ଓଡ଼ିଶା ଫୁଟବଲରେ ନୂଆ ଯୁଗକୁ ସ୍ୱାଗତ କରିଥିଲେ। ୯୦ କୋଟି ଟଙ୍କା ବ୍ୟୟରେ ଏହି ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ର ନିର୍ମିତ ହୋଇଥିବା ବେଳେ ଏହା ମଧ୍ୟରେ ସାମିଲ ରହିଛି ୬ଟି ଫିଫା ମଞ୍ଜୁରୀପ୍ରାପ୍ତ ପିଚ୍। ଏହା ମଧ୍ୟରେ ରହିଛି ୫ଟି ପ୍ରାକୃତିକ ଓ ଗୋଟିଏ ସିନ୍ଥେଟିକ୍ ପିଚ୍। ଏହା ବ୍ୟତୀତ ଏଲ୍‌ଇଡି ଫ୍ଲଡ୍ ଲାଇଟ୍ସ, ଚେଞ୍ଜିଙ୍ଗ ରୁମ୍, ଗ୍ୟାଲେରି, ଜିମ୍ ଓ ଅନ୍ୟାନ୍ୟ ବ୍ୟବସ୍ଥା ରହିଛି। ସହରର କେନ୍ଦ୍ରରେ ଏହି ୩ଟି ଯାକ ପ୍ରଶିକ୍ଷଣ କେନ୍ଦ୍ର ରହିଥିବାରୁ ବଡ ଟୁର୍ନାମେଣ୍ଟ ସମୟରେ ଏକାଧିକ ଦଳର ଅଭ୍ୟାସ ପାଇଁ ଏହାକୁ ବ୍ୟବହାର କରାଯାଇପାରିବ।

ଏହା ମୋ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି ଓଡ଼ିଶା ଫୁଟବଲ ଏକାଡେମୀ, ଭୁବନେଶ୍ୱର ଫୁଟବଲ ଏକାଡେମୀ ଓ କ୍ୟାପିଟାଲ ଫୁଟବଲ ଆରେନାକୁ ଉଦ୍‌ଘାଟନ କରିବା ସମୟରେ ପ୍ରକାଶ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି କ୍ରୀଡା ଭିତ୍ତିଭୂମି ଓଡ଼ିଶାରେ ଫୁଟବଲର ବିକାଶରେ ଅଗ୍ରଣୀ ଭୂମିକା ନିର୍ବାହ କରିବ। ଏହା ଉଦ୍‌ଘାଟିତ ହେବା ସହିତ ଓଡ଼ିଶାରେ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ବ୍ୟବସ୍ଥା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ସହ ଫୁଟବଲର ବିକାଶ ପାଇଁ ଏକ ପାରିପାର୍ଶ୍ୱିକ ସ୍ଥିତି ସୃଷ୍ଟି ହେବ ବୋଲି ମଧ୍ୟ ସେ ପ୍ରକାଶ କରିଛନ୍ତି। ୩ଟି ଯାକ ପ୍ରଶିକ୍ଷଣ କେନ୍ଦ୍ରରେ ସମସ୍ତ ବିଶ୍ୱସ୍ତରୀୟ ସୁବିଧା ପ୍ରଦାନ କରିବାକୁ ପ୍ରୟାସ କରାଯାଇଛି। ଖେଳାଳିମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଏହା ସହାୟକ ହେବ ବୋଲି ସେ କହିଛନ୍ତି। ଏହି ପ୍ରଶିକ୍ଷଣ କେନ୍ଦ୍ର କ୍ରୀଡା ବିକାଶରେ ସରକାରଙ୍କ ବଦ୍ଧପରିକରତା ଦର୍ଶାଉଛି। ଯୁବ ଖେଳାଳିମାନଙ୍କୁ ଫୁଟବଲକୁ କ୍ୟାରିୟର କରିବା ପାଇଁ ଏହା ଅନୁପ୍ରାଣିତ କରିବ। ଭବିଷ୍ୟତରେ ଏହା ଓଡ଼ିଶାକୁ ଦେଶର ଫୁଟବଲ ହବ୍‌ରେ ପରିଣତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଗାମୀ ଦିନରେ କେନ୍ଦ୍ରାପଡାର ଆଳିରେ ରହିଥିବା ମହିଳା ଫୁଟବଲ ଏକାଡେମୀରେ ଆର୍ଟିଫିସିଆଲ ଟର୍ଫ ବିଛାଯିବ ବୋଲି ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ। ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ୍ ଆଳି ଗସ୍ତ କରି ଫୁଟବଲରମାନଙ୍କ ସହିତ କଥା ହୋଇଥିଲେ।



ଓଡ଼ିଶା ଫୁଟ୍‌ବଲ ଏକାଡେମୀ, ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ଓ କ୍ୟାପିଟାଲ ଫୁଟ୍‌ବଲ ଆରେନାକୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ଅଛନ୍ତି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଓ ଅନ୍ୟମାନେ।

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୩ ଫୁଟ୍‌ବଲ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ
- ପ୍ରଥମ ରାଜ୍ୟ ଭାବରେ ୬ ଫିଫା ଅନୁମୋଦିତ ସେଣ୍ଟର
- ଆଳି ମହିଳା ଏକାଡେମୀରେ ଆର୍ଟିଫିସିଆଲ ଟର୍ଫ

୩ଟି ଯାକ ସେଣ୍ଟରରେ ୬-୧୨ ବର୍ଷ ବୟସର ଶିଶୁମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ, ଯାହା ଦ୍ୱାରା ତୃଣମୂଳ ସ୍ତରରୁ ଫୁଟବଲର ବିକାଶ ସମ୍ଭବ ହେବ। ଏହା ବ୍ୟତୀତ ରେଫରି ଓ କୋଚ୍‌ଙ୍କ ପାଇଁ ଏଜୁକେଶନ ପ୍ରୋଗ୍ରାମ ଲଞ୍ଚ କରାଯିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ୧୬ ଓ ୧୯ ବର୍ଷରୁ କମ୍ ଜାତୀୟ ଦଳ ସହିତ ଓଡ଼ିଶା ଏଫ୍‌ସି(ପୁରୁଷ, ମହିଳା ଓ ଯୁବ ଦଳ) ଓ ରାଜ୍ୟର ପୁରୁଷ ଓ ମହିଳା ଦଳ ଏହି ଷ୍ଟାଡିୟମକୁ ଅଭ୍ୟାସ ପାଇଁ ବ୍ୟବହାର କରିପାରିବେ। ରାଜ୍ୟର ବିଭିନ୍ନ ଏକାଡେମୀର ୧୩, ୧୫ ଓ ୧୮ ବର୍ଷରୁ କମ୍ ବୟସ ବର୍ଗର ପ୍ରଶିକ୍ଷଣ ଶିବିର ମଧ୍ୟ ଅନୁଷ୍ଠିତ ହେବ। ଫାଓ ଲିଗ୍, ଓଡ଼ିଶା ଓମେନ୍ସ ଲିଗ୍ ଓ ସ୍କୁଲ ଲିଗ୍ ପରି ଟୁର୍ନାମେଣ୍ଟଗୁଡିକ ମଧ୍ୟ ଏହି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଜୁନ୍ ୯ରୁ ହେବାକୁ ଥିବା ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ରେ ସମଗ୍ର ବିଶ୍ୱ ଓଡ଼ିଶାର ଭିତ୍ତିଭୂମି ଦେଖିବାରେ ସମର୍ଥ ହେବ। ଏହି ଟୁର୍ନାମେଣ୍ଟରେ ଭାରତ ସମେତ ଲେବାନନ, ମଙ୍ଗୋଲିଆ ଓ ଭାନୁଆଟୁ ଅଂଶଗ୍ରହଣ କରିବେ। ବୁଧବାରର କାର୍ଯ୍ୟକ୍ରମରେ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଓ କ୍ରୀଡା ସଚିବ ଆର୍. ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

## ଜାହୋଉଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି

ଭୁବନେଶ୍ୱର, ୩୧।୫ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଏଫ୍‌ସି ଆଗାମୀ ୨ ବର୍ଷ ପାଇଁ ମିଡ୍‌ଫିଲ୍ଡ ତାରକା ଅହମଦ ଜାହୋଉଙ୍କ ସହ ଚୁକ୍ତି କରିଛି। ଏହି ମରକ୍କୋ ଖେଳାଳି ପୂର୍ବରୁ ଏଫ୍‌ସି ଗୋଆ ଏବଂ ମୁମ୍ବାଇ ସିଟି ଏଫ୍‌ସି ପକ୍ଷରୁ ଖେଳିବାର ଅଭିଜ୍ଞତା ରଖିଛନ୍ତି। ସେ ଥରେ ଲେଖାଏ ଗୋଆ ଓ ମୁମ୍ବାଇ ପକ୍ଷରୁ ଖେଳି ହିରୋ ଆଇଏସ୍ଏଲ୍ ଲିଗ୍ ବିଜେତା ସିଲ୍ଡ ହାସଲ କରି ସାରିଛନ୍ତି। ଏହା ବ୍ୟତୀତ ଥରେ ଆଇଏସ୍ଏଲ୍ ଟାଇଟଲ ମଧ୍ୟ ଜିତିବାର ସୌଭାଗ୍ୟ ପାଇଛନ୍ତି। ସେତେବେଳେ ସେ ମୁମ୍ବାଇ ସିଟି ଏଫ୍‌ସି ପକ୍ଷରୁ ଖେଳୁଥିଲେ। ତାଙ୍କ ଅଭିଜ୍ଞତା ଏବଂ ବିଜୟ ମାନସିକତା ଓଡ଼ିଶା ଏଫ୍‌ସିପାଇଁ ବିଶେଷ ଉପାଦେୟ ହେବ ବୋଲି ଆଶା କରାଯାଉଛି।

ଏଫ୍‌ସି ଗୋଆ ପକ୍ଷରୁ ଖେଳି ଆଇଏସଏଲ୍ ଅଭିଯାନ ଆରମ୍ଭ କରିଥିଲେ ଜାହୋଉ। ଖୁବ୍ କମ୍ ଦିନ ମଧ୍ୟରେ ସେ ଜଣେ ବିଚକ୍ଷଣ ମିଡ୍‌ଫିଲ୍ଡରଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ଆକ୍ରମଣାତ୍ମକ ରଣନୀତି ପାଇଁ ବିଶେଷ ପରିଚିତ ସର୍ଗିଓ ଲୋବେରାଙ୍କ ତତ୍ତ୍ୱାବଧାନରେ ଖେଳି ସେ ନିଜ ପ୍ରଦର୍ଶନକୁ ଶାଣିତ କରିଥିଲେ ଏବଂ ଗୋଆ ସଫଳତାର ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଥିଲେ। ଗୋଆ ସହିତ ସଫଳ ବର୍ଷ କଟାଇବାପରେ ସେ କୋଚ୍ ଲୋବେରାଙ୍କ ସହ ମୁମ୍ବାଇ ସିଟି ଏଫ୍‌ସି ଆସିଥିଲେ। ସେଠାରେ ମଧ୍ୟ ସେ ନିଜ ଅଭିଜ୍ଞତାର ଉପଯୋଗ କରି ଦଳକୁ ଟାଇଟଲ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏବେ ତାଙ୍କ ଉପସ୍ଥିତିରେ ଓଡ଼ିଶା ଏଫ୍‌ସିର ଯୁବ ଖେଳାଳିମାନେ ଉପକୃତ ହେବେ। ତାଙ୍କ ଉପସ୍ଥିତିରେ କ୍ଲବ ପାଇଁ ଏକ ନୂଆ ଯୁଗର ଆରମ୍ଭ ହେବ ବୋଲି ଆଶା କରାଯାଉଛି।



ଅହମଦ ଜାହୋଉ

# ରୋଇଂରୁ କିଟ୍‌କୁ ରୌପ୍ୟ, ଭାରୋତ୍ତୋଳନରୁ ବ୍ରୋଞ୍ଜ୍

ଭୁବନେଶ୍ୱର, ୩୧।୫ (କ୍ରୀଡ଼ା ପ୍ରତିନିଧି)

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

ଉତ୍ତର ପ୍ରଦେଶରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ବୁଧବାର କିଟ୍‌କୁ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ମିଳିଛି। ଗୋରଖପୁରରେ ଅନୁଷ୍ଠିତ ମହିଳା ୫୦୦ ମିଟର ଡବଲ୍ ସ୍କଲ୍ (ଡବ୍ଲ୍ୟୁ୨ଏକ୍ସ) ଇଭେଣ୍ଟରେ ଅବିନାଶ କୌର ଓ ଅନୁପ୍ରୀତ କୌର ରୌପ୍ୟ ପଦକ ଜିତିଛନ୍ତି। ସେହିପରି ନଏଡାର ଜିବି ୟୁନିଭର୍ସିଟି ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ଭାରୋତ୍ତୋଳନର ପୁରୁଷ ୬୭ କେଜି ବର୍ଗରେ ସଚିନ ରାଉତ ୨୫୨ (ସ୍ନାଚ୍‌ରେ ୧୧୪ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୩୮ କେଜି) କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।





ରୌପ୍ୟ ପଦକ ବିଜୟିନୀ ଅବିନାଶ କୌର ଓ ଅନୁପ୍ରୀତ କୌର। ବ୍ରୋଞ୍ଜ ପଦକ ପ୍ରଦର୍ଶନ କରୁଛନ୍ତି ସଚିନ ରାଉତ।

# ପୂର୍ବତନ ଚାମ୍ପିୟନ ଓଷ୍ଟାପେଙ୍କୋ ବିଦା

ପ୍ୟାରିସ୍, ୩୧।୫(ପି.ଟି.)

କ୍ଲେ କୋର୍ଟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନରୁ ବିଦାୟ ନେଇଛନ୍ତି ପୂର୍ବତନ ଚାମ୍ପିୟନ ଜେଲେନା ଓଷ୍ଟାପେଙ୍କୋ। ଏକାଧିକ ସିଡେଡ୍ ଖେଳାଳି ସହଜ ବିଜୟ ହାସଲ କରିଥିବା ବେଳେ ଓଷ୍ଟାପେଙ୍କୋ ଓ ବିଶ୍ୱ ମାନ୍ୟତାର ୫ ନମ୍ବର ସ୍ଥାନରେ ଥିବା କାରୋଲିନା ଗାର୍ସିଆ ବିଜୟୀ ହୋଇଛନ୍ତି। ସେହିପରି ପୁରୁଷ ବର୍ଗରେ ଷ୍ଟିଫାନୋସ୍ ସିତ୍‌ସିପାସ, ସେବାଷ୍ଟିଆନ ଅଫ୍‌ନର ଓ ଫାବିଓ ଫଗନିନି ବିଜୟୀ ହୋଇଛନ୍ତି। ୨୦୧୭ରେ ଫ୍ରେଞ୍ଚ ଓପନ ଚାମ୍ପିୟନ୍ ରହିଥିବା ଓଷ୍ଟାପେଙ୍କୋ ବୁଧବାର ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ପଦାର୍ପଣକାରୀ ଆମେରିକାର ପେଟନ୍ ଷ୍ଟିଅର୍ନସଙ୍କ ନିକଟରୁ ପରାଜିତ ହୋଇଛନ୍ତି। ୟୁନିଭର୍ସିଟି ଅଫ ଟେକ୍ସାସ ପକ୍ଷରୁ ଖେଳୁଥିବା ଷ୍ଟିଅର୍ନସ ଜୁନ୍ ୨୦୨୨ରେ ହିଁ ପ୍ରଫେସନାଲ ଟେନିସ ଖେଳିବା ଆରମ୍ଭ କରିଥିଲେ। ବିଶ୍ୱ ମାନ୍ୟତାର ୧୭ ନମ୍ବର ସ୍ଥାନରେ ରହିଥିବା ଲାଟଭିଆର ଓଷ୍ଟାପେଙ୍କୋ ୨୮ଟି ଅନଫୋର୍ସଡ ଏରର୍ କରିଥିଲେ। ଏହା ସହିତ ସେ ୬-୩, ୧-୬ ଓ ୬-୨ ସେଟରେ ପରାଜିତ ହୋଇଥିଲେ। ପ୍ରଥମ ରାଉଣ୍ଡରେ ୨୧ ବର୍ଷୀୟ ଷ୍ଟିଅର୍ନସ ବିଜୟୀ ହୋଇଥିବା ବେଳେ ପରବର୍ତ୍ତୀ ରାଉଣ୍ଡକୁ ଜିତିଥିଲେ। ଅନ୍ତିମ ରାଉଣ୍ଡରେ ଚମତ୍କାର ଖେଳ ପ୍ରଦର୍ଶନ କରିବା ସହିତ ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ ଷ୍ଟିଅର୍ନସ୍। ଅନ୍ୟପକ୍ଷରେ ୫ ନମ୍ବର ମାନ୍ୟତାପ୍ରାପ୍ତ ଗାର୍ସିଆ ୬-୪, ୩-୬ ଓ ୫-୭ ସେଟରେ ଆନ୍ନା ବ୍ଲିଙ୍କୋଭାଙ୍କ ନିକଟରୁ ପରାଜିତ ହୋଇଛନ୍ତି। ୩ ନମ୍ବର ମାନ୍ୟତା ପ୍ରାପ୍ତ ଜେସିକା ପେଗୁଲା ମଧ୍ୟ ବିଜୟୀ ହୋଇଛନ୍ତି। ଜେସିକା ଇଟାଲୀର କାମିଲା ଗିଓର୍ଗିଙ୍କ ବିପକ୍ଷରେ ୬-୨ରେ ଆଗୁଆ ରହିଥିଲେ। କାମିଲା ଓହରିଯିବା କାରଣରୁ ଜେସିକା ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ଅନ୍ୟ ଏକ ମ୍ୟାଚରେ ଦାରିଆ କାସାଟ୍‌କିନା ୬-୩ ଓ ୬-୪ ସେଟରେ ମାର୍କେଟା ଭୋଣ୍ଡ୍ରୋସୋଭାଙ୍କୁ ପରାସ୍ତ କରିଥିଲେ। ସ୍ୱାମୀ ଗେଲ୍ ମନଫିଲ୍ସ ମଙ୍ଗଳବାର ବିଜୟୀ ହୋଇଥିବା ବେଳେ ଏଲିନା ସ୍ୱିତୋଲିନା ୨-୬, ୬-୩ ଓ ୬-୧ ରେ ଆମେରିକାର ଷ୍ଟର୍ମ ସାଣ୍ଡର୍ସଙ୍କୁ ପରାସ୍ତ କରିଛନ୍ତି। ଦୁଇ ନମ୍ବର ମାନ୍ୟତାପ୍ରାପ୍ତ ଆରିନା ସାବାଲେଙ୍କା ୭-୫, ୬-୨ ସେଟ୍‌ରେ ଇରିନା ଶାମନୋଭିଚ୍‌ଙ୍କୁ ପରାସ୍ତ କରିଥିଲେ।

ପୁରୁଷ ସିଙ୍ଗଲ୍ସରେ ଗ୍ରୀସ୍‌ର ଷ୍ଟିଫାନୋସ୍ ସିତ୍‌ସିପାସ ୬-୩, ୭-୬(୭-୪) ଓ ୬-୨ ସେଟରେ ସ୍ପେନ୍‌ର ରବର୍ଟୋ କାରବାଲେସ୍ ବାଏନାଙ୍କୁ ପରାସ୍ତ କରିଥିଲେ। ୨୪ ନମ୍ବର ମାନ୍ୟତାପ୍ରାପ୍ତ ଆମେରିକାର ସେବାଷ୍ଟିଆନ

**ଫ୍ରେଞ୍ଚ ଓପନ୍**

କୋର୍ଡାଙ୍କୁ ପରାସ୍ତ କରିଛନ୍ତି ଅଷ୍ଟ୍ରିଆର ଅଣସିଡେଡ୍ ଖେଳାଳି ସେବାଷ୍ଟିଆନ ଅଫ୍‌ନର। ୬-୩, ୭-୬(୭-୧) ଓ ୬-୪ ସେଟରେ ଅଫ୍‌ନର ଏହି ମ୍ୟାଚ୍‌କୁ ଜିତି ନେଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ଇଟାଲୀର ଫାବିଓ ଫଗନିନି ୬-୪, ୭-୬(୭-୫) ଓ ୬-୨ ସେଟ୍‌ରେ ଅଷ୍ଟ୍ରେଲିଆର ଜାସନ କବଲେରଙ୍କୁ ପରାସ୍ତ କରିଥିଲେ।



ପେଟନ୍ ଷ୍ଟିଅର୍ନସ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ